# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଅକ୍ଟୋବର ୩/୨୦୨୧ (୧୬ ପୃଷ୍ଠା+ଛୁଟିଦିନ) Sambalpur, Sunday, October 3/2021 ★★

୧୭ଶ ଭାଗ ୨୮୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-






niine®
SANITARY NAPKINS
₹75
niine
Dry Comfort
ULTRA THIN XL+
FOR HEAVY FLOW
320mm 06 PADS
₹42
niine
Dry Comfort
EXTRA LONG
6 Pads 275mm
₹75
niine
Naturally SOFT
ULTRA THIN XL+
FOR HEAVY FLOW
320mm 06 PADS
₹45
niine
Naturally SOFT
₹35
niine
Dry Comfort
EXTRA LONG
275mm
6 PADS
Rash Control
Heavy flow coverage
₹28
niine
Naturally SOFT
REGULAR
SOFT AND COTTONY
6 Pads 230mm
Sanitary Napkins
Diaper Pants
80 Disposable Wipes
100% Biodegradable Wipes
niine
COTTONY SOFT
Baby Wipes
HYPOALLERGENIC
DERMATOLOGICALLY TESTED
RASH CONTROL
₹509 LAUNCH OFFER
MRP ₹399* ONLY
niine
Diaper Pants
S 4-8 kg
46 PANTS
OVERNIGHT PROTECTION
LEAK PROOF CUFFS
GENTLE CARE FOR YOUR BABY
ALL ROUND COMFORT AND FIT
S 4-8 kg
1 PANT
MRP ₹ 10
niine
Diaper Pants
Baby Care
AVAILABLE ON
amazon
Flipkart
firstcry.com
FOR SALES QUERIES
18001209999
sales@niine.com
FOR JOB OPENINGS
hrgkp@niine.com
www.niine.com
Follow us @niineindia

# ଧରିତ୍ରୀ
DHARITRI

ରବିବାର, ଅକ୍ଟୋବର ୩/୨୦୨୧ | Sunday, October 3/2021 | ପୃଷ୍ଠା-୧


# ବିପଦ ଡାକୁଛି ରାସ୍ତାକଡ଼ ଖାଦ୍ୟ

## ଯାଞ୍ଚ ହେଉନି, ମାନକୁ ନେଇ ଆଶଙ୍କା

***ରାଜ୍ୟରେ ଲକ୍‌ଡାଉନ୍ ହଟିବା ପରେ ହୋଟେଲ, ରେଷ୍ଟୁରାଣ୍ଟ ସହ ରାସ୍ତାକଡ଼ ଠେଲା ଜଳଖିଆ ଦୋକାନୀ ପସରା ମେଲି ବସିଛନ୍ତି। କରୋନା କାଳରେ ସ୍ୱାସ୍ଥ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଉଥିବାବେଳେ ବଜାରରେ ଉପଲବ୍ଧ ଖାଦ୍ୟ କେତେ ନିରାପଦ ସେ ନେଇ ଆଶଙ୍କା ପ୍ରକାଶ ପାଇଛି। ନିୟମିତ ଯାଞ୍ଚ ହେଉ ନ ଥିବାରୁ ଖାଦ୍ୟପଦାର୍ଥର ମାନକୁ ନେଇ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ବିଶେଷକରି ସହରାଞ୍ଚଳରେ ଏହା ଏକ ବଡ଼ ସମସ୍ୟା ଭାବେ ଛିଡ଼ା ହୋଇଛି।***



ଭୁବନେଶ୍ୱର ରସୁଲଗଡ଼ ଛକ ରାସ୍ତାକଡ଼ରେ ଶନିବାର ଲୋକେ ଜଳଖିଆ ଖାଉଛନ୍ତି।

ଭୁବନେଶ୍ୱର,୨।୧୦(ବ୍ୟୁରୋ)

କରୋନା ସଂକ୍ରମଣ କିଛି ମାତ୍ରାରେ ହ୍ରାସ ପାଇବା ପରେ ରାଜ୍ୟରେ ସବୁ ଖୋଲି ଦିଆଯାଇଛି। ହୋଟେଲ, ରେଷ୍ଟୁରାଣ୍ଟ ଖୋଲିବା ସହ ରାସ୍ତାକଡ଼ ଠେଲା ଜଳଖିଆ ଦୋକାନୀ ପସରା ମେଲି ବସିଛନ୍ତି। କରୋନା କାଳରେ ସ୍ୱାସ୍ଥ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ବଜାରରେ ଉପଲବ୍ଧ ଖାଦ୍ୟ କେତେ ମାତ୍ରାରେ ନିରାପଦ ସେ ନେଇ ଆଶଙ୍କା ପ୍ରକାଶ ପାଇଛି। ନିୟମିତ ଯାଞ୍ଚ ହେଉ ନ ଥିବାରୁ ଖାଦ୍ୟପଦାର୍ଥର ମାନକୁ ନେଇ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ବିଶେଷକରି ସହରାଞ୍ଚଳରେ ଏହା ଏକ ବଡ଼ ସମସ୍ୟା ଭାବେ ଛିଡ଼ା ହୋଇଛି।

କୌଣସି ବିକଳ୍ପ ନ ଥିବାରୁ ସହର ବାହାରୁ ଆସୁଥିବା କିମ୍ବା ଘରେ ରୋଷେଇ କରିପାରୁ ନ ଥିବା ଲୋକମାନେ ବାହାର ଖାଦ୍ୟ ଉପରେ ନିର୍ଭର କରୁଛନ୍ତି। ତେବେ ଏହି ଖାଦ୍ୟ କେତେ ନିରାପଦ ତାହା ମଧ ଜାଣିବା ସମ୍ଭବ ନୁହେଁ। ଜନସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଖାଦ୍ୟପଦାର୍ଥଠାରୁ ଆରମ୍ଭ କରି ବିଭିନ୍ନ ଖାଦ୍ୟ ସାମଗ୍ରୀ, ପାନୀୟ ଜଳ ଇତ୍ୟାଦିର ପରୀକ୍ଷା ନିରୀକ୍ଷା କରିବାକୁ ରାଜ୍ୟରେ ଖାଦ୍ୟ ସୁରକ୍ଷା କମିଶନ ଗଠନ କରାଯାଇଛି। ପ୍ରତ୍ୟହ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, ଖାଦ୍ୟ ଉତ୍ପାଦନ ଓ ପ୍ରସ୍ତୁତ କରୁଥିବା ସଂସ୍ଥାଗୁଡ଼ିକୁ ନିୟମିତ ବ୍ୟବଧାନରେ ଯାଞ୍ଚ କରିବା ପାଇଁ ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡସ ଅଥରିଟି ଅଫ୍ ଇଣ୍ଡିଆ(ଏଫ୍‌ଏସ୍‌ଏସ୍‌ଏଆଇ) ନିର୍ଦ୍ଧାରିତ ଗାଇଡ୍‌ଲାଇନ ଜାରି କରିଛନ୍ତି। ଉକ୍ତ ଗାଇଡ୍‌ଲାଇନ ଅନୁଯାୟୀ ନିୟମିତ ଖାଦ୍ୟ ପଦାର୍ଥ ଯାଞ୍ଚ କରି ପରୀକ୍ଷା କରିବାକୁ ବ୍ୟବସ୍ଥା ରହିଛି। ଯଦିଓ ଖାଦ୍ୟ ସୁରକ୍ଷା ଅଧିକାରୀମାନେ ☞ପୃଷ୍ଠା-୨




# ଓଡ଼ିଆ ବାୟୁସେନା ଅଧିକାରୀ ଇଷ୍ଟର୍ନ ଏୟାର କମାଣ୍ଡ ମୁଖ୍ୟ

ନୂଆଦିଲ୍ଲୀ, ୨।୧୦

ବାୟୁସେନାର ଓଡ଼ିଆ ଅଫିସର ଏୟାର ମାର୍ଶାଲ ଦିଲୀପ କୁମାର ପଟ୍ଟନାୟକ ଇଷ୍ଟର୍ନ ଏୟାର କମାଣ୍ଡର ଏୟାର ଅଫିସର କମାଣ୍ଡିଂ ଇନ୍ ଚିଫ୍ ନିଯୁକ୍ତ ହୋଇଛନ୍ତି। ଏଭଳି ସମ୍ମାନଜନକ ପଦବୀକୁ ପଦୋନ୍ନତି ପାଇବାରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ ବାୟୁସେନା ଅଧିକାରୀ। ରବିବାର ସେ ନୂଆ ପଦବୀରେ ଦାୟିତ୍ୱ ଗ୍ରହଣ କରିବେ।



ଦିଲୀପ କୁମାର ପଟ୍ଟନାୟକ

ଭୁବନେଶ୍ୱରର ଦିଲୀପ ପଟ୍ଟନାୟକ ୧ ନମ୍ବର କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ଡିଏମ୍ ସ୍କୁଲ୍‌ର ପୂର୍ବତନ ଛାତ୍ର। ମିରାଜ୍ ପାଇଲଟ ଭାବେ ୧୯୯୯ କାର୍ଗିଲ ଯୁଦ୍ଧ ବେଳେ ଅପୂର୍ବ ସାହସିକତା ପ୍ରଦର୍ଶନ କରି ସେ ବାୟୁସେନା ମେଡାଲ ପାଇଥିଲେ। ☞ପୃଷ୍ଠା-୨






# ପୁଣି ବଢ଼ାଇଲେ ତେଲ ଦର

ଭୁବନେଶ୍ୱର/ନୂଆଦିଲ୍ଲୀ,୨।୧୦

■ ପେଟ୍ରୋଲ୨୫, ଡିଜେଲ ୩୩ ପଇସା

କ୍ରମାଗତ ତୃତୀୟ ଦିନ ଲାଗି ଉଭୟ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି ପାଇଛି। ଏହି ଦର ବୃଦ୍ଧି ଯୋଗୁ ଭାରତୀୟ ତୈଳ ବଜାରରେ ଏହା ସର୍ବକାଳୀନ ରେକର୍ଡ କରିଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସିଏଲ୍)ର ସୂଚନା ଅନୁସାରେ ଶନିବାର ଭୁବନେଶ୍ୱରରେ ଡିଜେଲ ୩୩ ପଇସା ଏବଂ ପେଟ୍ରୋଲ ୨୫ ପଇସା ବଢ଼ିଛି। ଫଳରେ ଏଠାରେ ଡିଜେଲ ଲିଟର ପିଛା ୯୮.୬୫ ଟଙ୍କା ଏବଂ ପେଟ୍ରୋଲ ୧୦୩.୦୧ ଟଙ୍କାରେ ବିକ୍ରି ହେଉଛି। ସେହିଭଳି କଟକ ସହରରେ ଡିଜେଲ ଲିଟର ପିଛା ୯୮.୯୯ ଟଙ୍କା ଓ ପେଟ୍ରୋଲ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଓଲଟା ଲକ୍ଷ୍ୟ**

# ଶହେ ବର୍ଷ ପରେ ରାଜକୀୟ ବିବାହ

## ବେଟାରିନିଙ୍କ ହାତ ଧରିଲେ ରୁଷିଆର ଜର୍ଜ ମିଖାଇଲୋଭିଚ୍

ସେଣ୍ଟପିଟର୍ସବର୍ଗ, ୨।୧୦

ଦୀର୍ଘ ଶହେ ବର୍ଷ ପରେ ରୁଷିଆ ରାଜ ପରିବାରର ବିବାହ ରାଜକୀୟ ଢଙ୍ଗରେ ହୋଇଛି। ଦିନେ ଶାସନଚ୍ୟୁତ ହୋଇଥିବା ଏହି ରୟାଲ ଫ୍ୟାମିଲି ପୁଣି ଥରେ ରୁଷିଆରେ ସେମାନଙ୍କ ଉପସ୍ଥିତି ଜାହିର କରିବେ ବୋଲି କେହି ଆଶା କରି ନ ଥିବାବେଳେ ରୋମାନୋଭ୍ ବଂଶଜ ଜର୍ଜ ମିଖାଇଲୋଭିଚ୍ ରୋମାନୋଭ୍(୪୦) ଶୁକ୍ରବାର ତାଙ୍କ ଇଟାଲୀୟ ପ୍ରେମିକା ଭିକ୍ଟୋରିଆ ରୋମାନୋଭ୍‌ନା ବେଟାରିନି(୩୯)ଙ୍କ ହାତ ଧରିଛନ୍ତି। ଏକ ଶତାବ୍ଦୀ ପରେ ଏପରି ବିବାହ ଉତ୍ସବ ଆୟୋଜନ କରିଥିଲେ ରୁଷିଆ ଧର୍ମଗୁରୁମାନେ। ନବଦମ୍ପତିଙ୍କୁ ଅଭିନନ୍ଦନ ଜଣାଇବାକୁ ୟୁରୋପର ବହୁ ରାଜ ପରିବାର ସଦସ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ରୁଷିଆରେ ୧୯୧୮ରେ ହୋଇଥିବା ସବୁଠାରୁ ବଡ଼ ରାଜନୈତିକ ବିପ୍ଳବ ବା ବଲସେଭିକ୍ କ୍ରାନ୍ତି ରାଜ ପରିବାରକୁ କ୍ଷମତାଚ୍ୟୁତ କରିଦେଇଥିଲା। ରୁଷିଆର ଶେଷ ସମ୍ରାଟ ନିକୋଲାସ୍ ଦ୍ୱିତୀୟ, ତାଙ୍କ ସ୍ତ୍ରୀ ଏବଂ ୫ ପିଲା ହତ୍ୟାର ଶିକାର ହୋଇଥିଲେ। ବାମପନ୍ଥୀ ନେତା ଭ୍ଲାଡିମିର ଲେନିନ୍‌ଙ୍କ ନେତୃତ୍ୱରେ ବଲସେଭିକ୍‌ମାନେ କ୍ଷମତା ଦଖଲ କରି ଶେଷ କରିଦେଇଥିଲେ ରାଜକୀୟ ଶାସନ ପରମ୍ପରା। ଏହାର ପ୍ରାୟ ବର୍ଷେ ପୂର୍ବରୁ ଅର୍ଥାତ୍ ୧୯୧୭ରେ ରୁଷିଆ ଦେଖିଥିଲା ରାଜ ପରିବାର ବିବାହ ଉତ୍ସବ। ଶହେ ବର୍ଷ ପରେ ରୁଷିଆରେ ଇତିହାସର ପୁନରାବୃତ୍ତି ହୋଇଛି। ସେଣ୍ଟପିଟର୍ସବର୍ଗର ସେଣ୍ଟ ଆଇଜାକ୍ କ୍ୟାଥୋଡ୍ରାଲରେ ଜର୍ଜ ମିଖାଇଲୋଭିଚ୍‌ଙ୍କ ବିବାହ ବିଶ୍ୱବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି। ଏଥିରେ ୟୁରୋପର ବହୁ ରାଜ ପରିବାରର ସଦସ୍ୟ ତଥା ବେଲଜିୟମ ରାଜକୁମାରୀ ଲେଇଆ, ସ୍ପେନ୍ କୁଇନ୍ ସୋଫିଆ, ଲିଚଟେଷ୍ଟାଇନ୍ ରାଜକୁମାରୀ ତିଲସିମ୍ ଏବଂ ବୁଲଗେରିଆର ☞ପୃଷ୍ଠା-୨



ଜର୍ଜ ମିଖାଇଲୋଭିଚ୍ ରୋମାନୋଭଙ୍କ ସହ ଇଟାଲୀୟ ପ୍ରେମିକା ଭିକ୍ଟୋରିଆ ରୋମାନୋଭ୍‌ନା ବେଟାରିନି।







## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଆଜିର ମନ୍ତବ୍ୟ

ସାମ୍ପ୍ରତିକ ରାଜନୀତିରେ ପ୍ରାସଙ୍ଗିକ ହେବା ପାଇଁ କଂଗ୍ରେସକୁ ଗାନ୍ଧୀ ପରିବାରର ଛାୟାରୁ ଓହରିବାକୁ ପଡ଼ିବ। ଦାସତ୍ୱରୁ ନ ମୁକୁଳିଲେ ଦଳ ଉପହାସର ପାତ୍ର ହେବ।

**-ଶାନ୍ତା କୁମାର, ହିମାଚଳପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ**

ପ୍ରଥମ ପୃଷ୍ଠାରୁ...

## ଶହେ ବର୍ଷ ପରେ ...

ଶେଷ ରାଜା ସିମେନ୍ ଦ୍ୱିତୀୟ ପ୍ରମୁଖ ସାମିଲ ଥିଲେ। ରୟାଲ ଫ୍ୟାମିଲିର ସଦସ୍ୟ ଥିବା ଜର୍ଜ ମିଖାଇଲୋଭଚ୍‌ଙ୍କ ଜେଜେବାପା ବିପ୍ଳବ ସମୟରେ ଜୀବନ ବଞ୍ଚାଇବାକୁ ଦେଶ ଛାଡ଼ି ପଳାଇଥିଲେ। ପରିବାରର ସୁରକ୍ଷା ପାଇଁ ସେମାନେ ଫିନ୍‌ଲାଣ୍ଡ୍ ଏବଂ ପରେ ଦକ୍ଷିଣ ୟୁରୋପରେ ପହଞ୍ଚିଥିଲେ। ଜର୍ଜ ମିଖାଇଲୋଭିଚ୍ ମାଡ୍ରିଡ୍‌ରେ ଜନ୍ମଗ୍ରହଣ କରିଥିଲେ। ଜୀବନର ଅଧିକାଂଶ ସମୟ ସେ ସ୍ପେନ୍ ଏବଂ ଫ୍ରାନ୍ସରେ ବିତାଇଥିଲେ। ଅକ୍ସଫୋର୍ଡ ୟୁନିଭର୍ସିଟିରେ ଶିକ୍ଷା ଲାଭ କରିବା ପରେ ସେ ୧୯୯୨ରେ ପ୍ରଥମ ଥର ପାଇଁ ରୁଷିଆ ଯାଇଥିଲେ। ବ୍ରସେଲ୍ସରେ ଥିବାବେଳେ ବେଟାରିନିଙ୍କ ସହ ସେ ଡେଟିଂ କରୁଥିଲେ। ଦାତବ୍ୟ ସଂସ୍ଥା ଚଳାଇବା ପାଇଁ ୨୦୧୯ରେ ବେଟାରିନିଙ୍କୁ ନେଇ ମିଖାଇଲୋଭିଚ୍ ମସ୍କୋ ପଳାଇଥିଲେ। ନିକୋଲାସ୍ ଦ୍ୱିତୀୟ ପଦଚ୍ୟୁତ ହେବା ପୂର୍ବରୁ ୩ ଶହରୁ ଊର୍ଦ୍ଧ୍ୱ ବର୍ଷ ଧରି ରୋମାନୋଭ୍‌ମାନେ ରୁଷିଆରେ ଶାସନ କରିଥିଲେ।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝୋଳ ଝୋଳ ମତେ ଦବୁ**
**ଫଳ ଫଳ ତୁ ଖାଇବୁ ।**

ଚାଲାକ ଚତୁର ବ୍ୟକ୍ତିଙ୍କୁ କଥା ଓ କାମରେ ହରାଇବା ଅସମ୍ଭବ। ଯେକୌଣସି ପରିସ୍ଥିତି ଉପୁଜିଲେ ମଧ୍ୟ ସେଥିରୁ ସେ ଫାଇଦା ଉଠାଇବାରେ ସିଦ୍ଧହସ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝୁମୁରୁ ଝୁମୁରୁ ଚାଲିକି,**
**ସରି ନୁହେଁ ଘୋଡା ପାଲିଙ୍କି;**
**ପଇସା ନେବୁ କାଲିକି ।**

ଝୁମୁରୁ ଝୁମୁରୁ ଚାଲି ସହ ଘୋଡା ପାଲିଙ୍କିରେ ଯିବା କୌଣସି ଗୁଣରେ ସରି ହୋଇ ନ ଥାଏ। ଟଙ୍କା ପଇସା ଥରେ ହାତରୁ ଚାଲିଗଲେ ଫେରିପାଇବା ସହଜ ହୋଇ ନ ଥାଏ।ନେବା ଲୋକ ଆଜି ଦେବା କାଲି ଦେବା କହି ସମୟ ଗଡ଼େଇ ଚାଲୁଥିବା ବେଳେ ତାଙ୍କ ପଛରେ ଗୋଡ଼େଇ ଗୋଡ଼େଇ ସମୟ ସାରିବା ସାର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦ୍ୱିଜା ନକ୍ଷତ୍ର ଗତକାଲିର ଯୋଜନା ମୁତାବକ କାମରେ ଲାଗିପଡ଼ନ୍ତୁ, ଟେନସନ୍ କିଛି ମାତ୍ରାରେ କମିଯିବ। ନିଜ ଲୋକମାନଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ସୂଚନା ପାଇପାରନ୍ତି। ସଭାସମିତି, ସଙ୍ଗଠନ, ରାଜନୀତି କ୍ଷେତ୍ରରେ ଉନ୍ନତ ମାନର ସୁଫଳ ପାଇବେ। ଆଲୋଚନା ପରିସରରେ ବୃଥା ତର୍କ ନ କରି ଯୁକ୍ତି ବିବାଦଠାରୁ ଦୂରେଇ ରହିବା ଭଲ।

**ବୃଷ** କୃତ୍ତିକା ନକ୍ଷତ୍ର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ସୁଫଳ ପାଇବେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଆଜି ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ବିବାଦୀୟ ପାରିବାରିକ ଜଞ୍ଜାଳ କିମ୍ବା ବ୍ୟବସାୟିକ ସମସ୍ୟା ବୃଦ୍ଧି ପାଇପାରେ।

**ମିଥୁନ** ଚନ୍ଦ୍ରଙ୍କ ପ୍ରଭାବରୁ ମିଠା କଥା କହି ପରିସ୍ଥିତି ନିୟନ୍ତ୍ରଣ କରିବାରେ ସମର୍ଥ ହେବେ। ବ୍ୟବସାୟରେ ଉନ୍ନତି କରିବେ। ଋଣ ପରିଶୋଧର ମାର୍ଗ ଉନ୍ମୁକ୍ତ ନୁହେଁ। କଳା, ସାହିତ୍ୟ, ଚଳଚ୍ଚିତ୍ର, ସଙ୍ଗୀତ କ୍ଷେତ୍ରରେ ସମସ୍ୟା ସମାଧାନରେ ସଫଳହେବେ। ଦୂରାଗତ ବନ୍ଧୁଙ୍କ ସହାୟତାରେ ମୂଲ୍ୟବାନ୍ ଦ୍ରବ୍ୟ ପାଇପାରନ୍ତି।

**କର୍କଟ** ଚନ୍ଦ୍ର ହେତୁ ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବ, କିନ୍ତୁ ମଙ୍ଗଳ ପ୍ରଭାବରେ କର୍ମକ୍ଷେତ୍ର ସନ୍ତୋଷଜନକ ରହିନପାରେ। ଭୁଲ୍ ବୁଝାମଣା ହେତୁ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ଶୀଘ୍ର କାମ ସମ୍ପନ୍ନ ସକାଶେ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। ପଡ଼ୋଶୀଙ୍କ ସାଧାରଣ କଥାକୁ କେନ୍ଦ୍ର କରି ବିବ୍ରତ ଅନୁଭବ କରିବେ।

**ସିଂହ** ଆର୍ଥିକ ସ୍ୱଚ୍ଛଳତା ନ ରହିବା କାରଣରୁ ମାନସିକ ଶାନ୍ତି ବ୍ୟାହତ ହେବ। କର୍ମକ୍ଷେତ୍ରରେ ଯାହା କଲେ ମଧ୍ୟ ସୁଫଳ ମିଳିବ ନାହିଁ ବରଂ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ମଘାର ବ୍ୟବସାୟ ବହୁମୁଖୀ ଆକାର ଧାରଣ କରିବ, କିନ୍ତୁ ଲାଭର ମାତ୍ରା ବଢ଼ିବ ନାହିଁ। ହିତୈଷୀଙ୍କ ଦ୍ୱାରା ପ୍ରଭାବିତ ହୋଇ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**କନ୍ୟା** ପାରିବାରିକ ଜୀବନରେ ଉପଯୁକ୍ତ ବୁଝାମଣା ହେବାରୁ ଆଶ୍ୱସ୍ତି ଅନୁଭବ କରିବେ। ବନ୍ଧୁମାନେ ସହଯୋଗର ପ୍ରତିଶ୍ରୁତି ଦେଇ ଠିକ୍ ସମୟରେ ଦୂରେଇଯିବେ। ଚିତ୍ରା ନକ୍ଷତ୍ରର ଆତ୍ମୀୟସ୍ୱଜନଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତା ବଢ଼ିପାରେ, ଅବଶ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ଆଇନ ଅଦାଲତରୁ ସୁଫଳ ପାଇ ସମସ୍ୟା ସମାଧାନ ହୋଇଯିବ।

**ତୁଳା** ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିପାରନ୍ତି। ସ୍ୱାତୀ ନକ୍ଷତ୍ର ସଭାସମିତିରେ ଯୋଗ ଦେଇ ପ୍ରଶଂସା ପାଇବା ସହ ଲାଭବାନ୍ ହେବେ। ଦୈହିକ ଦୁର୍ବଳତା ଯୋଗୁଁ ମନୋବଳ କମି ଯାଇପାରେ। ଆକସ୍ମିକ ଆବଶ୍ୟକତା କାରଣରୁ ହଠାତ୍ ଅନେକ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**ବିଛା** ଅଧିକାଂଶ ସମୟ ଭୁଲ୍ ବୁଝାମଣା ଓ ଲଘୁ କ୍ରୋଧ କାରଣରୁ ସୁଯୋଗ ହାତମୁଠାରୁ ଖସିଯାଇପାରେ। ମନକଥା ମନରେ ମାରି ରହିବେ ସିନା, ମୁହଁ ଖୋଲିବାର ରାସ୍ତା ପାଇବେ ନାହିଁ। ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ଅନୁରାଧା ନକ୍ଷତ୍ର ସ୍ୱାସ୍ଥ୍ୟ ପ୍ରତି ଅବହେଳା ଦୁଶ୍ଚିନ୍ତାକୁ ବୃଦ୍ଧି କରିବ।

**ଧନୁ** ଆଜି ସହକର୍ମୀଙ୍କ ସହଯୋଗ ଲାଭକରି ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ, ତଥାପି ପଛକୁ ଫେରିବାର ଉପାୟ ନଥିବ। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ରକ୍ତଚାପ କିମ୍ବା ଡାଇବେଟିସ୍ ରୋଗରେ କଷ୍ଟ ପାଇପାରନ୍ତି।

**ମକର** ଯେତେ ସୁବିଧାରେ ଚଳିବା ପାଇଁ ଚେଷ୍ଟା କଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଅନୁଭବ କରିବେ। ପରୋକ୍ଷ ଶତ୍ରୁତା ଯୋଗୁ କର୍ମକ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେବ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ରହିବ। ମନୋରଞ୍ଜନ ପାଇଁ ମନ ଥିଲେ ମଧ୍ୟ ଆର୍ଥିକ ଅବସ୍ଥା ଯୋଗୁ ହୋଇପାରିବ ନାହିଁ।

**କୁମ୍ଭ** ସାହାଯ୍ୟ ସହଯୋଗ ଅଭାବରୁ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବାର ସୁଯୋଗ ଜୁଟିବ, ତଥାପି ନିକଟସ୍ଥ ବନ୍ଧୁମାନେ ଖୁସି ହେବେନାହିଁ। ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ।

**ମୀନ** ସମସ୍ତ ପ୍ରକାରର ସୁବିଧା ଥାଇ ମଧ୍ୟ ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପଡ଼ୋଶୀଙ୍କ ସହାୟତାରେ ହଜି ଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି। ଅର୍ଥାଭାବ ଓ ପାରିବାରିକ ସମସ୍ୟା ହେତୁ ଉଦାସୀନ ରହିବେ। ଜମିଜମା କାରବାର, ଆଲୋଚନା, ସଭାସମିତି, କଳା, ସାହିତ୍ୟାଦି କ୍ଷେତ୍ରରେ ସୁଫଳ ପାଇବାର ଆଶା ରହିଛି।

ପ୍ରଥମ ପୃଷ୍ଠାରୁ...

## ବିପଦ ଡାକୁଛି ରାସ୍ତାକଡ଼ ...

କିଛି ମାତ୍ରାରେ ନମୁନା ସଂଗ୍ରହ କରି ଯାଞ୍ଚ କରୁଛନ୍ତି ତେବେ ତାହା ପର୍ଯ୍ୟାପ୍ତ ହେଉନାହିଁ। ଯେଉଁ ନମୁନା ସଂଗ୍ରହ କରାଯାଉଛି ଖାଦ୍ୟ ପରୀକ୍ଷା ଲାବରେଟୋରି ଅଭାବରୁ ତାହା ମଧ୍ୟ ନିର୍ଦ୍ଧାରିତ ସମୟରେ ପରୀକ୍ଷା କରାଯାଇ ପାରୁନାହିଁ। ଓଡ଼ିଶାର ଏକମାତ୍ର ଫୁଡ୍ ଟେଷ୍ଟିଂ ଲାବରେଟୋରି ଭୁବନେଶ୍ୱରରେ ରହିଛି। ରାଜ୍ୟର ସମସ୍ତ ନମୁନା ପରୀକ୍ଷା କରିବା ଏହି ଲାବରେଟୋରି ପକ୍ଷେ ସହଜ ନୁହେଁ।

ରାଜ୍ୟରେ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଛୋଟବଡ଼ ବ୍ୟବସାୟ ପ୍ରତିଷ୍ଠାନ ଥିବାବେଳେ କର୍ମଚାରୀ ଅଭାବ ଖାଦ୍ୟ ନମୁନା ସଂଗ୍ରହରେ ବାଧକ ହୋଇଛି। ଏଫ୍‌ଏସ୍‌ଏସ୍‌ଏଆଇ ଗାଇଡ୍‌ଲାଇନ ଅନୁଯାୟୀ ପ୍ରତି ୧ ହଜାର ଦୋକାନ ପାଇଁ ଜଣେ ଖାଦ୍ୟ ନିରାପତ୍ତା ଅଧିକାରୀ ରହିବା କଥା। ହେଲେ ୩୦ ଜିଲା, ୫ ମହାନଗର ନିଗମ ଏବଂ ପୁରୀ ପାଇଁ ୩୦ ଜଣ ଖାଦ୍ୟ ସୁରକ୍ଷା ଅଧିକାରୀ ରହିଛନ୍ତି। କମ୍ ସଂଖ୍ୟକ କର୍ମଚାରୀ ଥିବାରୁ ନମୁନା ସଂଗ୍ରହ ମଧ୍ୟ ଆଶାନୁରୂପ ହେଉନାହିଁ। ଖାଦ୍ୟ ସୁରକ୍ଷା କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ୨୦୨୦-୨୧ରେ ୮୭୫ ଥର ଯାଞ୍ଚ କରାଯାଇ ୪୨୧୯ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୭୮୨ ନମୁନାରେ ତ୍ରୁଟି ଥିବା ପରିଲକ୍ଷିତ ହୋଇଛି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

କେବଳ ରନ୍ଧାଖାଦ୍ୟ ନୁହେଁ ବରଂ ତେଲ, ମସଲା, ଘିଅ, ପାଣି, ମାଛ, ମାଂସ, ପନିପରିବା ଆଦି ପ୍ରଚୁର ମାତ୍ରାରେ ଭେଜାଲ ହେଉଛି। ଗତ କିଛିବର୍ଷ ତଳେ ରାଜଧାନୀର ଏକ ହାଟରେ ମାଛରେ ଫର୍ମାଲିନ ଭଳି ବିଷାକ୍ତ ଲେପ ଦିଆଯାଉଥିବା ନମୁନା ପରୀକ୍ଷା ପରେ ଜଣାପଡ଼ିଥିଲା। ଭେଜାଲ କାରବାର ସଂଖ୍ୟା ବଢ଼ି ଚାଲିଥିବାବେଳେ ଧରପଗଡ଼ କମିଯିବା ଯୋଗୁ ଖାଦ୍ୟ ପଦାର୍ଥର ଗୁଣବତ୍ତା ଧୀରେ ଧୀରେ ନିମ୍ନସ୍ତରକୁ ଚାଲିଯାଉଛି। ଅସାଧୁ ବ୍ୟବସାୟୀ ଏହାର ଭରପୂର ଫାଇଦା ଉଠାଉଛନ୍ତି। ଫଳରେ ବଜାରରେ ଅପମିଶ୍ରଣ ବଢ଼ିବା ସହ ଜନସ୍ୱାସ୍ଥ୍ୟ ପାଇଁ ଏକ ବଡ଼ କ୍ଷତି ହେଉଛି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଇଛନ୍ତି।

ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ପଢୁଥିବା ସୌମ୍ୟଜିତ ବିଶ୍ୱାଳ କହିଛନ୍ତି, ଏକାକୀ ରହୁଥିବାରୁ ରୋଷେଇ କରିବା ସମ୍ଭବ ହେଉନାହିଁ। ବାହାର ଖାଦ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ତେବେ ଦୋକାନରେ ବ୍ୟବହୃତ ତେଲ ଓ ଅନ୍ୟାନ୍ୟ ଜିନିଷ କେତେ ସ୍ୱାସ୍ଥ୍ୟୋପଯୋଗୀ ତାହା ଜାଣିବା କଷ୍ଟକର। ଖାଦ୍ୟପଦାର୍ଥ ନିୟମିତ ଯାଞ୍ଚ ହେଲେ ବ୍ୟବସ୍ଥାୟୀ ଖରାପ ଖାଦ୍ୟ ଦେବାକୁ ଭୟ କରନ୍ତେ। ମାତ୍ର ତାହା ହେଉ ନାହିଁ। ଭଗବାନଙ୍କ ଭରସାରେ ଆମେ ଆଖିବୁଜି ଖାଉଛୁ। ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନରଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବିଭିନ୍ନ ବଡ଼ ବଡ଼ ହୋଟେଲଠାରୁ ଆରମ୍ଭ କରି ଠେଲାଗାଡ଼ି ପର୍ଯ୍ୟନ୍ତ ନମୁନା ସଂଗ୍ରହ କରାଯାଉଛି। ୨୦୧୯-୨୦ରେ ୨୪୭୮ ନମୁନା ପରୀକ୍ଷା ପାଇଁ ପଠାଯାଇଥିବାବେଳେ ୨୦୨୦-୨୧ରେ ୩୮୩୨ ଏବଂ ୨୦୨୧-୨୨ରେ ୧୯୦୯ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ମେଳା, ମହୋତ୍ସବ ସମୟରେ ନମୁନା ଯାଞ୍ଚ କରାଯାଉଛି। ଗୋଟିଏ ମୋବାଇଲ ଭ୍ୟାନ ଦ୍ୱାରା ଖାଦ୍ୟପଦାର୍ଥର ମାନ ଯାଞ୍ଚ କରାଯାଉଛି। ଏଥିସହିତ ଏକ ଘରୋଇ ଲାବରେଟୋରି ମାଧ୍ୟମରେ ଖାଦ୍ୟ ନମୁନା ଯାଞ୍ଚ କରାଯାଉଛି। ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଏବଂ ଯାଜପୁର ଜିଲାର ସୁକିନ୍ଦାଠାରେ ଆଉ ୪ଟି ଫୁଡ୍ ଟେଷ୍ଟିଂ ଲାବୋରେଟୋରି ସ୍ଥାପନ ହେବ। ଜଳଖିଆ ଛଣା ତେଲକୁ ସଂଗ୍ରହ କରିବା ପାଇଁ ଖୁବ୍‌ଶୀଘ୍ର ବ୍ୟବସ୍ଥା କରାଯାଉଛି। ସେହି ତେଲଗୁଡ଼ିକ ବାୟୋ ଡିଜେଲ ପ୍ରସ୍ତୁତିରେ ବ୍ୟବହାର କରାଯିବ। ଏଥିସହିତ କ୍ଲିନ୍ ଷ୍ଟ୍ରିଟ୍ ଫୁଡ୍ ହବ୍ ପଟିଆ ଏବଂ ବାଲିଯାତ୍ରା ପଡ଼ିଆରେ ହେବ ବୋଲି ସେ କହିଥିଲେ।

## ଓଡ଼ିଆ ବାୟୁସେନା...

ଉଲ୍ଲେଖନୀୟ ସେବା ପାଇଁ ୨୦୨୦ରେ ତାଙ୍କୁ ଅତିବିଶିଷ୍ଟ ସେବା ପଦକ ମିଳିଥିଲା। ସେଣ୍ଟ୍ରାଲ ଏୟାର କମାଣ୍ଡରେ ସେ ଏବେ ସିନିୟର ଏୟାର ଷ୍ଟାଫ ଅଫିସର (ଏସ୍‌ଏଏସ୍‌ଓ) ଭାବେ କାର୍ଯ୍ୟରତ ଅଛନ୍ତି। ୧୯୮୪ ଜୁନ୍ ୮ରେ ସେ ବାୟୁସେନାର ଫାଇଟର ଷ୍ଟ୍ରିମ୍‌ରେ ପାଇଲଟ ଭାବେ ଯୋଗ ଦେଇଥିଲେ। ମିରାଜ ୨୦୦୦ ଏବଂ ମିଗ୍ ୨୧ ସମେତ ବିଭିନ୍ନ ଯୁଦ୍ଧବିମାନ ଓ ପ୍ରଶିକ୍ଷଣ ବିମାନ ସେ ଉଡ଼ାଇଛନ୍ତି। ତାଙ୍କର ୨୫୦୦ ଘଣ୍ଟାରୁ ଊର୍ଦ୍ଧ୍ୱ ବିମାନ ଉଡ଼ାଣ ଅଭିଜ୍ଞତା ରହିଛି। କାର୍ଗିଲ ଯୁଦ୍ଧବେଳେ ସେ କାର୍ଗିଲର ଟାଇଗର ହିଲ୍‌ରେ ରାତ୍ରି ସମୟରେ ଲେଜର ଗାଇଡେଡ୍ ବୋମାମାଡ଼ କରିଥିଲେ, ଯାହା ଉକ୍ତ ଅଞ୍ଚଳକୁ ପୁନର୍ବାର ଭାରତ ଅକ୍ତିଆରକୁ ଆଣିବାରେ ସହାୟକ ହୋଇଥିଲା।

## ପୁଣି ବଢ଼ାଇଲେ ...

୧୦୩.୩୬ ଟଙ୍କାରେ ପହଞ୍ଚିଛି। ନୂଆଦିଲ୍ଲୀରେ ମଧ୍ୟ ଡିଜେଲ ୩୦ ପଇସା ଏବଂ ପେଟ୍ରୋଲ ୨୫ ପଇସା ବଢ଼ିଥିବା ସୂଚନା ମିଳିଛି। ଏହା ଫଳରେ ସେଠାରେ ଡିଜେଲ ଲିଟର ପିଛା ୯୦.୪୭ ଟଙ୍କା ଏବଂ ପେଟ୍ରୋଲ ୧୦୨.୧୪ ଟଙ୍କାରେ କାରବାର ହେଉଛି। ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ମଧ୍ୟ ଡିଜେଲ ଦର ୨୮ରୁ ୩୨ ପଇସା ବଢ଼ି ଯଥାକ୍ରମେ ୯୫.୦୨ ଟଙ୍କା, ୯୩.୫୭ ଟଙ୍କା ଏବଂ ୯୮.୧୬ ଟଙ୍କାକୁ ଛୁଇଁଛି। ଏହିସବୁ ମେଟ୍ରୋ ସହରରେ ପେଟ୍ରୋଲ ଲିଟର ପିଛା ୨୨ ରୁ ୩୦ ପଇସା ବଢ଼ି ଯଥାକ୍ରମେ ୯୯.୮୦ ଟଙ୍କା, ୧୦୨.୭୭ ଟଙ୍କା ଏବଂ ୧୦୮.୧୯ ଟଙ୍କାରେ ରହିଛି। ଲଗାତର ତୈଳ ଦର ବୃଦ୍ଧି ଯୋଗୁ ବର୍ତ୍ତମାନ ସାରା ଦେଶରେ ୨୫ଟି ରାଜ୍ୟରେ ପେଟ୍ରୋଲ ୧୦୦ ଟଙ୍କାରୁ ଊର୍ଦ୍ଧ୍ୱରେ ବିକ୍ରି ହେଉଥିବାବେଳେ ୨୩ଟି ରାଜ୍ୟରେ ଡିଜେଲ ଦର ମଧ୍ୟ ୯୦ ଟଙ୍କା ଉପରେ ରହିଛି। ଏପରିକି ଦେଶର ୫ ରାଜ୍ୟ ଓଡ଼ିଶା, ମଧ୍ୟପ୍ରଦେଶ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାରେ ମଧ୍ୟ ଡିଜେଲ ୧୦୦ ଟଙ୍କା ଉପରେ ବିକ୍ରି ହେଉଛି। ଗତ ମାସ ମଧ୍ୟରେ ୯ଟି ପ୍ରମୁଖ କାରଣ ଯୋଗୁ ଦେଶର ତୈଳ ଦର ସର୍ବକାଳୀନ ରେକର୍ଡ ସୃଷ୍ଟି କରି ନୂଆ ସ୍ତରରେ ପହଞ୍ଚିଛି। ସରକାର ମଧ୍ୟ ଏଥିପ୍ରତି ସମ୍ବେଦନଶୀଳ ରହିଛନ୍ତି ବୋଲି ଶନିବାର ପୂର୍ବତନ ପେଟ୍ରୋଲିୟମ ଓ ପ୍ରାକୃତିକ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତବ୍ୟକ୍ତ କରିଛନ୍ତି।

ଗତ କିଛିଦିନ ହେବ କ୍ରମାଗତ ଭାବେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଉଛି। ଏପରି କି ଆମଦାନୀ ଶୁଳ୍କ ହ୍ରାସ ପାଉଥିଲେ ମଧ୍ୟ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଉଥିବା ବର୍ଦ୍ଧିତ ଟିକସ ଯୋଗୁ ତୈଳ ଦର ଉଚ୍ଚା ରହୁଛି। ଫଳରେ ଭାରତୀୟ ବଜାରରେ ତେଲ ଦର ବଢ଼ିବା ସାଙ୍ଗକୁ ଖାଉଟି ଉଚ୍ଚା ଦରରେ ତେଲ କ୍ରୟ କରୁଛନ୍ତି ବୋଲି ତୈଳ କମ୍ପାନୀଗୁଡ଼ିକ ମତ ଦେଇଛନ୍ତି। କେନ୍ଦ୍ର ସରକାର ଏଥିପ୍ରତି ଦୃଷ୍ଟି ନ ଦେବା ଓ ରାଜ୍ୟ ସରକାର ନିଜର ସ୍ୱାର୍ଥ ପାଇଁ ଏହାକୁ ଜିଏସ୍‌ଟି ପରିଷଦକୁ ଆଣିବାର ଦାବି ଠିକ୍ ଭାବେ ନ କରିବା ଯୋଗୁ ଖାଉଟି ଅଯଥାରେ ଅତିରିକ୍ତ ଖର୍ଚ୍ଚାନ୍ତ ହେଉଛନ୍ତି ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।


# classifieds Everyday
0674-2580101, 2549302




**BRIDE WANTED**

Wants brahmin bride Gunjami 35, 40 highly business. 7377612831, 9853350729. D-70244

**GROOM WANTED**

Age-34, Government Teacher divorcee ନିଃସନ୍ତାନ କରଣ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7205988004. D-21793

Beautiful Khandayat girl 1993, 5'3" MCA only daughter. "Sunasansar". 9937512659, 8249969649. D-21831

Patara girl dob: 1997, 5.3" B.Tech service in Software Bhubaneswar. Mob: 9937577677. D-21758




**SALE**

Buy & sell used 2 wheeler of any company. No legal hassle payment through Bank. Renovated for best quality. Free home valuation. JMG Automobile, Professorpara, Canalroad, Cuttack. Call- 8093080009/10. D-21768




**SALE**

**Residential cum commercial road side plot, Niali Road @ 750 Sft., residential plots with boundary wall, Electricity system, homely temple, Nakhara 7 Km., BBSR-12 Km., 8249851363, 7809525452.** D-70485

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.- 150/- (outright). 9348232008. D-21774

କଟକ-ଭୁବନେଶ୍ୱର ମଧ୍ୟ ଭାଗରେ ନିର୍ମିତ ଓଡ଼ିଶାର ବୃହତ୍ତମ **commercial Hub "Grandbazar"** ସମ୍ମୁଖରୁ **1 k.m.** ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। **9078699286.** D-71714

Buy or Sale Property- 8984071303. 4BHK 2200sqft. Duplex Balianta- 85,00,000/-. Residential Gharabari Land Nakhara- 2300/. D-21834

**2/3 BHK flats for sale at Bivab NEST @Madanpur, Bhubaneswar. Price Rs. 45.3 lakhs owners (Bank loan available). 7381267666, 7381144666, 7381263666.** D-71175

ଭୁବନେଶ୍ୱର **Sum Hospital** ନିକଟବର୍ତ୍ତୀ ଅନ୍ଧାରୁଆରେ **boundary, electricity, gated society**ରେ **plot** କିଣି **immediate** ଘର କରନ୍ତୁ। **9437005434.** D-70898

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାରି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71176

**Demarcated gharabari plot near Mangaraj Point Puri bypass road Bankual for sale. Per sqft. @1650/-. Contact No.- 9827339640.** D-21710

1Acre land includes Cold Storage, At- Paikarapur, Bhubaneswar for sale/ Lease/Rent. Contact: 9692209388. D-21836

ମାସିକ ମାତ୍ର **3690/-** ଟଙ୍କା କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 9040744989 D-71711

Residential plots at Rangabazar, Sarkana, Nakhara, DPS, Anantapur, Dadhichi, Gudiapokhari, Madanpur, (ready for construction). 9040011987. D-71718

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-21745

Single residential plot for sale at Sisupal, Gangotri Nagar, Bhubaneswar. Contact: 9124721060. D-71318

**Bhubaneswar infocity-2 200' road side near NH-5 gharabari plot sqft. 1450/- Bank finance** ଥାଇ ମିଳୁଛି। **7978230118, 9237480561, 8260722312.** D-71717

Gharabari SC plot for sale 6km from Tankapani Sai Mandir Bhingarpur Mouza 500 per sqft. negotiable. Contact 9937066889. D-21817

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-21816

**PURCHASE**

**I Require, minimum 1Acre Yellowzone Homestead Land with 30/40 feet road on outright basis for plotting purpose across Bhubaneswar. 9861022055/ 9938219397.** D-21819




**Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118.** D-70888

**GENERAL**

**SALE**

Labrador Female Puppies for sale. Please contact: 7606987664. D-70738




2BHK first floor house 1200sqft. with Garage large terrace in Aerodrome area, Bhubaneswar for family. Contact: 9437019021. D-71422

2400Sqft. Commercial Office Space /Institute for RENT AT NAYAPALLI Bhubaneswar. Contact No: 9337044222/ 7978688119. D-21837

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

3Bedroom, Hall, Kitchen, Store, Ground floor for Institute commercial Office available. Prime location, N-6/460 Nayapalli. 9331026176, 9337102719. D-21835

2BH for family with Garage at N/6-77, Jaydev Vihar, 9937933980. D-65921




Ashirvaad Salon and SPA get good massage for your health tha best therapy. 7077181074. D-70491

**Refreshing your mind, your body with tha best therapy at Lotus Spa. 8018891951.** D-70493

Swarna SPA newly open positively health benefits with expert therapist. 9556978408. D-71172

Newly open SPA positively health benefit with Expert. Contact: 7749976301. D-71174

Newly open Saikrupa Panchakarma Spa positively health benefits with Expert. 8984068077. D-21804

**LOST**

ଏତଦ୍ଦ୍ୱାରା ଆମ୍ଭେ ସୁବର୍ଣ୍ଣଲତା ବେହେରା, ସ୍ୱାମୀ- ବିଦେଶୀ ବେହେରା, ସା/ପୋ/ଥାନା- ଠାକୁରଗଡ଼, ଜିଲ୍ଲା: ଅନୁଗୋଳ ଜଣାଉଅଛି ଯେ ମୌଜା- ସଦାନନ୍ଦପୁର, ଖାତା ନଂ.- ୨୨/୪ମ୍ବର ଥାନା ନଂ.- ୬୬ମ୍ବର ଅରିଜିନାଲ ପଟ୍ଟାଟି ଘରପୋଡ଼ିରେ ନଷ୍ଟ ହୋଇଯାଇଛି। ଉକ୍ତ ଖାତା ନଂ.- ୨୨/୪ମ୍ବର ପଟ୍ଟାଟିର ଯଦି କେହି ରେକର୍ଡକାରୀ ଥାଆନ୍ତି, ଆଠମଲ୍ଲିକ ତହସିଲ କାର୍ଯ୍ୟାଳୟରେ ଆଗାମୀ ୩୦ (ତିରିଶ) ଦିନ ଭିତରେ ଅଭିଯୋଗ କରିପାରିବେ।
ଘୋଷଣାକାରୀ
(ସୁବର୍ଣ୍ଣଲତା ବେହେରା)
ଧ-୨୧୮୨୭

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୩,୫୨,୫୩,୫୩୫ | ୪୮,୦୮,୮୦୦ | ୨୧,୨୦,୨୨,୩୭୫ |
| ଭାରତ | ୩,୩୭,୯୯,୦୪୭ | ୪,୪୮,୭୧୯ | ୩,୩୦,୭୧,୫୧୮ |
| ଓଡ଼ିଶା | ୧୦,୨୭,୪୩୧ | ୮୨୦୯(+୫୩) | ୧୦,୧୪,୪୧୨ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ପାର୍ବଣ ଭିଡ଼ ଉପରେ ନଜର ରଖିବ ସ୍ୱାସ୍ଥ୍ୟ ବିଭାଗ

- ଗଠନ ହେବ ସ୍ୱତନ୍ତ୍ର ସ୍କ୍ୱାଡ୍
- ଆଉ ୪୭୮ ଆକ୍ରାନ୍ତ ଚିହ୍ନଟ, ୭ ମୃତ
- କରୋନା ମୁକ୍ତ ହେଲା ବୌଦ୍ଧ ଜିଲା

ଭୁବନେଶ୍ୱର, ୨।୧୦(ବ୍ୟୁରୋ)

ପାର୍ବଣକୁ ନେଇ ଏବେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। କୋଭିଡ୍ ସଂକ୍ରମଣ ଆଶଙ୍କା ଥିବାରୁ ସେମାନେ ପୁଣି ଚେତାବନୀ ଦେଇଛନ୍ତି। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର ଶନିବାର କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗ ପାର୍ବଣ ଭିଡ଼ ଉପରେ ସ୍ୱତନ୍ତ୍ର ନଜର ରଖିବ। ଭିଡ଼ ବଢ଼ିଲେ ସଂକ୍ରମଣ ବଢ଼ିପାରେ। ତେଣୁ ପୂର୍ବ ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ ପାଇଁ ଗୃହ ବିଭାଗ ଗୁରୁତ୍ୱ ଦେଇଛି। ଏଥିପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ ହେବ। ବିଶେଷକରି ମାର୍କେଟରେ କିଣାକିଣିବେଳେ ଭିଡ଼କୁ ଏଡ଼ାଇବା ପାଇଁ ଏହି ସ୍କ୍ୱାଡ୍ କାର୍ଯ୍ୟ କରିବ। ଯେଉଁ ଅଞ୍ଚଳରେ ସଂକ୍ରମଣ ବଢ଼ିବ, ସେଠାରେ ପୁଣି କଣ୍ଟେନମେଣ୍ଟ ଓ ମାଇକ୍ରୋ କଣ୍ଟେନମେଣ୍ଟ କରାଯିବ। ଏବେ ଦୈନିକ ଟେଷ୍ଟିଂ ୬୦ରୁ ୭୦ ହଜାର ମଧ୍ୟରେ ରହୁଛି। ଏହା ଜାରି ରହିବ। ତେବେ କଟକ ଓ ଭୁବନେଶ୍ୱରରେ ସଂକ୍ରମଣ କମିଥିଲେ ମଧ ଭୟ ରହୁଛି। ତେଣୁ ଦ୍ୱୈତନଗରୀବାସୀଙ୍କୁ ଅଧିକ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଆଇସିଏମ୍ଆର ଓ ନୀତି ଆୟୋଗ ଏ ନେଇ ପୂର୍ବରୁ ସତର୍କ କରାଇଛନ୍ତି। ଆମେ ତାହାକୁ ଗୁରୁତ୍ୱ ଦେଉଛୁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ଏଥିସହ ପାର୍ବଣରେ ଆମେ ଅଧିକା ଭିଡ଼ କରିବା ନାହିଁ। ଅଧିକ ସମୟ ବାହାରେ ଏକାଠି ରହିଲେ ସଂକ୍ରମଣ ବଢ଼ିବା ସମ୍ଭାବନା ଥିବାରୁ ଏହିସମୟରେ ଘରୁ ନ ବାହାରିବାକୁ ସେ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ, ପାର୍ବଣକୁ ଦୃଷ୍ଟିରେ ରଖି କଟକ ଓ ଭୁବନେଶ୍ୱରରେ ନାଇଟ୍ କର୍ଫ୍ୟୁ ଅବଧି ବଢ଼ା ଯାଇଛି। ଏହି ଦୁଇ ସହରରେ ଆସନ୍ତା ୧୧ରୁ ୨୦ ତାରିଖ ପର୍ଯ୍ୟନ୍ତ ରାତି ୮ଟାରୁ ସକାଳ ୫ ଯାଏ ନାଇଟ୍ କର୍ଫ୍ୟୁ ବଳବତ୍ତର ରହିବ। ରାଜ୍ୟର ଅନ୍ୟ ସମସ୍ତ ପୌରାଞ୍ଚଳରେ ନାଇଟ୍ କର୍ଫ୍ୟୁ ପୂର୍ବଭଳି ରାତି ୧୦ଟାରୁ ସକାଳ ୫ଟା ଯାଏ ଜାରି ରହିବ ବୋଲି ଏସ୍ଆର୍ସି ଗାଇଡ୍‌ଲାଇନ କରିଛନ୍ତି।

ସେପଟେ ରାଜ୍ୟରେ ଗତ ୨୪ ଘଣ୍ଟାରେ ୬୯,୨୫୧ ନମୁନା ପରୀକ୍ଷା କରାଯାଇଥିବାବେଳେ ୨୧ ଜିଲାରୁ ୪୭୮ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଦୈନିକ ସଂକ୍ରମଣ ହାର ୦.୬୯% ରହିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୧୮ ବର୍ଷରୁ କମ୍ ବର୍ଗର ୫୭ ଜଣ ରହିଥିବା ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ କହିଛି। ସେହିପରି ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୧୧ଜଣ ଚିହ୍ନଟ ହୋଇଥିବାବେଳେ କଟକରୁ ୫୭ ଓ ବାକିସବୁ ଜିଲାରେ ଏହି ସଂଖ୍ୟା ୫୦ ତଳକୁ ରହିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତ ସଂଖ୍ୟା ୧୦,୨୭,୪୩୧ରେ ପହଞ୍ଚିଛି। ଅପରପକ୍ଷେ ରାଜ୍ୟରେ ଆଉ ୭ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ଖୋର୍ଦ୍ଧା ଓ ସୁନ୍ଦରଗଡ଼ରୁ ୨ଜଣ ଲେଖାଏ ଥିବାବେଳେ ଜଗତ୍‌ସିଂହପୁର, ଯାଜପୁର ଓ କେନ୍ଦ୍ରାପଡ଼ାରେ ଜଣେ ଲେଖାଏ ରହିଛନ୍ତି। କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୨୦୯କୁ ବୃଦ୍ଧି ପାଇଛି।

ରାଜ୍ୟରେ ୪,୭୫୭ ସକ୍ରିୟ ରୋଗୀ ରହିଛନ୍ତି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୨,୦୫୯ ସକ୍ରିୟ ରୋଗୀ ଥିବାରୁ ଏହା ଏବେ ୟେଲୋ ଜୋନ୍‌ରେ ରହିଛି। ୨୮ ଜିଲା ଗ୍ରୀନ ଜୋନ୍‌ରେ ଥିବାବେଳେ କୌଣସି ସକ୍ରିୟ ରୋଗୀ ନ ଥିବାରୁ ବୌଦ୍ଧ ଜିଲା ଏବେ କରୋନାମୁକ୍ତ ହୋଇଥିବା ଜଣାପଡ଼ିଛି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଗାନ୍ଧିଜୀ ଇନ୍ ଓଡ଼ିଶା'ର ପୁନଃ ସଂସ୍କରଣକୁ ଉନ୍ମୋଚନ କରୁଛନ୍ତି।

# 'ଗାନ୍ଧିଜୀ ଇନ୍ ଓଡ଼ିଶା' ଉନ୍ମୋଚିତ

ଭୁବନେଶ୍ୱର, ୨।୧୦(ବ୍ୟୁରୋ)

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଦେଶବ୍ୟାପୀ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଉଛି। ଏହି ଅବସରରେ ସ୍ୱାଧୀନତା ଆନ୍ଦୋଳନ ଏବଂ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଓ କୃତିତ୍ୱ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମମାନ ରାଜ୍ୟବ୍ୟାପୀ ଅନୁଷ୍ଠିତ ହେଉଛି। ସାମ୍ପ୍ରତିକ ବିଶ୍ୱରେ ଗାନ୍ଧୀ ବିଚାରଧାରାର ମହତ୍ତ୍ୱ ଓ ପ୍ରାସଙ୍ଗିକତା ସମ୍ପର୍କରେ ରାଜ୍ୟର ବର୍ତ୍ତମାନ ଓ ଆଗାମୀ ପିଢ଼ିଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ତଥା ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ କୃତି ଓ କୀର୍ତ୍ତିର ସମ୍ପ୍ରସାରଣ ନିମନ୍ତେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ 'ଗାନ୍ଧିଜୀ ଇନ୍ ଓଡ଼ିଶା'(ଓଡ଼ିଶାରେ ଗାନ୍ଧିଜୀ) ଶୀର୍ଷକ ଏକ ଅନନ୍ୟ ସଂକଳ୍ପର ପୁନଃସଂସ୍କରଣ ପ୍ରକାଶିତ ହୋଇଛି। ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହା ଉନ୍ମୋଚିତ ହୋଇଛି।

ସ୍ୱାଧୀନତା ସଂଗ୍ରାମ କାଳରେ ମହାତ୍ମା ଗାନ୍ଧୀ ବିଭିନ୍ନ ସମୟରେ ଓଡ଼ିଶାକୁ ଆଗମନ କରିଛନ୍ତି। ଓଡ଼ିଶାବାସୀଙ୍କ ପ୍ରତି ତାଙ୍କ ମନରେ ସ୍ୱତନ୍ତ୍ର ଦରଦ ଥିଲା। ଗୋପବନ୍ଧୁ ଓ ମଧୁସୂଦନ ଦାସଙ୍କ ଆମନ୍ତ୍ରଣ କ୍ରମେ ସେ ଓଡ଼ିଶାକୁ ଅନେକ ଥର ଆସି ରାଜ୍ୟ ଓ ରାଜ୍ୟବାସୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ନିଜର ସୁଚିନ୍ତିତ ମତାମତ ଦେଉଥିଲେ। ନିଜର ସାମର୍ଥ୍ୟ ଅନୁସାରେ ଏହାର ସମାଧାନ ନିମନ୍ତେ ଚେଷ୍ଟା କରୁଥିଲେ। ଓଡ଼ିଶା ଆଗମନକୁ ସେ ନିଜେ ତୀର୍ଥଯାତ୍ରା ସଦୃଶ ବର୍ଣ୍ଣନା କରିଛନ୍ତି।

ବର୍ତ୍ତମାନ ଦେଶବ୍ୟାପୀ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ହେଉଥିବା ବେଳେ ଓଡ଼ିଶାରେ ମଧ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଉକ୍ତ ପୁସ୍ତକଟିରେ ସ୍ଥାନିତ ଗାନ୍ଧିଜୀଙ୍କର ଓଡ଼ିଶା ଆଗମନ ଓ ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ବହୁମୂଲ୍ୟ ଆଲେଖ୍ୟ ପାଠକମାନଙ୍କ ଦ୍ୱାରା ନିଶ୍ଚିତ ଆଦୃତ ହେବ ବୋଲି ବିଭାଗ ପକ୍ଷରୁ ଆଶା କରାଯାଇଛି।

# ୪ ଦିନରେ ପାସ୍‌ପୋର୍ଟ ଭେରିଫିକେଶନ

କଟକ ଅଫିସ, ୨।୧୦

ପାସ୍‌ପୋର୍ଟ ଭେରିଫିକେଶନ ପାଇଁ ଏଣିକି ଆଉ ଲୋକମାନଙ୍କୁ ମାସ ମାସ ଧରି ଅପେକ୍ଷା କରିବାକୁ ପଡିବନି। ଏବେ ଆବେଦନର ୪ ଦିନ ଭିତରେ ପାସ୍‌ପୋର୍ଟ ଭେରିଫିକେଶନ ହୋଇଯାଉଛି ବୋଲି ଡିଜିପି ଅଭୟ କହିଛନ୍ତି। ସେ ଆହୁରି କହିଛନ୍ତି, ଭାରତରେ ତତ୍କାଳ ପାସ୍‌ପୋର୍ଟ ଭେରିଫିକେଶନ ହେଉଥିବା ରାଜ୍ୟ ମଧ୍ୟରେ ଓଡ଼ିଶା ସାମିଲ ହୋଇପାରିଛି। ୨୦୨୧ରେ ପାସ୍‌ପୋର୍ଟ ଭେରିଫିକେଶନ ୫-ଟି ଅଧୀନକୁ ଆଣି ଆବେଦନକାରୀଙ୍କୁ ତତ୍କାଳ ସୁବିଧା ଉପଲବ୍ଧ କରାଇବୁ ବୋଲି ନିଷ୍ପତ୍ତି ନେଲୁ। ଏଥିପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯିବା ସହ ସବୁଥାନାକୁ ଗୋଟିଏ ଲେଖାଏ ଟାବ୍‌ଲେଟ୍ ଦିଆଗଲା। ସେଥିରେ ପାସ୍‌ପୋର୍ଟ ଭେରିଫିକେଶନ ପାଇଁ ଆପ୍ ଇନ୍‌ଷ୍ଟଲ କରାଗଲା। ଚଳିତବର୍ଷ ଏହି କାର୍ଯ୍ୟ ଯୁଦ୍ଧକାଳୀନଭିତ୍ତିରେ କରାଯାଇଛି। ଅଗଷ୍ଟରେ ପାସ୍‌ପୋର୍ଟ ଭେରିଫିକେଶନ ପାଇଁ ୬ ଦିନ ଲାଗୁଥିବାବେଳେ ସେପ୍ଟେମ୍ବରରେ ୪ ଦିନ ମଧ୍ୟରେ ଏହି କାମ ହୋଇଯାଉଛି। ୨୦୧୭ରେ ପାସ୍‌ପୋର୍ଟ ଭେରିଫିକେଶନ ପାଇଁ ୯୯ ଦିନ ଲାଗୁଥିବାବେଳେ ଏବେ ଏହା କମି ୪ ଦିନରେ ପହଞ୍ଚିଛି। କମ୍ ସମୟରେ ପାସ୍‌ପୋର୍ଟ ଭେରିଫିକେଶନରେ ମୁଖ୍ୟ ଭୂମିକା ନେଉଥିବା ସମସ୍ତ ଜିଲାର ଏସ୍‌ପି, ଥାନା ଇନ୍ସପେକ୍ଟର ଏବଂ ସ୍ପେଶାଲ ବ୍ରାଞ୍ଚର ଅଧିକାରୀମାନଙ୍କ କାର୍ଯ୍ୟକୁ ଡିଜିପି ପ୍ରଶଂସା କରିଛନ୍ତି।

## ମହାନଦୀ ବ୍ରିଜ୍‌ରେ ଦୁର୍ଘଟଣା
### ଜଣେ ମୃତ, ମହିଳା ନିଖୋଜ

**ବୌଦ୍ଧ,୨।୧୦(ସ୍ୱ.ପ୍ର.):** ବୌଦ୍ଧ ମହାନଦୀ ବ୍ରିଜ୍ ଉପରେ ଶନିବାର ସନ୍ଧ୍ୟାରେ ଏକ କାର ସହ ମୋଟର ସାଇକେଲର ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ଜଣେ ମହିଳା ନିଖୋଜ ଅଛନ୍ତି। ମୃତକ ହେଲେ ଅନୁଗୋଳ ଜିଲା ମାଧପୁର ଅଞ୍ଚଳ ଛେପ୍ରା ଗ୍ରାମର ଟୁନା ଦଳବେହେରା। ଦୁର୍ଘଟଣାଗ୍ରସ୍ତ କାର ବୌଦ୍ଧ ପଟୁ କିଆକଟା ଅଭିମୁଖେ ଯାଉଥିବାବେଳେ ବାଇକ୍ କିଆକଟାରୁ ବୌଦ୍ଧ ଆଡ଼କୁ ଆସୁଥିଲା। ଦୁର୍ଘଟଣାରେ ଘଟଣାସ୍ଥଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ବାଇକ୍‌ରେ ବସିଥିବା ମହିଳା ନିଖୋଜ ଅଛନ୍ତି। ସେ ମାଧପୁର ମହାବିଦ୍ୟାଳୟର ଅଧକ୍ଷ ବୈଦ୍ୟନାଥ ସାହୁଙ୍କ ସ୍ତ୍ରୀ ବୋଲି ଜଣାପଡ଼ିଛି। ଦୁର୍ଘଟଣା ବେଳେ ବାଇକ୍‌କୁ କାରଟି ପ୍ରାୟ ୧୦୦ ମିଟର ଦୂରକୁ ଘୋଷାଡ଼ି ନେଇଥିବା ଜଣାପଡ଼ିଛି। ବୌଦ୍ଧ ପୋଲିସ ଗାଡ଼ି ଦୁଇଟି ଜବତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଚଳାଇଛି।

# 'ଯୁବବର୍ଗ ସ୍ୱେଚ୍ଛାକୃତ ରକ୍ତଦାନ କରନ୍ତୁ'



ଭୁବନେଶ୍ୱର, ୨।୧୦(ବ୍ୟୁରୋ)

ରକ୍ତର ବିକଳ୍ପ ନାହିଁ। ନିରାପଦ ଓ ଆବଶ୍ୟକ ରକ୍ତ ଠିକ୍ ସମୟରେ ଯୋଗାଇ ଦିଆଯାଇ ପାରିଲେ ସମଗ୍ର ସମାଜକୁ ଉଜ୍ଜୀବୀତ କରାଯାଇପାରିବ। ତେଣୁ ଯୁବବର୍ଗ ନିୟମିତ ସ୍ୱେଚ୍ଛାକୃତ ରକ୍ତଦାନ କଲେ ରୋଗୀଙ୍କୁ ନିରାପଦ ରକ୍ତ ଯୋଗାଇବା ସହଜ ହେବ ବୋଲି ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓସାକ୍ସ)ର ପ୍ରକଳ୍ପ ନିର୍ଦ୍ଦେଶିକା ଡା. ଉର୍ମିଳା ମିଶ୍ର କହିଛନ୍ତି।

ସୁରକ୍ଷିତ ରକ୍ତ ସମ୍ପର୍କରେ ସଚେତନତା ପାଇଁ ଅକ୍ଟୋବର ୧କୁ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଭାବେ ପାଳନ କରାଯାଉଛି। ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଥିଲା 'ରକ୍ତଦାନ କରି ସମଗ୍ର ସମାଜକୁ ଉଜ୍ଜୀବିତ ରଖନ୍ତୁ'। ରକ୍ତଦାନ ପାଇଁ ଯୁବଗୋଷ୍ଠୀଙ୍କ ମଧ୍ୟରେ ସଚେତନତା ଲକ୍ଷ୍ୟ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନ ଓସାକ୍ସ ପକ୍ଷରୁ ଶୁକ୍ରବାର ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଭାବେ ପାଳନ ଅବସରରେ ଡା. ମିଶ୍ର ଏହା କହିଛନ୍ତି। ସ୍ୱେଚ୍ଛାକୃତ ରକ୍ତଦାନ କରୁଥିବା ରକ୍ତଦାତାଙ୍କୁ ସୁରକ୍ଷିତ, ପର୍ଯ୍ୟାପ୍ତ ଏବଂ ଅବିରତ ରକ୍ତଦାନ ପାଇଁ ପ୍ରୋତ୍ସାହିତ କରାଯାଉଛି। ନିୟୁ ଇଣ୍ଡିଆ ଆଟ୍ ୭୫ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟରେ ରେଡ୍‌ରିବନ କ୍ଲବର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସପ୍ତାହବ୍ୟାପୀ ପ୍ରତିଯୋଗିତା ମାଧ୍ୟମରେ ସଚେତନ କରାଯାଉଥିବା ସେ ସୂଚନା ଦେଇଛନ୍ତି। ଏହି ଅବସରରେ ଓସାକ୍ସ ପକ୍ଷରୁ ରାଜ୍ୟ ତଥା ଜିଲା ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ସହ ଗଣମାଧ୍ୟମ ଜରିଆରେ ସଚେତନ ବାର୍ତ୍ତା ମାଧ୍ୟମରେ ଯୁବଗୋଷ୍ଠୀଙ୍କୁ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଆହ୍ୱାନ କରାଯାଇଥିଲା। ଏଥିସହ ଓସାକ୍ସ କାର୍ଯ୍ୟାଳୟଠାରେ ଚାରାରୋପଣ ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏକ ୱେବିନାର ଆୟୋଜିତ ହୋଇଥିଲା।

# ନୂଆ ରୂପରେ ଖୋଲିଲା 'ଏକାମ୍ର ହାଟ'
## ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ କିଣାକିଣି ସହ ସୁସ୍ୱାଦୁ ଖାଦ୍ୟର ମଜା

ଭୁବନେଶ୍ୱର, ୨।୧୦ (ବ୍ୟୁରୋ)




କରୋନା କଟକଣା ଓ ନବୀକରଣ ପାଇଁ ବନ୍ଦ ରହିଥିବା 'ଏକାମ୍ର ହାଟ' ବର୍ଷକ ପରେ ନୂଆ ରୂପରେ ଶନିବାରଠାରୁ ଖୋଲିଛି। ରଙ୍ଗିନ ଆଲୋକମାଳା ଓ ସାଜସଜ୍ଜାରେ ହାଟ ଝଲସୁଛି। ହାଟକୁ 'ଏକାମ୍ର କୁଟୀର' ଓ 'ଏକାମ୍ର ବଜାର' ଭାବେ ଦୁଇଟି ଜୋନ୍‌ରେ ବିଭକ୍ତ କରାଯାଇଛି। ଏକାମ୍ର କୁଟୀରରେ ୮ଟି କଳା ପ୍ରଦର୍ଶନ ଷ୍ଟଲ୍‌କୁ ମିଶାଇ ୫୦ଟି ଷ୍ଟଲ ରହିଥିବାବେଳେ ଏକ ଖୋଲା ଜାଗା ପରିବେଷ୍ଟିତ 'ଏକାମ୍ର ବଜାର'ରେ ୩୩ ଷ୍ଟଲ ରହିଛି। ସମୁଦାୟ ୮୩ ଷ୍ଟଲ ମଧ୍ୟରୁ ୫୬ଟି ହସ୍ତଶିଳ୍ପ ପାଇଁ ଓ ୨୭ଟି ହସ୍ତତନ୍ତ ପାଇଁ ଉଦ୍ଦିଷ୍ଟ ଅଛି। ପରିଦର୍ଶକମାନେ ହସ୍ତଶିଳ୍ପୀ ଓ ବୁଣାକାରଙ୍କଦ୍ୱାରା ହସ୍ତଶିଳ୍ପ ତଥା ହସ୍ତତନ୍ତର ପ୍ରତ୍ୟକ୍ଷ ପ୍ରଦର୍ଶନ ଦେଖି ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିପାରିବେ। ହାଟରେ ବୟନିକା, ଅମ୍ଳାନ, ସମ୍ବଲପୁରୀ ବସ୍ତ୍ରାଳୟ ଓ ଉତ୍କଳିକା ଆଦି ସଂସ୍ଥାର ଷ୍ଟଲ ଖୋଲାଯାଇଛି। ଏହାବ୍ୟତୀତ ହାଟରେ ୧୦ଟି ସ୍ୱତନ୍ତ୍ର ଜଳପାନ ଷ୍ଟଲ ରହିଛି। ଏଠାରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ସହିତ ଭାରତର ବିଭିନ୍ନ ପ୍ରାନ୍ତର ସୁସ୍ୱାଦୁ ଖାଦ୍ୟମାନ ଗୋଟିଏ ଛାତତଳେ ଉପଲବ୍ଧ ହୋଇପାରୁଛି। ପରିଦର୍ଶକ, ଗ୍ରାହକଙ୍କ ସୁବିଧା ଓ ମନୋରଞ୍ଜନ ପାଇଁ ହାଟ ପରିସରରେ ସମ୍ମିଳନୀ କକ୍ଷ, ମୁକ୍ତାକାଶ ମଞ୍ଚ, ଏଟିଏମ୍, ପାର୍କିଂ ସ୍ଥଳ ଓ କିଓସ୍କ ଆଦିର ବ୍ୟବସ୍ଥା ରହିଛି।

ଗତବର୍ଷ ଅକ୍ଟୋବରରେ ଓଡ଼ିଶାରେ ଥିବା ଅର୍ବାନ୍ ହାଟଗୁଡ଼ିକର ପରିଚାଳନା ଦାୟିତ୍ୱ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ନିଜ ହାତକୁ ନେଇଥିଲା। ଏହାପରେ ୟୁନିଟ୍-୩ସ୍ଥିତ ଏକାମ୍ର ହାଟକୁ କାରିଗର ଓ ବୁଣାକାରଙ୍କ ବ୍ୟବସାୟ ଉଦ୍ଦେଶ୍ୟରେ ନୂତନ ଭାବରେ ପ୍ରସ୍ତୁତ କରାଯାଇଛି। ଏକାମ୍ର ହାଟ ଏପରି ଗୋଟିଏ ସୁନ୍ଦର ପରିକଳ୍ପନା ଯେଉଁଠାରେ ଓଡ଼ିଶାର ପୁରାତନ ସଂସ୍କୃତି ଓ ପରମ୍ପରା ସହିତ ହସ୍ତଶିଳ୍ପ ଓ ହସ୍ତତନ୍ତ ତଥା ପାରମ୍ପରିକ ସୁସ୍ୱାଦୁ ଖାଦ୍ୟକୁ ଉପଲବ୍ଧ କରାଯାଇ ପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। କରୋନା କଟକଣାରେ ପ୍ରତ୍ୟେକ ଦିନ ୧୦ଟାରୁ ରାତି ୯ଟା ପର୍ଯ୍ୟନ୍ତ ହାଟ ଖୋଲା ରହିବ। ତେବେ ପାର୍ବଣକୁ ଦୃଷ୍ଟିରେ ରଖି ସରକାରଙ୍କ କୋଭିଡ୍ ନିୟମ ଅନୁଯାୟୀ ଆସନ୍ତା ୧୧ରୁ ୨୦ ତାରିଖ ପର୍ଯ୍ୟନ୍ତ ହାଟର ଖୋଲିବା ସମୟରେ ପରିବର୍ତ୍ତନ କରାଯିବ। ଏକାମ୍ର ହାଟର ପରିଚାଳନା ଦାୟିତ୍ୱ, ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ (ସିଡାକ୍) ଉପରେ ନ୍ୟସ୍ତ ହୋଇଛି।



ଧରିତ୍ରୀ
DHARITRI
ରବିବାର, ୩ ଅକ୍ଟୋବର, ୨୦୨୧

ତୁମର ମନ, ପ୍ରାଣ(ହୃଦୟ) ଓ ଦେହ- ଏମାନେ ଯଦି ତିନିପ୍ରକାର ଅଲଗା କଥା ଚାହାନ୍ତି- ତେବେ ତୁମର ବ୍ୟକ୍ତିତ୍ୱ ପରିଣତ ହୁଏ ଏକ ଯୁଦ୍ଧକ୍ଷେତ୍ରରେ। ଫଳରେ ତୁମ ଚେତନାରେ ସୃଷ୍ଟି ହୁଏ ବିଷମ ଆବେଗ। ... ଶାରୀରିକ ଅସୁସ୍ଥତା ହେଉଛି- ଏହି ପରସ୍ପର ଯୁଦ୍ଧରତ ଆବେଗଗୁଡ଼ିକରୁ ସୃଷ୍ଟି ହୋଇଥିବା ବିକ୍ଷୋଭ, ଚାଞ୍ଚଲ୍ୟ, ଭୟ ଓ ଅବସାଦର ଦ୍ୱନ୍ଦର ଫଳ। -ଶ୍ରୀମା



# ଓଲଟା ଲକ୍ଷ୍ୟ



ଆକାର ପଟେଲ

ସ୍ୱଚ୍ଛ ଭାରତ ମିଶନର ଦ୍ୱିତୀୟ ଭାଗ ଆରମ୍ଭ କରାଯାଇଛି। ଭାରତର ସହରଗୁଡ଼ିକୁ ବର୍ଜ୍ୟ ମୁକ୍ତ କରିବା ଏହାର ଲକ୍ଷ୍ୟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଏହି ଯୋଜନା ଘୋଷଣା କଲାବେଳେ ସେ କହିଥିଲେ ଯେ, ସ୍ୱଚ୍ଛତାର ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନରେ ସହରଗୁଡ଼ିକରେ ପାହାଡ଼ ଭଳି ଗଦା ହୋଇଥିବା ବର୍ଜ୍ୟକୁ ପ୍ରୋସେସିଂ କରାଯାଇ ସମ୍ପୂର୍ଣ୍ଣ ହଟାଇ ଦିଆଯିବ। ଦୀର୍ଘଦିନ ହେବ ଦିଲ୍ଲୀର ଏଭଳି ଏକ ଅଳିଆ ପାହାଡ଼କୁ ମଧ୍ୟ ଶେଷ କରାଯିବ । ପୂର୍ବର ପରିମଳ ପାଇଁ କାର୍ଯ୍ୟକାରୀ ଦୁଇଟି ଯୋଜନାରେ ବର୍ଜ୍ୟଗଦା ଉପରେ ଧ୍ୟାନ ଦିଆଯାଇ ନ ଥିଲା। ୧୯୯୯ରେ ବାଜପେୟୀ ସରକାର ସମସ୍ତଙ୍କୁ ପାଇଖାନା ଯୋଗାଇ ଦେବା ପାଇଁ ଟୋଟାଲ ସାନିଟେସନ ପ୍ରୋଗ୍ରାମ ଆରମ୍ଭ କରିଥିଲେ। ୨୦୧୨ରେ ଏହାକୁ ନିର୍ମଳ ଭାରତ ପ୍ରୋଗ୍ରାମ କୁହାଗଲା । ୨୦୧୪ରେ ସ୍ୱଚ୍ଛ ଭାରତ ଅଭିଯାନ ନୂଆ ନାମକରଣ କରାଗଲା। ଏହାକୁ ପ୍ରଧାନମନ୍ତ୍ରୀ ଘୋଷଣା କରିବା ସମୟରେ ପାଇଖାନା ବିଷୟରେ କିଛି କହି ନ ଥିଲେ, ବରଂ ଅଳିଆ ସଫା ଉପରେ ଗୁରୁତ୍ୱ ଦେଇଥିଲେ। ପରେ ୨ ଅକ୍ଟୋବର ୨୦୧୯ରେ ଦେଶର ସମସ୍ତ ଗାଁକୁ ବାହ୍ୟ ମଳମୁକ୍ତ (ଓଡିଏଫ୍)ବୋଲି ଘୋଷଣା କରାଗଲା। ଠିକ୍ ତା'ପର ମାସରେ ନ୍ୟାଶନାଲ ଷ୍ଟାଟିଷ୍ଟିକାଲ ଅଫିସ (ଏନ୍ଏସ୍ଓ) ସର୍ଭେ ପ୍ରକାଶ ପାଇଲା। ଦେଶର ୨୮.୭% ଗ୍ରାମୀଣ ପରିବାରରେ ପାଇଖାନା ନ ଥିବା ଏଥିରୁ ଜଣାପଡ଼ିଲା। ୩.୫% ପରିବାରରେ ପାଇଖାନା ଥିଲେ ବି ସେମାନେ ତାହାକୁ ବ୍ୟବହାର କରୁ ନ ଥିଲେ। ୨୦୧୮ମାର୍ଚ୍ଚରେ ଅନେକ ରାଜ୍ୟ ସେମାନଙ୍କୁ ଶତ ପ୍ରତିଶତ ବାହ୍ୟ ମଳମୁକ୍ତ ରାଜ୍ୟ ବୋଲି ଘୋଷଣା କରିଥିଲେ ବି ଏହାର ୬ ମାସ ପରେ ଏନ୍ଏସ୍ଓ ସର୍ଭେ ପ୍ରକାଶ ପାଇବା ପରେ ତାହା ସେମାନେ ହାସଲ କରି ନ ଥିବା ସ୍ପଷ୍ଟ ହୋଇଗଲା। ସର୍ଭେରୁ ଜଣାପଡ଼ିଲା ଯେ, ଗୁଜରାଟରେ ୭୫.୮%, ମହାରାଷ୍ଟ୍ରରେ ୭୮% ଏବଂ ରାଜସ୍ଥାନରେ ୬୫.୮% ଗ୍ରାମୀଣ ପରିବାରରେ ଯେ କୌଣସି ପ୍ରକାର ବ୍ୟକ୍ତିଗତ ହେଉକି ଗୋଷ୍ଠୀଗତ କିମ୍ବା ଦେୟଯୁକ୍ତ ପାଇଖାନା ଉପଲବ୍ଧ ଥିଲା। କିନ୍ତୁ ସରକାର ଏହି ତିନୋଟି ରାଜ୍ୟକୁ ଓଡିଏଫ୍ ଘୋଷଣା କରିଥିଲେ। ଗ୍ରାମୀଣ ମଧ୍ୟପ୍ରଦେଶରେ ୭୧% ଓ ତାମିଲନାଡୁରେ ୬୨.୮% ପରିବାରରେ ପାଇଖାନା ଥିବାବେଳେ ଏହି ଦୁଇ ରାଜ୍ୟକୁ ଓଡିଏଫ ମଧ୍ୟ ଘୋଷଣା କରାଗଲା। ଏହା ବ୍ୟତୀତ ୨୦୧୪ ଏବଂ ପରେ ୨୦୧୮ରେ ଇଜା ଇନ୍ଷ୍ଟିଚ୍ୟୁଟ ଅଫ୍ ଲେବର ଇକୋନୋମିକ୍ସ ଦ୍ୱାରା ସର୍ଭେ କରାଯାଇଥିଲା। ଘରେ ପାଇଖାନା ଥାଇ ମଧ୍ୟ ଲୋକମାନେ ବାହାରେ ମଳତ୍ୟାଗ କରୁଥିଲେ ବୋଲି ଉକ୍ତ ସର୍ଭେରୁ ଜଣାପଡ଼ିଥିଲା। ୨୦୧୪ ରୁ ୨୦୧୮ ମଧ୍ୟରେ ଏମାନଙ୍କ ସଂଖ୍ୟା ୨୩%ରେ ସ୍ଥିର ରହିଥିଲା। ଏହି ସମୟ ମଧ୍ୟରେ ବିହାର, ମଧ୍ୟପ୍ରଦେଶ, ରାଜସ୍ଥାନ, ଉତ୍ତରପ୍ରଦେଶରେ ଅତି କମ୍‌ରେ ୪୩% ଗ୍ରାମୀଣ ଲୋକ ବାହାରେ ମଳତ୍ୟାଗ କରୁଥିବା ଜଣାପଡ଼ିଥିଲା।

ଆଉ ଏକ ସମସ୍ୟା ହେଲା, ନିର୍ମାଣ କରାଯାଇଥିବା ପାଇଖାନାଗୁଡ଼ିକରେ ଜଳ ଯୋଗାଣ ବ୍ୟବସ୍ଥା ନ ଥିଲା, ଯେଉଁଥିପାଇଁ ସେଗୁଡ଼ିକ ବ୍ୟବହାର ଅନୁପଯୋଗୀ ଥିଲା। ସଂସାଧନ ଉପଯୋଗରେ ତାଳମେଳର ଅଭାବ ଯୋଗୁ ଏହା ଘଟିଲା। ୨୦୧୬-୧୭ରେ ସ୍ୱଚ୍ଛଭାରତ ଅଭିଯାନ ୧୪,୦୦୦ କୋଟି ଟଙ୍କା ପାଇଥିଲାବେଳେ ଗ୍ରାମୀଣ ଜଳ ଭିତ୍ତିଭୂମି ପାଇଁ ଦିଆଯାଇଥିଲା ମାତ୍ର ୬,୦୦୦ କୋଟି ଟଙ୍କା। ଜଳ ସଂସାଧନ ମନ୍ତ୍ରଣାଳୟର ଆକଳନରୁ ଜଣାପଡ଼ିଥିଲା ଯେ, ଗୋଟିଏ ପରିବାର ଲାଗି ଦିନକୁ ମୋଟରେ ୪୦ ଲିଟର ପାଣି ଆବଶ୍ୟକ ଓ ସେଥିରୁ ୧୫ରୁ ୨୦ ଲିଟର ପରିମଳ ପାଇଁ ଦରକାର। କିନ୍ତୁ ଭଲ ଜଳ ଯୋଗାଣ ବ୍ୟବସ୍ଥା ଭିତରେ ଥିବା ଏକ ଗ୍ରାମୀଣ ପରିବାର ଦିନକୁ ୮ରୁ ୧୦ ଲିଟର ପାଣି ପାଉଥିଲେ। ବହୁ ଗାଁରେ ପାଇପ୍ ଜଳଯୋଗାଣ ବ୍ୟବସ୍ଥା ନ ଥିବା ମନ୍ତ୍ରଣାଳୟର ଆକଳନରୁ ସ୍ପଷ୍ଟ ହୋଇଥିଲା। ତେବେ ଆରମ୍ଭରୁ ବର୍ଜ୍ୟ ଉପରେ ଧ୍ୟାନ ଦିଆ ନ ଯାଇ ପରିମଳ ଉପରେ ଗୁରୁତ୍ୱ ଦିଆଯିବାର ମୁଖ୍ୟ କାରଣ ହେଉଛି, ପରିମଳ ପିଲାଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। ହେଲେ ପିଲାଙ୍କ ସ୍ୱାସ୍ଥ୍ୟରେ କ'ଣ ଉନ୍ନତି ହୋଇଛି ଦେଖିବା। ୨୦୧୯-୨୦ର ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେରୁ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଥିଲା। ରାଜ୍ୟଗୁଡ଼ିକରେ ପିଲାଙ୍କ ପୋଷକ ସ୍ଥିତିକୁ ସୂଚାଉଥିବା ୪ଟି ପ୍ରମୁଖ ସୂଚକାଙ୍କ ୨୦୧୫-୧୬ ସ୍ତର ତୁଳନାରେ ୨୦୧୯-୨୦ରେ ତଳକୁ ଖସିଥିଲା। ଗୁଜରାଟ, ମହାରାଷ୍ଟ୍ର ଏବଂ ପଶ୍ଚିମବଙ୍ଗ ଆଦି ରାଜ୍ୟଗୁଡ଼ିକରେ ପିଲାମାନଙ୍କର ରକ୍ତହୀନତା ଏବଂ ୱେଷ୍ଟେଡ୍ (ଉଚ୍ଚତା ଅନୁଯାୟୀ କମ୍ ଓଜନ)୨୦୦୫- ୬ ଅପେକ୍ଷା ଯଥେଷ୍ଟ ଅଧିକ ଥିଲା। ଏହା ଥିଲା ପ୍ରଗତିର ବିପରୀତ। ୨୨ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ପାଇଁ ଉକ୍ତ ସର୍ଭେ ମଧ୍ୟ ତଥ୍ୟ ପ୍ରକାଶ କରିଥିଲା । ୧୦ଟି ରାଜ୍ୟରେ ୨୦୧୫-୧୬ ତୁଳନାରେ ୨୦୧୯-୨୦ରେ ପିଲାମାନଙ୍କଠାରେ ରକ୍ତହୀନତା ଅଧିକ ରହିଥିଲା। ଗୁଜରାଟ, ହିମାଚଳପ୍ରଦେଶ, ମହାରାଷ୍ଟ୍ର ଏବଂ ପଶ୍ଚିମବଙ୍ଗରେ ୨୦୦୫-୬ ତୁଳନାରେ ୨୦୧୯-୨୦ରେ ଅଧିକ ପ୍ରତିଶତ ପିଲା ଏଥିରେ ପୀଡ଼ିତ ହୋଇଥିଲେ। ୧୦ଟି ରାଜ୍ୟରୁ ୭ଟିରେ ଅଣ୍ଡରୱେଟ୍ (ପିଲାମାନଙ୍କର ବୟସ ଅନୁଯାୟୀ ଓଜନ କମ୍ ରହେ) ପ୍ରତିଶତ ୨୦୧୫-୧୬ ତୁଳନାରେ ୨୦୧୯-୨୦ରେ ଅଧିକ ରହିଥିଲା। ଏହାବ୍ୟତୀତ ଆନ୍ଧ୍ରପ୍ରଦେଶ, ବିହାର, ଗୁଜରାଟ, ମହାରାଷ୍ଟ୍ର, କର୍ଣ୍ଣାଟକ ସମେତ ଅଧା ରାଜ୍ୟରେ ଡାଇରିଆ ବଢ଼ିଥିବା ଅନୁଧ୍ୟାନରୁ ଜଣାପଡିଥିଲା। ବିହାରରେ ଏହା ୨୦୧୫-୧୬ରେ ୧୦.୪% ଥିଲାବେଳେ ୨୦୧୯-୨୦ରେ ପହଞ୍ଚିଥିଲା ୧୩.୭%ରେ।

୨୦୨୧ରେ ଯୋଜନାର ପୁନଃ ନାମକରଣ କରାଯାଇଛି ସ୍ୱଚ୍ଛଭାରତ ୨.୦ । ଏହା ୨୦୨୬ ଯାଏ ଚାଲିବ । ପ୍ରାରମ୍ଭିକ ସ୍ୱଚ୍ଛ ଭାରତ ଅଭିଯାନରେ ପିଲାଙ୍କ ସ୍ୱାସ୍ଥ୍ୟ ଭଳି ବାସ୍ତବ ଲକ୍ଷ୍ୟ ଉପରେ କମ୍ ଧ୍ୟାନ ଦିଆଯାଇଥିଲା । କିନ୍ତୁ ୨୦୧୯ ଅକ୍ଟୋବର ୨ରେ ଏହି ଲକ୍ଷ୍ୟ ଓଲଟା ହେବା ଜଣାପଡ଼ିଲା । ପ୍ରଗତି ବିପରୀତ ହେବା ଲକ୍ଷ୍ୟ କରାଗଲା। ଏବେ ଆମେ ପୁଣି ପରିମଳ ଓ ସ୍ୱାସ୍ଥ୍ୟ ବଦଳରେ ଅଳିଆ ଗଦା ଏବଂ ବର୍ଜ୍ୟକୁ ଗୁରୁତ୍ୱ ଦେଇ ଅଭିଯାନର ଦ୍ୱିତୀୟ ଭାଗରେ ପାଦ ଦେଇଛୁ।

Email:aakar.patel@gmail.com

# ଜାତି ଜନଗଣନାକୁ ବିରୋଧ କାହିଁକି



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଜୁଲାଇ ୨୦, ୨୦୨୧ରେ ସଂସଦରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ, 'ଆଗାମୀ ଜନଗଣନାରେ ଅନୁସୂଚିତ ଜାତି ଓ ଜନଜାତିଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଜାତିର ଗଣନା କରାଯିବ ନାହିଁ ବୋଲି କହିବା ପରେ ଦେଶରେ ଆସନ୍ତା ଜନଗଣନାରେ ଜାତିକୁ ସାମିଲ କରିବାକୁ ଦାବିଟି ଜୋର ଧରିଛି। ଇତିମଧ୍ୟରେ ଓଡ଼ିଶା, ବିହାର ଓ ମହାରାଷ୍ଟ୍ର ବିଧାନସଭାରେ ଏଥିପାଇଁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିବା ବେଳେ ଛତିଶଗଡ ସରକାର ନିଜ ରାଜ୍ୟରେ ଜାତିଗତ ଜନଗଣନା କରିବାକୁ ଘୋଷଣା କରିଛନ୍ତି। ନିକଟରେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନେତୃତ୍ୱରେ ସେଠାକାର ଏକ ସର୍ବଦଳୀୟ ପ୍ରତିନିଧିମଣ୍ଡଳ ମଧ୍ୟ ଏନେଇ ପ୍ରଧାନମନ୍ତ୍ରୀଙ୍କୁ ଭେଟିଛନ୍ତି। କେବଳ ବିରୋଧୀ ଦଳ ନୁହନ୍ତି, ଖୋଦ୍ ଏନ୍‌ଡିଏଭୁକ୍ତ ଏପରି କି ଭାଜପାର ଅନେକ ପଛୁଆ ବର୍ଗର ନେତା ମଧ୍ୟ ଜାତିଗତ ଜନଗଣନା କରିବା ସପକ୍ଷରେ ନିଜର ମତବ୍ୟକ୍ତ କରିଛନ୍ତି।

ଭାରତ ପରି ଏକ ଜନକଲ୍ୟାଣକାରୀ ରାଷ୍ଟ୍ରରେ ବିଭିନ୍ନ ବିକାଶମୂଳକ ନୀତି ଓ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ହେଲେ ନାଗରିକଙ୍କ ସାମାଜିକ, ଶିକ୍ଷାଗତ ଓ ଆର୍ଥିକ ସ୍ଥିତି ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବା ସରକାରଙ୍କ ପାଇଁ ଅତ୍ୟନ୍ତ ଜରୁରୀ। ସେହି ଦୃଷ୍ଟିରୁ ପ୍ରତି ଦଶବର୍ଷରେ ଆୟୋଜିତ ହେଉଥିବା ଜନଗଣନା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଆମ ଦେଶରେ ସର୍ବପ୍ରଥମ ଜନଗଣନା ୧୮୭୨ରେ ବ୍ରିଟିଶମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲେ ମଧ୍ୟ ୧୮୮୧ରୁ ହିଁ ଏହା ପୂର୍ଣ୍ଣାଙ୍ଗ ଭାବେ ଆରମ୍ଭ ହୋଇ ପ୍ରତି ଦଶବର୍ଷ ବ୍ୟବଧାନରେ ସଂଗଠିତ ହୋଇଆସିଛି। ୧୮୮୧ରୁ ୧୯୩୧ ପର୍ଯ୍ୟନ୍ତ ଆୟୋଜିତ ଦେଶର ପ୍ରତିଟି ଜନଗଣନାରେ ଜାତି, ଧର୍ମ ସମେତ ସତରଟି ପ୍ରଶ୍ନ ପଚରା ଯାଉଥିଲା। ତେବେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଯୋଗୁ ୧୯୪୧ରେ ଜନଗଣନା ହୋଇପାରି ନ ଥିବାରୁ ୧୯୩୧ର ଜନଗଣନା ହିଁ ବ୍ରିଟିଶ ଶାସନକାଳର ଶେଷ ଜନଗଣନା ଥିଲା। କାରଣ ସ୍ୱାଧୀନତା ପରେ ୧୯୫୧ରୁ ଅନୁଷ୍ଠିତ ସମସ୍ତ ଜନଗଣନାରୁ କିନ୍ତୁ ଜାତିକୁ ବାଦ୍ ଦିଆଯାଇଥିଲା। ଜନଗଣନାରେ ଜାତିର ଗଣନା କଲେ ଜାତିବାଦ ବଢ଼ିବ ବୋଲି କୁହାଗଲା।

୧୯୩୧ ପରଠାରୁ ଏଯାଏ ଦେଶରେ ଜାତିଗତ ଜନଗଣନା ହୋଇ ନ ଥିବାରୁ ଦେଶରେ କେଉଁ ଜାତିର ଲୋକ କେତେ ସଂଖ୍ୟାରେ ଅଛନ୍ତି, ସେ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ଉପଲବ୍ଧ ନାହିଁ। ଏପରି କି ପଛୁଆ ଜାତିର ଲୋକଙ୍କ ସାମାଜିକ ଓ ଶିକ୍ଷାଗତ ପଶ୍ଚାତ୍‌ପଦତାକୁ ଦୂର କରିବାକୁ ଗଠିତ ମଣ୍ଡଳ କମିଶନଙ୍କ ୧୯୮୦ର ରିପୋର୍ଟ ବି ୧୯୩୧ର ଜନଗଣନା ତଥ୍ୟର ଆଧାରରେ ହିଁ ହୋଇଥିଲା। ଆଦିବାସୀ ଓ ଦଳିତଙ୍କୁ ଛାଡ଼ିଲେ ଅନ୍ୟ ଜାତିର ବିଶେଷ କରି ପଛୁଆ ବର୍ଗର କେତେ ଲୋକ ରହିଛନ୍ତି, ତା'ର ତଥ୍ୟ ଗତ ୯୦ ବର୍ଷ ମଧ୍ୟରେ ସରକାର ସଂଗ୍ରହ କରିନାହାନ୍ତି।

୨୦୧୧ରେ ଉପା ସରକାର ସମୟରେ ପ୍ରଥମ ଥର ପାଇଁ ଜାତିର ଆଧାରରେ ଏକ ସ୍ୱତନ୍ତ୍ର ଜନଗଣନା ହୋଇଥିଲା। ଏହାକୁ ନିୟମିତ ଜନଗଣନା ସହ କରାଯାଇ ନ ଥିଲା। ସାମାଜିକ ଅର୍ଥନୈତିକ ଜାତି ଜନଗଣନା (ଏସ୍ଇସିସି) ନାମରେ ହୋଇଥିବା ଏହି ଜାତିଗତ ଜନଗଣନାକୁ ସରକାର ପଛୁଆ ଜାତିଙ୍କ ଚାପରେ କରିବାକୁ ବାଧ୍ୟ ହୋଇଥିଲେ। କିନ୍ତୁ ଉଭୟ ଉପା ସରକାର ଓ ପରେ ଭାଜପା ସରକାର କେହି ବି ଏହି ଜନଗଣନାର ପରିସଂଖ୍ୟାନକୁ ସାର୍ବଜନୀନ କରିବାକୁ ଚାହିଁ ନ ଥିଲେ। ୨୦୧୬ରେ ମୋଦି ସରକାର ଉକ୍ତ ଜନଗଣନାକୁ ଯଦିଓ ସାର୍ବଜନୀନ କରିଥିଲେ କିନ୍ତୁ ସେଥିରୁ ଅତ୍ୟନ୍ତ ସୁନିୟୋଜିତ ଭାବେ ଜାତି ସଂକ୍ରାନ୍ତୀୟ ତଥ୍ୟକୁ ଉଜାଗର କରି ନ ଥିଲେ।

ଜାତିଗତ ଜନଗଣନା ବିରୋଧରେ ଏକ ବଡ଼ ପ୍ରଚାର ହେଲା, ଏହା ସମାଜରେ ଜାତିଗତ ବିଭେଦ ବା ଘୃଣାକୁ ବଢ଼େଇବ। ପ୍ରଥମ କଥା ହେଲା, ଦେଶରେ ବର୍ତ୍ତମାନ ଚାଲିଥିବା ଜନଗଣନା ମଧ୍ୟ ଜାତିରୁ ଆଦୌ ମୁକ୍ତ ନୁହେଁ। ସମ୍ବିଧାନରେ ତଫସିଲଭୁକ୍ତ ଜାତି ଓ ଜନଜାତି ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଥିବାରୁ ଉପରୋକ୍ତ ଦୁଇ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ଜାତିମାନଙ୍କ ଗଣନା ଅର୍ଥାତ୍ କେଉଁ ଜାତିର କେତେ ଲୋକ ରହିଛନ୍ତି, ତା'ର ଗଣନା କରି ସେହି ତଥ୍ୟକୁ ନିୟମିତ ପ୍ରକାଶ କରାଯାଉଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ଜାତିବାଦକୁ ବଢ଼ାଇବା ବୋଲି କହି ସେମାନଙ୍କ ବ୍ୟତୀତ ଅନ୍ୟ ଜାତି ଅର୍ଥାତ୍ ଓବିସି ଏବଂ ଉଚ୍ଚଜାତିର ଲୋକମାନଙ୍କର ଗଣନା ହେଉନାହିଁ। ତେବେ ବର୍ତ୍ତମାନର ଜନଗଣନାରେ ଧର୍ମ, ଭାଷା ଓ ଲିଙ୍ଗ ପରି ରହିଥିବା ସମସ୍ତ ବିଭେଦକୁ ଗଣନା କରାଯାଉଛି। ଯଦି ଧର୍ମ ଓ ଭାଷାର ଗଣନା ସମାଜରେ ବିଭେଦତା ଓ ସାମ୍ପ୍ରଦାୟିକତାକୁ ବଢ଼ାଉନାହିଁ ତା'ହେଲେ ଜାତିର ଗଣନା ସମାଜରେ ଜାତିବିଭେଦକୁ ବଢ଼ାଇବ କେମିତି ?

ଜାତିଗତ ଜନଗଣନା ନେଇ ଭାଜପାର ଆଭିମୁଖ୍ୟଟି ଦୋହରା ମନେହୁଏ। ଆଜି କ୍ଷମତାକୁ ଆସିବା ପରେ ସେମାନେ ହୁଏତ ଜାତିଗତ ଜନଗଣନାକୁ ବିରୋଧ କରୁଛନ୍ତି, କିନ୍ତୁ ପୂର୍ବରୁ ବିରୋଧୀ ଦଳରେ ଥିବା ବେଳେ ସେମାନେ ଏଥିପାଇଁ ବାରମ୍ବାର ଦାବି କରିଛନ୍ତି। ତତ୍କାଳୀନ ଭାଜପା ନେତା ଗୋପୀନାଥ ମୁଣ୍ଡେ ସଂସଦରେ ନିଜର ବକ୍ତବ୍ୟ ରଖି ୨୦୧୧ର ଜନଗଣନାରେ ଜାତିକୁ ସାମିଲ କରିବା ପାଇଁ ଦାବି କରିଥିଲେ। ଏପରି କି ଗତ ନିର୍ବାଚନ ପୂର୍ବରୁ ତତ୍କାଳୀନ ଗୃହମନ୍ତ୍ରୀ ରାଜନାଥ ସିଂହ ଏକ ପ୍ରେସ୍ ବିବୃତି ଜରିଆରେ ୨୦୨୧ ଜନଗଣନାରେ ଓବିସିମାନଙ୍କ ଉପରେ ତଥ୍ୟ ସଂଗ୍ରହ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପଛୁଆ ବର୍ଗର ମତଦାତାଙ୍କୁ ଆକର୍ଷିତ କରିବା ପାଇଁ ନିକଟରେ ଗଠିତ ନୂତନ ମନ୍ତ୍ରିମଣ୍ଡଳରେ ସାମିଲ ୨୭ ଜଣ ପଛୁଆ ବର୍ଗର ମନ୍ତ୍ରୀଙ୍କୁ ନେଇ ଜୋରସୋରରେ ପ୍ରଚାର ହେଉ ଅଥବା ନିଟ୍ ପରୀକ୍ଷାରେ ସର୍ବଭାରତୀୟ କୋଟାରେ ଓବିସି ସଂରକ୍ଷଣ ଦେବା ନେଇ ଜୋରସୋରରେ ପ୍ରଚାର ହେଉ, ଏସବୁ ସମାଜରେ ଜାତି ବିଭାଜନ ବଢ଼ାଉନି କି?

ଭାରତୀୟ ସମାଜରେ ବୈଷମ୍ୟର ଅନ୍ୟତମ ଉପାଦାନ ହେଉଛି ଜାତିବ୍ୟବସ୍ଥା। ଜାତି ଆଧାରରେ ଭେଦଭାବ ଆମ ସମାଜର ଏକ ନଗ୍ନ ବାସ୍ତବତା। ହଜାର ହଜାର ବର୍ଷର ଜାତିବ୍ୟବସ୍ଥା ଯୋଗୁ ଆଜି ବି ସମାଜର ଏକ ବଡ଼ ଭାଗ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ରହିଛନ୍ତି। ଶିକ୍ଷା ଓ ଚାକିରିରେ ସେମାନଙ୍କ ପ୍ରତିନିଧିତ୍ୱ ବହୁତ କମ୍ ରହିଛି। ନିକଟରେ ପ୍ରକାଶିତ ଏକ ରିପୋର୍ଟ 'Wealth Ownership and Inequality in India''ରୁ ଜଣାପଡ଼ିଛି ଯେ, ଦେଶର ମୋଟ ଜାତୀୟ ସମ୍ପଦର ସର୍ବାଧିକ ଭାଗ ଅର୍ଥାତ୍ ୪୧% ଉଚ୍ଚଜାତିର ହିନ୍ଦୁମାନଙ୍କ ହାତରେ, ୩୧% ଓବିସିଙ୍କ ହାତରେ, ୭.୬% ତଫସିଲଭୁକ୍ତ ଜାତିଙ୍କ ପାଖରେ ଏବଂ ୩.୭% ଆଦିବାସୀମାନଙ୍କ ପାଖରେ ରହିଛି। ପଛୁଆ ଜାତିଙ୍କ କଲ୍ୟାଣ ପାଇଁ ଗଠିତ ସଂସଦୀୟ କମିଟି ମଧ୍ୟ ୨୦୧୯ରେ ପ୍ରକାଶିତ ନିଜର ରିପୋର୍ଟରେ କହିଛି ଯେ, ଯଦିଓ ଓବିସିଙ୍କ ପାଇଁ ସରକାର ୨୭% ସଂରକ୍ଷଣ ଘୋଷଣା କରିଛନ୍ତି କିନ୍ତୁ ବାସ୍ତବ ଅର୍ଥରେ ତାହା କାର୍ଯ୍ୟକାରୀ ହୋଇନି। ୨୦୧୬ ମାର୍ଚ୍ଚ ପହିଲା ସୁଦ୍ଧା କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ ମୋଟ ୩୨.୫୮ ଲକ୍ଷ ସରକାରୀ କର୍ମଚାରୀଙ୍କ ମଧ୍ୟରୁ ମାତ୍ର ୭ ଲକ୍ଷ ଅର୍ଥାତ୍ ୨୨.୬୫% ହିଁ ପଛୁଆ ଜାତିର ରହିଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ସିଂହଭାଗଟି ବି ହେଉଛନ୍ତି ଗ୍ରୁପ ସି ଓ ଗ୍ରୁପ ଡି ଶ୍ରେଣୀର କର୍ମଚାରୀ।

ଦେଶରେ ଜାତି ଜନଗଣନା ପାଇଁ କେନ୍ଦ୍ରର ଭାଜପା ସରକାର ଅସହମତ ହେବା ପଛରେ ମୂଳତଃ ଦୁଇଟି କାରଣ ରହିଛି। ପ୍ରଥମଟି ହେଲା, ଯଦିଓ ଭୋଟ ପାଇଁ ଭାଜପା ଅତ୍ୟନ୍ତ ସୁନିୟୋଜିତ ଭାବେ ସମାଜରେ ଥିବା ଜାତିଗତ ବିଭାଜନକୁ ବ୍ୟବହାର କରୁଛି, କିନ୍ତୁ ତାହା ସେମାନଙ୍କ ହିନ୍ଦୁତ୍ୱ ରାଜନୀତିର ପରିପନ୍ଥୀ। କାରଣ ହିନ୍ଦୁ-ମୁସଲମାନ ଧ୍ରୁବୀକରଣ ବା ବାଇନେରିରେ ବିଶ୍ୱାସ କରୁଥିବା ସେମାନଙ୍କ ରାଜନୀତି ପାଇଁ ଜାତି ସବୁବେଳେ ପ୍ରତିବନ୍ଧକ ହୋଇ ପ୍ରସ୍ତାବିତ ହିନ୍ଦୁ ଏକତା ବା ଧ୍ରୁବୀକରଣକୁ ଦୁର୍ବଳ କରୁଛି। ଅତଏବ ଯେତେବେଳେ ଜାତି ପ୍ରସଙ୍ଗ ପ୍ରମୁଖ ଭାବେ ସାମ୍ନାକୁ ଆସିବ ସେତେବେଳେ ସେମାନଙ୍କ ହିନ୍ଦୁ ଭୋଟବ୍ୟାଙ୍କ୍ ବିଭାଜିତ ହେବ। ସେହି କାରଣରୁ ଜାତି ଜନଗଣନାକୁ ଭାଜପା ବିରୋଧ କରିଆସିଛି।

ଦ୍ୱିତୀୟ କାରଣଟି ହେଲା, ଜାତିଗତ ଜନଗଣନାର ତାର୍କିକ ପରିଣତି। କାରଣ ଜାତି ଜନଗଣନା ଫଳରେ ଥରେ ଓବିସି ଜନସଂଖ୍ୟାର ପ୍ରକୃତ ସ୍ଥିତିଟି ସାମ୍ନାକୁ ଆସିଲେ ସେମାନଙ୍କୁ ଅଧିକ ସଂରକ୍ଷଣ ଦେବାକୁ ଭବିଷ୍ୟତରେ ଦାବି ହେବାର ସମ୍ଭାବନା ରହିଛି। ଆଜି ସମାଜରେ ଉଚ୍ଚ ଜାତିର ଲୋକେ ଶିକ୍ଷା, ଚାକିରି ଓ ସମ୍ପତ୍ତିରେ ଯେତିକି ସୁଯୋଗ ପାଉଛନ୍ତି, ତାହା ସେମାନଙ୍କ ଜନସଂଖ୍ୟା ତୁଳନାରେ ବହୁତ ଅଧିକ। ଓବିସି ଲୋକମାନେ ନିଜ ଜନସଂଖ୍ୟା ତୁଳନାରେ ବହୁତ କମ୍ ସୁଯୋଗ ପାଉଛନ୍ତି ବୋଲି ଥରେ ଜଣାପଡ଼ିଲେ ତାହା ସରକାରଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ। ସରକାର ସେମାନଙ୍କ ଦାବି ଉପରେ କୌଣସି ପଦକ୍ଷେପ ନେଲେ ତାହା ଉଚ୍ଚଜାତିରେ ଥିବା ସେମାନଙ୍କ ପାରମ୍ପରିକ ସମର୍ଥନ ଭିତ୍ତିକୁ ଦୋହଲାଇ ଦେବାର ସମ୍ଭାବନା ରହିଛି। ଉପରୋକ୍ତ କାରଣରୁ ହିଁ ଦେଶର ଦୁଇ ପ୍ରମୁଖ ଜାତୀୟ ଦଳ ଭାଜପା ଓ କଂଗ୍ରେସ ଜନଗଣନାରେ ଜାତିର ଗଣନାକୁ ସାମିଲ କରିବା ସପକ୍ଷରେ ନାହାନ୍ତି। ଉଚ୍ଚଜାତିରେ ପ୍ରଭାବ ରହିଥିବା ଉପରୋକ୍ତ ଦୁଇ ଦଳ ସମାଜରେ ଜାତିବିଦ୍ୱେଷର ପ୍ରକୃତ ଚିତ୍ରକୁ ଉଜାଗର କରିବାକୁ କିମ୍ବା ତାକୁ ସମାପ୍ତ କରିବାକୁ ଚାହୁଁନାହାନ୍ତି।

ଭାରତ ପରି ଏକ ଜାତି ବିଭାଜିତ ଦେଶରେ ସାମାଜିକ, ଶିକ୍ଷାଗତ ଓ ଆର୍ଥିକ ଅସମାନତାକୁ ଦୂର କରିବାକୁ ହେଲେ ଦୃଢ଼ ନୀତିର ଆବଶ୍ୟକତା ରହିଛି। ଜାତି ବ୍ୟବସ୍ଥା ଯୋଗୁ ସମାଜରେ ଯେଉଁ ଲୋକମାନେ ସାମାଜିକ ଓ ଶିକ୍ଷାଗତ ଭାବେ ବଞ୍ଚିତ ରହିଛନ୍ତି, ସେମାନଙ୍କ ଉତ୍ଥାନ ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି। ତେବେ ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ହେଲେ, ଉପରୋକ୍ତ ବଞ୍ଚିତ ଓ ପଶ୍ଚାଦ୍‌ପଦ ଲୋକଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ଦରକାର। ଏହି ଦୃଷ୍ଟିରୁ ହିଁ ଦେଶରେ ଜାତିଗତ ଜନଗଣନାର ଆବଶ୍ୟକତା ରହିଛି। ଏହାଦ୍ୱାରା ସମାଜରେ କେତେ ଭାଗ ଜନତା ପଛୁଆ ରହିଛନ୍ତି, ତା'ର ଏକ ସ୍ପଷ୍ଟ ଚିତ୍ର ମିଳିପାରିବ ଏବଂ ତାକୁ ଦୂର କରିବାକୁ ଠୋସ୍ ପଦକ୍ଷେପ ନେବାରେ ସରକାରଙ୍କୁ ସହାୟକ ହେବ। ଜାତି ଜନଗଣନା କେବଳ ପଛୁଆ ବର୍ଗର ଲୋକଙ୍କ ପାଇଁ ଠୋସ୍ ନୀତି ଗ୍ରହଣ କରିବାରେ ହିଁ ସରକାରଙ୍କୁ ସହାୟକ ହେବନି ବରଂ ଏନେଇ ରହିଥିବା ପଛଘୁଞ୍ଚାକୁ ଅତିକ୍ରମ କରିବାରେ ସହାୟକ ହେବ। ତେବେ କେବଳ ପଛୁଆ ଜାତିମାନଙ୍କର ନୁହେଁ, ସମାଜର ଉଚ୍ଚଜାତି ସମେତ ସବୁ ଜାତିର ଗଣନା ହେବା ଜରୁରୀ।

ମୋ: ୯୪୩୭୧୬୬୩୯୧

# ବାୟୁସେନାର ମଙ୍ଗୁଆଳ

ଭବିଷ୍ୟତର ନିରାପତ୍ତା ଆହ୍ୱାନକୁ ଦୃଷ୍ଟିରେ ରଖି ଭାରତ ତା'ର ସାମରିକ ଶକ୍ତି ସୁଦୃଢ଼ ଲକ୍ଷ୍ୟରେ ସ୍ଥଳ, ବାୟୁ ଓ ନୌବାହିନୀ ମଧ୍ୟରେ ସମ୍ମିଶ୍ରଣ କରିବା ଦିଗରେ କାର୍ଯ୍ୟ ଆରମ୍ଭ କରିଦେଇଛି। ୨୦୨୩ ଜାନୁୟାରୀ ସୁଦ୍ଧା ଏହା ପୂର୍ଣ୍ଣାଙ୍ଗ ହେବ ବୋଲି କୁହାଯାଉଛି। ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ବିପିନ୍ ରାୱତ ଏ ଦିଗରେ ଜୋର ଦେଇ ଆସୁଥିବା ବେଳେ ଚଳିତ ବର୍ଷ ଜୁଲାଇରେ ଏୟାର ଚିଫ୍ ମାର୍ଶାଲ ଥିବା ଆରକେଏସ୍ ଭାଦୁରିଆ ସାମରିକ କ୍ଷେତ୍ରରେ ଏଭଳି ଅଗ୍ରଗତିକୁ ନେଇ ପ୍ରଶ୍ନ ଉଠାଇଥିଲେ। ପ୍ରତ୍ୟେକ ବଳକୁ ବ୍ୟବସ୍ଥିତ କରାଯିବା ପରେ ସମନ୍ୱୟ ଅଣାଯିବା ଦିଗରେ ପ୍ରସ୍ତୁତି ଦରକାର ବୋଲି ମତ ରଖିଥିଲେ। ଦୁଇ ଜଣ ବରିଷ୍ଠ ସେନା ଅଧିକାରୀଙ୍କ ମଧ୍ୟରେ ଏହାକୁ ନେଇ ମନୋମାଳିନ୍ୟ ଲାଗି ରହିଥିବା ବେଳେ ନିକଟରେ ଭାଦୁରିଆ ଅବସର ନେଇଛନ୍ତି। ୩୦ ସେପ୍ଟେମ୍ବରରେ ତାଙ୍କ ସ୍ଥାନରେ ନୂଆ ଏୟାର ଚିଫ୍ ମାର୍ଶାଲ ଭାବେ ବିବେକ ରାମ ଚୌଧାରୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ନୂଆ ଅଧିକାରୀ ସିଡିଏସ୍‌ଙ୍କ ସହ ସମନ୍ୱୟ ରକ୍ଷା କରି ବାୟୁସେନାକୁ କେଉଁ ଦିଗରେ ଉଡ଼ାଇ ଦେଶ ପାଇଁ ସଫଳତା ଆଣିବେ ତାହା ତାଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି।

ବ୍ୟକ୍ତିତ୍ୱ



ବିବେକ ରାମ ଚୌଧାରୀ

ବିବେକ ୪ ସେପ୍ଟେମ୍ବର ୧୯୬୨ରେ ମହାରାଷ୍ଟ୍ରର ନାନ୍ଦେଡ୍ ଜିଲା ହାଡଗାଓଁ ତାଲୁକ ଅନ୍ତର୍ଗତ ଏକ ଛୋଟିଆ ଗାଁ ହସ୍ତାରାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ଜେଜେବାପା ହାଡଗାଓଁ ତାଲୁକର କୋଲିସ୍ଥିତ ଏକ ଜିଲା ପରିଷଦ ସ୍କୁଲରେ ଶିକ୍ଷକ ଥିଲେ। ହେଲେ ପିତା ହାଇଦ୍ରାବାଦରେ ଏକ କମ୍ପାନୀ ଚଳାଉଥିଲେ। ମାତା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଥିଲେ। ନାନ୍ଦେଡ୍‌ରେ ବିବେକଙ୍କ ପ୍ରାଥମିକ ଶିକ୍ଷା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ପୁଣେର ଏକ ସାମରିକ ସ୍କୁଲରେ ପଢ଼ିଥିଲେ। ତାମିଲନାଡୁର ୱେଲିଂଟନ୍‌ସ୍ଥିତ ଡିଫେନ୍ସ ସର୍ଭିସେସ୍ ଷ୍ଟାଫ୍ କଲେଜ (ଡିଏସ୍ଏସ୍ସି)ରେ ପଢ଼ା ଶେଷ କରିବା ପରେ ସେ ୨୯ ଡିସେମ୍ବର ୧୯୮୨ରେ ଏୟାରଫୋର୍ସର ଫାଇଟର ପାଇଲଟ ଭାବେ ଯୋଗ ଦେଇଥିଲେ। ଜଣେ ଯୋଗ୍ୟ ଫ୍ଲାଇଟ୍ ଇନ୍‌ଷ୍ଟ୍ରକ୍ଟର, ଇନ୍‌ଷ୍ଟ୍ରୁମେଣ୍ଟ ରେଟିଂ ଇନ୍‌ଷ୍ଟ୍ରକ୍ଟର ତଥା ଏକ୍‌ଜାମିନର ଭାବେ ତାଙ୍କର ଦକ୍ଷତା ରହିଆସିଛି। ମିଗ୍-୨୧, ମିଗ୍-୨୩ଏମ୍ଏଫ୍, ମିଗ୍-୨୯ ଏବଂ ସୁଖୋଇ-୩୦ଏମ୍‌କେଆଇ ଆଦି ଲଢୁଆ ବିମାନ ଉଡ଼ାଇ ସେ ୩,୮୦୦ ଘଣ୍ଟାର ଉଡ଼ାଣ ଅଭିଜ୍ଞତା ଅର୍ଜନ କରିଛନ୍ତି। ତାଙ୍କର କ୍ୟାରିୟର ଦେଖିଲେ ମିଗ୍-୨୯ ସ୍କ୍ୱାଡର୍ନ କମାଣ୍ଡ ଦେବା ସହ ସେ ପୁଣେସ୍ଥିତ ଏୟାରଫୋର୍ସ ଷ୍ଟେଶନ ଦାୟିତ୍ୱରେ ଥିଲେ। ୱେଲିଂଟନ୍‌ସ୍ଥିତ ଡିଏସ୍ଏସ୍ସି ଏବଂ ଜାମ୍ବିଆର ଲୁସାକାସ୍ଥିତ ଡିଫେନ୍ସ ସର୍ଭିସେସ୍ କମାଣ୍ଡ ଆଣ୍ଡ୍ ଷ୍ଟାଫ୍ କଲେଜ (ଡିଏସ୍ସିଏସ୍ସି)ରେ ଇନ୍‌ଷ୍ଟ୍ରକ୍ଟର ଭାବେ ସେବା ଯୋଗାଇ ଥିଲେ। ସେ ଶ୍ରୀନଗର ଏୟାର ଫୋର୍ସ ଷ୍ଟେଶନରେ ଚିଫ୍ ଅପରେଶନ୍ସ ଅଫିସର, ଡୁଣ୍ଡିଗାଲ ଏୟାରଫୋର୍ସ ଏକାଡେମୀରେ ଡେପୁଟି କମାଣ୍ଡାଣ୍ଟ ଏବଂ ଏୟାର ଷ୍ଟାଫ୍ ଅପରେସନ୍ସର ଆସିଷ୍ଟାଣ୍ଟ ଚିଫ୍ ଭବେ ମଧ୍ୟ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ସେ ଏୟାର ଷ୍ଟାଫ୍ (ପର୍ସୋନେଲ ଅଫିସର୍ସ) ଆସିଷ୍ଟାଣ୍ଟ ଚିଫ୍ ଏବଂ ନୂଆଦିଲ୍ଲୀସ୍ଥିତ ବାୟୁସେନା ଭବନ ମୁଖ୍ୟାଳୟରେ ଡେପୁଟି ଚିଫ୍ ଅଫ୍ ଏୟାର ଷ୍ଟାଫ୍ ହୋଇଥିଲେ। କାର୍ଯ୍ୟ ପ୍ରତି ଏକନିଷ୍ଠତା ଯୋଗୁ ତାଙ୍କୁ ୨୦୧୯ ଅକ୍ଟୋବରରୁ ଜୁଲାଇ ୨୦୨୦ ଯାଏ ଇଷ୍ଟର୍ନ ଏୟାର କମାଣ୍ଡର ସିନିୟର ଏୟାର ଷ୍ଟାଫ୍ ଅଫିସର ଦାୟିତ୍ୱ ମିଳିଥିଲା। ଭାରତୀୟ ବାୟୁସେନାର ୱେଷ୍ଟର୍ନ କମାଣ୍ଡର ଏୟାର ଅଫିସର କମାଣ୍ଡିଂ ଇନ୍-ଚିଫ୍ ହେବା ପରେ ବିବେକ ବାୟୁସେନା ମୁଖ୍ୟାଳୟର ଡେପୁଟି ଚିଫ୍ ଅଫ୍ ଏୟାର ଷ୍ଟାଫ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ବାୟୁସେନାର ଅପରେଶନ 'ମେଘଦୂତ' ଓ 'ସାଫେଦ ସାଗର' ବେଳେ ଯୁଦ୍ଧ ବିମାନ ଉଡ଼ାଇ ସେ ଜଣେ ଲଢୁଆ ପାଇଲଟର ପ୍ରମାଣ ଦେଇଛନ୍ତି।

ବୃତ୍ତିଗତ ଜୀବନର ବିଭିନ୍ନ ସ୍ତର ଦେଇ କାର୍ଯ୍ୟ କରିବା ବେଳେ ସେ ଅର୍ଜନ କରିଥିବା ଅଭିଜ୍ଞତା ବଳରେ ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତା ବଜାୟ ରଖିବେ ବୋଲି ଦାୟିତ୍ୱ ଗ୍ରହଣ ବେଳେ କହିଛନ୍ତି। ତାଙ୍କ ବ୍ୟକ୍ତିଗତ ଜୀବନ କହିଲେ ସହଧର୍ମିଣୀ ନୀତା ଚୌଧାରୀ ଓ ଦୁଇ ପୁଅଙ୍କୁ ନେଇ ତାଙ୍କ ସଂସାର। ସଂଯୋଗବଶତଃ ତାଙ୍କର ଦୁଇ ପୁତ୍ରଙ୍କ ମଧ୍ୟରୁ ଜଣେ ଭାରତୀୟ ବାୟୁସେନାରେ କାର୍ଯ୍ୟରତ। ଏବେ ସେ ରାଫାଲ ଫାଇଟର ଜେଟ୍‌ର ପାଇଲଟ ଅଛନ୍ତି।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କୋଭିଡ୍-୧୯ ଦ୍ୱିତୀୟ ଲହର ଭୟାବହତାରେ ବ୍ୟକ୍ତିଗତ ସହାୟତାର ଆବଶ୍ୟକତା ଅନୁଭବ କରିଥିଲେ କୋନୁରର ରାଧିକା ଶାସ୍ତ୍ରୀ। କୋନୁରରେ ରାଧିକାଙ୍କର ଏକ ରେସ୍ତୋରାଁ ଅଛି। ତାମିଲନାଡୁ ପଶ୍ଚିମଘାଟ ପର୍ବତମାଳାର ନୀଳଗିରି ଅଞ୍ଚଳରେ ଦ୍ୱିତୀୟ ଲହର ଭୟଙ୍କର ସ୍ଥିତି ସୃଷ୍ଟି କରିବାବେଳେ ସ୍ୱାସ୍ଥ୍ୟସେବାରେ ଅବ୍ୟବସ୍ଥାକୁ ଲକ୍ଷ୍ୟ କରି ରାଧିକା ଏକ ଅଟୋ ଆମ୍ବୁଲାନ୍ସ ଡିଜାଇନ କରିଥିଲେ। ଏଥିରେ ଏକ ଷ୍ଟ୍ରେଚର ଓ ଦୁଇ ଜଣ ଆଟେଣ୍ଡାଣ୍ଟ ବସିବାକୁ ଦୁଇଟି ସିଟ ବ୍ୟବସ୍ଥା କରାଯାଇଛି। ଏଥିରେ ଫାଷ୍ଟଏଡ୍ କିଟ୍ ଓ ଅକ୍ସିଜେନ ସିଲିଣ୍ଡର ମଧ୍ୟ ରଖାଯାଉଛି। କୋଭିଡ୍ ଦ୍ୱିତୀୟ ଲହର ସମୟରେ ସେ ଏହାକୁ ଆରମ୍ଭ କରିଥିଲେ। ଏବେ ଏମିତିକା ୬ଟି ଅଟୋ ଆମ୍ବୁଲାନ୍ସ କରି ହସ୍ପିଟାଲ ଓ ଏନ୍‌ଜିଓକୁ ଦାନ କରିଛନ୍ତି। ୪୭୦ସିସି ବଜାଜ୍ ଅଟୋରେ ଏହା କରାଯାଇଛି। ଏଥିପାଇଁ ରାଧିକା ୨୪ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। କୋଭିଡ୍ ରୋଗୀଙ୍କୁ ନେବା ଲାଗି ଚାଳକଙ୍କ ସିଟକୁ ପଛଭାଗରୁ ହାର୍ଡ ବୋର୍ଡ ଦ୍ୱାରା ଅଲଗା ରଖାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୩ ଅକ୍ଟୋବର ୧୯୯୬

- ପେରୁର ୭୫୭-୨୦୦ ବୋଇଂ ବିମାନଟି ରାଜଧାନୀ ଲିମାରୁ ଚିଲିର ସାଣ୍ଟିଆଗୋ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରଶାନ୍ତ ମହାସାଗର ମଧ୍ୟରେ ଖସିପଡ଼ିବା ଫଳରେ ୭୦ ଜଣ ଯାତ୍ରୀ ମୃତ।
- ମହାତ୍ମାଗାନ୍ଧୀଙ୍କର ୧୨୭ତମ ଜୟନ୍ତୀ ଅବସରରେ ବିଶିଷ୍ଟ ଚିତ୍ର ନିର୍ମାତା ଶ୍ୟାମ ବେନେଗାଲଙ୍କ ଫିଲ୍ମ 'ଦି ମେକିଙ୍ଗ ଅଫ୍ ଦି ମହାତ୍ମା' ଉନ୍ମୋଚିତ।

## ଚିରନ୍ତନୀ

ଆଜି ଏହି ଅଥିର ପବନେ ମିଶି
ସୁଦୂର ସେ ପାରୁଁ କି କାନ୍ଦେ ବଇଁଶୀ ?
ଭାସିଆସେ କେସନ ସେ ମୃଦୁ ଧ୍ୱନି
ପ୍ରତି ରେଣୁ କଣାରେ ଥରେ ଅବନୀ !
(ବଂଶୀ ଧ୍ୱନି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | 5 | | | | | | 8 |
| 6 | | | | | | 9 | | |
| | | 3 | 2 | | | 7 | | |
| | | 8 | | 1 | | | | 2 |
| 9 | | | | 4 | | | | |
| | 1 | | 5 | 7 | | 4 | | |
| | 2 | | 7 | | | | | 1 |
| | | | 8 | | | | 6 | |
| 5 | | | | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 7 | 5 | 9 | 2 | 4 | 8 | 3 |
| 5 | 4 | 3 | 8 | 7 | 1 | 9 | 2 | 6 |
| 9 | 2 | 8 | 3 | 6 | 4 | 1 | 5 | 7 |
| 8 | 1 | 9 | 7 | 4 | 5 | 6 | 3 | 2 |
| 3 | 5 | 6 | 2 | 8 | 9 | 7 | 4 | 1 |
| 2 | 7 | 4 | 1 | 3 | 6 | 8 | 9 | 5 |
| 6 | 8 | 1 | 9 | 5 | 3 | 2 | 7 | 4 |
| 7 | 3 | 2 | 4 | 1 | 8 | 5 | 6 | 9 |
| 4 | 9 | 5 | 6 | 2 | 7 | 3 | 1 | 8 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ନିଷ୍ଠୁର ମନ୍ତବ୍ୟ

ମହାଶୟ,

୨୦ ସେପ୍ଟେମ୍ବର ୨୦୨୧ରେ 'ବିଏମ୍‌ସି କମିଶନରଙ୍କ ନାଁରେ ଏତଲା' ସ୍ତମ୍ଭରେ ବିଏମ୍‌ସିର ଅତିରିକ୍ତ କମିଶନରଙ୍କ ମନ୍ତବ୍ୟ ନିଷ୍ଠୁରତାର ପରିଚୟ ଦେଉନାହିଁ ତ ଆଉ କ'ଣ ? ନିଜର କାର୍ଯ୍ୟ ଅବହେଳାକୁ ଲୁଚାଇ ଅବାସ୍ତବ ଯୁକ୍ତି ବାଢ଼ି ନିଜକୁ ଏକ ନିଷ୍ଠୁର ମନୋଭାବର ପରିଚୟ ଦେବା ସହିତ ନିଜର ଉପଯୁକ୍ତ ବା ଠିକ୍ କାର୍ଯ୍ୟ ଭବିଷ୍ୟତ ପାଇଁ କରିବା ଭୁଲିଯାଉଛନ୍ତି। ଡ୍ରେନ୍‌ରେ ସ୍ଲାବ୍ ନ ପଡ଼ିପାରିଲେ ମଧ୍ୟ ବିପଦସଙ୍କୁଳ ସ୍ଥାନଗୁଡ଼ିକରେ ଜାଲିବାଡ଼ ଏବଂ ସଚେତନତା ଫଳକ ଲଗାଇଲେ ହୁଏତ ବହୁତ ମାନସିକ ରୋଗୀ, ଛୋଟପିଲା, ବୃଦ୍ଧାବୃଦ୍ଧ, ଅସହାୟ ବ୍ୟକ୍ତି ଓ ଗୋରୁ, କୁକୁର ପ୍ରଭୃତି ପ୍ରାଣୀମାନେ ବିପଦରୁ ମୁକ୍ତି ପାଇପାରନ୍ତେ।

- ସମୀର କୁମାର ସାହୁ , ଅପର୍ଣ୍ଣାନଗର, ଚାଉଳିଆଗଞ୍ଜ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚୋରା ସ୍କ୍ରାପ୍ ସହ ଗାଡ଼ି ଜବତ, ଜଣେ ଗିରଫ

ରାଜଗାଙ୍ଗପୁର,(ଡି.ଏନ.ଏ.):୧୧କୁଇଣ୍ଟାଲ ଚୋରା ସ୍କ୍ରାପ ନେଇ ଯାଉଥିବାବେଳେ ଖବର ପାଇ ପୋଲିସ ଗାଡିକୁ ଜବତ କରିବା ସହିତ ଡ୍ରାଇଭରଙ୍କୁ ଗିରଫ କରିଛି। ରାଜଗାଙ୍ଗପୁର ସୁରୁଡ଼ିହି ଗ୍ରାମରୁ ଏକ ପିକଅପ୍ ଭ୍ୟାନ ନଂ. ଓଡି ୧୪ ଏନ ୬୨୫୫ରେ ୧୧ କୁଇଣ୍ଟାଲ ଚୋରା ସ୍କ୍ରାପ ଲୁହା ନେଇ ରାଣୀବନ୍ଧ ଆସୁଥିବା ବେଳେ ବିଶେଷ ସୂତ୍ରରୁ ସୂଚନା ପାଇ ରାଜଗାଙ୍ଗପୁର ପୋଲିସ ରାଣୀବନ୍ଧ ଛକରେ ପିକଅପ୍‌କୁ ଅଟକାଇଥିଲେ। ଏହି ସମୟରେ ଲୁହା ନେଉଥିବା ବ୍ୟକ୍ତି ସୁଯୋଗ ଦେଖି ଫେରାର ହୋଇଯାଇଥିଲେ। ଗାଡି ସହିତ ଚୋରାଲୁହା ସ୍କ୍ରାପ ଜବତ କରି ଡ୍ରାଇଭର ସନ୍ତୋଷ ବେହେରାଙ୍କୁ ଗିରଫ କରାଯାଇଛି।

## ସଂକ୍ଷେପରେ

### ବାଳିକା ଉଚ୍ଚ ବିଦ୍ୟାଳୟ କିରାଣିଙ୍କ ଅକାଳ ବିୟୋଗ

କୁଆଁରମୁଣ୍ଡା,୨।୧୦(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟର କିରାଣି ସୁବୋଧ କୁମାର ସାହୁ (ମୁନୁ)ଙ୍କର ୫୨ବର୍ଷ ବୟସରେ ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ରାଉରକେଲା ସରକାରୀ ଡାକ୍ତରଖାନାରେ ମୃତ୍ୟୁ ହୋଇଯାଇଛି। ଖବର ପାଇ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏହାପରେ ମୃତ କିରାଣୀ ସାହୁଙ୍କ ପରିବାର, ବନ୍ଧୁ ପରିଜନ ଓ ଆତ୍ମୀୟସ୍ୱଜନ ତାଙ୍କର ମରଶରୀରକୁ କୁଆଁରମୁଣ୍ଡାସ୍ଥିତ ନିଜ ବାସଗୃହରୁ ବେଦବ୍ୟାସସ୍ଥିତ ଶ୍ମଶାନ ଘାଟକୁ ଶୋଭାଯାତ୍ରାରେ ନେଇ ସତ୍କାର କରିଛନ୍ତି। ମୃତ ସୁବୋଧଙ୍କର ଏକମାତ୍ର ପୁଅ ସ୍ୱାଗତ ସାହୁ ମୁଖାଗ୍ନି ଦେଇଛନ୍ତି।

### ମହିଳାଙ୍କ ଉଲଗ୍ନ ମୃତଦେହ ଜବତ

ସବ୍‌ଡେଗା,୨।୧୦(ଡି.ଏନ.ଏ):ସବଡେଗା ଡମକୁ ନଦୀ କୂଳରେ ଥିବା ଏକ ବୁଦା ମୂଳରୁ ତଳସରା ପୋଲିସ ଜଣେ ମହିଳାଙ୍କ ଉଲଗ୍ନ ଅବସ୍ଥାରେ ପଡିରହିଥିବା ମୃତଦେହ ଉଦ୍ଧାର କରିଛି। ମହିଳା ଜଣକ ସବଡେଗା ଗୁଣ୍ଡୁପିଡାର କମଳା କମାର(୪୫) ବୋଲି ଜଣାପଡିଛି। କେତେକ ମହିଳା ସକାଳ ୯ଟାରେ ନଦୀରେ ଗାଧୋଉଥିବାବେଳେ ସବଡେଗାର ଜଣେ ଯୁବକ ସ୍କୁଟିରେ କମଳାଙ୍କୁ ବସାଇ ନଦୀକୂଳକୁ ଆଣିଥିଲେ। ଯୁବକ ସ୍କୁଟି ଛିଡା କଲାବେଳକୁ କମଳା ସ୍କୁଟିରୁ ଓହ୍ଲାଇ ଦଉଡ଼ି ପଳାଇଲାବେଳକୁ ଉକ୍ତ ଯୁବକ ତାଙ୍କୁ ଦୌଡାଉ ଥିବାର କେତେକ ମହିଳା ଦେଖିଥିବାର ତଦନ୍ତରୁ ଜଣାପଡିଛି। ଅପରାହ୍ନ ୪ଟାରେ ସାଇଣ୍ଟିଫିକ ଦଳ ପହଞ୍ଚି ମୃତଦେହ ବୁଦା ମୂଳରୁ ବାହାର କରି ତଦନ୍ତ କରିଥିଲେ। ସେତେବେଳେ ବେକରେ ମୁହଁରେ ଅନେକ କ୍ଷତବିକ୍ଷତ ଚିହ୍ନ ଦେଖିବାକୁ ମିଳିଥିଲା। ଖବରପାଇ ତାଙ୍କର ଦୁଇ ପୁଅ ଦୁଇ ଝିଅ ଘଟଣା ସ୍ଥଳକୁ ପହଞ୍ଚିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ କରିବାକୁ ପୋଲିସ ସୁନ୍ଦରଗଡ ଡାକ୍ତରଖାନାକୁ ପଠାଇ ତଦନ୍ତ କରୁଛି।

### ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀରେ ସର୍ବଧର୍ମ ପ୍ରାର୍ଥନା

ସୁନ୍ଦରଗଡ, ୨।୧୦ (ଡି.ଏନ୍.ଏ.) :ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଶାନ୍ତିର ଦୂତ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ ଜିଲାସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ନିଖିଲ ପବନକଲ୍ୟାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ପଣ୍ଡିତ ହେମନ୍ତ କୁମାର ଦାଶ-ଗୀତା, ରବିନ୍ଦର କୌର -ଗ୍ରନ୍ଥ ସାହିବ, ଜନାବ୍ ମୁକ୍ତାର ଅହମ୍ମଦ- କୋରାନ୍, ବିଜୟ ଖାଲକୋ-ବାଇବେଲ ପାଠ କରିଥିଲେ। ଏହି ଅବସରରେ ପ୍ରଭାତରୁ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହରରେ ରାମଧୂନ ପ୍ରଚାର କରାଯାଇଥିଲା। ଜିଲା ସଂସ୍କୃତି ତଥା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ଅନୀଲ କୁମାର କେରକେଟାଙ୍କ ତତ୍ତ୍ୱାବଧାନରେ ଡାଃ ଅନନ୍ତ ଆଚାର୍ଯ୍ୟ ସଭା ସଞ୍ଚାଳନ କରିଥିଲେ।

### ରକ୍ତଦାନ ଶିବିର: ୩୦ ୟୁନିଟ ସଂଗ୍ରହ

କୁତ୍ରା, ୨।୧୦(ଡି.ଏନ.ଏ)-ଗାନ୍ଧୀ ଜୟନ୍ତୀ ଉପଲକ୍ଷେ କୁତ୍ରା ଚିତ୍ତ ବିନୋଦନ କେନ୍ଦ୍ରଠାରେ ବିଜୁ ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ ବିଜୁ ଜନତା ଦଳର ସମ୍ପାଦକ ବିତାମ୍ବର ଜୟପୁରିୟାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ବିନୟ ଟପ୍ପୋ ଯୋଗ ଦେଇ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ରାଜ୍ୟ କାର୍ଯ୍ୟକାରୀ ସମ୍ପାଦକ ବୈକୁଣ୍ଠ ନାୟକ, ବିଜୁ ଜନତା ଦଳର ଅଭିଜ୍ଞ ସମ୍ପନ୍ନ ଯୁବ ନେତା ବେନେଡିକ ତିର୍କୀ ଓ ଜିଲା ବିଜୁ ଜନତା ଦଳର ସଭାପତି ଦେବେନ୍ଦ୍ର ମାଝି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ଜ୍ଜୁନ ଜୟପୁରିୟା, ଅଗୁଷ୍ଟିନ ମିଞ୍ଜ, ଶଙ୍କର ଟପ୍ପୋ, ବିନୋଦ ଟପ୍ପୋ ପ୍ରମୁଖ ଯୋଗଦେଇଥିଲେ। ରକ୍ତଦାନ ଶିବିରରେ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ସନୋଜ ଟପ୍ପୋ, କ୍ରିଷ୍ଟା ଲାକ୍ରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### କାନାରା ବ୍ୟାଙ୍କ ଏଟିଏମ୍ ଲୁଟ୍ ବିଫଳ

କୁତ୍ରା, ୨।୧୦(ଡି.ଏନ.ଏ)-ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ୧୦ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱ ଆମର ମାର୍କେଟ କମ୍ପ୍ଲେକ୍ସରେ ଥିବା କାନାରା ବ୍ୟାଙ୍କ ଏଟିଏମ୍ ଲୁଟ ବିଫଳ ହୋଇଛି। ଗ୍ୟାସ କଟର ସହାୟତାରେ ତାଲା ଭାଙ୍ଗିଥିଲେ ହେଲେ ଭିତରକୁ ପ୍ରବେଶ କରି ପାରି ନ ଥିଲେ। କେବଳ ତାଲା, ସିସି କେମେରା ଭାଙ୍ଗିଥିବା ଦେଖିବାକୁ ମିଳିଛି।

# ପୁସ୍ତକ ମାନବ ସମାଜର ସାଥୀ, ସାରଥି

## ଗାନ୍ଧୀ ସାହିତ୍ୟ ଶୀର୍ଷକ ଆଲୋଚନାଚକ୍ର

ସୁନ୍ଦରଗଡ,୨।୧୦ (ଡି.ଏନ୍.ଏ)

ପୁସ୍ତକ ହେଉଛି ମାନବ ସମାଜର ସାଥୀ, ସାରଥୀ ଓ ସହଯାତ୍ରୀ। ପୁସ୍ତକ ପଠନ ମାଧ୍ୟମରେ ବୌଦ୍ଧିକତାର ପରିପ୍ରକାଶ ଘଟେ। ପୁସ୍ତକ ମାଧ୍ୟମରେ ଲେଖକର ଚିନ୍ତନ ସମାଜକୁ ଯଥାର୍ଥ ଦିଗଦର୍ଶନ ଦେଇଥାଏ। ପାଠାଗାର ହେଉଛି ଜିଲାର ସାଂସ୍କୃତିକ ମୁଖଶାଳା ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ପାଠାଗାରରେ ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଗାନ୍ଧୀ ସାହିତ୍ୟ ସମ୍ପର୍କୀତ ଆଲୋଚନାଚକ୍ରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସୁନ୍ଦରଗଡ -ବହିପଢ ଅଭିଯାନ କାର୍ଯ୍ୟକ୍ରମରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଜିଲା ସୂଚନା ଓ ଲୋକସମ୍ପର୍କ ପାଠାଗାର ଠାରେ ଆୟୋଜିତ ଆଲୋଚନାଚକ୍ରରେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଅଧ୍ୟାପିକା ସୁସ୍ମିତା ଭୋଇ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ମହାତ୍ମାଗାନ୍ଧୀଙ୍କ ଚିନ୍ତନ ଓ ସ୍ୱକୀୟ ରଚନା ତଥା ଭାରତୀୟ ଲେଖକମାନେ ଲେଖା ମାଧ୍ୟମରେ ଗାନ୍ଧୀ ଆଦର୍ଶବାଦକୁ କିଭଳି ପରିସ୍ଫୁଟନ କରିଛନ୍ତି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଆଲୋଚକ ଭାବେ ଯୁବ ଗାଳ୍ପିକ ତଥା ମାସିକ ସାହିତ୍ୟ ପତ୍ରିକା ଟାଇମପାସର ସମ୍ପାଦକ ବିବିଧ ବିଶ୍ୱ ଯୋଗଦେଇଥିଲେ। ଏହି ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ଗାନ୍ଧୀଜୀଙ୍କ ଜୀବନାଦର୍ଶ ସମ୍ପର୍କୀତ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ସଂସ୍କୃତି ତଥା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅନୀଲ କେରକେଟା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଜିଲା ସୂଚନା ଲୋକସମ୍ପର୍କ ପାଠାଗାରର ଗ୍ରନ୍ଥାଗାରିକା ସ୍ୱର୍ଣ୍ଣପ୍ରଭା ହେମ୍ବ୍ରମ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା ପ୍ରେସ କ୍ଲବ ସଭାପତି ସୁନୀଲ କୁମାର ସିହ୍ନାଙ୍କ ସମେତ ବହୁ ବୁଦ୍ଧିଜୀବୀ, ସାହିତ୍ୟିକ ଓ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ।



ଅତିଥି, ବୁଦ୍ଧିଜୀବୀ, ସାହିତ୍ୟିକ ଉପସ୍ଥିତ।

# ସିଭିକ୍ ସେଣ୍ଟରକୁ ମହାତ୍ମା ଗାନ୍ଧୀ ସ୍ମୃତି ସଦନ ନାମିତ କରାଯାଉ

## ଜିଲାପ୍ରଶାସନ ନିକଟରେ ଦାବି ଜଣାଇଲେ ନାଗରିକ ପ୍ରତିନିଧି ଦଳ



ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

ସୁନ୍ଦରଗଡ଼, ୨।୧୦ (ଡି.ଏନ୍.ଏ.)

ସୁନ୍ଦରଗଡ଼ ସହରର କେନ୍ଦ୍ରସ୍ଥଳରେ ଥିବା ସିଭିକ ସେଣ୍ଟରକୁ ମହାତ୍ମା ଗାନ୍ଧୀ ସ୍ମୃତି ସଦନ ନାମରେ ନାମିତ କରିବା ପାଇଁ ଜିଲା ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି ନାଗରିକ ପ୍ରତିନିଧି ଦଳ। ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକଙ୍କ ନେତୃତ୍ୱରେ ଏହି ନାଗରିକ ପ୍ରତିନିଧି ଦଳ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କୁ ସାକ୍ଷାତକରି ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ୧୯୬୯ ମସିହା ମହାତ୍ମା ଗାନ୍ଧୀ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ତତ୍କାଳୀନ ଓଡିଶା ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ କରକମଳରେ ଏହି ସ୍ଥାନରେ ପ୍ରଥମେ ଗାନ୍ଧୀ ସ୍ମୃତି ମୁକ୍ତ ରଙ୍ଗମଞ୍ଚର ଶିଳାନ୍ୟାସ କରାଯାଇଥିଲା। ଏହା ପରେ ୧୯୮୦-୮୧ ମସିହାରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ପରେ ସୁନ୍ଦରଗଡ଼ରେ ଏକ ଟାଉନହଲର ପରିକଳ୍ପନା କରାଯାଇ ୧୯୯୭-୯୮ରେ ଉକ୍ତଗାନ୍ଧୀ ସ୍ମୃତି ରଙ୍ଗମଞ୍ଚକୁ ଲାଗି ଏକ ବିରାଟ ଟାଉନହଲ ମହାନଦୀ କୋଇଲା ଖଣି ଲିମିଟେଡ (ଏମସିଏଲ) ଦ୍ୱାରା ନିର୍ମାଣ କରାଯାଇଥିଲା । ଏହି ଗାନ୍ଧୀ ରଙ୍ଗମଞ୍ଚ ଆଜି ମଧ୍ୟ ସିଭିକ ସେଣ୍ଟରର ଏକ ଅବିଚ୍ଛେଦ ଅଙ୍ଗ। ଏହି ପ୍ରତିନିଧି ଦଳ ଶୁକ୍ରବାର ସଦର ଉପଜିଲାପାଳ ଅଭିମନ୍ୟୁ ବେହେରାଙ୍କୁ ମଧ୍ୟ ଭେଟି ଏବିଷୟରେ ସବିଶେଷ ଆଲୋଚନା କରିଛନ୍ତି। ଏହି ପ୍ରତିନିଧି ଦଳରେ ବେଣୁମାଧବ ତ୍ରିପାଠୀ , ଆଇନଜୀବୀ କମଳ ସେନ, ସତ୍ୟଜିତ ପଣ୍ଡା, ପ୍ରଣବ ସିଂ, କାଳୀପଦ ସାମଲ, ନେପାଳ ସାହୁ, ବିଶ୍ୱଜିତ ପଟ୍ଟନାୟକ ଉପସ୍ଥିତ ରହି ଜିଲାପାଳ ଓ ଉପଜିଲାପାଳଙ୍କ ସହ ଆଲୋଚନା କରିଥିଲେ।

# ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

ଦେବଗଡ଼, ୨।୧୦(ଡି.ଏନ.ଏ)

ସ୍ଥାନୀୟ ଟାଉନ କ୍ଲବ ଠାରେ ଟାଉନ କ୍ଲବ, ବାମଣ୍ଡା ସାହିତ୍ୟ ସଂସଦ ଓ ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଜାତିରପିତା ମହାତ୍ମା ଗାନ୍ଧୀ ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ବାମଣ୍ଡା ସାହିତ୍ୟ ସଂସଦର ସମ୍ପାଦକ ପ୍ରଫୁଲ୍ଲ ମହାପାତ୍ରଙ୍କ ଆବାହକତ୍ୱ ଏବଂ ସଭାପତି ଡକ୍ଟର ଅଖିଳ ଚରଣ ଦାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଜୟନ୍ତୀ ସଭାରେ ମୁଖ୍ୟ ଅତିଥି ଭାବେ ଆଇନଜୀବୀ ତଥା ତିଲେଇବଣି ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିଭୂତି ଗଙ୍ଗଦେବ, ସମ୍ମାନିତ ଅତିଥି ଭାବେ ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦର ଉପ ସଭାପତି ନିରଞ୍ଜନ ଦ୍ୱିବେଦୀ ମଞ୍ଚାସୀନ ରହି ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଜୀବନୀ ଉପରେ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ କବୟିତ୍ରୀ ଅଂଜନା ନାୟକ, ପଦ୍ମିନୀ ମହାପାତ୍ର, କବି ଲୋକନାଥ ବେହେରା ଓ ଭ୍ରାତୃକୁମାର ପ୍ରଫୁଲ୍ଲ କବିତା ମାଧମରେ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଧିର କପରଦାର, ଦିଲ୍ଲୀପ କୁମାର ଗୁରୁ ଓ କୁମୁଦ ଚନ୍ଦ୍ର ଶତପଥି ପ୍ରମୁଖ ଉଭୟ ମହାପୁରୁଷଙ୍କର ଜୀବନୀ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶେଷରେ ବାମଣ୍ଡା ସାହିତ୍ୟ ସଂସଦର ସମ୍ପାଦକ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଜୟନ୍ତୀ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଟାଉନ କ୍ଲବର ସଭାପତି ନବୀନ କୁମାର ପାଣି, ମାର୍କଣ୍ଡେଶ୍ୱର ଶତପଥି, କିଶୋର ଚନ୍ଦ୍ର ଦାସ, ବସନ୍ତ କୁମାର ବେହେରା, ପ୍ରଫୁଲ୍ଲ କୁମାର ନାୟକ, ସରୋଜ କୁମାର ଦାଶ, ଦିଲୀପ କୁମାର ବେହେରା, ଭାନୁଶଙ୍କର ନନ୍ଦ ଓ ମଞ୍ଜୁଳ କୁମାର ନାଏକଙ୍କ ସମେତ ବହୁ ସାହିତ୍ୟିକ, ବୁଦ୍ଧିଜୀବୀ, ଆଇନଜୀବୀ ଓ ସାମ୍ବାଦିକ ଉପସ୍ଥିତ ଥିଲେ ।



ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀରେ ମଞ୍ଚାସୀନ ଅତିଥି।

# ସିପିଆଇଏମ୍ କୋଇଡା (ଖ)ର ଆଞ୍ଚଳିକ ସମ୍ମିଳନୀ

ଟେନ୍‌ସା, ୨।୧୦(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୋଇଡାଠାରେ ସିପିଆଇଏମ କୋଇଡ଼ା(ଖ) ଆଞ୍ଚଳିକ କମିଟିର ଚତୁର୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ସିପିଆଇଏମ ରାଜ୍ୟ ସମ୍ପାଦକ ଅଳିକେଶ୍ୱର ପଟ୍ଟନାୟକ ଓ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ବିଷ୍ଣୁ ମହାନ୍ତି ଯୋଗଦେଇ ମିଳିତ ଭାବେ ଦଳୀୟ ପତାକା ଉତ୍ତୋଳନ କରି ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସଭାପତିତ୍ୱରେ ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିମାନ ମାଇତି ଯୋଗଦେଇଥିଲେ। ଉକ୍ତ ସମ୍ମିଳନୀରେ ସିପିଆଇଏମ ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରଭାତ କୁମାର ପଣ୍ଡା, କୋଇଡା ବ୍ଲକ ଉପାଧ୍ୟକ୍ଷ ବାବୁଲି ମୁଣ୍ଡା, ପୂର୍ବତନ ଅଧ୍ୟକ୍ଷ ସୁରେଶ ନାଏକ, ମାଲଦା ସରପଞ୍ଚ ଦିବାକର ନାଏକ ପ୍ରମୁଖଙ୍କ ସହ କୋଇଡା (ଖ) ର ସିପିଆଇଏମ କର୍ମୀ ଯୋଗ ଦେଇଥିଲେ।

# ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ରାଜଗାଙ୍ଗପୁର, ୨।୧୦(ଡି.ଏନ୍.ଏ.)

ରାଜଗାଙ୍ଗପୁର ପୌରାଞ୍ଚଳ ୧ନଂ ୱାଡ ଅନ୍ତର୍ଗତ ତାଲକିପଡାର ଏକଘରୁ ଜଣେ ଯୁବତୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ପୋଲିସ ଶନିବାର ଜବତ କରିଛି। ସୂଚନା ଅନୁଯାୟୀ ସଞ୍ଜୁ ଗୌଡ (୩୦) ଏକାକି ଏକ ଭଡାଘରେ ରହି ଆୟା କାମ କରୁଥିଲେ। ତାଙ୍କ ପିତା ମାତା ଓ ଭାଇ ଅନ୍ୟତ୍ର ଏକ ଭଡାଘରେ ରହନ୍ତି। ଶନିବାର ସକାଳେ ସଞ୍ଜୁଙ୍କ ଭାଇ ସଞ୍ଜୁଙ୍କ ଘରକୁ ଆସି କବାଟ ବାଡେଇଥିଲେ, କିନ୍ତୁ ସଞ୍ଜୁ କବାଟ ନ ଖୋଲିବାରୁ ଭାଇ ଝରକାବାଟେ ଘର ଭିତରକୁ ଅନାଇଦେଖିଥିଲେ ଓ ଦେଖିବାକୁ ପାଇଥିଲେ ସଞ୍ଜୁ ଝୁଲିରହିଛନ୍ତି। ସେ ରାଜଗାଙ୍ଗପୁର ପୋଲିସକୁ ସୂଚନା ଦେଇଥିଲେ। ରାଜଗାଙ୍ଗପୁର ଥାନା ଅଧିକାରୀ ବିଭସ ପ୍ରଧାନ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। କବାଟ ଭାଙ୍ଗି ଏକ ଓଢଣୀ ବେକରେ ବନ୍ଧାହୋଇ ଫ୍ୟାନରେ ଝୁଲିରହିଥିବା ସଞ୍ଜୁଙ୍କ ମୃତ ଶରୀର ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ସରକାରୀ ଚିକିତ୍ସାଳୟକୁ ଅଣାଯାଇଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମୃତକ ଓ ତାଙ୍କ ପରିବାର ବଡଗାଁ ବ୍ଲକ ଅନ୍ତର୍ଗତ ଲଟାଗାଁର ସ୍ଥାୟୀ ବାସିନ୍ଦା ବୋଲି ଜଣାଯାଇଛି।

# ବଡ଼ଗାଁରେ ବରିଷ୍ଠ ନାଗରିକ ଦିବସ ପାଳିତ



ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

ବଡ଼ଗାଁ,୨।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ଶୁକ୍ରବାର ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ବରିଷ୍ଠ ନାଗରିକ ସଂଘର ସଭାପତି ଅବସରପ୍ରାପ୍ତ ଡିଏସ୍‌ପି ଦିଲ୍ଲୀପ ପୁରୋହିତଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବରିଷ୍ଠ ନାଗରିକମାନେ ଯୋଗଦେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବଡ଼ଗାଁ ଥାନା ଆଇଆଇସି ବୀର କିଶୋର ମଲ୍ଲିକ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ସୁବିଧା, ଅସୁବିଧା ସମୟରେ ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଂଘର ସଭାପତି ପୁରୋହିତ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା, ବରିଷ୍ଠ ନାଗରିକଙ୍କ ପାଇଁ ଥିବା ସୁବିଧା, ସହଯୋଗ ଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ସଂଘର କର୍ମକର୍ତ୍ତା ଉପାଧ୍ୟାୟ ପାଣିଗ୍ରାହୀ ବରିଷ୍ଠ ନାଗରିକ ଦିବସର ବିଶେଷତ୍ୱ ଉପରେ କହିଥିଲେ। ସେ କହିଥିଲେ ଯିଏ ଅଭିଜ୍ଞ ନାଗରିକ ତାଙ୍କ ପରାମର୍ଶ ସମାଜର ଉନ୍ନତିରେ ସହାୟକ ହୋଇଥାଏ। ସଂଘର କର୍ମକର୍ତ୍ତା ପ୍ରତାପ ମହାପାତ୍ର ବରିଷ୍ଠ ନାଗରିକମାନେ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାକୁ କହିଥିଲେ। ବରିଷ୍ଠ ନାଗରିକ ପ୍ରଫୁଲ ମିଶ୍ର ଗାଁର ପରିମଳ, ସ୍ୱାସ୍ଥ୍ୟ, ଷ୍ଟ୍ରିଟ୍‌ଲାଇନ ବ୍ୟବସ୍ଥା ଉପରେ ଯେତେ କହିଲେ ମଧ କେହି ଶୁଣୁ ନ ଥିବାରୁ ଜିଲାପାଳଙ୍କୁ ଜଣାଇବାକୁ ପ୍ରସ୍ତାବ ଦେଇଥିଲେ। ଶେଷରେ ହରିଶ୍ଚନ୍ଦ୍ର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ଲକ୍ଷେ ଘର ସମାଜର ନୂଆଁଖାଇ ଭେଟ୍‌ଘାଟ୍

ସବ୍‌ଡେଗା, ୨।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ସବ୍‌ଡ଼େଗା ବ୍ଲକର କିରାଲଗାଠାରେ ଲକ୍ଷେ ଘର ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଲକ୍ଷେ ଘର ସମାଜର ସୁନ୍ଦରଗଡ଼ ସଙ୍ଗଠକ ବୈରାଗୀ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସବ୍‌ଡେଗା ବ୍ଲକ ଅଧକ୍ଷ ମନୋଜ ବାରୁଆ ଯୋଗଦେଇଥିଲେ। ଅଞ୍ଚଳର ଜନସାଧାରଣ ଯୋଗଦେଇଥିଲେ। ରୀତିନୀତି ଭାବେ ଏକତ୍ରିତ ହୋଇ ଗୋଟିଏ ଜାଗାରେ ବସି ପ୍ରସାଦ ସେବନ କରିଥିଲେ। ପରେ ଏକ ବୈଠକ ଅନୁଷ୍ଠିତ କରି ସମାଜରେ ଲୋକେ କିଭଳି ନିଶାପାନ କରିବାରୁ ଦୂରେଇ ରହିବେ ଆଲୋଚନା ହୋଇଥିଲା। ନାରୀ ସଚେତନ, ନାରୀଙ୍କୁ ସମ୍ମାନ, ନାରୀଶିକ୍ଷା, ଉପରେ ଗୁରୁତ୍ୱ ଦେବା ବିଷୟରେ ଆଲୋଚନା ହୋଇଥିଲା। ଏହି ସାମାଜିକ କାର୍ଯ୍ୟକ୍ରମକୁ ଦୁତିବାହନ ଗରଡ଼ିଆ, ଉମାକାନ୍ତ ମହାନନ୍ଦିଆ, ଗୋବିନ୍ଦ ଗରଡ଼ିଆ ପ୍ରମୁଖ ଆୟୋଜନ କରିଥିଲେ। ଶେଷରେ ଲକ୍ଷେ ଘର ସମାଜର ବ୍ଲକ ସଭାପତି ଭାସ୍କର ଜୟପୁରିଆ ସମସ୍ତଙ୍କୁ ଜୁହାର କରି ଧନ୍ୟବାଦ ଜଣାଇଥିଲେ।

# ବିରଙ୍ଗାଟୋଲି ଦଳ ଚାମ୍ପିୟନ ଡୁଡ଼ାଲଗା ଚାମ୍ପିୟନ ଟ୍ରଫି ଫୁଟ୍‌ବଲ୍

ବଡ଼ଗାଁ,୨।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଡୁଡ଼ାଲଗା ଗ୍ରାମରେ ସ୍ଥାନୀୟ ଜୟଶ୍ରୀରାମ କ୍ଲବ ପକ୍ଷରୁ ଆୟୋଜିତ ଚାମ୍ପିୟନ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି। ବିରଙ୍ଗାଟୋଲି ହେସ୍ ବ୍ରଦର୍ସ ଟିମ୍ ୨-୦ ଗୋଲରେ ଲଇକେରା ଲାଙ୍ଗରୁପତରା ଟିମ୍‌କୁ ହରାଇ ଚାମ୍ପିୟନ ଟ୍ରଫି ହାସଲ କରିଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଓ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ଶିଶିର ରାଉତରାୟ, ଭବାନୀ ପଟେଲ, ଅମ୍ଳାନଜ୍ୟୋତି ନାୟକ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୫୦ହଜାର ଟଙ୍କା ସହ ଟ୍ରଫି, ରନର୍ସ ଟିମ୍‌କୁ ୩୦ହଜାର ଟଙ୍କା ସହ ଟ୍ରଫି, ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଥିବା ଟିମ୍‌କୁ ୧୦ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରିଥିଲେ।

## ଆଇଟିଆଇ ପରୀକ୍ଷା ନେଇ ଅନିଶ୍ଚିତତା ଜାରି

# ଉଚ୍ଚଶିକ୍ଷାରୁ ବଞ୍ଚିତ ହେବେ ଛାତ୍ରୀଛାତ୍ର

ରାଉରକେଲା ଅଫିସ,୨।୧୦

ମହାମାରୀ କରୋନା ଯୋଗୁ ରାଜ୍ୟରେ ଶୈକ୍ଷିକ ବାତାବରଣ ପ୍ରଭାବିତ ହୋଇଛି। ଶିକ୍ଷାଦାନ ହେଉ କି ପରୀକ୍ଷା ବ୍ୟବସ୍ଥା ସବୁଥିରେ ଅବ୍ୟବସ୍ଥା ଲାଗି ରହିଛି। ବିଦ୍ୟାଳୟ ଶିକ୍ଷାଠୁ ନେଇ ବୈଷୟିକ ତାଲିମ କ୍ଷେତ୍ରକୁ ଆଜି ପର୍ଯ୍ୟନ୍ତ କରୋନା ସଂକ୍ରମଣ ଭୟ କବଳିତ କରି ରଖିଛି। ବିଳମ୍ବରେ ହେଉ ପଛେ ସ୍ନାତକ ଶ୍ରେଣୀରେ ନାମ ଲେଖା ପାଇଁ ପ୍ରୟାସ ଜାରି ରହିଥିବା ବେଳେ ରାଜ୍ୟରେ ଥିବା ଶିଳ୍ପ ତାଲିମ କେନ୍ଦ୍ର ଗୁଡିକରେ ଶିକ୍ଷାଲାଭ କରୁଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଏବେ ଅନିଶ୍ଚିତତା ଦେଇ ଗତି କରୁଛି। ଶିଳ୍ପ ତାଲିମ କେନ୍ଦ୍ର ବା ଆଇଟିଆଇ ଗୁଡିକରେ ତାଲିମ ନେଉଥିବା ଛାତ୍ରୀଛାତ୍ରଙ୍କ ପ୍ରାକ୍ଟିକାଲ ପରୀକ୍ଷା ମୂଳ ସମସ୍ୟା ପାଲଟିଥିବା ବେଳେ ଅଫ୍‌ଲାଇନ ଓ ଅନ୍‌ଲାଇନ ପରୀକ୍ଷା ନେଇ ବିବାଦରେ ପୂର୍ଣ୍ଣଚ୍ଛେଦ ପଡୁନି। ଫାଇନାଲ ପରୀକ୍ଷାକୁ ଅପେକ୍ଷା କରି ଛାତ୍ରୀଛାତ୍ର ଚିନ୍ତାରେ ପଡିଛନ୍ତି। ଏହି ସମସ୍ୟା ଯୋଗୁ ଯେଉଁମାନେ ଡିପ୍ଲୋମା କିମ୍ବା ଅନ୍ୟ କୌଣସି ପାଠ ପଢିବାକୁ ଚାହିଁ ବସିଥିଲେ ସେମାନଙ୍କୁ ନିରାଶ ହେବାକୁ ପଡିଛି। କରୋନା ଜନିତ ପ୍ରତିକୂଳ ପରିସ୍ଥିତିରେ ଠିକ୍ ଭାବେ ଶିକ୍ଷାଲାଭ କରି ପାରି ନ ଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ କେତେକ ଅନ୍‌ଲାଇନ ପରୀକ୍ଷାକୁ ସମର୍ଥନ କରୁଥିବା ବେଳେ ଆଉ କେତେକ ଏହାକୁ ବିରୋଧ କରୁଛନ୍ତି। ଆଜି ପର୍ଯ୍ୟନ୍ତ କେତେକ ଅନୁଷ୍ଠାନରେ ୧ମ ବର୍ଷର ଏକାଧିକ ବିଷୟରେ ପରୀକ୍ଷା କରାଯାଇନାହିଁ। ଏଭଳି ଅବସ୍ଥାରେ ଫାଇନାଲ ପରୀକ୍ଷା କେବେ ହେବ ତାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ତେବେ ପରିସ୍ଥିତି ସ୍ୱାଭାବିକ ହେଲାଣି। କର୍ତ୍ତୃପକ୍ଷ ପରୀକ୍ଷା କରାଇବା ନେଇ ଖୁବଶୀଘ୍ର ସମୟ ନିର୍ଘଣ୍ଟ ସ୍ଥିର କରିବେ। ଲାଗି ରହିଥିବା ଅନିଶ୍ଚିତତା ଦୂର ହେବ ବୋଲି କେତେକ ଅନୁଷ୍ଠାନର ବିଭାଗୀୟ ପ୍ରଶିକ୍ଷକ ମତ ଦେଇଛନ୍ତି।

# କରମା, ଦଣ୍ଡ ଓ କିଷାନ ନୃତ୍ୟ ପରିବେଷଣ

ଦେବଗଡ଼, ୨।୧୦(ଡି.ଏନ.ଏ)

ଦେବଗଡ ଜିଲା ତିଲେଇବଣି ବ୍ଲକର ଜାମୁନାଳି (ଭେରୁବଣି) ଗ୍ରାମଠାରେ ତୃତୀୟ ବାର୍ଷିକ ଲୋକକଳା ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଲୋକକଳା ଟ୍ରଫି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ତିନୋଟି ବ୍ଲକରୁ ୧୭ଟି ଦଳ ଯଥା ପାଲା, କରମା, ଦଣ୍ଡ ଓ କିଷାନ ନୃତ୍ୟ କଳାକାରମାନେ ଯୋଗଦେଇ ନୃତ୍ୟ ପରିବେଷଣ କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଦଳଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଡ. ଭାରତ ଭୂଷଣ ନନ୍ଦ, ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା ଓ ସଭାପତି କିଶୋର ବେହେରା, ତିଲେଇବଣି ବ୍ଲକର ଏବିଡିଓ ଓ ୩ ବ୍ଲକର ବ୍ଲକ କଳାକାର ସଂଘ ଓ ଜିଲା କଳାକାର ସଂଘର ସଭାପତି ଯୋଗଦାନ କରିଥିଲେ। ବିଚାରକ ଭାବେ ଅଧାପକ ଚିତ୍ତରଞ୍ଜନ ଦାସ, ଅବନୀକାନ୍ତ ମିଶ୍ର, ଉପେନ୍ଦ୍ର ଭଞ୍ଜ ପ୍ରମୁଖ ଯୋଗଦେଇ ମା' ଦକ୍ଷିଣକାଳୀ ପ୍ରଥମ, ତିଲେଇବଣି ବ୍ଲକ କଂସରର ମା ଗୋପ୍ତେଶ୍ୱର ଦଣ୍ଡପାଟି ଦ୍ୱିତୀୟ ଓ ଗୁରୁଜାନ ଆଦିବାସୀ କରମା ନୃତ୍ୟ ତୃତୀୟ ସ୍ଥାନ ଅଧିକାର କରିଥିଲେ।



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ପିପିଲି ଉପନିର୍ବାଚନ: ଆଜି ଫଳାଫଳ

**ଭୁବନେଶ୍ୱର,୨।୧୦(ବ୍ୟୁରୋ)**

ପିପିଲି ଉପନିର୍ବାଚନ ପାଇଁ ଭୋଟ ଗଣତି ରବିବାର ଅନୁଷ୍ଠିତ ହେବ। ଏନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହେବ। ପ୍ରଥମେ ପୋଷ୍ଟାଲ ବାଲଟ ଭୋଟ ଗଣତି ହେବ। ଏହାର ୩୦ ମିନିଟ୍ ପରେ ଅର୍ଥାତ ୮ଟା ୩୦ ମିନିଟ୍‌ରେ ଇଭିଏମ୍ ଗଣତି ହେବ ବୋଲି ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ କୋଭିଡ୍-୧୯କୁ ଦୃଷ୍ଟିରେ ରଖି ନିର୍ବାଚନ ଆୟୋଗଙ୍କ ଅନୁମୋଦନ କ୍ରମେ ଅତିରିକ୍ତ ଭୋଟ ଗଣତି କେନ୍ଦ୍ର ପ୍ରସ୍ତୁତ କରାଯାଇଛି। ପ୍ରତ୍ୟେକ ଭୋଟ ଗଣତି କେନ୍ଦ୍ରରେ ୭ଟି ଟେବୁଲରେ ଗଣନା କାର୍ଯ୍ୟ କରାଯିବ। ସେହି ଅନୁସାରେ ୨ଟି ଇଭିଏମ୍ ଗଣତି କେନ୍ଦ୍ର ଓ ଗୋଟିଏ ପୋଷ୍ଟାଲ ବାଲଟ ଗଣତି କେନ୍ଦ୍ର କରାଯାଇଛି। ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ପର୍ଯ୍ୟବେକ୍ଷକଙ୍କ ଅନୁମୋଦନ କ୍ରମେ ୩ ଜଣ ଅତିରିକ୍ତ ରିଟର୍ନିଂ ଅଫିସର ଭୋଟ ଗଣତି ପ୍ରକ୍ରିୟାଗୁଡ଼ିକୁ ତଦାରଖ କରିବେ।

ଭୋଟ ଗଣତି ନିମନ୍ତେ ପ୍ରତ୍ୟେକ ଟେବୁଲରେ ୩ଜଣ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ଜଣେ କାଉଣ୍ଟିଂ ଆସିଷ୍ଟାଣ୍ଟ, ଜଣେ ସୁପରଭାଇଜର ଓ ଜଣେ ମାଇକ୍ରୋ ଅବ୍‌ଜରଭର ରହିବେ। ଭୋଟ ଗଣତି କାର୍ଯ୍ୟରେ ମୋଟ ୬୨ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଏହା ପୂର୍ବରୁ ସେହି କର୍ମଚାରୀଙ୍କୁ ସମସ୍ତ ପ୍ରକାର ତାଲିମ ଦିଆଯାଇଛି ବୋଲି ଲୋହାନୀ କହିଛନ୍ତି। ପ୍ରାର୍ଥୀମାନଙ୍କ ପକ୍ଷରୁ ପ୍ରତ୍ୟେକ ଭୋଟ ଗଣତି ଟେବୁଲ ପାଇଁ ଜଣେ ଲେଖାଏ କାଉଣ୍ଟିଂ ଏଜେଣ୍ଟ ନିଯୁକ୍ତି କରାଯାଇଛି। ନିର୍ବାଚନ ଆୟୋଗଙ୍କ କୋଭିଡ୍ ନିୟମ ଅନୁସାରେ ଭୋଟ ଗଣତି କାର୍ଯ୍ୟରେ ନିୟୋଜିତ ହୋଇଥିବା ସମସ୍ତ କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ଟିକାକରଣ କରାଯାଇଛି। ଭୋଟ ଗଣତି କେନ୍ଦ୍ରରେ


ସୁଶୀଲ କୁମାର ଲୋହାନି

କୋଭିଡ୍-୧୯ ଗାଇଡ୍‌ଲାଇନ ପାଳନ ପୂର୍ବକ ମାସ୍କ ପିନ୍ଧିବା, ହାତ୍ ବିଶୋଧନ ଓ ସମସ୍ତ କର୍ମଚାରୀଙ୍କ ଥର୍ମାଲ ସ୍କ୍ରିନିଂ ଆଦି ସମସ୍ତ ବ୍ୟବସ୍ଥା କରାଯାଇଛି। ଦିନକ ପୂର୍ବରୁ ଭୋଟଗଣତି କେନ୍ଦ୍ରକୁ ସାନିଟାଇଜ କରାଯାଇଛି। ଏଜେଣ୍ଟମାନଙ୍କ ପାଇଁ ଭୋଟଗଣତି ଫଳାଫଳ ଜାଣିବା ନିମନ୍ତେ ବଡ଼ ସ୍କ୍ରିନ୍‌ର ବ୍ୟବସ୍ଥା କରାଯାଇଛି।

- ପ୍ରଥମ ଅଧଘଣ୍ଟା ପୋଷ୍ଟାଲ ବାଲଟ ଗଣତି
- ୩ କେନ୍ଦ୍ରର ୭ ଲେଖାଏ ଟେବୁଲରେ ହେବ ଗଣତି
- ଗଣନା କାର୍ଯ୍ୟରେ ୬୨ କର୍ମଚାରୀ ନିୟୋଜିତ

ଇଭିଏମ୍ ଭୋଟ ଗଣତି ଶେଷରେ ନିର୍ବାଚିତ ୫ଟି ବୁଥର ଭିଭିପିଏଟି ଗଣତି କରାଯିବ। ପ୍ରତି ରାଉଣ୍ଡର ଗଣତି ପରେ ଫଳାଫଳ RESULTS.ECI.GOV.IN ୱେବସାଇଟରେ ଜଣାପଡ଼ିବ। ଫଳାଫଳ ଜାଣିବା ପାଇଁ ମୁଖ୍ୟନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ମଧ୍ୟ ବ୍ୟବସ୍ଥା ହୋଇଛି। ଭୋଟ ଗଣତି କେନ୍ଦ୍ରଗୁଡ଼ିକୁ ତ୍ରିସ୍ତରୀୟ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ପ୍ରଥମ ବଳୟରେ ସ୍ଥାନୀୟ ପୋଲିସ, ଦ୍ୱିତୀୟ ବଳୟରେ ରାଜ୍ୟ ସଶସ୍ତ୍ର ବଳ ଏବଂ ତୃତୀୟ ବଳୟରେ କେନ୍ଦ୍ରୀୟ ସଶସ୍ତ୍ର ବଳଙ୍କୁ ସୁରକ୍ଷା ନିମନ୍ତେ ନିଯୁକ୍ତି କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଭୋଟ ଗଣତି କେନ୍ଦ୍ର ମଧ୍ୟକୁ ସ୍ୱୀକୃତିପ୍ରାପ୍ତ ଖବରଦାତାଙ୍କୁ ପ୍ରବେଶ କରିବାକୁ ଅନୁମତି ଦିଆଯାଇଥିବା ଲୋହାନୀ ସୂଚନା ଦେଇଛନ୍ତି।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ପିପିଲି ଉପ ନିର୍ବାଚନରେ ମୋଟ ୧୦ ଜଣ ପ୍ରାର୍ଥୀ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି। ବିଶେଷକରି ବିଜେଡି ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥୀ, ଭାଜପା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ ଏବଂ କଂଗ୍ରେସ ପ୍ରାର୍ଥୀ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ଗଣନା ପରେ କିଏ ବାଜି ମାରିବେ ତାହା ଉପରେ ରହିଛି ନଜର। ୨୦୧୯ ବିଧାନସଭା ନିର୍ବାଚନରେ ବିଜେଡି ବିଧାୟକ ସ୍ୱର୍ଗତ ପ୍ରଦୀପ ମହାରଥୀ ୮୮ ହଜାର ୫୧୮ ଭୋଟ ପାଇଥିବାବେଳେ ଭାଜପା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ ୭୨,୭୩୧ ଖଣ୍ଡ ଭୋଟ ପାଇ କଡ଼ା ଟକ୍କର ଦେଇଥିଲେ।

## କଡ଼ା ସୁରକ୍ଷା ବଳୟରେ ହେବ ଗଣତି


ୱେର ହାଉସ୍ ପରିସରରେ ଭୋଟଗଣତି ପାଇଁ ପ୍ରସ୍ତୁତ ହୋଇଥିବା କକ୍ଷ।

**ପୁରୀ ଅଫିସ,୨।୧୦**

ପୁରୀ ପେଣ୍ଠକଟାସ୍ଥିତ ୱେର ହାଉସ୍‌ରେ କଡ଼ା ସୁରକ୍ଷା ମଧ୍ୟରେ ଇଭିଏମ୍‌ରେ ଭୋଟରଙ୍କ ମତାମତକୁ ସିଲ୍ କରି ରଖାଯାଇଥିବା ବେଳେ ତିନି ପ୍ରମୁଖ ଦଳର ପ୍ରାର୍ଥୀଙ୍କ ସମେତ ସମସ୍ତ ୧୦ ଜଣ ପ୍ରାର୍ଥୀ ନିଜ ନିଜର ବିଜୟକୁ ନେଇ ଆଶାବାଦୀ ରହିଛନ୍ତି। ପୋଲିସ ପ୍ରଶାସନ ପକ୍ଷରୁ ଷ୍ଟ୍ରଙ୍ଗ୍ ରୁମ୍‌ରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ଶନିବାର ଜିଲାପାଳ ସମର୍ଥ ବର୍ମା ଓ ଏସ୍‌ପି କନ୍‌ୱର ବିଶାଲ ସିଂ ଶନିବାର ୱେର ହାଉସ୍ ପରିଦର୍ଶନ କରି ଇଭିଏମ୍ ଷ୍ଟ୍ରଙ୍ଗ୍ ରୁମ୍‌ର ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରିଛନ୍ତି। ଏସ୍‌ପି ସିଂ କହିଛନ୍ତି, ରବିବାର ଭୋଟ ଗଣତି ସମୟରେ ସୁରକ୍ଷା ଦୃଷ୍ଟିରୁ ଏବଂ କୌଣସି ପ୍ରକାର ଉତ୍ତେଜନାପୂର୍ଣ୍ଣ ସ୍ଥିତି ଉପୁଜିବା ଆଶଙ୍କାରେ ୮ ଇନ୍‌ସ୍ପେକ୍ଟର, ୨୨ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ଡିଏସ୍‌ପି ୪ଜଣ, ଅତିରିକ୍ତ ଏସ୍‌ପି ୨ଜଣ, ତିନି ପ୍ଲାଟୁନ୍ ସୀମା ସୁରକ୍ଷା ବଳ ଓ ତିନି ପ୍ଲାଟୁନ୍ ଫୋର୍ସ ମୁତୟନ ହେବ। ସେହିପରି ଶନିବାର ଦ୍ୱିପ୍ରହର ସମୟରେ ଜିଲାପାଳ ସମର୍ଥ ବର୍ମା କାଉଣ୍ଟିଂରେ ନିୟୋଜିତ ଅଧିକାରୀ ଓ କର୍ମଚାରୀଙ୍କ ସହ ପୁରୀ ସଦ୍‌ଭାବନା ଗୃହରେ ଆଲୋଚନା କରିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ମହାପାତ୍ର ଓ ଏସ୍‌ପି କନ୍‌ୱର ବିଶାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ଗଣତି ବେଳ ପାଖେଇ ଆସୁଥିବାରୁ ତିନି ଦଳର ପ୍ରାର୍ଥୀ ନିଜର ବିଜୟକୁ ନେଇ ଆଶାବାଦୀ ଥିବା ପ୍ରକାଶ କରିଛନ୍ତି। ବିଜେଡି ପ୍ରାର୍ଥୀ ରୁଦ୍ର ପ୍ରତାପ ମହାରଥୀ କହିଛନ୍ତି, ଦିବଂଗତ ପିତା ପ୍ରଦୀପ ମହାରଥୀ ଓ ବିଜେଡି ଉପରେ ପିପିଲି ଓ ଡେଲାଙ୍ଗବାସୀଙ୍କ ଅକୁଣ୍ଠ ସମର୍ଥନ ରହି ଆସିଛି। ଆସନ୍ତାକାଲିର ନିର୍ବାଚନ ଫଳାଫଳ ମଧ୍ୟ ଅନୁରୂପ ହେବ ଓ ବିଜୁ ଜନତା ଦଳ ବିଜୟୀ ହେବ। ଅନ୍ୟପକ୍ଷରେ ଭାଜପା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ କହିବା କଥା ଯେ ଦୀର୍ଘ ଦିନର ବିଜେଡି ଶାସନରେ ହୋଇଥିବା ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଏହି ଉପନିର୍ବାଚନ ଏକ ମାଧ୍ୟମ ଥିଲା। ଲୋକେ ପରିବର୍ତ୍ତନ ମୁହାଁ ଏକଥା ପିପିଲିବାସୀ ପ୍ରମାଣିତ କରିବେ। ସେହିଭଳି କଂଗ୍ରେସ ପ୍ରାର୍ଥୀ ବିଶ୍ୱକେଶନ ହରିଚନ୍ଦନ କହିଛନ୍ତି, ଘର ଘର ବୁଲି ପ୍ରଚାର କରିବା ବେଳେ ଲୋକେ ନିଜ ସମସ୍ୟା ଆମ ସହ ଆଲୋଚନା କରିଛନ୍ତି। ଲୋକେ ନିଜ ଆକ୍ରୋଶ ପ୍ରକାଶ କରିଥିବେ ବୋଲି ମୋର ଆଶା। ଭାରତୀୟ ଜାତୀୟ କଂଗ୍ରେସ ପିପିଲି ଉପନିର୍ବାଚନରେ ପିପିଲିବାସୀଙ୍କ ସମର୍ଥନ ପାଇ ବିଜୟୀ ହେବ। ପ୍ରଦୀପ ମହାରଥୀଙ୍କ ପରଲୋକ ପରେ ଭିନ୍ନ ଭିନ୍ନ କାରଣ ଯୋଗୁଁ ନିର୍ବାଚନ ଦୁଇ ଥର ସ୍ଥଗିତ ରହିଥିଲା। ଏଣୁ ଚଳିତ ଉପନିର୍ବାଚନ ଉପରେ ରାଜ୍ୟବାସୀଙ୍କ ନଜର ରହିଛି। ତିନି ପ୍ରମୁଖ ରାଜନୈତିକ ଦଳ ପିପିଲି ମଇଦାନରେ ବିଜୟ ପତାକା ଉଡ଼ାଇ ରାଜ୍ୟ ରାଜନୀତିରେ ପତିଆରା ଦେଖାଇବାକୁ ଚାହୁଁଛନ୍ତି। ଉଲ୍ଲେଖଯୋଗ୍ୟ, ଗୁରୁବାର ଅନୁଷ୍ଠିତ ପିପିଲି ଉପନିର୍ବାଚନରେ ୯୫ ହଜାର ୩୮୩ ଜଣ ପୁରୁଷ, ୮୪ ହଜାର ୫୯୭ ଜଣ ମହିଳା ଭୋଟ ଦେଇଥିବାବେଳେ ଭୋଟଦାନ ପ୍ରତିଶତ ୭୮.୨୫ ପ୍ରତିଶତ ହୋଇଛି।

## ରାହୁଲ, ପ୍ରିୟଙ୍କାଙ୍କ ପଛରେ ରହିବି: ସିଦ୍ଧୁ


ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସହ ନବଜୋତ୍ ସିଂ ସିଦ୍ଧୁ।

**ନୂଆଦିଲ୍ଲୀ,୨।୧୦**

ପଞ୍ଜାବରେ ଏକ ସପ୍ତାହ ଧରି କଂଗ୍ରେସ ରାଜନୀତିରେ ନାନା ହଇଚଇ ଲାଗି ରହିଥିଲାବେଳେ ଦଳୀୟ ନେତା ନବଜୋତ୍ ସିଂ ସିଦ୍ଧୁଙ୍କ ଏକ ବଡ଼ ମନ୍ତବ୍ୟ ଶନିବାର ସାମ୍ନାକୁ ଆସିଛି। କ୍ରିକେଟିୟରରୁ ରାଜନେତା ପାଲଟିଥିବା ସିଦ୍ଧୁ ଟୁଇଟ୍ କରି କହିଛନ୍ତି ଯେ, ତାଙ୍କ ପାଖରେ କୌଣସି ପଦ ଥାଉ କି ନ ଥାଉ, ସେ ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ପଛରେ ରହିବେ। ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନିଙ୍କ କିଛି ନିଷ୍ପତ୍ତିରେ ଅସନ୍ତୁଷ୍ଟ ହୋଇ ସିଦ୍ଧୁ ଗତ ମଙ୍ଗଳବାର ପଞ୍ଜାବ ପ୍ରଦେଶ କଂଗ୍ରେସ କମିଟି (ପିପିସିସି) ସଭାପତି ପଦରୁ ଇସ୍ତଫା ଦେଇଥିଲେ। କଂଗ୍ରେସ ହାଇକମାଣ୍ଡ ଉକ୍ତ ଇସ୍ତଫାକୁ ଗ୍ରହଣ କରି ନ ଥିବାବେଳେ ମୁଖ୍ୟମନ୍ତ୍ରୀ ଚନ୍ନି ସିଦ୍ଧୁଙ୍କୁ ପିପିସିସି ସଭାପତି ଭାବେ ଦାୟିତ୍ୱ ତୁଲାଇବା ପାଇଁ ବୁଝାଇ ପାରିଛନ୍ତି।

ସିଦ୍ଧୁ ପଞ୍ଜାବ କଂଗ୍ରେସ ମୁଖ୍ୟ ପଦବୀରୁ ଇସ୍ତଫା ଦେବାପରେ ଦଳ ଏବଂ ଚନ୍ନି ସରକାରଙ୍କ ପାଇଁ ସଙ୍କଟ ସୃଷ୍ଟି ହୋଇଥିଲା। ଆସନ୍ତା ବର୍ଷ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏଭଳି ଘଟଣା କଂଗ୍ରେସ ପାଇଁ ଝଟକା ଥିଲା। ଏଭଳିସ୍ଥଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସିଦ୍ଧୁଙ୍କ ଘୋର ବିରୋଧୀ ଭାବେ ଜଣାଶୁଣା କ୍ୟାପଟେନ ଅମରିନ୍ଦର ସିଂ କଂଗ୍ରେସ ଛାଡ଼ିବା ନେଇ ସ୍ପଷ୍ଟ ଭାବେ କହିବା ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ଏନ୍‌ଏସ୍‌ଏ ଅଜିତ୍ ଡୋଭାଲଙ୍କୁ ନୂଆଦିଲ୍ଲୀରେ ସାକ୍ଷାତ୍ କରିଥିଲେ। ଏହାପରେ ସେ ଭାଜପାରେ ଯୋଗ ଦେଉଥିବା ନେଇ ଚର୍ଚ୍ଚା ହୋଇଥିଲା। କିନ୍ତୁ ସେ ଭାଜପାରେ ସାମିଲ ହେବେ ନାହିଁ ବୋଲି ପରେ ଗଣମାଧ୍ୟମକୁ କହିଥିଲେ। ପଞ୍ଜାବ କଂଗ୍ରେସରେ ଦୀର୍ଘଦିନ ଧରି ନେତୃତ୍ୱ ଦେଇ ଆସିଥିବା ଅମରିନ୍ଦର ଦଳ ପ୍ରତି ମୁହଁ ମୋଡ଼ି ନେଇଥିବାବେଳେ ସିଦ୍ଧୁ ରାଜ୍ୟରେ କଂଗ୍ରେସର ବିଜୟ ପାଇଁ ଆଗେଇ ଆସିଛନ୍ତି। ସିଦ୍ଧୁ ତାଙ୍କ ଟୁଇଟ୍‌ରେ ମହାତ୍ମା ଗାନ୍ଧୀ ଏବଂ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଫଟୋ ସ୍ଥାନିତ କରିଛନ୍ତି। ଗାନ୍ଧୀ ଓ ଶାସ୍ତ୍ରୀଙ୍କ ନୀତିଆଦର୍ଶରେ ରହି ସେ ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀଙ୍କ ସହ ଠିଆ ହେବେ। ନକାରାତ୍ମକ ଶକ୍ତି ତାଙ୍କୁ ହରାଇବାକୁ ଯେତେ ଚେଷ୍ଟା କଲେ ମଧ୍ୟ ସେ ସକାରାତ୍ମକ ଶକ୍ତି ଦ୍ୱାରା ପଞ୍ଜାବକୁ ଜିତାଇବେ। ପଞ୍ଜାବ ଭାଇଚାରା ଜିତିବ ଏବଂ ପ୍ରତ୍ୟେକ ପଞ୍ଜାବୀ ଜିତିବେ ବୋଲି ସିଦ୍ଧୁ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି।

## ଗଡ଼କରୀଙ୍କୁ ପ୍ରଶଂସାରେ ପୋତିଲେ ପାୱାର

**ପୁଣେ,୨।୧୦**

ନ୍ୟାଶନାଲ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ଶନିବାର ବରିଷ୍ଠ ଭାଜପା ନେତା ତଥା କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। କ୍ଷମତାକୁ ବ୍ୟବହାର କରି ବିକାଶ କିପରି କରିହୁଏ ତାହା ଗଡ଼କରୀ କରି ଦେଖାଇଛନ୍ତି ବୋଲି ପାୱାର କହିଛନ୍ତି। ଶନିବାର ମହାରାଷ୍ଟ୍ରର ଅହମ୍ମଦନଗରରେ ଅନୁଷ୍ଠିତ ଏକ ରାସ୍ତା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ପ୍ରତିଦ୍ୱନ୍ଦ୍ୱୀ ଦଳର ଏହି ଦୁଇ ନେତା ଉପସ୍ଥିତ ଥିଲେ। ପାୱାର କହିଥିଲେ, ସେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି କାରଣ ତାଙ୍କୁ କୁହାଯାଇଥିଲା ଯେ ଗଡକରୀ ଅହମ୍ମଦନଗରରେ ଅନେକ ପ୍ରକଳ୍ପର ଉଦ୍‌ଘାଟନ କରିବାକୁ ଯାଉଛନ୍ତି, ଯାହା ସହରର ଦୀର୍ଘ ସମସ୍ୟାର ସମାଧାନ କରିବ। କାର୍ଯ୍ୟକ୍ରମରେ ତାଙ୍କୁ ଉପସ୍ଥିତ ରହିବାକୁ ଗଡ଼କରୀ ଚାହୁଁଥିବା ପାୱାର କହିଥିଲେ। ସେ ଆହୁରି କହିଥିଲେ, ଏକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ହେବା ପରେ ପ୍ରାୟତଃ କିଛି ହୁଏ ନାହିଁ। କିନ୍ତୁ


ଏନ୍‌ସିପି ମୁଖ୍ୟ ଶରଦ ପାୱାର ଓ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ।

ଯେତେବେଳେ ଗଡକରୀଙ୍କ ପ୍ରକଳ୍ପ କଥା ଆସେ, ସମାରୋହର କିଛି ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ ହେବାର ଦେଖାଯାଏ। ଜଣେ ଜନ ପ୍ରତିନିଧି କିପରି ଦେଶର ବିକାଶ ପାଇଁ କାର୍ଯ୍ୟ କରିପାରିବେ ଗଡକରୀ ତାହାର ଏକ ଉତ୍ତମ ଉଦାହରଣ। ଗଡକରୀ ସଡ଼କ ପରିବହନ ମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ପ୍ରାୟ ୫୦୦୦ କିଲୋମିଟର କାମ ସରିଯାଇଥିଲା। କିନ୍ତୁ ସେ ଦାୟିତ୍ୱ ଗ୍ରହଣ କରିବା ପରେ ଏହି ସଂଖ୍ୟା ୧୨,୦୦୦ କିଲୋମିଟର ଅତିକ୍ରମ କରିଛି ବୋଲି ପାୱାର କହିଛନ୍ତି।

ଉଲ୍ଲେଖଥାଉ କି, ପୂର୍ବରୁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସମେତ ଅନ୍ୟ କେତେକ ଦଳର ନେତା ମଧ୍ୟ ଗଡ଼କରୀଙ୍କ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଏହାକୁ ଭିନ୍ନ ରାଜନୈତିକ ଦୃଷ୍ଟିରେ ମଧ୍ୟ ଦେଖାଯାଉଛି। ଅନେକେ ଗଡ଼କରୀଙ୍କ ନାମ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପରୋକ୍ଷରେ ସମାଲୋଚନା କରୁଛନ୍ତି।

## ରାଜନୀତିରୁ ଅବସର ନେବେ ଫିଲିପାଇନ୍ସ ରାଷ୍ଟ୍ରପତି

**ମାନିଲା, ୨।୧୦**

ଫିଲିପାଇନ୍ସ ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟେ ରାଜନୀତିରୁ ଅବସର ନେବେ ବୋଲି ଶନିବାର ସୂଚନା ଦେଇଛନ୍ତି। ୨୦୨୨ରେ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନରେ ସେ ଭାଗନେବେ ନାହିଁ। ଏହି ପଦବୀ ପାଇଁ ସେ ତାଙ୍କ ଝିଅଙ୍କୁ ଲଢ଼ିବା ପାଇଁ ଛାଡ଼ିବେ ବୋଲି ଜଣାପଡ଼ିଛି। ଫିଲିପାଇନ୍ସ ନାଗରିକଙ୍କ ବିଚାରରେ ସେ ଉକ୍ତ ପଦବୀ ପାଇଁ ଯୋଗ୍ୟ ନୁହନ୍ତି। ଉପରାଷ୍ଟ୍ରପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବା ସମ୍ବିଧାନ ତଥା ଆଇନର ଉଲ୍ଲଂଘନ ହେବ ବୋଲି ଡୁଟେର୍ଟେ କହିଛନ୍ତି। ଦେଶକୁ ନିଶା କାରବାରରୁ ମୁକ୍ତ କରିବାର ପ୍ରତିଶ୍ରୁତି ଦେଇ ୨୦୧୬ରେ ଡୁଟେର୍ଟେ କ୍ଷମତାକୁ ଆସିଥିଲେ। ଏବେ ବି ତାଙ୍କର ପୂର୍ବ ଲୋକପ୍ରିୟତା ଅକ୍ଷୁଣ୍ଣ ରହିଛି। ତେବେ ଦ୍ୱିତୀୟ ପାଳି କ୍ଷମତାରେ ରହିବା ନେଇ ସାମ୍ବିଧାନିକ


ରୋଡ୍ରିଗୋ ଡୁଟେର୍ଟେ

ପ୍ରତିବନ୍ଧକ ରହିଛି। ଯଦିଓ ସେ ଆସନ୍ତା ବର୍ଷ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନ ଲଢ଼ିବେ ବୋଲି ଗତ ଅଗଷ୍ଟରେ ଘୋଷଣା କରିଥିଲେ, ଏହାକୁ ନେଇ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା। ଶନିବାର ସେ ରାଜନୀତି ଛାଡ଼ିବା ପାଇଁ ଘୋଷଣା କରିଥିଲେ ହେଁ କେବେ ଛାଡ଼ିବେ ତାହା କହିନାହାନ୍ତି।

## ଦଳୀୟ ଚିହ୍ନକୁ ନେଇ ଦାଦା-ପୁତୁରା ଲଢ଼େଇ

### ଏଲ୍‌ଜେପି ଚିହ୍ନକୁ ସ୍ଥଗିତ ରଖିଲେ ଇସି

**ନୂଆଦିଲ୍ଲୀ, ୨।୧୦**

ଉପନିର୍ବାଚନ ପୂର୍ବରୁ ଦଳୀୟ ଚିହ୍ନକୁ ନେଇ ବିହାର ରାଜନେତା ଚିରାଗ ପାଶ୍ୱାନ ଓ ତାଙ୍କ ଦାଦା ତଥା କେନ୍ଦ୍ରମନ୍ତ୍ରୀ ପଶୁପତି ପାରସଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ଫଳରେ ବିବାଦର ସମାଧାନ ନ ହେବା ପର୍ଯ୍ୟନ୍ତ ନିର୍ବାଚନ କମିଶନ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ନାମ ଓ ଦଳୀୟ ଚିହ୍ନ (ବଙ୍ଗଳା)କୁ ସ୍ଥଗିତ ରଖିଛନ୍ତି। ଅକ୍ଟୋବର ୩୦ରେ ବିହାରର ଦୁଇଟି ଆସନ କୁଶେଶ୍ୱର ଆସ୍ଥାନ ଏବଂ ତାରାପୁରରେ ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଗତ ଜୁନ୍ ୧୪ରେ ଏଲ୍‌ଜେପିର ୬ ଜଣ ଏମ୍‌ପିଙ୍କ ମଧ୍ୟରୁ ୫ ଜଣ ପାରସଙ୍କ ନେତୃତ୍ୱରେ ଦଳରୁ ଅଲଗା ହୋଇଯାଇ ସେମାନଙ୍କୁ ସ୍ୱତନ୍ତ୍ର ମାନ୍ୟତା ଦେବା ପାଇଁ ଲୋକ ସଭା ବାଚସ୍ପତିଙ୍କୁ ଚିଠି ଲେଖିଥିଲେ। ଏହା ପରେ ଚିରାଗ ଏବଂ ପାରସ ଏଲ୍‌ଜେପି ସେମାନଙ୍କ ନିୟନ୍ତ୍ରଣରେ ଥିବା ନେଇ ଦାବି କରିବା ସହ ଅନ୍ୟ ପକ୍ଷରେ ଥିବା ନେତାଙ୍କୁ ବହିଷ୍କାର କରିଥିଲେ। ତେବେ ସେମାନଙ୍କୁ


ଚିରାଗ ପାଶ୍ୱାନ ଓ ପଶୁପତି ପାରସ

ଏଲ୍‌ଜେପି ଭାବେ ଆନୁଷ୍ଠାନିକ ସ୍ୱୀକୃତି ମିଳି ନ ଥିବାରୁ ଦଳୀୟ ଚିହ୍ନ କିଏ ପାଇବ ତାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଉଭୟ ପାଶ୍ୱାନ ଏବଂ ପାରସ ସୋମବାର ଅପରାହ୍ନ ୧ଟା ସୁଦ୍ଧା ସେମାନଙ୍କ ଦଳର ଅଲଗା ନାମ ଓ ଚିହ୍ନ ରଖିବା ଲାଗି ନିର୍ବାଚନ କମିଶନ କହିଛନ୍ତି। ଉଭୟ ଗୋଷ୍ଠୀ ରାଜନୈତିକ ଦଳର ସ୍ୱୀକୃତି ପାଇ ନ ଥିବାରୁ ନିର୍ବାଚନ କମିଶନଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ସାବ୍ୟସ୍ତ ହେବ।

**ରାଜ୍ୟ ଖବର**

## ପୁଣି ଚମକିଲେ ମୟୂରଭଞ୍ଜର ଶ୍ରେୟାଂସୀ

**ବିଶୋଇ, ୨।୧୦(ଡି.ଏନ.ଏ.)**

**ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଲେ**

ଇଣ୍ଡିଆ ବୁକ ଅଫ୍ ରେକର୍ଡ୍ସ ପରେ ଇଣ୍ଟରନ୍ୟାଶନାଲ ବୁକ୍ ଅଫ ରେକର୍ଡ୍ସରେ ସ୍ଥାନ ପାଇ ସାରା ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି ମୟୂରଭଞ୍ଜର କୁନି ଝିଅ ଶ୍ରେୟାଂସୀ ମହାନ୍ତ। ମୟୂରଭଞ୍ଜ ଜିଲାର ରରୁଆଁ ବ୍ଲକର ଘାଗରାବେଡା ପଞ୍ଚାୟତ ବାଟିସାହି ଗ୍ରାମର ଶ୍ରେୟାଂସୀଙ୍କୁ ମାତ୍ର ୩ବର୍ଷ। ଜାତୀୟ ଓ ପାରମ୍ପରିକ ପ୍ରତୀକ, ଆକୃତି, ମାନବର ବିଭିନ୍ନ ଅଙ୍ଗ, ବନ୍ୟଜନ୍ତୁ, ପକ୍ଷୀ, ବିଭିନ୍ନ ଦେଶର ଜାତୀୟ ପତାକା, ଗାଣିତିକ ପ୍ରତୀକ, ଉଦ୍ଭିଦର ବିଭିନ୍ନ ଅଂଶ ଅତିସହଜରେ ଚିହ୍ନଟ କରିବା ସହିତ ୧୨ଟି ମାସର ନାମ, ସପ୍ତାହର ୭ଦିନ, ସପ୍ତର୍ଷିମଣ୍ଡଳ, ଗ୍ରହ, ଫଳ, ପନିପରିବା, ଭାରତୀୟ ମୁଦ୍ରା ଆଦି ଅନର୍ଗଳ ଭାବରେ ଉଚ୍ଚାରଣ କରି ପ୍ରତିଭା ଦେଖାଇ ଇଣ୍ଟରନ୍ୟାଶନାଲ ବୁକ୍ ଅଫ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ଏନେଇ ଇଣ୍ଟରନ୍ୟାଶନାଲ ବୁକ ଅଫ୍ ରେକର୍ଡ୍ସର ଏଡିଟୋରିଆଲ ବୋର୍ଡ ଦ୍ୱାରା ମନୋନୀତ ହୋଇ ଇଣ୍ଟରନ୍ୟାଶନାଲ ବୁକ ଅଫ୍ ରେକର୍ଡ୍ସ 'ସୁପର ଟ୍ୟାଲେଣ୍ଟେଡ କିଡ୍- ୨୦୨୧ ୱାନ ଇନ ଏ ମିଲିୟନ' ଶୀର୍ଷକରେ ଶ୍ରେୟାଂସୀଙ୍କ ନାମ ଘୋଷଣା କରାଯାଇଛି।



ସୁବ୍ରତ ମହାନ୍ତ ଓ ତୃପ୍ତିଲତାଙ୍କ ଏକମାତ୍ର ଝିଅ ଶ୍ରେୟାଂସୀ ଇଣ୍ଟରନ୍ୟାଶନାଲ ବୁକ ଅଫ୍ ରେକର୍ଡ୍ସର ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ବିବେଚିତ ହେବା ପରେ ଗତ ୨୩ ଅଗଷ୍ଟରେ ଚୂଡାନ୍ତ ଭିଡିଓ ଟିମ୍‌କୁ ପଠାଇଥିଲେ। ଶ୍ରେୟାଂସୀ ଏଥିରେ ଯୋଗ୍ୟ ବିବେଚିତ ହୋଇ ସେପ୍ଟେମ୍ବର ୪ରେ ଇଣ୍ଟରନ୍ୟାଶନାଲ ବୁକ୍ ଅଫ ରେକର୍ଡ୍ସରେ ତାଙ୍କ ନାମ ଘୋଷଣା କରିବା ସହିତ ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡ୍ସ ପକ୍ଷରୁ ଶ୍ରେୟାଂସୀଙ୍କୁ ମେଡେଲ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଶ୍ରେୟାଂସୀଙ୍କ ବାପା ସୁବ୍ରତ ମହାନ୍ତ ନୂଆଦିଲ୍ଲୀରେ ଆଇଟିବିପିର ପାରା ମେଡିକାଲ ବିଭାଗରେ କାର୍ଯ୍ୟରତ। ଶ୍ରେୟାଂସୀ ନିଜ ମା'ବାପାଙ୍କ ସହ ବର୍ତ୍ତମାନ ଦିଲ୍ଲୀରେ ରହୁଛନ୍ତି। ଅଳ୍ପବୟସରୁ ପାଠ ପଢ଼ିବାରେ ରୁଚି ରଖିବା ସହିତ ବିଚକ୍ଷଣ ସ୍ମରଣ ଶକ୍ତି ପାଇଁ ଶ୍ରେୟାଂସୀ ଏହି ସଫଳତା ଅର୍ଜନ କରିପାରିଛନ୍ତି।

## ଆଙ୍କିଛି ବିକାଶର ମାନଚିତ୍ର

**୨୯ ବର୍ଷରେ ମାଲକାନଗିରି ଜିଲା**

- ବିଜୁ ପଟ୍ଟନାୟକ ଦେଇଥିଲେ ଜିଲାର ମାନ୍ୟତା
- ତଥାପି ରହିଛି ବେରୋଜଗାରୀ, ଦାଦନ ଦୁଃଖ
- ଗୁରୁପ୍ରିୟା ସେତୁ ସମୟ ଖଣ୍ଡର ବଡ଼ ସଫଳତା


ବିକାଶର ନମୁନା: ଗୁରୁପ୍ରିୟା ନଦୀ ଉପରେ ନିର୍ମାଣ ହୋଇଥିବା ସେତୁ।

**ମାଲକାନଗିରି,୨।୧୦ (ଡି.ଏନ୍.ଏ.)**

୧୯୯୨ ମସିହା ଅକ୍ଟୋବର୨ରେ ଜିଲାର ମାନ୍ୟତା ପାଇଥିଲା ମାଲକାନଗିରି। ସ୍ୱର୍ଗତ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ରାଜ୍ୟରେ ଜିଲା ପୁନର୍ଗଠନ କରି ମାଲକାନଗିରିକୁ ଜିଲାର ମାନ୍ୟତା ଦେଇଥିଲେ। ଆଜି ମାଲକାନଗିରି ଜିଲା ପ୍ରତିଷ୍ଠାର ୨୯ ବର୍ଷରେ ପଦାର୍ପଣ କରିଛି। ଏହି ଦୀର୍ଘ ଅଢ଼େଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ଜିଲାର ଅନେକ ବିକାଶ ହୋଇଛି। ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟସେବା, ପାନୀୟଜଳ, କୃଷି, ଜଳସେଚନ କ୍ଷେତ୍ରରେ ଜିଲା ବିକାଶର ମାନଚିତ୍ର ଆଙ୍କିଛି। ଜିଲାରେ ବିଜୟୱାଡା-ରାଞ୍ଚି ରାଜପଥ, ବିଭିନ୍ନ ବ୍ଲକ ଏବଂ ପଞ୍ଚାୟତ ସଦର ମହକୁମାକୁ ପକ୍କା ସଡକ, ୯୦ ପ୍ରତିଶତ ଗ୍ରାମରେ କଂକ୍ରିଟ ରାସ୍ତା, ବିଦ୍ୟୁତ୍, ପାନୀୟ ଜଳ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ହୋଇଥିବା ଉନ୍ନତି ଏହାର ଗୋଟିଏ ଗୋଟିଏ ଦୃଷ୍ଟାନ୍ତ। ଗୁରୁପ୍ରିୟା ସେତୁ ନିର୍ମାଣ ହୋଇ ଜଳବନ୍ଦୀ ଥିବା ହଜାର ହଜାର ଲୋକଙ୍କୁ ସ୍ୱାଭାବିକ ଜୀବନ ଜୀବିକାରେ ସାମିଲ କରିବା, ମାଓବାଦୀଙ୍କ ଉପଦ୍ରବକୁ ପ୍ରତିହତ କରିବା ହେଉଛି ଏହି ସମୟଖଣ୍ଡରେ ଜିଲା ପାଇଁ ବଡ଼ ସଫଳତା। ତଥାପି ଜିଲାରେ ଅନ୍ୟାନ୍ୟ କ୍ଷେତ୍ରରେ ଆହୁରି ବିକାଶର ଆବଶ୍ୟକତା ରହିଛି। ଶିଳ୍ପବିହୀନ ମାଲକାନଗିରି ଜିଲାରେ ଦୁର୍ଗମ ତଥା ଉପାନ୍ତ ଅଞ୍ଚଳରେ ମୌଳିକ ଭିତ୍ତିଭୂମି ଓ ଆବଶ୍ୟକତା ପୂରଣ, ଶିଳ୍ପ ଏବଂ ରେଳ ଚଳାଚଳ ନେଇ ସୁବିଧା ହୋଇପାରିଲେ ଜିଲାର ଅର୍ଥନୈତିକ ବିକାଶ ସହ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ।

**ଜିଲା ପ୍ରଶାସନ ସଂକଳ୍ପ ନେବାର ସମୟ ଆସିଛି**

ଅନ୍ୟପକ୍ଷରେ ଏବେ ମଧ ଜିଲାର ଯୁବକମାନେ ଉଚ୍ଚଶିକ୍ଷା ପାଇଁ ବାହାର ଜିଲା ଉପରେ ନିର୍ଭର କରୁଛନ୍ତି। ଜିଲାରେ ବି.ଏଡ୍. କଲେଜ ନିର୍ମାଣ ହୋଇ ୪ ବର୍ଷ ବିତିଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଜିଲାର ଛାତ୍ରୀଛାତ୍ରମାନେ ବି.ଏଡ୍. ପାଠ୍ୟକ୍ରମ ପାଇଁ ଆନ୍ଧ୍ର ଉପରେ ନିର୍ଭର କରୁଛନ୍ତି। ଗରିବ ଛାତ୍ରୀଛାତ୍ରମାନେ ଅର୍ଥାଭାବରୁ ଏହି ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ପାଠପଢ଼ା ସରିବା ପରେ ଜିଲାରେ ଶିକ୍ଷିତ ଯୁବତୀଯୁବକଙ୍କୁ ସରକାରୀ କିମ୍ବା ବେସରକାରୀ ସ୍ତରରେ କୌଣସି ନିଯୁକ୍ତି ସୁଯୋଗ ନ ଥିବାରୁ ଚାକିରି ପାଇଁ ସେମାନେ ବାହାର ରାଜ୍ୟ ଉପରେ ନିର୍ଭର କରୁଛନ୍ତି। ସାଧାରଣ ଲୋକମାନେ ଜିଲାରେ ସବୁ ସମୟରେ କାମ ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଜିଲାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଲେ ବେକାରି ଓ ଦାଦନ ସମସ୍ୟାରେ ରୋକ ଲାଗିପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଜିଲା ପ୍ରଶାସନ ଆଜିର ଦିବସରେ ଜିଲାରୁ ବେକାରି ଓ ଦାଦନ ଦୁଃଖ ଦୂର କରିବା ଲାଗି ସଂକଳ୍ପ ନେବାର ସମୟ ଆସିଛି। ଆବଶ୍ୟକତା ମଧ୍ୟ ରହିଛି।

**୯୦ କୋଟି ଟପିଲା ଟିକାକରଣ**

**ନୂଆଦିଲ୍ଲୀ:** ଭାରତରେ କରୋନା ଟିକାକରଣ ୯୦ କୋଟି ଟପିଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଶନିବାର ସୂଚନା ଦେଇଛନ୍ତି। ଶୁକ୍ରବାର ଦେଶରେ ୨ କୋଟି ଲୋକଙ୍କୁ ଟିକା ଦିଆଯାଇଥିଲା। ଜାନୁୟାରୀ ୧୬ରୁ ଦେଶରେ ସାମୂହିକ ଟିକାକରଣ ଆରମ୍ଭ ହୋଇଥିଲା।

## ସଂକ୍ଷେପରେ

### ଏୟାର ଆମ୍ବୁଲାନ୍ସ ଦୁର୍ଘଟଣା: ୪ ମୃତ

ଦୁବାଇ, ୨।୧୦: ଆବୁଧାବିର ଏକ ଏୟାର ଆମ୍ବୁଲାନ୍ସ ଶନିବାର ଦୁର୍ଘଟଣାଗ୍ରସ୍ତ ହେବାରୁ ୪ ଜଣଙ୍କ ମୃତ୍ୟୁ ଘଟିଛି। କ'ଣ ପାଇଁ ଦୁର୍ଘଟଣା ଘଟିଲା ତାହା ପୋଲିସ ଜଣାଇନାହିଁ। ମୃତକଙ୍କ ମଧ୍ୟରେ ୨ ଜଣ ପାଇଲଟ, ଜଣେ ଡାକ୍ତର ଓ ଜଣେ ନର୍ସ ଅଛନ୍ତି। ମୃତକଙ୍କ ପାଇଁ ଆବୁଧାବି ପୋଲିସ ମୁଖ୍ୟାଳୟ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

### ଆମେରିକାରେ କୋଭିଡ୍ ନେଲାଣି ୭ ଲକ୍ଷ ଜୀବନ

ୱାଶିଂଟନ, ୨।୧୦
ଆମେରିକାରେ କୋଭିଡ୍-୧୯ ମହାମାରୀ ୭ ଲକ୍ଷ ଜୀବନ ନେଲାଣି। ଭୂତାଣୁର ଡେଲ୍ଟା ଭାରିଆଣ୍ଟ ଯୋଗୁ ସଂକ୍ରମଣ ହାର ବଢ଼ିଯାଇଥିଲା। ଏବେ ତାହା କମିବା ଆରମ୍ଭ କରିଛି। ମୃତ୍ୟୁସଂଖ୍ୟା ୬ ଲକ୍ଷରୁ ୭ ଲକ୍ଷରେ ପହଞ୍ଚିବା ପାଇଁ ୩.୫ ମାସ ଲାଗିଥିଲା। ଟିକା ନେଇ ନ ଥିବା ଲୋକଙ୍କ ପାଇଁ ସଂକ୍ରମଣ ଅଧିକ ବଢ଼ିଥିଲା। ଆମେରିକାରେ କୋଭିଡ୍ ଜନିତ ମୃତ୍ୟୁସଂଖ୍ୟା ବୋଷ୍ଟନ୍‌ର ଲୋକସଂଖ୍ୟାଠାରୁ ଅଧିକ। ଏବେ ବି ଆମେରିକାରେ ୭ କୋଟି ଯୋଗ୍ୟ ହିତାଧିକାରୀ ଟିକା ନେଇନାହାନ୍ତି।

### ମୁଣ୍ଡକଟା ମୃତଦେହ ଜବତ

ବେଙ୍ଗାଲୁରୁ, ୨।୧୦
କର୍ନାଟକର ଏକ ରେଳ ଧାରଣାରୁ ଗତ ୨୮ ତାରିଖରେ ମୁଣ୍ଡ କଟାଯାଇଥିବା ଜଣେ ୨୫ ବର୍ଷୀୟ ଯୁବକଙ୍କ ମୃତଦେହ ମିଳିଥିଲା। ଅର୍ବାଜ ମୁଲ୍ଲା ନାମକ ଏହି ଯୁବକ ଭିନ୍ନ ଧର୍ମର ଯୁବତୀଙ୍କ ସହ ସମ୍ପର୍କ ରଖିଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା କୁହାଯାଉଛି। ଏହି ହତ୍ୟାକାଣ୍ଡରେ ଦକ୍ଷିଣପନ୍ଥୀ ଉଗ୍ରବାଦୀ ଗୋଷ୍ଠୀ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରିଛି। ବେଲାଗାଭି ଜିଲା ଅନ୍ତର୍ଗତ ଆଜମ ନଗର ବାସିନ୍ଦା ଅର୍ବାଜ ଗତ ୨୭ ତାରିଖରୁ ନିଖୋଜ ହୋଇଯାଇଥିଲେ। ୨୮ରେ ଜିଲାର ଖାନପୁରା ତାଲୁକସ୍ଥିତ ରେଳ ଧାରଣାରୁ ତାଙ୍କ ମୃତଦେହ ମିଳିଥିଲା। ପୂର୍ବରୁ ତାଙ୍କୁ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଯୁବତୀଙ୍କ ପରିବାର ଲୋକଙ୍କୁ ଅଟକ ରଖି ପୋଲିସ ପଚରାଉଚରା ଚଳାଇଛି।

### କୋଭିଶିଲ୍ଡ ଟିକା ନେଲେ ୟୁଏନ୍‌ଜିଏ ଅଧ୍ୟକ୍ଷ

ଜାତିସଂଘ, ୨।୧୦
ଜାତିସଂଘ ସାଧାରଣ ସଭା ୭୬ତମ ଅଧିବେଶନର ଅଧ୍ୟକ୍ଷ ଅବଦୁଲ୍ଲା ଶହିଦ



ବ୍ରିଟିଶ-ସୁଇଡିଶ୍ ଔଷଧ କମ୍ପାନୀ ଆଷ୍ଟ୍ରାଜେନିକା ଦ୍ୱାରା ବିକଶିତ ଏବଂ ପୁଣେସ୍ଥିତ ସିରମ ଇନ୍‌ଷ୍ଟିଚ୍ୟୁଟ୍ ପ୍ରସ୍ତୁତ କୋଭିଶିଲ୍ଡ ଟିକାର ଦୁଇଟି ଡୋଜ୍ ନେଇଛନ୍ତି। କେତୋଟି ଦେଶ କୋଭିଶିଲ୍ଡକୁ ଗ୍ରହଣୀୟ କିମ୍ବା ଗ୍ରହଣୀୟ ନୁହେଁ ବୋଲି କହିବେ ତାହା ସେ ଜାଣନ୍ତି ନାହିଁ। ତେବେ କେତେକ ଦେଶରେ ଅଧିକାଂଶ ଲୋକ ଏହି ଟିକା ନେଇଥିବା ଶହିଦ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

# ସୀମାରେ ଅଧିକ ଚାଇନା ସୈନ୍ୟ ଚିନ୍ତାଜନକ



ମନୋଜ ମୁକୁନ୍ଦ ନରଓ୍ୱଣେ



ନୂଆଦିଲ୍ଲୀ/ଲଦାଖ, ୨।୧୦

ସୀମାରେ ଚାଇନା ଅଧିକ ସୈନ୍ୟ ମୁତୟନ କରିବା ଚିନ୍ତାଜନକ ବୋଲି ସେନାମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରଓ୍ୱଣେ କହିଛନ୍ତି। ଯଦିଓ ୬ ମାସ ହେଲା ସୀମାରେ ସ୍ଥିତି ସ୍ୱାଭାବିକ ରହିଛି, ତେବେ ପୂର୍ବ ଲଦାଖ ସୀମା ଏବଂ ଉତ୍ତର ଫ୍ରଣ୍ଟରୁ ଇଷ୍ଟର୍ନ କମାଣ୍ଡ ପର୍ଯ୍ୟନ୍ତ ଚାଇନା ଅଧିକ ସୈନ୍ୟ ମୁତୟନ କରିଛି। ଫରଓ୍ୱାର୍ଡ ଅଞ୍ଚଳରେ ସେମାନଙ୍କ ମୁତୟନ ବଢ଼ିବା ଚିନ୍ତାର ବିଷୟ ବୋଲି ଏକ ଗଣମାଧ୍ୟମକୁ ସେନାମୁଖ୍ୟ କହିଛନ୍ତି। ସୀମା ଉପରେ ଭାରତୀୟ ସୈନ୍ୟ କଡ଼ା ନଜର ରଖିଛନ୍ତି। କୌଣସି ପ୍ରତିକୂଳ ସ୍ଥିତି ସମ୍ପର୍କରେ ସୂଚନା ମିଳିବା ମାତ୍ରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଲଦାଖକୁ ନେଇ ଦୁଇଦେଶର ସୈନ୍ୟଙ୍କ ମଧ୍ୟରେ ଲାଗିରହିଥିବା ମୁହାଁମୁହିଁ ସ୍ଥିତି ଓ ସେନା ପ୍ରତ୍ୟାହାର ନେଇ ଆସନ୍ତା ସପ୍ତାହରେ ତ୍ରୟୋଦଶ ପର୍ଯ୍ୟାୟ ଆଲୋଚନା ଅନୁଷ୍ଠିତ ହେବା ଆଶା କରାଯାଉଛି ବୋଲି ସେ ଶନିବାର ସୂଚନା ଦେଇଛନ୍ତି। ଧୀରେ ଧୀରେ ବିବାଦର ସମାଧାନ ହେଉଛି। ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ଅନୁଷ୍ଠିତ ହେବାକୁ ଥିବା ତ୍ରୟୋଦଶ ଆଲୋଚନାରୁ ସେନା ପ୍ରତ୍ୟାହାର ନେଇ ସହମତି ମିଳିବା ଆଶା କରାଯାଉଛି ବୋଲି ଜେନେରାଲ ନରଓ୍ୱଣେ କହିଛନ୍ତି। ଶୁକ୍ରବାରଠାରୁ ଦୁଇଦିନିଆ ଲଦାଖ ଗସ୍ତରେ ଯାଇଥିବା ସେନାମୁଖ୍ୟ ସେଠାରେ ସେନା ପ୍ରସ୍ତୁତିର ସମୀକ୍ଷା କରିଥିଲେ। ସେ ବିଭିନ୍ନ ଆଗୁଆ ଅଞ୍ଚଳକୁ ଯାଇ ସାମ୍ପ୍ରତିକ ସ୍ଥିତି ଅନୁଧ୍ୟାନ କରିଥିଲେ। ସେନାମୁଖ୍ୟ ସେଠାରେ ଯବାନମାନଙ୍କ ସହ କଥା ହେବା ସହ ସେମାନଙ୍କ ସଙ୍କଳ୍ପ ଏବଂ ଦୃଢ଼ ମନୋବଳ ପାଇଁ ବଧାଇ ଜଣାଇଥିଲେ। ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ଅନ୍ତର୍ଗତ ଲଦାଖ ସେକ୍ଟରରେ ଭାରତୀୟ ସେନା ପ୍ରଥମ କେ୯-ବଜ୍ର ସେଲ୍ଫ ପ୍ରୋପେଲ୍ଡ ହୋଇଟ୍‌ଜର ରେଜିମେଣ୍ଟ ମୁତୟନ କରିଛି। ଏହି ତୋପ ୫୦ କିଲୋମିଟର ଦୂରତା ପର୍ଯ୍ୟନ୍ତ ଶତ୍ରୁପକ୍ଷକୁ ଟାର୍ଗେଟ କରିପାରିବ।

# ଟ୍ରାଭେଲ ଆଡଭାଇଜରି ବଦଳାଇଲା ବ୍ରିଟେନ

ଲଣ୍ଡନ, ୨।୧୦(ପି.ଟି.)

ଭାରତ ଜେସାକୁ ତେସା ନୀତି ଗ୍ରହଣ କରିବା ପରେ ବ୍ରିଟିଶ ସରକାର ଶନିବାର ଏହାର ନାଗରିକମାନଙ୍କ ପାଇଁ ଟ୍ରାଭେଲ୍ ଆଡଭାଇଜରିରେ ସଂଶୋଧନ କରିଛନ୍ତି। କୋଭିଡ୍ ସମୟରେ ବ୍ରିଟେନରୁ ଭାରତ ଆସୁଥିବା ଲୋକଙ୍କ ପାଇଁ ୧୦ ଦିନିଆ କ୍ୱାରାଣ୍ଟାଇନ ବାଧ୍ୟତାମୂଳକ କରାଯିବ ବୋଲି ଶୁକ୍ରବାର ନୂଆଦିଲ୍ଲୀ ନିଷ୍ପତ୍ତି ନେଇଥିଲା। ଏନେଇ ବ୍ରିଟିଶ ସରକାର ଭାରତୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ଚଳାଇଛନ୍ତି। ବ୍ରିଟିଶ ବହିର୍ବ୍ୟାପାର, କମନ୍‌ୱେଲ୍‌ଥ ଓ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଜାରି ସଂଶୋଧିତ ଟ୍ରାଭେଲ ଆଡଭାଇଜରି ଅନୁଯାୟୀ ସୋମବାରଠାରୁ ବ୍ରିଟେନରୁ ଭାରତ ଯାଉଥିବା ଲୋକମାନଙ୍କୁ ୧୦ ଦିନ କ୍ୱାରାଣ୍ଟାଇନରେ ରହିବାକୁ ପଡ଼ିବ ଓ ଅଷ୍ଟମ ଦିନରେ ପୁନର୍ବାର କୋଭିଡ୍ ପରୀକ୍ଷା କରାଯିବ।

ଭାରତରୁ ଯାଉଥିବା ଲୋକଙ୍କ ଉପରେ ବ୍ରିଟେନ୍ ସରକାର ୧୦ ଦିନିଆ କ୍ୱାରାଣ୍ଟାଇନ କଟକଣା ଲଗାଇଥିବାରୁ ନୂଆଦିଲ୍ଲୀ ସମାନ ଢଙ୍ଗରେ ବ୍ରିଟେନ ଯାତ୍ରୀଙ୍କ ପାଇଁ ଅନୁରୂପ କଟକଣା ଲାଗୁ କରିଛି। ଅକ୍ଟୋବର ୪ ପରଠାରୁ ବ୍ରିଟେନ୍‌ରୁ ଆସୁଥିବା ଯାତ୍ରୀ ୧୦ ଦିନ କ୍ୱାରାଣ୍ଟାଇନରେ ରହିବେ ବୋଲି ଭାରତ ସରକାର ଶୁକ୍ରବାର ଘୋଷଣା କରିଥିଲେ। ବ୍ରିଟେନ୍‌ର କୋଭିଡ୍-୧୯ ଟିକା ପ୍ରମାଣପତ୍ରକୁ ସ୍ୱୀକୃତି ପାଇଁ କେନ୍ଦ୍ର ସରକାରଙ୍କ ସହ ଆଲୋଚନା ଚାଲିଛି ବୋଲି ବ୍ରିଟିଶ ଉଚ୍ଚାୟୁକ୍ତଙ୍କ ମୁଖପାତ୍ର ଏକ ବିବୃତିରେ କହିଛନ୍ତି। ଚଳିତ ବର୍ଷ ବହୁ ସଂଖ୍ୟାରେ ପର୍ଯ୍ୟଟକ, ଛାତ୍ରୀଛାତ୍ର ଏବଂ ବ୍ୟବସାୟୀ ବ୍ରିଟେନକୁ ଯାଇଛନ୍ତି। ଜୁନ୍ ୨୦୨୧ ସୁଦ୍ଧା ୬୨,୫୦୦ ଶିକ୍ଷାର୍ଥୀଙ୍କୁ ଭିଜା ଦିଆଯାଇଛି, ଯାହା କି ଗତବର୍ଷ ତୁଳନାରେ ୩୦ ପ୍ରତିଶତ ଅଧିକ। ତେଣୁ ଯାତ୍ରାକୁ ଅଧିକ ସୁଗମ କରିବାକୁ ଉଦ୍ୟମ ଚାଲିଥିବା ସେ କହିଛନ୍ତି। ନିକଟରେ ବ୍ରିଟେନ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର କୋଭିଶିଲ୍ଡ ଟିକାକୁ ଆଇନଗତ ଭାବେ ସ୍ୱୀକାର କରି ଯାତ୍ରା କଟକଣା ହଟାଇବାକୁ ଭାରତ କହିଥିଲା। ସମାନ କଟକଣା ବ୍ରିଟେନ ପାଇଁ ମଧ୍ୟ ଲାଗୁ ହେବ ବୋଲି ଭାରତ କହିଥିଲା। ଭାରତୀୟଙ୍କ ଟିକା ସାର୍ଟିଫିକେଟ୍ ଫର୍ମାଟକୁ ନେଇ ବ୍ରିଟେନ ପ୍ରଶ୍ନ ଉଠାଇବା ପରେ ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଏହାକୁ ଅପ୍‌ଡେଟ କରାଇଥିଲେ।

# ତାଲିବାନ୍‌ର ଆତ୍ମଘାତୀ ବୋମାଧାରୀ ବାଟାଲିୟନ

କାବୁଲ, ୨।୧୦



ଆଫଗାନିସ୍ତାନରେ କ୍ଷମତା ଦଖଲ କରିଥିବା ତାଲିବାନ ତାଜିକିସ୍ତାନ ଓ ଚାଇନା ସୀମାକୁ ଲାଗିଥିବା ଏହାର ବଡ଼ଖାଶାନ ପ୍ରଦେଶର ଉତ୍ତରପୂର୍ବାଞ୍ଚଳରେ ଆତ୍ମଘାତୀ ବୋମାଧାରୀମାନଙ୍କୁ ମୁତୟନ କରିବ। ଏଥିପାଇଁ ତାଲିବାନ 'ଲଶ୍କର-ଇ-ମନ୍‌ସୁରି' ନାମରେ ଏକ ସ୍ୱତନ୍ତ୍ର ସୁଇସାଇଡ୍ ବମ୍ବର ବାଟାଲିୟନ ଗଠନ କରିଛି। ଉକ୍ତ ପଦେଶର ଡେପୁଟି ଗଭର୍ନର ମୁଲ୍ଲା ନିସାର ଅହମଦ ଅହମଦି ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ପୂର୍ବ ଆଫଗାନ ସରକାରଙ୍କ ସୁରକ୍ଷା ବଳକୁ ଟାର୍ଗେଟ କରି ଏଭଳି ଆତ୍ମଘାତୀ ଆକ୍ରମଣ କରାଯାଉଥିଲା। ଏହି ବାଟାଲିୟନ ନ ଥିଲେ ଆମେରିକାକୁ ହରାଇବା ସମ୍ଭବ ହୋଇ ନ ଥାନ୍ତା ବୋଲି ଅହମଦି କହିଛନ୍ତି। ଦୁଃସାହସୀ ଲଢୁଆମାନେ ବିସ୍ଫୋରକ ୱେଷ୍ଟକୋଟ୍ ପିନ୍ଧି ଆଫଗାନିସ୍ତାନରେ ଥିବା ଆମେରିକା ବେସ୍‌କୁ ବିସ୍ଫୋରଣରେ ଉଡ଼ାଇ ଦେଉଥିଲେ। ଏହି ଲଢୁଆମାନେ ଆଲ୍ଲାଙ୍କ ପାଇଁ ସମର୍ପିତ ଏବଂ ସେମାନଙ୍କର କାହାକୁ ଭୟ ନାହିଁ। ଲଶ୍କର-ଇ-ମନସୁରି ବ୍ୟତୀତ ବଦ୍ରି୩୧୩ ନାମରେ ଆଉ ଏକ ବାଟାଲିୟନ ଗଠନ କରାଯାଇଛି। କାବୁଲ ବିମାନବନ୍ଦରରେ ନିୟୋଜିତ ଏହି ବାଟାଲିୟନ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ସାମରିକ ଗ୍ରୁପ୍ ଯେଉଁଥିରେ ଆତ୍ମଘାତୀ ବମ୍ବର ରହିଛନ୍ତି।

# ବଳାତ୍କାରୀ ମୌଲବୀଙ୍କୁ ଆଜୀବନ ଜେଲ

ଲାହୋର୍, ୨।୧୦

ନାବାଳିକାଙ୍କୁ ବଳାତ୍କାର ମାମଲାରେ ପାକିସ୍ତାନର ଏକ କୋର୍ଟ ଜଣେ ମୌଲବୀଙ୍କୁ ଆଜୀବନ କାରାଦଣ୍ଡ ଦେଇଛନ୍ତି। ଏଥିସହ ତାଙ୍କୁ ୨ ଲକ୍ଷ ପାକିସ୍ତାନୀ ଟଙ୍କାର ଜରିମାନା ନିର୍ଦ୍ଦେଶ ଦିଆଯାଇଛି। ଦୁଇ ବର୍ଷ ତଳେ ତୋବା ଟେକ୍ ସିଂ ଜିଲାର ଜଣେ ୧୨ ବର୍ଷୀୟ ବାଳିକାଙ୍କୁ ମୌଲବୀ ଜଣକ ବଳାତ୍କାର କରିଥିଲେ।

# ଚାଷୀଙ୍କୁ ଘଉଡ଼ାଇବା ପାଇଁ ପୋଲିସର ପାଣି ମାଡ଼

ନୂଆଦିଲ୍ଲୀ, ୨।୧୦

**ଆଜିଠୁ ଧାନ କିଣିବାକୁ ନିଷ୍ପତ୍ତି**

ପଞ୍ଜାବ ଓ ହରିୟାଣାରୁ ଧାନ କିଣିବା ଲାଗି ନିଷ୍ପତ୍ତି ନେବାରେ କେନ୍ଦ୍ର ସରକାର ବିଳମ୍ବ କରୁଥିବାରୁ ଏହାର ପ୍ରତିବାଦରେ ଚାଷୀମାନେ ଶନିବାର ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟାରଙ୍କ ଘର ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେତେଜଣ ଚାଷୀ ଟ୍ରାକ୍ଟରରେ ଆନ୍ଦୋଳନ ସ୍ଥଳକୁ ଆସିଥିଲେ। ସେମାନେ ପୋଲିସ ବାରିକେଡ୍ ଭାଙ୍ଗି ଗେଟ୍ ଭିତରେ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ସେମାନଙ୍କୁ ଘଉଡ଼ାଇବା ପାଇଁ ପୋଲିସ ପାଣି ମାଡ଼ କରିଛି। ପଞ୍ଜାବ ଓ ହରିୟାଣାରେ ସାଧାରଣତଃ ପ୍ରତିବର୍ଷ ଅକ୍ଟୋବର ୧ରୁ ଧାନ କିଣା ଆରମ୍ଭ ହୋଇଥାଏ। ତେବେ ଚଳିତ ବର୍ଷ ପ୍ରବଳ ବର୍ଷା କାରଣରୁ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଧାନ କିଣା ସ୍ଥଗିତ ରଖିବା ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ। ଚାଷୀମାନଙ୍କ ଆନ୍ଦୋଳନ ପରେ ସରକାର ନିଷ୍ପତ୍ତି ବଦଳାଇଛନ୍ତି। ମୁଖ୍ୟମନ୍ତ୍ରୀ ଖଟ୍ଟାର ଏବଂ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ ଚୌବେଙ୍କ ମଧ୍ୟରେ ବୈଠକ ପରେ ରବିବାରଠାରୁ ଧାନ କିଣାଯିବ ବୋଲି ଘୋଷଣା କରାଯାଇଛି।

# ଜଳ ଜୀବନ ମିଶନ ଆପ୍ ଶୁଭାରମ୍ଭ

ନୂଆଦିଲ୍ଲୀ, ୨।୧୦(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଜଳ ଜୀବନ ମିଶନ ମୋବାଇଲ ଆପ୍ ଓ ଜଳ ଜୀବନ ପାଣ୍ଠିର ଶୁଭାରମ୍ଭ କରିଛନ୍ତି। ୨୦୧୯ରେ ଜଳଜୀବନ ମିଶନ ଆରମ୍ଭ ହେବା ପରେ ୫ କୋଟି ପରିବାରକୁ ପାନୀୟ ଜଳ ସଂଯୋଗ ଦିଆଯାଇପାରିଛି। ଏବେ ଦେଶର ୧.୨୫ ଲକ୍ଷ ଗ୍ରାମର ପ୍ରତି ଘରେ ଟ୍ୟାପ୍ ପାଣି ପହଞ୍ଚିପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ୭ ଦଶନ୍ଧିରେ ଯାହା ହୋଇ ନ ଥିଲା ଆଜିର ଭାରତ ଦୁଇ ବର୍ଷରେ ତାହାଠାରୁ ଅଧିକ କରି ଦେଖାଇଛି। ଜଳ ଜୀବନ ମିଶନ ଗ୍ରାମ ଏବଂ ମହିଳାମାନଙ୍କ ଦ୍ୱାରା ପରିଚାଳିତ ଏକ ଆନ୍ଦୋଳନ। କେବଳ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ନୁହେଁ, ବିକେନ୍ଦ୍ରୀକରଣ ଦିଗରେ ଏହି ମିଶନ ଏକ ବଡ଼ ପଦକ୍ଷେପ ବୋଲି ସେ କହିଥିଲେ।



ଗାନ୍ଧୀ ଜୟନ୍ତୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜଘାଟସ୍ଥିତ ମହାତ୍ମାଗାନ୍ଧୀଙ୍କ ସମାଧିପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

# ଅବସର ଦିନ ରକ୍ତଛିଟା ଥିବା ବ୍ୟାଜ ପିନ୍ଧିଲେ

ଚେନ୍ନାଇ, ୨।୧୦

**ରାଜୀବ ଗାନ୍ଧୀଙ୍କୁ ହତ୍ୟା ଦିନ ଡ୍ୟୁଟିରେ ଥିଲେ**

ଭାରତୀୟ ପୋଲିସ ସେବା(ଆଇପିଏସ୍) ଅଧିକାରୀ ପ୍ରତିପ ଭି ଫିଲିପ୍ ଚାକିରିରୁ ଅବସର ନେବା ଦିନ ୩୦ ବର୍ଷ ତଳର ପୁରୁଣା ଟୋପି ଓ ରକ୍ତଛିଟା ଲାଗିଥିବା ବ୍ୟାଜ୍ ପିନ୍ଧିଛନ୍ତି। ୧୯୯୧ରେ ଏକ ନିର୍ବାଚନୀ ରାଲିରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ହତ୍ୟା ଦିନ ସେ ଡ୍ୟୁଟିରେ ଥିଲେ। ପୋଲିସି ମହାନିର୍ଦ୍ଦେଶକ (ଡିଜିପି) ପଦରୁ ଅବସର ନେଇଥିବା ଏହି ବରିଷ୍ଠ ଅଧିକାରୀଙ୍କୁ ସ୍ଥାନୀୟ କୋର୍ଟ ସେହି କ୍ୟାପ୍ ଏବଂ ବ୍ୟାଜ୍ ନେଇ ଅବସର ଦିନରେ ପିନ୍ଧିବାକୁ ଅନୁମତି ଦେଇଥିଲେ। ଏହି ଅବସରରେ ଫିଲିପ କହିଛନ୍ତି, ଆତ୍ମଘାତୀ ବିସ୍ଫୋରଣରେ ଅନ୍ୟ ୧୪ ଜଣଙ୍କ ମୃତ୍ୟୁ ଘଟିଥିବା ୨୧ ମେ ୧୯୯୧ର ଘଟଣା ଉପରେ ସେ ଏକ ବହି ଲେଖିବେ।

# ଲେହରେ ବିଶ୍ୱର ସର୍ବବୃହତ୍ ଖଦି ତ୍ରିରଙ୍ଗା

ନୂଆଦିଲ୍ଲୀ, ୨।୧୦

ମହାତ୍ମା ଗାନ୍ଧୀଙ୍କ ୧୫୨ତମ ଜନ୍ମବାର୍ଷିକୀ ଅବସରରେ ଲଦାଖର ଲେହଠାରେ ଶନିବାର ବିଶ୍ୱର ସର୍ବବୃହତ ଖଦି ଜାତୀୟ ପତାକା ଉଡ଼ାଯାଇଛି। ଲଦାଖ ଉପରାଜ୍ୟପାଳ ଆର୍.କେ. ମାଥୁର ଶନିବାର ସକାଳେ ଏହାକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ତ୍ରିରଙ୍ଗାର ଲମ୍ବ ୨୨୫ ଫୁଟ ଓ ପ୍ରସ୍ଥ ୧୫୦ ଫୁଟ। ଏହାର ଓଜନ ୧,୦୦୦ କିଲୋଗ୍ରାମ। ଭାରତୀୟ ସେନାର ୫୭ ଇଞ୍ଜିନିୟର ରେଜିମେଣ୍ଟ ଉକ୍ତ ପତାକା ପ୍ରସ୍ତୁତ କରିଛି। ଆମ ପତାକା ହେଉଛି ଏକତା, ମାନବିକତାର ପ୍ରତୀକ ଏବଂ ଦେଶର ସମସ୍ତଙ୍କୁ ଗ୍ରହଣ କରିବାର ସଙ୍କେତ ବୋଲି ଗାନ୍ଧିଜୀ କହୁଥିଲେ। ଆଗାମୀ ବର୍ଷରେ ଏହା ଆମ ଯବାନମାନଙ୍କ ପାଇଁ ଉତ୍ସାହର ସଙ୍କେତ ହେବ ବୋଲି ଉପରାଜ୍ୟପାଳ ମାଥୁର କହିଛନ୍ତି। ଗାନ୍ଧୀ ଜୟନ୍ତୀରେ ବିଶ୍ୱର ସବୁଠୁ ବଡ଼ ଖଦି ତ୍ରିରଙ୍ଗା ଉନ୍ମୋଚନ ହେବା ଭାରତୀୟ ଜାତୀୟ ପତାକା ପାଇଁ ଗର୍ବର ମୁହୂର୍ତ୍ତ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ଲାଲ୍ ମାଣ୍ଡବ୍ୟ ଟୁଇଟର୍‌ରେ ଭିଡିଓ ଶେୟାର କରି କହିଛନ୍ତି। ଲଦାଖକୁ ଦୁଇଦିନିଆ ଗସ୍ତରେ ଯାଇଥିବା ସେନାମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରଓ୍ୱଣେ ଓ ଅନ୍ୟ ସେନା ଅଧିକାରୀମାନେ ତ୍ରିରଙ୍ଗା ଉନ୍ମୋଚନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



# ୩୫ ବର୍ଷର ରହସ୍ୟ ହଟାଇଲା ଡିଏନ୍‌ଏ ଟେଷ୍ଟ

ପ୍ୟାରିସ୍, ୨।୧୦

**ବଳାତ୍କାରୀ, ସିରିଏଲ କିଲର ପୋଲିସ**





- **ସୁଇସାଇଡ୍ ନୋଟ୍‌ରେ ଅପରାଧ ସ୍ୱୀକାର**
- **ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା**

ଫ୍ରାନ୍ସରେ ୮୦ ଓ ୯୦ ଦଶକର ଅନେକ ନାବାଳିକା ଓ ଯୁବତୀଙ୍କ ହତ୍ୟା ଘଟଣା ଉପରୁ ଏବେ ରହସ୍ୟ ହଟିଛି। ୩୫ ବର୍ଷରୁ ଅଧିକ ସମୟ ଧରି ଅସମାହିତ ପ୍ରଶ୍ନର ଉତ୍ତର ଏବେ ଡିଏନ୍‌ଏ ଟେଷ୍ଟରୁ ମିଳିଛି। ହତ୍ୟାକାରୀଙ୍କୁ ଚିହ୍ନଟ କରି ତାଙ୍କୁ ପଚରଉଚରା ପାଇଁ ସମନ କରାଯିବା ପରେ ଆତ୍ମହତ୍ୟା କରିଛନ୍ତି ଅପରାଧୀ। ତେବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେବା ଭଳି କଥା ହେଉଛି ହତ୍ୟାକାରୀ ଜଣକ ଆଉ କେହି ନୁହଁନ୍ତି, ବରଂ ଜଣେ ପୂର୍ବତନ ପୋଲିସ ଅଧିକାରୀ। ଦଣ୍ଡିତ ହେବା ଭୟରେ ଏକ ଭଡ଼ା ଘରେ ଶୁକ୍ରବାର ନିଜ ଜୀବନ ହାରିଛନ୍ତି ଲେ ଗ୍ରେଲେ ନାମରେ ଜଣାଶୁଣା ତଥା ପୂର୍ବତନ ପୋଲିସ ଅଫିସର ୫୯ ବର୍ଷୀୟ ଫ୍ରାଙ୍କୋଇସ୍ ଭେରୋଭ। ଆତ୍ମହତ୍ୟା ପୂର୍ବରୁ ସେ ତାଙ୍କ ଅପରାଧକୁ ସୁଇସାଇଡ୍ ନୋଟରେ ସ୍ୱୀକାର କରିଛନ୍ତି।

୧୯୮୦ରେ କେତେଜଣ ଯୁବତୀଙ୍କୁ ବଳାତ୍କାର ଏବଂ ହତ୍ୟା ଘଟଣାରେ ପୋଲିସର ସନ୍ଦେହ ଘେରକୁ ଆସିଥିଲେ ଫ୍ରାଙ୍କୋଇସ। ହେଲେ ତାଙ୍କୁ କେବେ ଗିରଫ କରାଯାଇପାରି ନ ଥିଲା। ନାବାଳିକା ତଥା ଯୁବତୀଙ୍କୁ ଅପହରଣ, ବଳାତ୍କାର, ହତ୍ୟା ଉଦ୍ୟମ, ହତ୍ୟା, ଅସ୍ତ୍ରଶସ୍ତ୍ର ଚୋରି ଆଦିରେ ସେ ସମ୍ପୃକ୍ତ ଥିଲେ ବୋଲି ଗୁରୁବାର ପ୍ୟାରିସ୍ ପ୍ରସିକ୍ୟୁଟର ଲରି ବେକ୍ୟୁ୍ୟ ଏକ ବିବୃତିରେ କହିଛନ୍ତି। ବିଭିନ୍ନ ଅପରାଧ ସ୍ଥଳରୁ ମିଳିଥିବା ନମୁନା ଏବଂ ମୃତଦେହରୁ ନିଆଯାଇଥିବା ସାମ୍ପୁଲର ଡିଏନ୍‌ଏ ଟେଷ୍ଟ ପରେ ଫ୍ରାଙ୍କୋଇସ୍ ହିଁ ଅପରାଧୀ ବୋଲି ସ୍ପଷ୍ଟ ହୋଇଥିବା ସେ ସୂଚନା ଦେଇଛନ୍ତି। ଜଣେ ୧୧ ବର୍ଷୀୟା ବାଳିକାଙ୍କୁ ବଳାତ୍କାର ଓ ହତ୍ୟା ତାଙ୍କ ଅପରାଧ ମଧ୍ୟରୁ ଅତି ବିଭତ୍ସ ଥିଲା। ନାବାଳିକା ଜଣକ ସ୍କୁଲ ଯିବାକୁ ଲିଫ୍ଟ ଯୋଗେ ବିଲ୍ଡିଂରୁ ତଳକୁ ଓହ୍ଲାଉଥିବାବେଳେ ଫ୍ରାଙ୍କୋଇସ୍ ତାଙ୍କୁ ଜବରଦସ୍ତ ବେସ୍‌ମେଣ୍ଟକୁ ଟେକି ନେଇଥିଲେ। ସେଠାରେ ତାଙ୍କୁ ବଳାତ୍କାର କରି ହତ୍ୟା କରିଥିଲେ। ତେବେ ଆତ୍ମହତ୍ୟା ପୂର୍ବରୁ ସେ ସୁଇସାଇଡ୍ ନୋଟରେ ଦୋଷ ସ୍ୱୀକାର କରିଥିବା ଜଣାପଡ଼ିଛି। ଏପରିକି ସେ କେତେକ ଅପରାଧରେ ନିଜ ପୋଲିସ କାର୍ଡ ଓ ପରିଚୟର ଅପବ୍ୟବହାର କରିଛନ୍ତି। ସହାୟତା ଆଳରେ ସେ ଯୁବତୀମାନଙ୍କୁ ତାଙ୍କ କାର୍‌ରେ ନେଇଯାଇ ବଳାତ୍କାର ଓ ହତ୍ୟା କରିଥିବା ଜଣାପଡ଼ିଛି।

ଘଟଣା ସମୟରେ ପ୍ୟାରିସ୍ ରିଜିଅନ୍‌ରେ ମୁତୟନ ଥିବା ପ୍ରାୟ ୭୫୦ ପୋଲିସ କର୍ମଚାରୀଙ୍କୁ ତଦନ୍ତକାରୀ ଅଧିକାରୀ ପଚରାଉଚରା କରିଥିଲେ। ସେମାନଙ୍କ ମଧ୍ୟରେ ଫ୍ରାଙ୍କୋଇସ୍ ମଧ୍ୟ ରହିଥିଲେ। ଫ୍ରାଙ୍କୋଇସ୍‌ଙ୍କୁ ଅଧିକ ପଚରାଉଚରା ପାଇଁ ଗତ ୨୭ ତାରିଖରେ ସମନ କରାଯାଇଥିଲା। ତେବେ ଦଣ୍ଡବିଧାନ ଭୟରେ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ତାଙ୍କ ମୃତ୍ୟୁ ପରେ ଅନେକ ହତ୍ୟା ତଥା ଅପରାଧ ପଛର ଉଦ୍ଦେଶ୍ୟ ଓ କାରଣ ଏବେ ଅସ୍ପଷ୍ଟ ହୋଇଯାଇଛି।

## ରକ୍ତଦାନ ଶିବିରः ୫୩ ୟୁନିଟ୍ ସଂଗ୍ରହ

ନାକଟିଦେଉଳ,(ଡ଼ି.ଏନ.ଏ.): ନାକଟିଦେଉଳ ବ୍ଲକ ଭାଜପା ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଗୋଧିଡିପସ୍ଥିତ ମହାଲକ୍ଷ୍ମୀ ଯୁବକ ସଂଘ କାର୍ଯ୍ୟାଳୟ ପରିସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ସମୁଦାୟ ୫୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ଜିଲା ସଭାପତି ଗିରିଶ ପଟେଲ ଅତିଥି ଭାବେ ଯୋଗଦେଇ ଶିବିର ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ଅଶ୍ୱିନୀ ମାଝି, କୁଚିଣ୍ଡାର ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ନାକଟିଦେଉଳ ବ୍ଲକ ଜୋନ-୧ର ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା, ଜୋନ-୨ ସଭ୍ୟ ପ୍ରମୋଦ କୁମାର ସାହୁ, ବଳମ ସମିତି ସଭ୍ୟ ନେତ୍ରାନନ୍ଦ ରାଉଳ ପ୍ରମୁଖ ଯୋଗଦେଇଥିଲେ।

### ସଂକ୍ଷେପରେ

## ୪ରେ ୯ଘଣ୍ଟା ବିଦ୍ୟୁତ୍ କାଟ

ସମ୍ବଲପୁର,୨।୧୦(ବ୍ୟୁରୋ): ଗ୍ରୀଡ୍ ସବ୍‌ଷ୍ଟେଶନର ରକ୍ଷଣାବେକ୍ଷଣ ଓ ଗ୍ରାହକଙ୍କୁ ବିଦ୍ୟୁତ୍ ସେବା ଯୋଗାଇଦେବାକୁ ଟିପିଡବ୍ଲ୍ୟୁଓଡିଏଲ୍ ସର୍ବଦା ଗୁରୁତ୍ୱ ଦେଉଛି। ଏହିକ୍ରମରେ ଆସନ୍ତା ୪ତାରିଖରେ ଗଣେଶନଗରସ୍ଥିତ ୧୩୨/୩୩ ଗ୍ରୀଡ୍ ସବ୍‌ଷ୍ଟେଶନରେ ଟିପିଡବ୍ଲ୍ୟୁଓଡିଏଲ୍ ଓ ଓପିଟିସିଏଲ୍ ମିଳିତ ଭାବେ ରକ୍ଷଣାବେକ୍ଷଣ କାର୍ଯ୍ୟ କରିବେ। ତେଣୁ ଉକ୍ତ ଦିନ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅଇଁଠାପାଲି, ପୁଟିବନ୍ଧ, ବୁଢାରଜା, ଗୋଲ ବଜାର, ଭୁତାପଡା, ବାଲିବନ୍ଧା, ଚେରୁଆବଡା, ଫାଟକ, ବ୍ରୁକ୍ସ ହିଲ ଓ ରେଙ୍ଗାଲି ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିବ। ଜନସାଧାରଣ ସହଯୋଗ କରିବାକୁ କମ୍ପାନୀ କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି।

## ରେଢ଼ାଖୋଲରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଦାବି

ରେଢାଖୋଲ,୨।୧୦ (ଡି.ଏନ.ଏ.): ରେଢାଖୋଲରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ସଚେତନ ନାଗରିକମାନଙ୍କ ପକ୍ଷରୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କଠାରେ ଦାବି କରାଯାଇଛି। ସ୍ଥାନୀୟ ପୂର୍ତ୍ତବିଭାଗ ବଙ୍ଗଳାଠାରେ ଏକ ପ୍ରତିନିଧି ଦଳ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ଓକିଲସଂଘ ସଭାପତି ଗଣେଶ୍ୱର ପ୍ରଧାନ, ସାମ୍ବଦିକ ସଂଘ ସଭାପତି ଗୋବର୍ଦ୍ଧନ ବଘାର, ସମ୍ପାଦକ ଦେବାନନ୍ଦ ପ୍ରଧାନ, ରଇଜିତ ଦେହୁରି, ସୁଶାନ୍ତ ପ୍ରଧାନ, ବରିଷ୍ଠ ଆଇନଜୀବୀ ଅଭୟ କୁମାର ବୀର, ଅଚ୍ୟୁତାନନ୍ଦ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

## ଆଦିତ୍ୟ ଆଲୁମିନିୟମର ସ୍ୱଚ୍ଛତା ଅଭିଯାନ

ସମ୍ବଲପୁର,୨।୧୦(ବ୍ୟୁରୋ): ସମ୍ପ୍ରତି ବିଭିନ୍ନ କାରଣରୁ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ତେଣୁ ପରିବେଶ ସ୍ୱଚ୍ଛତା ଓ ସୁରକ୍ଷା ଦିଗରେ କାର୍ଯ୍ୟ କରିବା ଜରୁରୀ। ଶନିବାର ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଲପଙ୍ଗା ହାଇସ୍କୁଲଠାରେ ଆୟୋଜିତ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ସଭାରେ ବକ୍ତାମାନେ ଏହା କହିଥିଲେ। ଏହି ଅବସରରେ ସ୍ୱଚ୍ଛତା ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ସ୍କୁଲ ପ୍ରଧାନ ଶିକ୍ଷକ ମନୋଜ ନାଏକ ଓ ପ୍ରଧାନ ଆଚାର୍ଯ୍ୟା ଗୀତା ବେହେରା ଗାନ୍ଧିଜୀ ଓ ଶାସ୍ତ୍ରୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କମ୍ପାନୀ ସିଏସ୍‌ଆର୍ ମୁଖ୍ୟ ଶ୍ୱେତା ଉପାଧ୍ୟାୟ ସ୍ୱଚ୍ଛତା ବିଷୟରେ ଆଲୋକପାତ କରିଥିଲେ। ଗାୟତ୍ରୀ ସାହୁ କବିତା ଆବୃତ୍ତି କରିଥିବା ବେଳେ ସୁଧିର ଗୁପ୍ତା ବକ୍ତବ୍ୟ ପ୍ରଦାନ କରିଥିଲେ। ସଚେତନତା ରାଲିରେ ସମିତି ସଭ୍ୟା ଏସ୍. ସାହୁ, ଅସୀତ ସାହୁଙ୍କ ସମେତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, କମ୍ପାନୀ ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ।

## ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ ଶୀର୍ଷକ ଆଲୋଚନାଚକ୍ର

ନାକଟିଦେଉଳ,୨।୧୦(ଡ଼ି.ଏନ.ଏ.): ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଶନିବାର ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ କନ୍ଦର୍ପ ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ଅବସରପ୍ରାପ୍ତ ପ୍ରାଧାପକ ଡ. ଦୀପେନ କୁମାର ପଟ୍ଟନାୟକ ମୁଖ୍ୟଅତିଥି, ଡ଼ଇଁଚା ବାପୁଜୀ ହାଇସ୍କୁଲର ସହକାରୀ ଶିକ୍ଷକ କ୍ଷୀରୋଦ କୁମାର ପଣ୍ଡା ମୁଖ୍ୟବକ୍ତା ଓ ମଧୁବନ ସାହିତ୍ୟ ସଂସ୍କୃତି ସଂସଦ ସମ୍ପାଦକ ସୁଶାନ୍ତ କୁମାର ସାହୁ ସମ୍ମାନିତ ବକ୍ତାଭାବେ ଯୋଗଦେଇ ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ଗାନ୍ଧିଜୀଙ୍କ ସତ୍ୟ ଓ ଅହିଂସାର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ଡ. ପ୍ରଶାନ୍ତ କୁମାର ଦାଶ ସଂଯୋଜନା କରିଥିଲେ।

## ଅବସରପ୍ରାପ୍ତ ସୈନିକଙ୍କୁ ସମ୍ବର୍ଦ୍ଧନା

ନାକଟିଦେଉଳ,୨।୧୦(ଡ଼ି.ଏନ.ଏ.): ଭାଜପାର ନାକଟିଦେଉଳ ମଣ୍ଡଳ ପକ୍ଷରୁ ଶନିବାର ଗାନ୍ଧୀ ଜୟନ୍ତୀ ଅବସରରେ ଅବସରପ୍ରାପ୍ତ ଜଣେ ସୈନିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସୈନିକ ତଥା ସାହେବୀ ଗ୍ରାମର ଗୋବର୍ଦ୍ଧନ ସାହୁଙ୍କୁ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୋବିନ୍ଦ ଅଗ୍ରୱାଲ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ଦେଶ ସୁରକ୍ଷା ଦିଗରେ ତାଙ୍କର କର୍ତ୍ତବ୍ୟନିଷ୍ଠ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁମାରେଶ ସ୍ୱାଇଁ, ହରିହର ସାହୁ, ଦେବାର୍ଚ୍ଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁଯୁମୁରା ଏକଲବ୍ୟ ସ୍କୁଲ ନିର୍ମାଣ ଆଶା ଉଜ୍ଜୀବିତ

ସମ୍ବଲପୁର,୨।୧୦(ବ୍ୟୁରୋ)


ଉତ୍ସବ ଅନୁଷ୍ଠାନ ସଦସ୍ୟଙ୍କ ସହ କେନ୍ଦ୍ରମନ୍ତ୍ରୀଙ୍କ ଆଲୋଚନା।

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକରେ ପ୍ରସ୍ତାବିତ ଏକଲବ୍ୟ ସ୍କୁଲ ନିର୍ମାଣ ହେବା ନେଇ ଅଞ୍ଚଳବାସୀଙ୍କ ଆଶା ଉଜ୍ଜୀବିତ ହୋଇଛି। ଶନିବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଜିଲା ଗସ୍ତରେ ଆସିଥିବା ସମୟରେ ଯୁଯୁମୁରା ଉତ୍ସବ ଅନୁଷ୍ଠାନ ସଦସ୍ୟଙ୍କୁ ଭେଟି ପ୍ରତିଶ୍ରୁତି ଦେଇଛନ୍ତି। ସେ କହିଥିଲେ, ଏହି ପ୍ରକଳ୍ପକୁ ପ୍ରାଧାନ୍ୟ ଦିଆଯାଇ କାମ କରାଯିବ। କେଉଁ କାରଣରୁ ନିର୍ମାଣ କାମରେ ବାଧା ସୃଷ୍ଟି ହୋଇଛି ସେ ସମ୍ପର୍କରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବେ। ଦାବିକୁ ଗୁରୁତ୍ୱର ସହ ନେଇ ପଦକ୍ଷେପ ଗ୍ରହଣ କରାଯିବ। ଖୁବ୍‌ଶୀଘ୍ର ଜମି ସମସ୍ୟା ଦୂର କରାଯାଇ ପୁଣି ଟେଣ୍ଡର କରାଯିବ ବୋଲି କହିଥିଲେ। ଆଲୋଚନା ସମୟରେ ଉତ୍ସବ ଅନୁଷ୍ଠାନର ଜୟନ୍ତ ପ୍ରଧାନ, ଗୋଲକ ବିହାରୀ ପ୍ରଧାନ, କୁନା ପ୍ରଧାନ, ଓମ୍ ପ୍ରକାଶ ବିଶ୍ୱାଳ, ଅପୁ ପ୍ରଧାନ, ଅଜୟ ବେହେରା, ଆକାଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର ମଧ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

ସୂଚନାଯୋଗ୍ୟ ଅଦିବାସୀ ବହୁଳ ଅଞ୍ଚଳରେ ଶିକ୍ଷାଦାନ ବ୍ୟବସ୍ଥାର ସୁଧାର ଆଣିବା ପାଇଁ ଏକଲବ୍ୟ ମଡେଲ ସ୍କୁଲ ନିର୍ମାଣ କରାଯାଉଛି। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ଯୋଜନା ହାତକୁ ନିଆଯାଇ ଯୁଯୁମୁରା ବ୍ଲକରେ ସ୍କୁଲ ନିର୍ମାଣ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ପ୍ରାୟ ୨ବର୍ଷ ପୂର୍ବରୁ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହେଲେ ୨୦୨୧ ମାର୍ଚ୍ଚ ୪ରେ ସର୍ବଭାରତୀୟ ସ୍ତରରେ ହୋଇଥିବା ଟେଣ୍ଡର ପ୍ରକ୍ରିୟାରୁ ଯୁଯୁମୁରା ବ୍ଲକର ମଡେଲ ସ୍କୁଲ ବାଦ୍ ପଡିଥିଲା।

### ଉତ୍ସବ ଅନୁଷ୍ଠାନକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିଶ୍ରୁତି

ରାଜ୍ୟ ସରକାର ଜମି ଯୋଗାଇଦେଇ ନ ପାରିବାକୁ ଏକଲବ୍ୟ ମଡେଲ ସ୍କୁଲ ନିର୍ମାଣ ଝୁଲି ରହିଥିଲା। ଯୁଯୁମୁରା ତହସିଲ ଚନ୍ଦନିମାଲ ଗ୍ରାମରେ ଥିବା ପ୍ରାୟ ୧୫ ଏକର ଜମି ଚିହ୍ନଟ କରାଯାଇଥିଲେ ମଧ୍ୟ ହସ୍ତାନ୍ତର ହୋଇପାରୁନାହିଁ। ପ୍ରସ୍ତାବିତ ଜମିରେ ୨୦ ଆଦିବାସୀ ପରିବାର ବହୁବର୍ଷ ଧରି ବସବାସ କରୁଛନ୍ତି। ସେମାନଙ୍କୁ ଥଇଥାନ କରିବା ପାଇଁ ୪ ଡେସିମିଲ ଲେଖାଏ ଜମି ପ୍ରଦାନ କରାଯାଇ ବିସ୍ଥାପିତ କରାଯିବ ବୋଲି ଘୋଷଣା କରାଯାଇଥିଲା। ଏହି ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରକଳ୍ପ ପାଇଁ ପ୍ରାୟ ୧୮ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇ ଅନୁମୋଦନ ହୋଇଛି। ସାଢେ ୩ ଏକର ଜମିରେ କେବଳ ସ୍କୁଲ ଓ ହଷ୍ଟେଲ କୋଠା ନିର୍ମାଣ କରାଯିବ। ଏହା ସହ ଖେଳ ପଡିଆ, ଗାର୍ଡେନ, ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ କରାଯିବ।

# ଜୟନ୍ତୀରେ ଗାନ୍ଧୀଙ୍କୁ ସ୍ମରଣ


ହାୱା ମଇଦାନରେ ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ପ୍ରଶାସନିକ ଅଧିକାରୀ।

ସମ୍ବଲପୁର,୨।୧୦(ବ୍ୟୁରୋ)

ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ସମ୍ବଲପୁରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପଦଯାତ୍ରା, ସଫେଇ କାର୍ଯ୍ୟକ୍ରମ ସହିତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଭତରାସ୍ଥିତ ଗାନ୍ଧୀ ମନ୍ଦିରରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲାପାଳ ଶୁଭମ୍ ସକସେନା, ଉପଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ମହାନଗର ନିଗମ କମିଶନର ଅନିରୁଦ୍ଧ ପ୍ରଧାନ, ଏଡିଏମ୍ ଉମାକାନ୍ତ ରାଜ, ଏଡିଏମ୍ ପଦ୍ମନାଭ ବେହେରା, ଏପିଡି ତନ୍ମୟ ଦରୱାନ ଉପସ୍ଥିତ ଥିଲେ। ପ୍ରଥମେ ଗାନ୍ଧୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଜିଲା ସଂସ୍କୃତି ବିଭାଗ ପକ୍ଷରୁ ପଦଯାତ୍ରା ବାହାରି ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ପରେ କମିଶନର କଲୋନୀସ୍ଥିତ ମହାତ୍ମା ଗାନ୍ଧୀ ପାର୍କରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଦିଆଯାଇଥିଲ। ସେଠାରେ ଗାନ୍ଧୀଙ୍କ ସ୍ମୃତି ଚାରଣ ହୋଇଥିଲା। ସେହିପରି ଗୁଲୁଣ୍ଡାସ୍ଥିତ ଗାନ୍ଧୀ ମନ୍ଦିରରେ ରେଙ୍ଗାଲି ବିଜେଡି ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଥିଲା। ବିଜେଡି ନେତା ମୋତିଲାଲ ତନ୍ତି, ହେମନ୍ତ ପଣ୍ଡା, ଏମ୍‌ବି ସତ୍ୟେନ, ସୁନୀଲ କୁମାର ନାୟକ, ଯୋଗେଶ ବିଶ୍ୱାଳ, ପ୍ରଶାନ୍ତ ସେଠ, ଡୋଲାମଣି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେଠାରେ ସଫେଇ କରାଯିବା ସହ ନେହେରୁ ଯୁବକେନ୍ଦ୍ର ପକ୍ଷରୁ କ୍ଲିନ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଚାକିରି ଦାବିରେ ଏମ୍‌ସିଏଲ୍ ବିସ୍ଥାପିତଙ୍କ ଅନଶନ

ଝାରସୁଗୁଡ଼ା ଅଫିସ,୨।୧୦


ମହାପ୍ରବନ୍ଧଙ୍କ କାର୍ଯ୍ୟାଳୟ ଆଗରେ ଅନଶନରତ ଶ୍ରୀକ୍ରିଷ୍ଟା।

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଦ୍ୱାରା ବିସ୍ଥାପିତ ଖଇରକୁନି ଗ୍ରାମର ସ୍ୱର୍ଗତ ଦୁର୍ଗା ପ୍ରସାଦ ନାୟକଙ୍କ ଝିଅ ଶ୍ରୀକ୍ରିଷ୍ଟା (୪୮) ଚାକିରି ଦାବିରେ ଶନିବାର ଲଖନପୁର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଛନ୍ତି। ତାଙ୍କ ସହିତ ୧୩ବର୍ଷର ଝିଅ ମଧ୍ୟ ବସିଛନ୍ତି। ଏ ନେଇ ସେ ଗତ ୧୫ତାରିଖରେ ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ପ୍ରବନ୍ଧକଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ। ଏହାର ଏକକିତା ନକଲ ବରଗଡ ଏମ୍‌ପି, ବ୍ରଜରାଜନଗର ବିଧାୟକ, ଲଖନପୁର ଓସିପି ପ୍ରକଳ୍ପ ଅଧିକାରୀ, ଏସ୍‌ଡିପି ବ୍ରଜରାଜନଗର ଓ ଆଇଆଇସି ବନହରପାଲି ଥାନା ପ୍ରମୁଖଙ୍କୁ ପ୍ରଦାନ କରିଥିଲେ। ସମୟସୀମା ମଧ୍ୟରେ ପଦକ୍ଷେପ ଗ୍ରହଣ କରା ନ ଯିବାରୁ ସେ ଆମରଣ ଅନଶନରେ ବସିଥିବା କହିଛନ୍ତି। ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସକ ଡା. ବୈକୁଣ୍ଠ ନାଥ କଶ୍ୟପ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ବନହରପାଲି ଥାନା ଆଇଆଇସି ରଶ୍ମିତା ବେହେରା ଓ ବନ୍ଧବାହାଲ ଫାଣ୍ଡି ଅଧିକାରୀ ପ୍ରହ୍ଲାଦ ପ୍ରଧାନ ପ୍ରମୁଖ ପହଞ୍ଚି ଦାବି ସମ୍ପର୍କରେ ତାଙ୍କ ସହ ଆଲୋଚନ କରିଥିଲେ। ପ୍ରଥମ ଦିନରେ ଏମ୍‌ସିଏଲ୍ ତରଫରୁ କୌଣସି ଅଧିକାରୀ ପହଞ୍ଚି ନ ଥିବା ଜଣାପଡିଛି।

ଶ୍ରୀକ୍ରିଷ୍ଟା ଅଭିଯୋଗ କରିଛନ୍ତି, ତାଙ୍କ ବାପାଙ୍କ ନାମରେ ଥିବା ଖଇରକୁନି ଗ୍ରାମର ଖାତା ନଂ୧ରେ ଥିବା ସମସ୍ତ ଜମି ଓ ବାସଗୃହ ଏମ୍‌ସିଏଲ୍ ଦୀର୍ଘବର୍ଷ ହେଲା ଅଧିଗ୍ରହଣ କରିଥିବାବେଳେ ଅଦ୍ୟାବଧି ଚାକିରି ଓ ଅନ୍ୟାନ ସୁବିଧା ପ୍ରଦାନ କରିନାହିଁ। ଏମ୍‌ସିଏଲ୍ ବିସ୍ଥାପିତ ଓ ପୁନର୍ବାସ ଥଇଥାନ ନୀତି ଅନୁଯାୟୀ କଟ୍‌ଅଫ୍ ଡେଟ୍‌ରେ ଯେଉଁ ଝିଅ ଅବିବାହିତ ହୋଇଥିବ ତାଙ୍କୁ ଚାକିରି ସହିତ ଆର୍‌ଆଣ୍ଡଆର୍ ସୁବିଧା ମିଳିବ। ଖଇରକୁନି ଗ୍ରାମର କଟ୍‌ଅଫ୍ ଡେଟ୍ ଜୁଲାଇ ୨୦ ତାରିଖ ୨୦୦୬ ହୋଇଥିବାବେଳେ ଶ୍ରୀକ୍ରିଷ୍ଟାଙ୍କ ଜନ୍ମ ତାରିଖ ୧୫ମାର୍ଚ୍ଚ ୧୯୭୩ ହୋଇଥିବାରୁ ସେତେବେଳକୁ ତାଙ୍କୁ ୩୦ବର୍ଷରୁ ଉର୍ଦ୍ଧ୍ୱ ବୟସ ହୋଇଥିଲା। ଏହି ନିୟମ ଆଧାରରେ ସେ ଚାକିରି ପାଇବା ପାଇଁ ଯୋଗ୍ୟ ହୋଇଥିଲେ ହେଁ ଏହାକୁ କମ୍ପାନୀ ଅଣଦେଖା କରିଚାଲିଥିବା ସେ ଅଭିଯୋଗ କରିଛନ୍ତି।

## ଟିଆର୍‌ଏଲ୍ କ୍ରୋସାକୀ ଶ୍ରମିକ ସଙ୍ଗଠନର ନିର୍ବାଚନ

ଝାରସୁଗୁଡ଼ା ଅଫିସ,୨।୧୦

ବେଲପାହାଡସ୍ଥିତ ଟାଟା କ୍ରୋସାକୀ କମ୍ପାନୀର ୨ ଶ୍ରମିକ ସଙ୍ଗଠନ ମଧ୍ୟରେ ନିର୍ବାଚନ ଶୁକ୍ରବାର ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି। ଏଥିରେ ଟିଆର୍‌ଏଲ୍ କ୍ରୋସାକୀ ରିଫ୍ୟାକ୍ଟୋରୀ ଶ୍ରମିକ ସଂଘ ଓ ମଜଦୁର ସଂଘ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା । ସମୁଦାୟ ଶ୍ରମିକ ସଦସ୍ୟ ସଂଖ୍ୟା ୭୧୪ରହିଥିବାବେଳେ ୭ଶହ ମତଦାନ ହୋଇଥିଲା। ଫଳାଫଳ ବିଧିବଦ୍ଧ ଭାବେ ଘୋଷଣା କରାଯାଇ ନ ଥିବାବେଳେ ଅସମର୍ଥିତ ସୂତ୍ରରୁ ଶ୍ରମିକ ସଂଘକୁ ୪୨୦ ଓ ମଜଦୁର ସଙ୍ଗଠନକୁ ୨୭୫ ଖଣ୍ଡ ଭୋଟ୍ ମିଳିଥିବା ଜଣାପଡିଛି। ଏହି ମତଦାନ ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିଥିଲା। ସନ୍ଧ୍ୟା ୬ଟାରୁ ୭ଟା ପର୍ଯ୍ୟନ୍ତ ଭୋଟ ଗଣତି ଚାଲିଥିଲା। ନିର୍ବାଚନ ଅଧିକାରୀ ଭାବେ ଡିଏଲ୍‌ସି ପ୍ରଣବ ରଞ୍ଜନ ଜେନା ଓ ପର୍ଯ୍ୟବେକ୍ଷକ ଭାବେ ସମ୍ବଲପୁର ଜଏଣ୍ଟ ଲେବର୍ କମିଶନର ଘାସିରାମ ଗୁଡୁ ନିର୍ବାଚନ ପରିଚାଳନା କରିଥିଲେ। ବେଲପାହାଡ ଥାନା ଆଇଆଇସି ରଞ୍ଜନ କୁମାର ବିଶ୍ୱାଳ ଓ ଅନ୍ୟ ପୋଲିସ ଅଧିକାରୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଫଳାଫଳ ଜାଣିବା ପରେ ଶ୍ରମିକ ସଂଘର କର୍ମକର୍ତ୍ତା ବିଜୟ ଉତ୍ସବ ପାଳନ କରିଥିଲେ। ନିର୍ବାଚନୀ ଅଧିକାରୀ ଡିଏଲ୍‌ସି ଜେନା କହିଛନ୍ତି, ଆଗାମୀ ଦିନରେ ଏହି ନିର୍ବାଚନର ଫଳାଫଳ ଲେବର କମିଶନର ବିଧିବଦ୍ଧ ଭାବେ ଘୋଷଣା କରିବେ।

# ଗାନ୍ଧୀ, ଶାସ୍ତ୍ରୀଙ୍କ ସ୍ମୃତିଚାରଣ


ଭତରା ଗାନ୍ଧୀ ମନ୍ଦିରରେ ବିଧାୟକ ରୋହିତ ପୂଜାରୀ ଗାନ୍ଧିଜୀଙ୍କୁ ପ୍ରଣିପାତ କରୁଛନ୍ତି ।

ସମ୍ବଲପୁର,୨।୧୦(ବ୍ୟୁରୋ)

ଜିଲା ବିଜେଡି ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୨ ତମ ଜନ୍ମ ତିଥିରେ ସମ୍ବଲପୁର ଭତରାସ୍ଥିତ ଗାନ୍ଧୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ସରକାରୀ ଉପମୁଖ୍ୟ ସଚେତକ ତଥା ରେଢାଖୋଲ ବିଧାୟକ ରୋହିତ ପୂଜାରୀ, ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ, ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ସମ୍ପାଦକ ମନୋଜ ମହାପାତ୍ର, ସଞ୍ଜୟ ବାବୁ, ସଞ୍ଜିତ ମହାନ୍ତି, ରାଜ କିଶୋର ମିଶ୍ର, ମମତା ପଣ୍ଡା, ସିଦ୍ଧାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପୂଜାର୍ଚ୍ଚନା ପରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି କଂଗ୍ରେସ ପକ୍ଷରୁ ଜୟନ୍ତୀ ପାଳିତ ହୋଇଥିଲା। କର୍ମକର୍ତ୍ତାମାନେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ଜିଲା ଉପସଭାପତି ନିରଞ୍ଜନ ତ୍ରିପାଠୀ, ସାଧାରଣ ସମ୍ପାଦିକା ବିଜୟଲକ୍ଷ୍ମୀ ବେହେରା, ଯସବୀର ସିଂ, ପ୍ରଣତି ପଟ୍ଟନାୟକ, ଅଶୋକ ସୋନି ପ୍ରମୁଖ ଉପସ୍ଥିତ ଥିଲେ। ଯୁବ କଂଗ୍ରେସ ପକ୍ଷରୁ ମଧ ଖାଦ୍ୟ ବଣ୍ଟନ କରାଯାଇଥିଲା।

# ସମ୍ବଲପୁରୀ ଲୋକଗୀତ, ନୃତ୍ୟକୁ ନେଇ ଆଲବମ୍


ସମଲେଇ ମନ୍ଦିର ପରିସରରେ କଳାକାରମାନେ।

ସମ୍ବଲପୁର,୨।୧୦(ବ୍ୟୁରୋ)

ସମ୍ବଲପୁରୀ ଲୋକଗୀତ ଓ ନୃତ୍ୟକୁ ନେଇ ଏକ ଆଲବମ ତିଆରି କରାଯାଇଛି। ଏହାକୁ ଶୁକ୍ରବାର ସମଲେଇ ମନ୍ଦିର ପରିସରରେ ଉନ୍ମୋଚନ କରାଯାଇଥିଲା। ଗୀତିକାର ବିନୋଦ ପସାୟତ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ ଯୋଗଦେଇଥିଲେ। କାହାଣୀ ଓ କଣ୍ଠଦାନ ତୁଲାରାମ କଲେତ, ନିର୍ଦ୍ଦେଶନା ଦାୟିତ୍ୱ ବିଶ୍ୱନାଥ ସେଠ ତୁଲାଇଥିଲେ। ଦଶରଥ ମେହେର, ଚେତନାମୟୀ ବେହେରା, ଜଗନ୍ନାଥ ସେଠ, ସୁନିତା ଚଇନି, ସାନନ୍ଦ ସାହୁ, ରାଜକୁମାର ଜାଲ, ପୁନମ ପୂଜାରୀ, ଆରତି ଚଇନି, ଅର୍ପଣ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ଆଲବମ ଗ୍ରାମାଞ୍ଚଳ ପରିବେଶ, ସଂସ୍କୃତି ପରମ୍ପରା ସହିତ ସେମାନଙ୍କ ରହଣି, ଖାଦ୍ୟପେୟ, ଜୀବନୀ ଉପରେ ଶୁଟିଂ କରାଯାଇଛି। ଅତ୍ୟାଧୁନିତ ବାଦ୍ୟଯନ୍ତ୍ର ଓ ଭିଡିଓ ଗ୍ରାଫିରେ ପାରମ୍ପରିକ ବେଶଭୁଷାକୁ ନେଇ ଭିଡିଓ ପ୍ରସ୍ତୁତ ହୋଇଛି।

## ରୋଗୀଙ୍କୁ ଫଳ ବଣ୍ଟନ

ନାକଟିଦେଉଳ,୨।୧୦(ଡ଼ି.ଏନ.ଏ.)

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଶନିବାର ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ନାକଟିଦେଉଳ ବ୍ଲକର ପୂର୍ବତନ ଅଧକ୍ଷ ତଥା ବରିଷ୍ଠ ବିଜେଡ଼ି ନେତା ସୁଦର୍ଶନ ସାହୁ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ୩ଜଣ ରୋଗୀ ଓ ମାଆ ଗୃହରେ ଥିବା ୩ଜଣ ମାଆଙ୍କୁ ଫଳ ବଣ୍ଟନ କରିଥିଲେ। ଏହି ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା. ଅମୁଲ୍ୟରତ୍ନ ମହନ୍ତ, ଡା. ଜ୍ୟୋତି ପ୍ରକାଶ ରଥ, ରାଜକିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ମାର୍ଟସିଟିରେ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ


ଆର୍‌ଏସ୍‌ପିରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଉଛି।

ରାଉରକେଲା ଅଫିସ,୨।୧୦

ରାଉରକେଲା ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଛି। ସିଭିକ ସେଣ୍ଟରଠାରେ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। ଆର୍‌ଏସ୍‌ପିର ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ. କେ. କୁଣ୍ଡୁ, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର ସୂର୍ଯ୍ୟବଂଶୀ, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ. କେ. ପ୍ରଧାନ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ, ପ୍ରବୀଣ ନିଗମ, ସି. ଆର. ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ହସ୍ପିଟାଲ ଓ ସମାଜ ମଙ୍ଗଳ ବିଭାଗର ମହାପ୍ରବନ୍ଧକ ବି. କେ. ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓପିସିସିର ସାଧାରଣ ସମ୍ପାଦକ ରବି ରାୟଙ୍କ ନେତୃତ୍ୱରେ କଂଗ୍ରେସର ପୂର୍ବତନ ରାଉରକେଲା ବିଧାୟକ ପ୍ରଭାତ ମହାପାତ୍ର, ମନୋ ସାମଲ, ଶିବୁ ସାହୁ, ଗୀତା ସିଂ, ପ୍ରଦୀପ ବେହେରା, ସୁମିତ୍ରା ନାୟକ ପ୍ରମୁଖ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି କଲ୍ୟାଣୀ ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପସ୍ଥିତିରେ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ କାମିନୀ ମିଶ୍ର ଗାନ୍ଧୀଙ୍କ ଜୀବନୀ ଓ ଅହିଂସା ନୀତି ଉପରେ ବକ୍ତବ୍ୟ ଦେଇଥିଲେ। ଶିକ୍ଷୟିତ୍ରୀ ନମିତା ଦାସ ଓ ସସ୍ମିତା ପରିଡ଼ାଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ସେହିପରି ଭାଜପା ପକ୍ଷରୁ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା।

# ଝାରସୁଗୁଡ଼ାରେ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

ଝାରସୁଗୁଡ଼ା ଅଫିସ,୨।୧୦


ଝାରସୁଗୁଡ଼ା ବସ୍‌ଷ୍ଟାଣ୍ଡସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

ଝାରସୁଗୁଡ଼ା ଜିଲାର ସରକାରୀ ଓ ବେସରକାରୀ ଅନୁଷ୍ଠାନ ତରଫରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ବିଭିନ୍ନ ସ୍ଥାନରେ ସ୍ମୃତିଚାରଣ ସଭା, ସ୍ୱଚ୍ଛ ଭାରତ ଅଭିଯାନ, ବକ୍ତୃତା ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ପ୍ରଶାସନ ତରଫରୁ ଜିଲାପାଳ ସରୋଜ କୁମାର ସାମଲ, ପିଡି ଡିଆର୍‌ଡିଏ ତପିରାମ ମାଝି, ଉପଜିଲାପାଳ ଶିବ ଟପ୍ପୋ ପ୍ରମୁଖ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ନିକଟ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ବେହେରାମାଲସ୍ଥିତ ଲାଲବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଜିଲା କଂଗ୍ରେସ କମିଟି ସଭାପତି ଭରତ ଅବସ୍ଥୀ, ସାଧାରଣ ସମ୍ପାଦକ ମନିଷ ବାଜପେୟୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଭାଜପା ତରଫରୁ ଜିଲାର ବିଭିନ୍ନ ମଣ୍ଡଳରେ ଉଭୟ ମହାପୁରୁଷଙ୍କ ସ୍ମୃତିଚାରଣ କରାଯାଇଥିଲା। ଲକ୍ଷ୍ମୀ ନାରାୟଣ କଲେଜ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ତରଫରୁ ଲେଫ୍ଟନାଣ୍ଟ ମାନସ କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ରେଳ ଷ୍ଟେଶନ, ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ସଫେଇ କରାଯାଇଥିଲା।

## ସ୍ୱଚ୍ଛତା ହିଁ ଗାନ୍ଧୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି

ପଡିଆବାହାଲ,୨।୧୦(ଡି.ଏନ.ଏ.)

ଯୁଯୁମୁରା ବ୍ଲକ ମେଘପାଳର ସ୍ୱଭାବକବି ଗଙ୍ଗାଧର ମେହେର ପାଠାଗାରରେ ଶନିବାର ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ସରପଞ୍ଚ ମମତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଞ୍ଚାୟତ ନିର୍ବାହୀ ଅଧିକାରୀ କରୁଣାକର ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ସାମାଜିକ କର୍ମୀ ଡାକ୍ତର ରାଜାରାମ ଷଡ଼ଙ୍ଗୀ ଗ୍ରାମ ବିକାଶ ଦିଗରେ ସ୍ୱଚ୍ଛତା ହିଁ ମହାତ୍ମା ଗାନ୍ଧୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ଅନ୍ୟତମ ବକ୍ତା ମାନଧାତା ଲୁହା ଗ୍ରାମ ବିକାଶ ଦିଗରେ ମହାତ୍ମା ଗାନ୍ଧୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମବିକେ ସୁମିତ୍ରା ପ୍ରଧାନ, ସିଆର୍‌ପି ଫୁଲମତି ବାର୍ଲା, ଅଞ୍ଜନା ଲୁହା, ସିନ୍ଧୁମତୀ ମରାଇ, କୃଷିମିତ୍ର ଖୁନ୍ଦୁ ସାହୁ, ପ୍ରାଣୀମିତ୍ର ନଳିନୀ ମିର୍ଦ୍ଧା, ଦେବେନ୍ଦ୍ର ସାହୁ ଉପସ୍ଥିତ ଥିଲେ।



# ପଢ଼ା ପାଇଁ ବାହାରେ



**ଭଲ ପାଠ ପଢ଼ି ଜୀବନରେ ସଫଳତା ହାସଲ କରିବା ଲାଗି ଲୋଡ଼ା ତ୍ୟାଗ ଓ ନିଷ୍ଠା। ଯେଉଁଥିପାଇଁ ଅନେକ ବିଦ୍ୟାର୍ଥୀଙ୍କୁ ପରିବାରଠାରୁ ଦୂରରେ ବି ରହିବାକୁ ହୋଇଥାଏ। ହେଲେ କେବେକେବେ ବିଭିନ୍ନ କାରଣରୁ ଅନେକେ ନିଜ ଲକ୍ଷ୍ୟରୁ ଦୂରେଇ ଯାଉଥିବା ଦେଖିବାକୁ ମିଳିଥାଏ; ଯାହାକି ପରବର୍ତ୍ତୀ ସମୟରେ ସେମାନଙ୍କ ପାଠପଢ଼ାରେ ଅବହେଳାର କାରଣ ସାଜିବା ସହ କ୍ୟାରିୟର୍ ଉପରେ ପକାଇଥାଏ ନକାରାତ୍ମକ ପ୍ରଭାବ...**

**କାକ ସ୍ଥାନଂ ବକ ଧ୍ୟାନଂ,**
**ସ୍ୱାନ ନିଦ୍ରା ତଥୈବ ଚ।**
**ଅଳ୍ପାହାରୀ ଗୃହ ତ୍ୟାଗୀ,**
**ବିଦ୍ୟାର୍ଥୀ ପଞ୍ଚ ଲକ୍ଷଣଂ ॥**

ଏହି ଶ୍ଲୋକଟିରେ ଜଣେ ଉତ୍ତମ ବିଦାର୍ଥୀ ପାଖରେ କାଉ ଭଳି ଖୁବ୍ ଅଳ୍ପ ସମୟରେ ଗାଧୋଇବା, ବଗ ଯେପରି ମାଛଟିଏ ଧରିବା ଲାଗି ଧ୍ୟାନରେ ବସିଥାଏ ସେହିଭଳି ପାଠକୁ ଧ୍ୟାନର ସହ ପଢ଼ିବା ବା ଏକାଗ୍ରତା ରକ୍ଷାକରିବା, ଅଳସୁଆମି କରି ଦୀର୍ଘ ସମୟ ନ ଶୋଇ ଠିକ୍ ସମୟରେ ପଢ଼ିବା ଲାଗି ସ୍ୱାନ ବା କୁକୁର ଭଳି କମ୍ ଶୋଇବା, ଅଳ୍ପ ଖାଦ୍ୟ ଖାଇବା ଏବଂ ଆବଶ୍ୟକ ହେଲେ ପଢ଼ା ପାଇଁ ଘରୁ ବାହାରେ ଯାଇ ରହିବା ପରି ବିଶେଷ ଗୁଣ ସମ୍ପର୍କରେ କୁହାଯାଇଛି। ତେବେ ଆଜି ଆମେ ଏହାର ଶେଷ ଲକ୍ଷଣ 'ଗୃହତ୍ୟାଗୀ' ସମ୍ପର୍କରେ ବିଚାର କରିବା। ବର୍ତ୍ତମାନ ଅଧିକାଂଶ ଛାତ୍ରୀଛାତ୍ର ହାୟର ଷ୍ଟଡି ପାଇଁ ହେଉ, ଅବା ଘର ପାଖରେ ଆଗ୍ରହ ଥିବା ପାଠପଢ଼ା ପାଇଁ ଅନୁଷ୍ଠାନ ନ ଥିବା ଆଦି କାରଣରୁ ହେଉ ଘରଠାରୁ ଦୂରରେ ରହୁଥିବା ଦେଖିବାକୁ ମିଳୁଛି। ତେବେ ସେମାନଙ୍କ ମଧ୍ୟରୁ ମାତ୍ର କେତେଜଣ ନିଜ ଲକ୍ଷ୍ୟ ହାସଲ କରିବାରେ ସଫଳ ହେଉଥିବା ବେଳେ ଅନ୍ୟମାନେ ବିଭିନ୍ନ କାରଣରୁ ଏଥିରୁ ଦୂରେଇ ଯାଇ ବିଫଳତାର ସମ୍ମୁଖୀନ ହେଉଥିବାର ନଜିର ରହିଛି। ତେଣୁ ପଢ଼ା ପାଇଁ ବାହାରେ ରହୁଥିଲେ କେତେକ ଦିଗ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ...

**ନିଜ ଲକ୍ଷ୍ୟକୁ ପ୍ରାଥମିକତା ଦିଅନ୍ତୁ :** ପାଠପଢ଼ା ଲାଗି ଅନେକ ଯୁବତୀଯୁବକ ଘରଠାରୁ ଦୂରରେ ହଷ୍ଟେଲ, ମେସ୍ କିମ୍ବା ଘରଭଡ଼ା ନେଇ ରହିଥା'ନ୍ତି। ହେଲେ ବାହାରେ କିଛି ଦିନ ରହିବା ପରେ ପରିବାରର ଆକଟ ନ ଥିବାରୁ ସୁଯୋଗ ମିଳେ। ହେଲେ ଅତ୍ୟନ୍ତ ଦୁଃଖର ବିଷୟ ଯେ, କେବେକେବେ କୁସଙ୍ଗରେ ପଡ଼ି ଅନେକେ ନିଜ ଲକ୍ଷ୍ୟପଥରୁ ଦୂରେଇ ଯାଉଥିବା ଦେଖିବାକୁ ମିଳିଥାଏ। ସାଙ୍ଗମାନଙ୍କ ସହ ମିଶି ଏଣେତେଣେ ବୁଲିବା, ଫିଲ୍ମ ଦେଖିବା, ହୋଟେଲ୍‌ରେ ଖାଇବାଠାରୁ ଆରମ୍ଭ କରି ଚାପରେ ପଡ଼ି ସିଗାରେଟ୍ ଟାଣିବା, ମଦ ଭଳି ଆଲ୍‌କହଲ୍ ସେବନ ପର୍ଯ୍ୟନ୍ତ ବଦଭ୍ୟାସକୁ ଆପଣେଇ ନିଅନ୍ତି। ଏଣୁ ନା କେବଳ ପଢ଼ିବା ପାଇଁ ପରିବାରରୁ ମିଳୁଥିବା ଟଙ୍କାର ଅପବ୍ୟବହାର ହୋଇଥାଏ ବରଂ ପାଠପଢ଼ା ମଧ୍ୟ ବ୍ୟାହତ ହୋଇଥାଏ। ତେଣୁ ଏକ ଉଜ୍ଜ୍ୱଳ ଭବିଷ୍ୟ ଲକ୍ଷ୍ୟରେ ବାହାରକୁ ଆସିଥିଲେ ଏଭଳି ବନ୍ଧୁଙ୍କଠାରୁ ଯଥାସମ୍ଭବ ଦୂରେଇ ରହିବା ଭଲ।



ହେଉ କିମ୍ବା ଅନ୍ୟାନ୍ୟ କାରଣରୁ ନିଜ ଲକ୍ଷ୍ୟରୁ ଦୂରେଇ ଯାଉଥିବା ଦେଖିଥିବାକୁ ମିଳିଥାଏ। ଯାହାକି ପରବର୍ତ୍ତୀ ସମୟରେ ସେମାନଙ୍କ ପାଠପଢ଼ାରେ ଅବହେଳାର କାରଣ ସାଜିବା ସହ କ୍ୟାରିୟର୍ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ଅବହେଳା ଯୋଗୁ ଯେପରି ପରବର୍ତ୍ତୀ ସମୟରେ ପଶ୍ଚାତ୍ତାପ କରିବାକୁ ନ ପଡ଼େ, ସେଥିପାଇଁ ନିଜ ମୂଳ ଉଦ୍ଦେଶ୍ୟକୁ ସର୍ବପ୍ରଥମେ ଗୁରୁତ୍ୱ ଦିଅନ୍ତୁ।

**କୁସଙ୍ଗରୁ ଦୂରେଇ ରୁହନ୍ତୁ:** ନୂଆ ନୂଆ ସାଙ୍ଗସାଥୀ କରିବାରେ ଯୁବପିଢ଼ି ସର୍ବଦା ଆଗଭର। ଆଉ ପଢ଼ା ଲାଗି ବାହାରେ ରହୁଥିଲେ ସେମାନଙ୍କୁ ଏଥିପାଇଁ ଅଧିକ

**ସନ୍ତୁଳିତ ଖାଦ୍ୟ ଖାଆନ୍ତୁ:** ଏମିତିରେ ଅଧିକାଂଶ ଯୁବପିଢ଼ିଙ୍କର ଚଟ୍‌ପଟା ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ବେଶ୍ ପସନ୍ଦ। ଆଉ ଯଦି ଘରଠାରୁ ଦୂରରେ ରହିବାକୁ ହୁଏ, ତେବେ ଅନେକେ ସନ୍ତୁଳିତ ଖାଦ୍ୟ ଖାଇବାକୁ ନେଇ ପରିବାରର ଆକଟ ନ ଥିବାରୁ ହେଉ ଅବା ନିଜେ ରାନ୍ଧିବା ଜାଣି ନ ଥିବା କିମ୍ବା ସମୟ ଅଭାବରୁ ହେଉ ଏଭଳି ଖାଦ୍ୟ ଅଧିକ ପରିମାଣରେ ଖାଇଥା'ନ୍ତି। ଫଳରେ ସେମାନଙ୍କଠାରେ ଅଳ୍ପ ବୟସରୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ତେଣୁ ଏସବୁ ଦିଗ ପ୍ରତି ସତର୍କ ରହିବା ଗୁରୁତ୍ୱପୂର୍ଣ୍ଣ।

**ଆତ୍ମସୁରକ୍ଷା କୌଶଳ ଶିଖନ୍ତୁ-** ଝିଅ ହୁଅନ୍ତୁ ଅବା ପୁଅ, ପଢ଼ା ଲାଗି ବାହାରେ ଏକାକୀ ରହୁଥିଲେ ଆତ୍ମସୁରକ୍ଷା କରିବାର କୌଶଳ ସମସ୍ତେ ଜାଣିବା ଦରକାର। କାରଣ ବର୍ତ୍ତମାନ ସମୟରେ ଚୋରି, ଡକାୟତିଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ଅଘଟଣ ଦେଖିବାକୁ ମିଳୁଛି। ତେଣୁ ଏଭଳି ପରିସ୍ଥିତିରେ ଜଣେ ଶାରୀରିକ ସ୍ତରରେ ମଜଭୁତ ହେଲେ ହିଁ କୌଣସି ଅସୁବିଧାର ମୁକାବିଲା ସାହସର ସହ କରିପାରିବେ। ତେଣୁ ଜୁଡୋ, କରାଟେ, ଟାଏକୋଣ୍ଡୋ, କୁଙ୍ଗ୍‌ଫୁ ଆଦି ବିଭିନ୍ନ ଆତ୍ମରକ୍ଷା କଳା ଶିଖିବାକୁ ଚେଷ୍ଟା କରନ୍ତୁ।

**ସୁରକ୍ଷା ପ୍ରତି ସଜାଗ ରୁହନ୍ତୁ:** ବାହାରେ ରହୁଥିଲେ, ପାଖରେ ଟଙ୍କା ଥିଲେ ଚୋରି ହେବା ଆଶଙ୍କା ବେଶୀ। ତେଣୁ କ୍ୟାଶ୍ ବଦଳରେ କାର୍ଡ କିମ୍ବା ମୋବାଇଲ୍‌ରେ କ୍ୟାଶ୍‌ଲେସ୍ ବ୍ୟବସ୍ଥା ଆପଣାନ୍ତୁ। ଏକା ରହୁଥିଲେ କଲେଜ, ଟ୍ୟୁଶନ, କୋଚିଂ କିମ୍ବା ଅନ୍ୟ କାମରେ ବାହାରକୁ ଯାଉଥିଲେ ସମସ୍ତ ଜିନିଷ ଠିକ୍ ଭାବେ ରଖି ତାଲା ପକାଇ ଯାଆନ୍ତୁ। ଯଦି ନିଜେ ରୋଷେଇ କରୁଥା'ନ୍ତି, ତେବେ ରେଗୁଲେଟର୍ ବନ୍ଦ କରିବାକୁ ଭୁଲନ୍ତୁ ନାହିଁ। କୁକ୍ ରଖୁଥିଲେ ନିଜେ ଘରେ ଉପସ୍ଥିତ ଥିବା ବେଳେ ଡାକନ୍ତୁ। କାରଣ ନିଜ ଅନୁପସ୍ଥିତିରେ ବି ରୋଷେୟା ଘରକୁ ଆସିଲେ ଚୋରି ଓ ଅନ୍ୟାନ୍ୟ ଅପରାଧ ଘଟୁଥିବାର ଆଶଙ୍କା ରହିଛି। ମେସ୍ କିମ୍ବା ହଷ୍ଟେଲ୍‌ରେ ରହୁଥିଲେ ନିଜ ବହି, ଲାପ୍‌ଟପ୍, ମୋବାଇଲ୍, ଟଙ୍କା ଆଦିକୁ ଠିକ୍ ଭାବେ ରଖନ୍ତୁ। ବାହାରକୁ ଯିବା ବେଳେ କେହି ଯେପରି ଏହାର ଅପବ୍ୟବହାର ନ କରନ୍ତି, ସେଥିପ୍ରତି ସଜାଗ ରୁହନ୍ତୁ।

## କ'ଣ କୁହନ୍ତି ଏମାନେ...



ରିତୁପର୍ଣ୍ଣା



ବିଶ୍ୱରଞ୍ଜନ



ସ୍ୱାତୀ

**ବିଶ୍ୱରଞ୍ଜନ ମହାନ୍ତି** (ପିଜି ୧ମ ବର୍ଷ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ବିଶ୍ୱଭାରତୀ, ଶାନ୍ତିନିକେତନ, କୋଲକାତା)– ବାହାରେ ରହି ପାଠ ପଢ଼ିବାର ମଜା ପୂରା ଅଲଗା। ସାଙ୍ଗମାନଙ୍କ ସହ ରହି ମସ୍ତି କରି ପଢ଼ିବାକୁ ମୋତେ ଭଲ ଲାଗେ। ମଝିରେ ମଝିରେ ଆମେ ସବୁ ବାହାରକୁ ବୁଲିଯାଉ। ମେସ୍ କରି ସମସ୍ତେ ରହୁଥିବାରୁ ରୋଷେଇ କରିବାରେ ଆମକୁ ପ୍ରଥମେ କଷ୍ଟ ହେଉଥିଲା, ଘର ଖାଇବା ଖୁବ ମନେ ପଡୁଥିଲା। କିନ୍ତୁ ସମସ୍ତେ ମିଶି ଏବେ ରୋଷେଇ କରୁଛୁ। ତେବେ ଏସବୁ ଭିତରେ ନିଜର ମୂଳ ଲକ୍ଷ୍ୟ ପାଠପଢ଼ାକୁ ଆଦୌ ଅବହେଳା କରେନି। ବରଂ ସମସ୍ତେ ପାଠ ପଢ଼ାରେ ପରସ୍ପରକୁ ସାହାଯ୍ୟ କରୁଥିବାରୁ ସହଜରେ ମନେରହୁଛି। ବାହାରେ ଯେତେ ଖୁସିରେ ରହିଲେ ବି ଘରକଥା ସବୁବେଳେ ମନେପଡୁଛି।

**ରିତୁପର୍ଣ୍ଣା ଜେନା** (କଟକ)– ଦୁଇ ବର୍ଷ ହେଲା ପଢ଼ା ଲାଗି ଘର ଛାଡ଼ି ବାହାରେ ରହୁଛି। ପ୍ରଥମେ ନୂଆ ଜାଗା ସହ ଖାପ ଖୁଆଇ ଚଳିବା, ନୂଆ ପିଲାଙ୍କ ସହ ମିଶିବାରେ ମୋତେ ସମୟ ଲାଗିଥିଲା। କିନ୍ତୁ ଧୀରେ ଧୀରେ ସମସ୍ତଙ୍କ ସହ ଭଲରେ ମିଶିଗଲି। ଘର କଥା ମନେପଡୁଥିଲେ ବି ପଢ଼ାକୁ ଗୁରୁତ୍ୱ ଦେଇ ମନକୁ ବୁଝାଇ ପଢ଼ାରେ ସମ୍ପୂର୍ଣ୍ଣ ଧ୍ୟାନ ଦେଉଛି। ବାହାରେ ରହୁଥିବାରୁ ସୁରକ୍ଷା ଦୃଷ୍ଟିରୁ ନିଜ ଜିନିଷ ଦାୟିତ୍ୱରେ ରଖିବାଠାରୁ ଆରମ୍ଭ କରି ଏଟିଏମ୍‌ରୁ ଟଙ୍କା ଉଠାଇଲାବେଳେ ଏକା ନ ଯାଇ ସାଙ୍ଗମାନଙ୍କ ସହ ଯିବା ପର୍ଯ୍ୟନ୍ତ ବିଭିନ୍ନ ଦିଗ ପ୍ରତି ସତର୍କ ରହୁଛି।

**ସ୍ୱାତୀ ମିଶ୍ର** (ନୂଆଦିଲ୍ଲୀ)– ହାୟର ଷ୍ଟଡି ଓ କ୍ୟାରିୟର ପାଇଁ ଘର ଛାଡ଼ି ଦିଲ୍ଲୀରେ ରହୁଛି। ଏଠି ଟିକେ ଅସୁବିଧା ହେଉଛି ଚଳିବାକୁ। ଏକା ରହୁଥିବାରୁ ପରିବାପତ୍ରଠାରୁ ଗ୍ରୋସେରୀ ପର୍ଯ୍ୟନ୍ତ ସବୁ ନିଜେ ଯାଇ ଆଣିବାକୁ ପଡୁଛି। ତଥାପି ପ୍ରତ୍ୟେକ କାର୍ଯ୍ୟକୁ ଟାଇମ୍ ମ୍ୟାନେଜମେଣ୍ଟ କରି ସମ୍ଭାଳି ନେଉଛି। ଘରଠାରୁ ଦୂରରେ ରହୁଥିବାରୁ ସାଙ୍ଗମାନଙ୍କ ସହିତ ସୁସମ୍ପର୍କ ରଖିଛି। ତେଣୁ ସୁବିଧା ଅସୁବିଧାରେ ସେମାନେ ମୋତେ ବହୁତ ସାହାଯ୍ୟ ମଧ୍ୟ କରୁଛନ୍ତି।

## ଏ ସପ୍ତାହର ପ୍ରଶ୍ନ

୧– ଭାରତର ପ୍ରଥମ ସ୍ୱଦେଶୀ ଏୟାରକ୍ରାଫ୍ଟ କ୍ୟାରିୟରର ନାମ..... ?
୨– ମ୍ୟାନ୍ ଅଫ୍ ଥାଉଜେଣ୍ଡ ଫେସେସ୍.........ଙ୍କୁ କୁହାଯାଏ ?
୩– ବନ୍ୟପ୍ରାଣୀ ସପ୍ତାହ .............. ମାସରେ ପାଳନ କରାଯାଏ ?
୪– ପ୍ରଥମ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ଏଜୁକେଶନ୍ ଆଣ୍ଡ ରିସର୍ଚ୍ଚ ............ ରାଜ୍ୟରେ ପ୍ରତିଷ୍ଠା କରାଯାଇଛି ?
୫– ଓଡ଼ିଶା ବନ ବିଭାଗ ପକ୍ଷରୁ ............... ପଶୁ ଅବସ୍ଥିତି ଜାଣିବା ଲାଗି ରେଡିଓ କଲାର୍ ବ୍ୟବସ୍ଥା ଆରମ୍ଭ କରାଯିବାର ପ୍ରସ୍ତାବ ରଖାଯାଇଛି ?

## ଗତ ଥରର ଉତ୍ତର

୧ ବରାହମିହିର
୨ ଆଇରନ୍ ଅକ୍ସାଇଡ୍
୩ ଏମ୍. ରାଜେଶ୍ୱର ରାଓ
୪ ଭିଟାମିନ୍ ଡି'
୫ ଡାଇଓପ୍ଟର

## ଉତ୍ତରଦାତା



ପ୍ରଶାନ୍ତ କର, ପୁରୀ



ଶର୍ମିଷ୍ଠା ପାତ୍ର, ଭଦ୍ରକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

## ପୃଥିବୀର ଅଜବ ମ୍ୟୁଜିୟମ୍



୧– ମେଗୁରୋ ପାରାସାଇଟୋଲୋଜିକାଲ୍ ମ୍ୟୁଜିୟମ୍.......... ଟୋକିଓ, ଜାପାନ
୨– ଦି ଡଗ୍ କଲାର ମ୍ୟୁଜିୟମ୍................................ କେଣ୍ଟ, ଇଂଲଣ୍ଡ
୩– ମ୍ୟାକ୍‌ଡୋନାଲ୍ଡସ୍ ବିଗ୍ ମ୍ୟାକ୍ ମ୍ୟୁଜିୟମ୍........ପେନ୍‌ସିଲ୍‌ଭାନିଆ, ଆମେରିକା
୪– ମ୍ୟୁଜିୟମ୍ ଅଫ୍ ବ୍ରେଡ୍ କଲ୍‌ଚର.................................... ଜର୍ମାନୀ
୫– ସୁଲଭ ଇଣ୍ଟରନ୍ୟାଶନାଲ୍ ମ୍ୟୁଜିୟମ୍ ଅଫ୍ ଟଏଲେଟ୍...... ନୂଆଦିଲୀ, ଭାରତ
୬– ହିଷ୍ଟୋରିକ୍ ୱାଇନ୍ ଟୁଲ୍ ମ୍ୟୁଜିୟମ୍................. କାଲିଫର୍ଣ୍ଣିଆ, ଆମେରିକା
୭– କରିଓ୍ୱର୍ଷ୍ଟ ମ୍ୟୁଜିୟମ୍................................ ବର୍ଲିନ୍, ଜର୍ମାନୀ
୮– ଦି ମ୍ୟୁଜିୟମ୍ ଅଫ୍ ବ୍ରୋକେନ୍ ରିଲେସନ୍‌ଶିପ୍.......... ଜାଗରେବ, କ୍ରୋସିଆ
୯– ଦି ଆଇସ୍‌ଲାଣ୍ଡିକ୍ ଫାଲୋଲୋଜିକାଲ୍ ମ୍ୟୁଜିୟମ୍...... ରେଜାଭିକ୍, ଆଇସ୍‌ଲାଣ୍ଡ
୧୦– କାନ୍ସାସ୍ ବାର୍‌ବେଡ୍ ୱାଏର୍ ମ୍ୟୁଜିୟମ୍.............. କାନ୍ସାସ୍, ଆମେରିକା

## ଜାଣନ୍ତୁ ଦୁନିଆ

# ସିଙ୍ଗାପୁର

**ପୃଥିବୀରେ ଅନେକ ସୁନ୍ଦର ସହର ମଧ୍ୟରେ ସିଙ୍ଗାପୁର ନାଁ କିଏ ବା ନ ଜାଣେ! ଦକ୍ଷିଣ-ପୂର୍ବ ଏସିଆରେ ଥିବା ଏହି ସୁନ୍ଦର ଆଇସ୍‌ଲାଣ୍ଡରେ ଭରିରହିଛି ଅନେକ ପର୍ଯ୍ୟଟନ ସ୍ଥଳୀ। ଜାଣିବା ଏ ସମ୍ପର୍କରେ କିଛି ରୋଚକ ତଥ୍ୟ...**

- ପୃଥିବୀରେ ଥିବା ସମୁଦାୟ ତିନୋଟି ସିଟି-ଷ୍ଟେଟ୍ ମଧ୍ୟରେ ମୋନାକୋ ଏବଂ ଭାଟିକାନ୍‌ସିଟି ସହିତ ସିଙ୍ଗାପୁର ମଧ୍ୟ ରହିଛି। ଏହାର କୌଣସି ରାଜଧାନୀ ନାହିଁ।
- ଏହାର ନାମ ଏପରି ରଖାଯିବା ପଛରେ ଏକ କାହାଣୀ ରହିଛି। ପାଲେମ୍ବାଙ୍ଗ୍‌ର ରାଜା ସ୍ୟାଙ୍ଗ୍ ନିଲା ଉତାମା ଥରେ ଏହି ଆଇସ୍‌ଲାଣ୍ଡରେ ଏକ ଜୀବ ବୁଲୁଥିବାର ଦେଖି ତାହାକୁ ସିଂହ ଭାବିଥିଲେ। ତେଣୁ ଏହାକୁ ସିଙ୍ଗପୁରା ଭାବେ ନାମିତ କରିଥିଲେ, ଯାହାର ଅର୍ଥ ଥିଲା ଲାୟନ ସିଟି ବା ସିଂହ ସହର। କ୍ରମଶଃ ଏହା ପରିବର୍ତ୍ତିତ ହୋଇ ସିଙ୍ଗାପୁରରେ ପରିଣତ ହୋଇଛି। ହେଲେ ସବୁଠୁ କୌତୂହଳର ବିଷୟ ହେଉଛି ଏଠାରେ ଆଦୌ ସିଂହ ନାହାନ୍ତି।
- ପୃଥିବୀର କ୍ଷୁଦ୍ରତମ ୨୦ ସହର ମଧ୍ୟ ଏହା ମଧ୍ୟରେ ରହିଛି।
- ଏହା ୧୯୬୫ ମସିହା ସେପ୍ଟେମ୍ବର ୨୧ ତାରିଖରେ ୟୁନାଇଟେଡ୍ ନେଶନ୍ସ (ୟୁଏନ୍‌ର)ର ୧୧୭ ନମ୍ବର ସଦସ୍ୟ ହୋଇଥିଲା।
- ପୃଥିବୀର ପ୍ରଥମ ନାଇଟ୍ ଜୁ ବା ରାତ୍ର ଚିଡ଼ିଆଖାନା ଏବଂ ନାଇଟ୍ ସଫାରି ଏଠାରେ ରହିଛି।
- ଏଠାରୁ ସର୍ବାଧିକ ମାଛ ରପ୍ତାନି କରାଯାଇଥାଏ। ଅର୍ଥାତ୍ ପୃଥିବୀରେ ବିକ୍ରି ହେଉଥିବା ସମୁଦାୟ ମାଛର ପ୍ରାୟ ୨୫ ପ୍ରତିଶତ ଏହିଠାରୁ ହିଁ ଯାଇଥାଏ।
- ଏଠାରେ ପ୍ରାୟତଃ ସମସ୍ତ ବାସିନ୍ଦା ଅକ୍ଟୋବର ମାସରେ ଜନ୍ମଗ୍ରହଣ କରିଥା'ନ୍ତି।
- ପୃଥିବୀର ସବୁଠାରୁ ବଡ଼ ଟ୍ରପିକାଲ୍ ଅର୍କିଡ୍ ଗାର୍ଡେନ୍ ଏଠାରେ ରହିଛି।
- ଏଠାକାର ବାସିନ୍ଦା ପୃଥିବୀର ଅନ୍ୟ ସବୁ ବାସିନ୍ଦାଙ୍କ ତୁଳନାରେ ସବୁଠୁ ଅଧିକ ବେଗରେ ଚାଲନ୍ତି। ବ୍ରିଟିଶ୍ କାଉନ୍‌ସିଲ୍ ଦ୍ୱାରା ହୋଇଥିବା ଏକ ପରୀକ୍ଷା ରିପୋର୍ଟ ମୁତାବକ ଏମାନେ ଏକ ଘଣ୍ଟାରେ ପ୍ରାୟ ୬.୧୫ କି.ମି. ବେଗରେ ଚାଲିଥା'ନ୍ତି।



## ୟୁଥ୍ ଆଲର୍ଟ

# ଟାଟୁ ରିମୁଭ୍ କରୁଥିଲେ

**ଟାଟୁ କରିବା ଆଜିକାଲି ସମସ୍ତଙ୍କର ବିଶେଷ କରି ଯୁବପିଢ଼ିଙ୍କ ଲାଗି ଫ୍ୟାଶନ ଟ୍ରେଣ୍ଡ ପାଲଟିଛି। ହେଲେ ପ୍ରଥମେ ପ୍ରଥମେ ଏହି ଟାଟୁଗୁଡ଼ିକୁ ଖୁବ୍ ଭଲ ପାଉଥିବା ଅନେକେ କିଛି ମାସ ବା ବର୍ଷ ପରେ ଏହା ବଦଳରେ ପୂର୍ବଭଳି ସ୍ପଟ୍‌ଲେସ୍ ସ୍କିନ୍ ପାଇବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ଆଉ ଏଥିପାଇଁ ସେମାନେ ଟାଟୁ ରିମୁଭ୍ କରାଉଥିବା ମଧ୍ୟ ଦେଖିବାକୁ ମିଳୁଛି। ହେଲେ ଏପରି କରିବା ଦ୍ୱାରା ତ୍ୱଚା ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଆସନ୍ତୁ ଜାଣିବା ଏ ସମ୍ପର୍କରେ ...**

- ଯଦି ଆପଣ ବହୁ ଦିନ ଧରି ଶରୀରର ଯେକୌଣସି ସ୍ଥାନରେ ଟାଟୁ କରିଛନ୍ତି, ତେବେ ଏହାକୁ ରିମୁଭ୍ କରିବା ଲାଗି ଆଦୌ ଘରୋଇ ଉପଚାର କରନ୍ତୁ ନାହିଁ। କାରଣ ଏହା ଶରୀର ପାଇଁ କ୍ଷତି ପହଞ୍ଚାଏ। ତେଣୁ ଅଭିଜ୍ଞ ଡାକ୍ତର କିମ୍ବା ଟାଟୁ ଆର୍ଟିଷ୍ଟଙ୍କ ପାଖରେ ହିଁ ରିମୁଭ୍ କରାନ୍ତୁ।
- ଟାଟୁ ରିମୁଭ୍ ସର୍ବଦା ଯେ ଠିକ୍ ଭାବେ ହୋଇପାରିବ, ତା' କହିବା କଷ୍ଟକର। କାରଣ ବେଳେବେଳେ ଟାଟୁ ରିମୁଭ୍ ଭଲ ଭାବେ ନ ହୋଇପାରିଲେ, ଏହା ଦାଗ ଆକାରରେ ଆମ ଶରୀରରେ ଅନେକ ଦିନ ଧରି ରହିଯାଏ।
- ଆହୁରି ମଧ୍ୟ କେତେକଙ୍କଠାରେ ଏପରି କରିବା ପରେ ଉକ୍ତ ସ୍ଥାନରେ ପ୍ରକୃତ ସ୍କିନ୍ ଟୋନ୍ ବଦଳିଯାଇ କଳା କିମ୍ବା ଧଳା ପଡ଼ିଯାଇ ଶରୀରର ସୌନ୍ଦର୍ଯ୍ୟ ନଷ୍ଟ କରିଥାଏ।
- ଅଧିକାଂଶଙ୍କ ପାଖେ ଟାଟୁ ରିମୁଭ୍ କରିବା ବେଳେ ଆଲର୍ଜି ହେବା କିମ୍ବା ଇନ୍‌ଫେକ୍‌ସନ୍ ହେବାର ଅଧିକ ଆଶଙ୍କା ଥାଏ। ତେଣୁ ଚର୍ମ ବିଶେଷଜ୍ଞଙ୍କ ପରାମର୍ଶ ନେଇ ସତର୍କତାର ସହ ଏହା କରାଇବା ଆବଶ୍ୟକ।
- ବର୍ତ୍ତମାନ ଅନେକେ ଲିପ୍ ଲାଇନର୍, ଆଇ ଲାଇନର୍, ଆଇବ୍ରୋ ଆଦିରେ କସ୍‌ମେଟିକ୍ ଟାଟୁ କରାଉଛନ୍ତି। କେହି କେହି ଏହାକୁ ଲେଜର ଟ୍ରିଟ୍‌ମେଣ୍ଟ କରାଇ ରିମୁଭ୍ କରାଇବାକୁ ମଧ୍ୟ ଚେଷ୍ଟା କରୁଥିବା ଦେଖିବାକୁ ମିଳୁଛି। ହେଲେ ଏହାଦ୍ୱାରା ତାହା ନର୍ମାଲ୍ କଲର୍‌ଠାରୁ ଆହୁରି ଫେଡ୍ ବା ଲାଇଟ୍ ହୋଇଯିବାର ଅଭିଯୋଗ ଅନେକଙ୍କଠାରୁ ଶୁଣିବାକୁ ମିଳୁଛି।
- ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରିମୁଭ୍ କରିବା ପାଇଁ ବ୍ୟବହୃତ ହେଉଥିବା ରାସାୟନିକ ପଦାର୍ଥ। ଯଦି ଭୁଲ୍‌ବଶତଃ ଆବଶ୍ୟକତାଠାରୁ ଅଧିକ ବ୍ୟବହାର ହୋଇଯାଏ, ତେବେ ଏହାର ପାର୍ଶ୍ୱପ୍ରତିକ୍ରିୟାରେ ଜୀବନ ଚାଲିଯିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।





# ଅତ୍ୟାଧୁନିକ ବିଦ୍ୟୁତ୍ ଗ୍ରାହକ ସେବା ଆରମ୍ଭ

## ଡିଜିଟାଲ, ଅନ୍‌ଲାଇନ ମୋଡ୍‌ରେ ହେବ ଉପଲବ୍ଧ

ଭୁବନେଶ୍ୱର,୨।୧୦(ବ୍ୟୁରୋ)



ଲୋକସେବା ଭବନରେ ଶନିବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଅତ୍ୟାଧୁନିକ ଗ୍ରାହକ ବିଲିଂ ବ୍ୟବସ୍ଥାର ଶୁଭାରମ୍ଭ କରୁଛନ୍ତି।

ରାଜ୍ୟର ବିଦ୍ୟୁତ୍ ଗ୍ରାହକମାନଙ୍କୁ ଗୁଣାତ୍ମକ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶନିବାର ଅତ୍ୟାଧୁନିକ ଗ୍ରାହକ ବିଲିଂ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏହି ବ୍ୟବସ୍ଥାରେ ଗ୍ରାହକ ସୁବିଧା ପାଇଁ ବହୁମୁଖୀ ପ୍ରଯୁକ୍ତିବିଦ୍ୟା ମଡେଲ୍ ପ୍ରୟୋଗ କରାଯାଇଛି। ଏଥିରେ କ୍ଲାଉଡ୍‌ରେ ଆପାତକାଳୀନ ତଥ୍ୟ ପୁନରୁଦ୍ଧାର ବ୍ୟବସ୍ଥା ରହିଛି। ଟିପିଏନ୍‌ଓଡିଏଲ୍(ପୂର୍ବର ନେସ୍କୋ), ଟିପିଡବ୍ଲ୍ୟୁଓଡିଏଲ୍(ପୂର୍ବର ୱେସ୍କୋ) ଏବଂ ଟିପିଏସ୍‌ଓଡିଏଲ୍(ପୂର୍ବର ସାଉଥକୋ) ଅଞ୍ଚଳ ଅନ୍ତର୍ଭୁକ୍ତ ୫୧୭ଟି ବିଦ୍ୟୁତ୍ ବିତରକ କମ୍ପାନୀ କାର୍ଯ୍ୟାଳୟକୁ ପ୍ରଯୁକ୍ତିବିଦ୍ୟା, କମ୍ପ୍ୟୁଟର ଏବଂ ନେଟ୍‌ୱର୍କ ଯନ୍ତ୍ରପାତି ଆଦି ସହ ନବୀକରଣ କରାଯିବ। ସମନ୍ୱିତ ବିଦ୍ୟୁତ୍ ଯୋଗାଣ ବିକାଶ ପ୍ରକଳ୍ପରେ କରାଯାଇଥିବା ଏହି ନୂଆ ବ୍ୟବସ୍ଥା ପାଇଁ ରାଜ୍ୟ ସରକାର ୧୧୭ କୋଟି ଏବଂ କେନ୍ଦ୍ର ସରକାର ୪୨ କୋଟି ଟଙ୍କା ଅନୁଦାନ ଦେଇଛନ୍ତି। ଏହା ମାଧ୍ୟମରେ ଡିଜିଟାଲ ଏବଂ ଅନଲାଇନ୍ ମୋଡ୍‌ରେ ବିଭିନ୍ନ ବିଦ୍ୟୁତ୍ ସେବା ଯୋଗାଣ ହେବ। ବିତରକ କମ୍ପାନୀଗୁଡ଼ିକର ବିଭିନ୍ନ ଡିଭିଜନରେ ଥିବା ଯନ୍ତ୍ରପାତି, ଉପକରଣ ଏବଂ ଅନ୍ୟାନ୍ୟ ଅବ୍ୟବହୃତ ସାଧନର ରିଅଲ୍ ଟାଇମ୍ ତଥ୍ୟ ମିଳିପାରିବ। ନୂଆ ବିଦ୍ୟୁତ୍ ସଂଯୋଗ, ବିଲ୍ ପେମେଣ୍ଟ, କୌଣସି ସଂଶୋଧନ ଆଦି ବିଷୟରେ ଗ୍ରାହକମାନେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରତି ପର୍ଯ୍ୟାୟରେ ପ୍ରତିଟି ସ୍ଥିତି ଜାଣିପାରିବେ। ପ୍ରତ୍ୟେକ ବିତରକ କମ୍ପାନୀ ଅଞ୍ଚଳରେ ସ୍ୱତନ୍ତ୍ର ଗ୍ରାହକ ସେବା କେନ୍ଦ୍ର କାର୍ଯ୍ୟ କରିବ।

ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଶକ୍ତି ବିଭାଗ ସଚିବ ନିକୁଞ୍ଜବିହାରୀ ଧଳ, ଅର୍ଥ ବିଭାଗ ପ୍ରମୁଖ ସଚିବ ବିଶାଳ ଦେବଙ୍କ ଉପସ୍ଥିତିରେ ରାଜ୍ୟ ଲୋକସେବା ଭବନ ସଭାଗୃହରୁ ଏହି ବ୍ୟବସ୍ଥାର ଶୁଭାରମ୍ଭ କରି ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ପ୍ରଯୁକ୍ତିବିଦ୍ୟା ଆଧାରିତ ଏହି ନୂଆ ବ୍ୟବସ୍ଥା ବର୍ତ୍ତମାନ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ହୋଇଛି। ଏଥିରେ ସ୍ମାର୍ଟ ମିଟର ରିଡିଂ, ସ୍ମାର୍ଟ ଗ୍ରୀଡ୍, ପ୍ରି-ପେଡ୍ ମୋଡ୍ ସହ ଛାତ ଉପର ସୌର ପ୍ରକଳ୍ପରୁ ଉତ୍ପନ୍ନ ୟୁନିଟ୍‌ର ଠିକ୍ ହିସାବ ଆଦିର ବ୍ୟବସ୍ଥା ରହିଛି। ବିଦ୍ୟୁତ୍ ଯୋଗାଣରେ ହେଉଥିବା ବୈଷୟିକ ଓ ବ୍ୟବସାୟିକ (ଏଆଣ୍ଡ ଟି) କ୍ଷତି କମାଇବା ପାଇଁ ମୁଖ୍ୟ ଶାସନ ସଚିବ ବିଦ୍ୟୁତ୍ ବିତରକ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜବିହାରୀ ଧଳ କହିଥିଲେ ଯେ ନୂଆ ବ୍ୟବସ୍ଥା ରାଜ୍ୟର ପ୍ରାୟ ୭୩ ଲକ୍ଷ ବିଦ୍ୟୁତ୍ ଗ୍ରାହକଙ୍କୁ ତ୍ୱରିତ ବିଦ୍ୟୁତ୍ ସଂଯୋଗ, ନିର୍ଭୁଲ ବିଲ୍, ବିଭିନ୍ନ ମୋଡ୍‌ରେ ଅନ୍‌ଲାଇନ୍ ବିଲ୍ ପୈଠ ବ୍ୟବସ୍ଥା ଆଦି ଯୋଗାଇବ। ଏହା ଛଡ଼ା ସ୍ୱତନ୍ତ୍ର ଗ୍ରାହକ ସେବାକେନ୍ଦ୍ର, କେନ୍ଦ୍ରୀୟ ହେଲ୍ପ-ଡେସ୍କ ଏବଂ ଅତ୍ୟାଧୁନିକ ଡାଟା ସେଣ୍ଟର ଆଦିର ବ୍ୟବସ୍ଥା ରହିବ।

ନୂଆ ବ୍ୟବସ୍ଥା ମାଧ୍ୟମରେ ସେବା ଯୋଗାଣର ଗୁଣାତ୍ମକମାନ ବଢ଼ାଇବା ସହ ବିଦ୍ୟୁତ୍ ଯୋଗାଣରେ ବୈଷୟିକ ଏବଂ ବ୍ୟବସାୟିକ (ଏ ଆଣ୍ଡ ଟି) କ୍ଷତିକୁ ବର୍ତ୍ତମାନର ୩୦ ପ୍ରତିଶତରୁ ୧୫ ପ୍ରତିଶତ ପର୍ଯ୍ୟନ୍ତ କମାଇବା ଲକ୍ଷ୍ୟ ରଖାଯାଇଛି। ବାର୍ଷିକ ୨ରୁ ୩ ପ୍ରତିଶତ ପର୍ଯ୍ୟନ୍ତ ଏ ଆଣ୍ଡ ଟି କ୍ଷତି କମାଇବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ବୋଲି ଓଡ଼ିଶା ବିଦ୍ୟୁତ୍ ସରବରାହ ନିଗମ(ଓପିଟିସିଏଲ୍)ର ବରିଷ୍ଠ ଅଧିକାରୀ କହିଛନ୍ତି। ଓପିଟିସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ମିଶ୍ର, ଗ୍ରୀଡ୍‌କୋ ଏମ୍‌ଡି ଭଦ୍ରେଶ ଭାଇ ମେହେଟ୍ଟା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ୟୁଜି, ପିଜି ପାଠ୍ୟକ୍ରମରେ ସାମିଲ ହେବ ଭୀମ ଭୋଇଙ୍କ ଜୀବନୀ

## ୟୁଜିସିକୁ ନିର୍ଦ୍ଦେଶ ଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

- 'ମହିମା ଧର୍ମ'ର ବିଚାର ସମ୍ପର୍କରେ ଅଧିକ ଗବେଷଣା ହେବ
- ବିଶ୍ୱବିଦ୍ୟାଳୟରେ ସ୍ଥାପନ ହେବ ସନ୍ଥ କବି ଭୀମ ଭୋଇ ଚେୟାର

ଭୁବନେଶ୍ୱର, (ବ୍ୟୁରୋ)/ ଢେଙ୍କାନାଳ ଅଫିସ
ରେଢାଖୋଲ,୨।୧୦ (ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢ଼ାଖୋଲରେ ଜନ୍ମିତ ସନ୍ଥକବି ଭୀମଭୋଇଙ୍କ ସାହିତ୍ୟ ଓ ବିଚାରଧାରା ବିଶ୍ୱସ୍ତରରେ ପହଞ୍ଚାଇବାକୁ ୟୁନିଭର୍ସିଟି ଗ୍ରାଣ୍ଟ କମିଶନ(ୟୁଜିସି) ଉଚ୍ଚତର ଗବେଷଣା କରିବ। ଭୀମଭୋଇ ହେଉଛନ୍ତି ୨୫୦ବର୍ଷ ମଧ୍ୟରେ ସବୁଠୁ କ୍ରାନ୍ତିକାରୀ ବିଚାର ପୁରୁଷ। ତାଙ୍କ ସାହିତ୍ୟ ଉପରେ ଆଜି ପର୍ଯ୍ୟନ୍ତ ହୋଇଥିବା ଗବେଷଣା ପର୍ଯ୍ୟାପ୍ତ ନୁହେଁ। ଓଡ଼ିଆ ସାହିତ୍ୟ ଓ ଧାର୍ମିକ ସାମାଜିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିବା ସନ୍ଥ କବିଙ୍କ ଜୀବନୀ ଓ ତାଙ୍କ ଦର୍ଶନ ଉପରେ ଅଧିକ ଅଧ୍ୟୟନ କରିବା ପାଇଁ ୟୁଜିସିକୁ ନିର୍ଦ୍ଦେଶ ଦିଆଯାଇଥିବା କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଶନିବାର ରେଢ଼ାଖୋଲଠାରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ସନ୍ଥ କବିଙ୍କୁ ଜଣେ ସର୍ବୋତ୍ତମ ବିଚାରକ ଭାବେ ପ୍ରମାଣିତ କରିବା ପାଇଁ ଉଦ୍ୟମ କରାଯିବ। ଭାରତ ସରକାରଙ୍କ ୟୁଜିସି ଏହି ମହାପୁରୁଷଙ୍କ 'ମହିମା ଧର୍ମ'ର ବିଚାର ସମ୍ପର୍କରେ ଅଧ୍ୟୟନ କରିବ। ଉଚ୍ଚତର ଗବେଷଣା ସହ ୟୁଜି ଏବଂ ପିଜି ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ। ବିଭିନ୍ନ ରାଜ୍ୟର ବିଶ୍ୱବିଦ୍ୟାଳୟରେ ଭୀମ ଭୋଇ ଚେୟାର ସ୍ଥାପନ ହେବ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଭୀମ ଭୋଇଙ୍କୁ ସମ୍ମାନ ଦେବା ପାଇଁ ସବୁପ୍ରକାର ଉଦ୍ୟମ କରିବା ପାଇଁ ୟୁଜିସିକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ଶତାବ୍ଦୀ ଶତାବ୍ଦୀରୁ ପଛୁଆ ଅଞ୍ଚଳରୁ ଆରମ୍ଭ ହୋଇଥିବା ମହାନ୍ ବିଚାର ଅନ୍ତଃରାଷ୍ଟ୍ରୀୟ ସ୍ତରକୁ ଯିବ। ଏ ଅଞ୍ଚଳର ଚାଷୀ, ବୁଣାକାର ଓ ହସ୍ତଶିଳ୍ପୀଙ୍କର ଏକ ସ୍ୱତନ୍ତ୍ରତା ରହିଛି। ଭାରତ ସରକାର ସେମାନଙ୍କ ଉନ୍ନତି ପାଇଁ ବହୁ ପଦକ୍ଷେପ ନେଇଛନ୍ତି। ଅକ୍ଟୋବର ୨ରୁ ୩୧ ପର୍ଯ୍ୟନ୍ତ ଚାଲିଥିବା ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବୁଣାକାରଙ୍କଠାରୁ ଖଦିବସ୍ତ୍ର କିଣିବାକୁ ସେ ଆହ୍ୱାନ ଦେଇଛନ୍ତି। ବିଭିନ୍ନ ଅନୁଷ୍ଠାନ, ବରିଷ୍ଠ ନାଗରିକ, ଶିକ୍ଷାବିତ୍‌ଙ୍କଠାରୁ ଶିକ୍ଷା ସମ୍ବନ୍ଧରେ ବହୁ ଉପାଦେୟ ତଥ୍ୟ ପାଇଛି। ଏହାର ଅନୁଧ୍ୟାନ କରି ସମସ୍ତ ପ୍ରକାର ପଦକ୍ଷେପ ନେବି ବୋଲି ବସ୍ଷ୍ଟାଣ୍ଡଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୀମ ଭୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

ପରେ ଗାନ୍ଧୀ ସ୍ମୃତିସ୍ତମ୍ଭ, ସନ୍ଥକବି ଭୀମଭୋଇ ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଏମ୍‌ପି ନିତେଶ ଗଙ୍ଗଦେବ, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଜିଲା ଭାଜପା ସଭାପତି ଗିରିଶ ପଟେଲ, କୁଚିଣ୍ଡାର ପୂର୍ବତନ ବିଧାୟକ ରବି ନାଏକ, ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀ, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ, ପୂର୍ବତନ ସଭାପତି ଟଙ୍କଧର ତ୍ରିପାଠୀ, ରାମଚନ୍ଦ୍ର ମେହେର, ଜିଲାପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ଦେବେନ୍ଦ୍ର ମହାପାତ୍ର, ବିଚିତ୍ରାନନ୍ଦ ସାହୁ, ସୁଷମା ମୁଣ୍ଡା, ପ୍ରତାପ ପ୍ରଧାନ, ଗୋବିନ୍ଦ ଅଗ୍ରୱାଲ, ରାମାନୁଜ ମହାପାତ୍ର, ଶିବ ସାହୁ ପ୍ରମୁଖ ଭାଜପା ନେତା ଯୋଗଦେଇଥିଲେ।

# ଆର୍‌ପିଏଫ୍ କନଷ୍ଟେବଲଙ୍କ ମାଡ଼ରେ ଯୁବତୀ ଗୁରୁତର



ଗୁରୁତର ଅନୀତା ରାଜଶ୍ରେଷ୍ଠ

ରାଉରକେଲା ଅଫିସ,୨।୧୦

ରାଉରକେଲା ପାନପୋଷ ରେଲୱେ ଷ୍ଟେଶନରେ ଜଣେ ଯୁବତୀଙ୍କୁ ରେଲୱେ ପ୍ରୋଟେକ୍ସନ ଫୋର୍ସ (ଆର୍‌ପିଏଫ୍) କନଷ୍ଟେବଲ ମାଡ଼ ମାରିଥିବା ଅଭିଯୋଗ ହୋଇଛି। କନଷ୍ଟେବଲଙ୍କ ମାଡ଼ରେ ଯୁବତୀ ଜଣଙ୍କ ଲହୁଲୁହାଣ ହୋଇ ଆର୍‌ଜିଏଚ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ଏ ନେଇ ରାଉରକେଲା ଜିଆର୍‌ପି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୫୫/୨୧) ରୁଜୁ କରି ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁସାରେ, କର୍ଣ୍ଣାଟକର ଧନବାଦ ଜିଲା ନରେନ୍ଦ୍ର ଗ୍ରାମରେ ଅନୀତା ରାଜଶ୍ରେଷ୍ଠ(୩୦) ସପରିବାର ବାସ କରନ୍ତି। ସେ କୌଣସି କାମ ପାଇଁ ମହାରାଷ୍ଟ୍ରର ଗୁନ୍ଦିଆ ଷ୍ଟେଶନରୁ ଗୀତାଞ୍ଜଳି ଏକ୍ସପ୍ରେସ ଯୋଗେ ହାୱଡ଼ା ବାହାରିଥିଲେ। ଅନୀତା ବିନା ଟିକେଟରେ ଗୀତାଞ୍ଜଳି ଏକ୍ସପ୍ରେସ୍‌ର ଏସ୍-୩ ବଗିରେ ଥିବା ଏକ ସିଟ୍‌ରେ ବସିଥିଲେ। ଶନିବାର ଟ୍ରେନ୍‌ଟି ରାଉରକେଲା ପାନପୋଷ ଷ୍ଟେଶନରେ ପହଞ୍ଚିବାବେଳେ ଆର୍‌ପିଏଫ୍ କନଷ୍ଟେବଲ ଅଜିତ କୁମାର ନାୟକ ତାଙ୍କୁ ଟିକେଟ ମାଗିଥିଲେ। ମହିଳା ଜଣଙ୍କ ଟିକେଟ କରି ନ ଥିବା କଥା ସ୍ୱୀକାର କରି ତାଙ୍କୁ କୌଣସି ଟିକେଟ ଦେଖାଇ ନ ଥିଲେ। ଫଳରେ ଅଜିତ ମହିଳା ଜଣଙ୍କୁ ସିଟ୍ ଛାଡ଼ିବା ପାଇଁ କହିଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ମହିଳାଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ଅଜିତ ବାଡ଼ିରେ ଅନୀତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏଥିରେ ଅନୀତାଙ୍କ ମୁଣ୍ଡ ଫାଟି ଯାଇଥିଲା। ଟ୍ରେନ୍‌ଟି ରାଉରକେଲା ଷ୍ଟେଶନରେ ପହଞ୍ଚିବା ପରେ ଯୁବତୀ ଜଣକ ଜିଆର୍‌ପି ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଜିଆର୍‌ପି ଥାନା ଏସ୍‌ଆଇ ଦେବେନ୍ଦ୍ର ନାୟକଙ୍କୁ ପଚାରିବାରୁ ସେ କହିଲେ, ଉକ୍ତ ଯୁବତୀଙ୍କ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରାଯିବା ସହ ତାଙ୍କ ବୟାନ ରେକର୍ଡ କରାଯାଇଛି। ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ଏସ୍‌ଆଇ ନାୟକ କହିଥିଲେ।

# ଆଇଡିଏଲ-ଖରୁଆଟୋଲି ରାସ୍ତା ଶୋଚନୀୟ

ରାଉରକେଲା ଅଫିସ,୨।୧୦

ସୁନ୍ଦରଗଡ ଜିଲ୍ଲା ଲାଠିକଟା ବ୍ଲକ ସିଉଡି ପଞ୍ଚାୟତ ଅନ୍ତର୍ଗତ ଆଇଡିଏଲ କାରଖାନା ନିକଟ ଖରୁଆଟୋଲିକୁ ଯାଇଥିବା ମୁଖ୍ୟ ରାସ୍ତାର ୫ଶହ ମିଟର ଦୀର୍ଘଦିନ ହେବ ଶୋଚନୀୟ ହୋଇପଡିଛି। ଏହି ରାସ୍ତା ମରାମତି ପାଇଁ କର୍ତ୍ତୃପକ୍ଷ କୋଟିଏରୁ ଊର୍ଦ୍ଧ୍ୱ ଅର୍ଥ ବ୍ୟୟ କରିସାରିଥିବା ସତ୍ତ୍ୱେ ରାସ୍ତା ଅବସ୍ଥାରେ ସୁଧାର ଆସିନାହିଁ। ଅନ୍ୟପକ୍ଷେ ସ୍ଥାନୀୟ ଅଞ୍ଚଳର ଜଣେ ବାସିନ୍ଦା ଉକ୍ତ ୫ଶହ ମିଟର ରାସ୍ତାକୁ ନିଜର ବୋଲି ଦାବି କରି ଛାଡୁ ନାହାନ୍ତି। ଫଳରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଘଟଣା ନେଇ ସିଉଡିହି ସରପଞ୍ଚ ବିନୋଦ କେର୍କେଟା ବହୁବାର ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଗ୍ରାମବାସୀ ଜିଲାପାଳଙ୍କ ଜନଶୁଣାଣିରେ ମଧ୍ୟ ଉକ୍ତ ରାସ୍ତାକୁ ନେଇ ଦାବି ଉଠାଇଛନ୍ତି। ଏହା ସତ୍ତ୍ୱେ ଘଟଣାର ସମାଧାନ ହୋଇ ପାରୁନି। ଏବେ ଆଇଡିଏଲ-ଖରୁଆଟୋଲି ରାସ୍ତାର ନବୀକରଣ କାମ ଜାରି ରହିଛି। ହେଲେ ଏହି ୫ଶହ ମିଟର ରାସ୍ତା ବିବାଦୀୟ ଥିବାରୁ ସମାଧାନ କରିବାକୁ ବ୍ଲକ କିମ୍ବା ଜିଲା ପ୍ରଶାସନ କେହି ହେଲେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଚଳିତ ବର୍ଷାରେ ସମ୍ପୃକ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିଛି। ରାସ୍ତା ଉପରେ ବର୍ଷାଜଳ ଜମି ରହୁଥିବାରୁ ସ୍କୁଲ କଲେଜ ଯାତାୟାତ କରୁଥିବା ଛାତ୍ରୀଛାତ୍ର ଅସୁବିଧା ଭୋଗୁଛନ୍ତି। ବରିଷ୍ଠ ନାଗରିକ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ହାତୀ ଉପଦ୍ରୁତ ଅଞ୍ଚଳ ଭାବେ ଜଣାଶୁଣା ଖରୁଆଟୋଲି ମୁଖ୍ୟ ରାସ୍ତାର ସମ୍ପୂର୍ଣ୍ଣ ମରାମତି କରିବାକୁ ଗ୍ରାମବାସୀ ନିକଟରେ ଦାବି କରିଛନ୍ତି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ।



ରାସ୍ତାରେ ଖାଲଖମା ଯୋଗୁ ପାଣି ଜମିଛି।


**GOVERNMENT OF ODISHA**
**GENERAL ADMINISTRATION & PUBLIC GRIEVANCE DEPARTMENT**
**AUCTION SALE NOTICE**

No. T-66: Some old and unserviceable / damaged steel Almirah, Steel Rack, Steel Table, Wooden Table , Plastic Chair, Wooden Almirah, Wooden Rack etc. of GA & PG Department will be put to public auction on 08.10.2021 at 12.00 noon in front of the Head Caretaker office, GA & PG Department, Lokaseva Bhawan, Bhubaneswar. The intending bidders may attend the auction at the place, date and time as mentioned above to offer their bids.

Sd./- Joint Secretary to Government
OIPR-09001/11/0008/2122

**BHUBANESWAR MUNICIPAL CORPORATION**
E-Mail ld-ae-elect@bmc.gov.in and sethyshyamsundar@gmail.com
XXVII-43/20
**E-PROCUREMENT NOTICE**
No. C-1054:-

| | | | |
|---|---|---|---|
| 1. | Bid Reference No. | : | BMC-EED-II-16(EI)/2021-22 Dt.01.10.21 |
| 2. | Tender Call Notice No. | : | **No. 73792/Dt. 1.10.21** |
| 3. | No. of Work | : | 2 Nos. |
| 4. | Bid Value of each work | : | Rs.8,80,541/- to Rs.10,93,206/- |
| 5. | Period of Completion | : | 1 Month |

Date and Time Schedule

| Start | End | Opening |
|---|---|---|
| 11.00 A.M. Dt.04.10.2021 | 5.00 P.M. Dt.15.10.2021 | 11.00 A.M. Dt.16.10.2021 |

6. Tender details: Can be seen for the procurement portal: https://www.tendersodisha.gov.in

Sd./- Executive Engineer, Div-II
OIPR-13002/11/0059/2122 Bhubaneswar Municipal Corporation

**MUNICIPAL OFFICE, KENDRAPARA**
**'e' Procurement NOTICE No. 4554 / KM, Dt.30.09.2021**
**Bid Identification No. KM_07-2021/22**

| | | |
|---|---|---|
| 1 | Procurement Officer-Publisher / Officer Inviting the Tender/Bids (OIT) | Executive Officer, Kendrapara Municipality, Kendrapara |
| 2 | No. of works | 15 No. of works |
| 3 | Estimated cost (Approx.) of the works | Rs.2,00,000.00 to 49,00,000.00 lakhs |
| 4 | Date & time of availability of bid document in the portal | From 11 A.M. of Dt.02.10.2021 to 5 P.M. of Dt.15.10.2021 |
| 5 | Date & time of bid opening | 11 A.M. of 16.10.2021 |

(1) Other details can be seen from Detailed Notice Inviting Tenders, available in website www.tendersorissa.gov.in.
(2) Corrigendum if any shall only be published in the above website.

Sd./- Executive Officer, Kendrapara Municipality

**BHUBANESWAR MUNICIPAL CORPORATION**
**Auction Sale Notice for Package of / Individual Parking lots in BMC area**
No. 73840/BMC XXII(L)-39/2019 Date: 01.10.2021

No. C-1058:- Sealed tenders are invited by Registered Post /Speed Post/ Courier only addressed to the Commissioner, BMC, Bhubaneswar from intending parties in prescribed tender form along with EMD mentioned against the **2 Packages consisting of 6 parking lots and Individual 19 parking lots for One year** as in the Notice and in the website. The EMD and Tender Paper cost separately should be in shape of Bank draft drawn in favour of Commissioner, Bhubaneswar Municipal Corporation, Bhubaneswar. The details of the tender are available in BMC/Zone Office notice boards and BMC Website - **http://bmc.gov.in**.

The important dates & information are as follows:-

| | | |
|---|---|---|
| 1. | Date of Issue of Tender Paper: | **03.10.2021** |
| 2. | Last date for sale of Tender Paper at BMC Office: | **27.10.2021 (During Office hour)** |
| 3. | Last Date of submission of written queries for clarification: | **07.10.2021** |
| 4. | Pre-bid Meeting: | **08.10.2021at 12.00 Noon** |
| 5. | Last date for submission of Tender Paper: | **28.10.2021 up to 5.00 P.M.** |
| 6. | Earnest Money Deposit (EMD): | **10% of Upset Price** |
| 7. | Tender Cost (Non-refundable) : | **Rs. 500/- (Rupee Five hundred only)** |
| 8. | Opening of tender papers: | **29.10.2021 at 4.00 P.M.** |

Sd./- Deputy Commissioner (Revenue)
OIPR-13002/11/0060/2122 Bhubaneswar Municipal Corporation

obcc
No. CAD-1398
**ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ (ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ)**
**ODISHA BRIDGE & CONSTRUCTION CORPORATION LIMITED** (A Government of Odisha Undertaking)
File No. TCF-01/2021-22/Ref. No. 8001 Date: 01.10.2021
**'e'-PROCURMENT NOTICE**
**BID IDENTIFICATION NO. 26/TOLL/OBCC/2021-22**

| SL. No. | Name of the R&B toll gates | Upset Price (In Rs.) | Processing fees (In Rs.) | Operation Period |
|---|---|---|---|---|
| 1 | 2 | 3 | 4 | 5 |
| 1. | Bhadrasahi-Badbil-Nalda road toll gate, Keonjhar | 4,62,60,000/- | 46,260/-+ 5,551/- (GST) Total = 51,811/- | One year from the effective date of Agreement |
| 2. | Naranpur-Pandapada-Harichandanpur-Brahmanipal Road toll gate | 1,74,11,110/- | 17,411/- + 2,089/- (GST) Total = 19,500/- | 19.11.2021 to 18.11.2022 |
| 3. | Biraharekrishnapur-Baliguali Road Toll gate. | 4,07,024/- | 2,000/- + 240/- (GST) Total = 2,240/- | One year from the effective date of Agreement |

1. Date and time **for online bidding for the above toll gates starts from 4.00 P.M. of dt.04.10.2021 to 5.00 P.M. of dt.25.10.2021 and will be opened at 11.30 A.M. of dtd. 26.10.2021.**
2. Further details can be seen from the website **https://tendersodisha.gov.in.**

OIPR-34106/11/0018/2122 Sd./- CHIEF GENERAL MANAGER (P&A)

**ODISHA STATE HIGHER EDUCATION COUNCIL**
**HIGHER EDUCATION DEPARTMENT**
**GOVERNMENT OF ODISHA**
**Advertisement**
**For**
No.N-26:-
**Odisha University Research and Innovation Incentivization Plan (OURIIP)-2021**

1. **Proposal for "Seed Funding"**
Applications are invited from the Young Faculty with Ph.D. and below 45 years of age (As on January 1,2022) working in a regular capacity in state Universities and Colleges (Government and Aided) under Higher Education Department and also in State Government Technical Colleges/Universities under Skill Development and Technical Education Department for providing seed fund.
2. **Proposal for "Fellowship"**
Applications are invited from the candidates, those have qualified NET in 2018 or after words and below 35years of age as on January 1, 2022. They must be the permanent residents of Odisha to apply for Research Fellowship.

The last date for submission of proposals/applications is 31st October (5.00P.M). The detailed information about the scheme is available in website: www.dheodisha.gov.in and www.oshec.nic.in

Sd./- Member Secretary, OSHEC
OIPR-11036/11/0002/2122

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍-୮, ଭୁବନେଶ୍ୱର - ୭୫୧୦୧୨
ସଂଖ୍ୟା: ୧୫୨୦୧ VI-SC (LEM) Proj.96/2020-21 ତା: ୦୧।୧୦।୨୧

**ସର୍ବସାଧାରଣ ବିଜ୍ଞପ୍ତି**

No. CAD-1381: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ପର୍ବପର୍ବାଣିରେ ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ଡାକବାଜି ଯନ୍ତ୍ର, ସଙ୍ଗୀତ ଯନ୍ତ୍ରାଦି କିମ୍ବା ଶବ୍ଦ ବର୍ଦ୍ଧକ (Amplifier) ବ୍ୟବହାର ଦ୍ୱାରା ଜନସାଧାରଣଙ୍କ ବିରକ୍ତିର କାରଣ ହେବା ସହ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୋଇଥାଏ। ଏହା ସହ ଉଚ୍ଚ ଶବ୍ଦ ଉତ୍ପନ୍ନ କରୁଥିବା ଆତସବାଜି ବ୍ୟବହାର ଯୋଗୁଁ ଅଗ୍ନି ଓ ବିସ୍ଫୋରଣ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି ହେବା ସହ ଏଥିରୁ ନିର୍ଗତ ବିଷାକ୍ତ ଗ୍ୟାସ୍, ଧୂଳିକଣା ଓ ଶବ୍ଦ ଯୋଗୁ ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥାଏ।

ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ରିଟ୍ ପିଟିସନ ସଂଖ୍ୟା ୭୨/୧୯୯୮ ଏବଂ ସିଭିଲ ଅପିଲ୍ ସଂଖ୍ୟା ୩୭୩୫/୨୦୦୫ର ଶୁଣାଣି କରି ୧୮ ଜୁଲାଇ, ୨୦୦୫ରେ ଦେଇଥିବା ରାୟରେ ଡାକବାଜି ଯନ୍ତ୍ର ଓ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଯନ୍ତ୍ରାଂଶର ବ୍ୟବହାର ଉପରେ କଟକଣା ଜାରି କରିଛନ୍ତି। ଏଣୁ ବିଶେଷ କରି ଶିଶୁ, ବୃଦ୍ଧ, ରୁଗ୍‌ଣ ତଥା ସର୍ବସାଧାରଣଙ୍କ ସ୍ୱାସ୍ଥ୍ୟ ଓ ପରିବେଶକୁ ଦୃଷ୍ଟିରେ ରଖି ଆମକୁ ଆଗାମୀ ପାର୍ବଣ ଋତୁ ଦୀପାବଳି ଉତ୍ସବକୁ ଅତ୍ୟନ୍ତ ଦାୟିତ୍ୱ ସମ୍ପନ୍ନଭାବେ ନିମ୍ନୋକ୍ତ ନିୟମଗୁଡ଼ିକୁ ପାଳନ କରିବା ଏକାନ୍ତ କାମ୍ୟ।

- ଡାକବାଜି ଯନ୍ତ୍ରୀ କିମ୍ବା ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ସଙ୍ଗୀତ ଯନ୍ତ୍ରାଂଶ କିମ୍ବା ଶବ୍ଦ ବର୍ଦ୍ଧକ (Amplifier)ର ବ୍ୟବହାର ରାତ୍ର ୧୦ଘଟିକାରୁ ସକାଳ ୬ଘଟିକା ପର୍ଯ୍ୟନ୍ତ ନିଷିଦ୍ଧ ଅଟେ।
- ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ଆତସବାଜିର ବ୍ୟବହାର ମଧ୍ୟ ରାତ୍ର ୧୦ଘଟିକାରୁ ସକାଳ ୬ଘଟିକା ପର୍ଯ୍ୟନ୍ତ ନିଷିଦ୍ଧ ଅଟେ।
- ସରକାରଙ୍କ ଦ୍ୱାରା ଘୋଷିତ ନୀରବ ଅଞ୍ଚଳ ଯଥା ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ନ୍ୟାୟାଳୟ, ଧାର୍ମିକ ସ୍ଥଳ ଇତ୍ୟାଦିର ୧୦୦ ମିଟର ପରିସୀମା ମଧ୍ୟରେ ଆପତ୍ତିଜନକ ଶବ୍ଦ ସୃଷ୍ଟିକାରୀ ବାଣ ଫୁଟାଇବା ନିଷିଦ୍ଧ ଅଟେ।
- କେବଳ ଖୋଲାସ୍ଥାନରେ ବାଣ ଫୁଟାଇବା ଉଚିତ।
- ୧୨୫ ଡେସିବେଲ୍ ସ୍ତରରୁ ଊର୍ଦ୍ଧ୍ୱ ଶବ୍ଦ ସୃଷ୍ଟି କରୁଥିବା ବାଣ ପ୍ରସ୍ତୁତି, ବିକ୍ରି ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ ଅଟେ।
- ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ମିସ୍‌କେସ୍ ନଂ. ୬୦/୨୦୦୮ରେ ଦେଇଥିବା ନିର୍ଦ୍ଦେଶ ଅନୁଯାୟୀ ଶବ୍ଦ ବର୍ଦ୍ଧକ (Amplifier) ବ୍ୟବହାରକାରୀ ଅତି ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ସଙ୍ଗୀତ ଯନ୍ତ୍ରାଂଶ ଓ ଶବ୍ଦ ବାକ୍ସ ଓ ଡିଜେ (DJ) ଗୁଡ଼ିକରେ ଶବ୍ଦ ନିୟନ୍ତ୍ରକ (Sound Limiter) ଲଗାଇବେ ଯଦ୍ଦ୍ୱାରା Amplifierରୁ ସୃଷ୍ଟି ହେଉଥିବା ଶବ୍ଦର ମାତ୍ରା ୬୫ ଡେସିବେଲ୍‌କୁ ଅତିକ୍ରମ କରିବ ନାହିଁ।
- ଉପରୋକ୍ତ ନିୟମର କୌଣସି ପ୍ରକାର ଖିଲାପ ହେଲେ ଓଡ଼ିଶା (ଆତସବାଜି ଓ ଡାକବାଜି ଯନ୍ତ୍ର ପ୍ରବିଧାନ) ଆଇନ, ୧୯୫୮ ଓ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ନିୟମ, ୨୦୦୦ ଅନୁଯାୟୀ ଦଣ୍ଡନୀୟ ଅଟେ।
- ଏ ସମ୍ବନ୍ଧୀୟ ଯେ କୌଣସି ଅଭିଯୋଗ ସମ୍ପୃକ୍ତ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଉପଆରକ୍ଷୀ ଅଧୀକ୍ଷକ, ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ ନିକଟରେ କରାଯାଇପାରିବ।

ଦଶହରା ଓ ଦୀପାବଳି ଉତ୍ସବକୁ ପ୍ରଦୂଷଣମୁକ୍ତ ତଥା ସୁରକ୍ଷିତ ଭାବେ ପାଳନ କରିବା।

ସ୍ୱା./- ସଚିବ
OIPR-08012/11/0122/2122

**GOVERNMENT OF ODISHA**
**STEEL & MINES DEPARTMENT**
ଓଡ଼ିଶା ସରକାର ଲୋକ ସେବା ଭବନ, ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
Lok Seva Bhawan, Sachivalaya Marg, Bhubaneswar - 751001
Fax: 0674-2394258, E-mail: dsmsec.or@nic.in

**ADVERTISEMENT**
No. 8044/SM 24560800022021 Date: 30.09.2021

No. G-09: Applications are invited for the engagement of Advisor, Steel (One Post) and Consultant, Steel (One Post) on contractual basis in the Directorate of Steel under the Steel & Mines Department with the following qualifications.

**Advisor, Steel:** A retired/serving office or any engineer with Degree in Metallurgical Engineering, not above the age of 65 years as on 01.09.2021 and with experinece in Steel Industry or Industrial promotion in Steel sector may apply for engagement on contractual basis. The contractual engagement will be for a period of three years at a time. Consolidated remuneration will be negotiable and may be between Rs.1 lakh to 1.5 lakh per month.

**Consultant, Steel:** An engineer with degree in metallurgical engineering with at least 2 years of working experience and understanding of process in steel industry may apply for engagement. It will be a contractual engagement and the consolidated remuneration will be Rs.75,000.00 per month.

The selected persons in respect of the posts of Advisor, Steel and Consultant, Steel will be required to be stationed at Bhubaneswar and will work in the Directorate of Steel under the Steel & Mines Department as per terms and conditions of the appointment order to be issued.

Application may be sent to Sri Maheswar Baral, Deputy Secretary to Government, Steel and Mines Department, Odisha Secretariat, Bhubaneswar - 751001 by Registered Post/Speed Post along with copies of documents in support of Educational Qualification, experience, age and ID Proof (Aadhaar Card/PAN Card/Voter ID/Driving Licence or any other such proof) and duly superscirbed on the envelope that the application is for the post of Advisor, Steel/Consultant, Steel. The undersigned reserves the right for rejection of any or all applications without assigning any reason thereof.

The last date of receipt of application is one month from the date of publication of the advertisement.

Sd./- OSD-cum-Special Secretary to Government
OIPR-30001/11/0001/2122

**ସଂକ୍ଷେପରେ**

## ବି.ସି.ପଟ୍ଟନାୟକ ଏଲ୍‌ଆଇସିର ନୂଆ ଏମ୍‌ଡି



**ଭୁବନେଶ୍ୱର,୨।୧୦:** ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଭାବେ ଓଡ଼ିଆ ଅଧିକାରୀ ବିଷ୍ଣୁଚରଣ ପଟ୍ଟନାୟକଙ୍କୁ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି। ଗତ ଜୁଲାଇ ୫ରେ ଭାରତ ସରକାରଙ୍କ ଦ୍ୱାରା ସେ ଉକ୍ତ ପଦରେ ନିଯୁକ୍ତ ହେବା ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୧୯୬୩ରେ ଜନ୍ମ ଗ୍ରହଣ କରିଥିବା ବିଷ୍ଣୁଚରଣ ୧୯୮୬ ରେ ଡାଇରେକ୍ଟ ରିକ୍ରୁଟ୍ ଅଫିସର ଭାବେ ଏଲ୍‌ଆଇସିରେ ଯୋଗଦାନ କରିଥିଲେ। ସେ ଏଲ୍‌ଆଇସିର ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ସହ ମହାରାଷ୍ଟ୍ର, ଗୁଜରାଟ, ଗୋଆ, ଓଡ଼ିଶା ଓ ଝାଡ଼ଖଣ୍ଡରେ କାର୍ଯ୍ୟ କରିଛନ୍ତି।

# ଓଡ଼ିଶାରେ ୪୦% ବୃଦ୍ଧି ପାଇଛି ଜିଏସ୍‌ଟି ସଂଗ୍ରହ

କଟକ, ୨।୧୦




ଓଡ଼ିଶାରେ ଜିଏସ୍‌ଟି ସଂଗ୍ରହ କ୍ରମାଗତ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି। ୨୦୨୧ ସେପ୍ଟେମ୍ବରରେ ରାଜ୍ୟରେ ମୋଟ ଜିଏସ୍‌ଟି ସଂଗ୍ରହ ୩୩୨୫.୯୪ କୋଟି ଟଙ୍କା ହୋଇଥିବାବେଳେ ୨୦୨୦ ସେପ୍ଟେମ୍ବରରେ ଏହା ଥିଲା ୨୩୮୩.୯୯ କୋଟି ଟଙ୍କା। ଫଳରେ ଏହି କ୍ଷେତ୍ରରେ ୪୦ ପ୍ରତିଶତ ଅଭିବୃଦ୍ଧି ହୋଇଛି। ଦେଶର ପ୍ରମୁଖ ରାଜ୍ୟଗୁଡ଼ିକ ମଧ୍ୟରେ ଏହି ବୃଦ୍ଧି ହାର ସର୍ବାଧିକ। ୨୦୨୧ ସେପ୍ଟେମ୍ବର ସୁଦ୍ଧା ମୋଟ୍ ଉପରେ ୨୦୩୦୩.୮୬ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ ହୋଇଥିବାବେଳେ ଗତ ଆର୍ଥିକ ବର୍ଷର ସେପ୍ଟେମ୍ବର ୨୦୨୦ ସୁଦ୍ଧା ୧୨,୨୭୨.୯୮ କୋଟି ଟଙ୍କାର ଜିଏସ୍‌ଟି ସଂଗୃହୀତ ହୋଇଥିଲା। ଏ କ୍ଷେତ୍ରରେ ୬୫.୪୪ ପ୍ରତିଶତ ଅଭିବୃଦ୍ଧି ଘଟିଛି। ୨୦୧୯ ସେପ୍ଟେମ୍ବର ସୁଦ୍ଧା ୧୫,୦୨୬.୦୮ କୋଟି ଟଙ୍କାର ଜିଏସ୍‌ଟି ଆଦାୟ କରାଯାଇଥିଲା।

ରାଜ୍ୟ ଜିଏସ୍‌ଟି ବାବଦରେ ୨୦୨୧ ସେପ୍ଟେମ୍ବରରେ ୯୨୯.୬୮ କୋଟି ଟଙ୍କା ସଂଗୃହୀତ ହୋଇଥିବାବେଳେ ୨୦୨୦ ସେପ୍ଟେମ୍ବରରେ ଏହା ଥିଲା ୬୩୧.୦୮ କୋଟି ଟଙ୍କା। ଫଳରେ ଏ କ୍ଷେତ୍ରରେ ୪୮ ପ୍ରତିଶତ ଅଭିବୃଦ୍ଧି ଘଟିଛି। ସେହିପରି ଚଳିତ ଆର୍ଥିକ ବର୍ଷର ସେପ୍ଟେମ୍ବର ମାସ ସୁଦ୍ଧା ମୋଟ ରାଜ୍ୟ ଜିଏସ୍‌ଟି ସଂଗ୍ରହ ୫୭୬୬.୪୩ କୋଟି ଟଙ୍କା ରହିଥିବାବେଳେ ୨୦୨୦ ସେପ୍ଟେମ୍ବର ବେଳକୁ ଏହି ପରିମାଣ ଥିଲା ୩୬୭୧.୪୫ କୋଟି ଟଙ୍କା। ଏ କ୍ଷେତ୍ରରେ ଅଭିବୃଦ୍ଧି ହାର ରହିଛି ୫୭.୦୬ ପ୍ରତିଶତ। ୨୦୧୯ ସେପ୍ଟେମ୍ବର ସୁଦ୍ଧା ଏହି ସଂଗ୍ରହ ପରିମାଣ ଥିଲା ୪୩୩୨.୪୯ କୋଟି ଟଙ୍କା। ସେହିପରି ୨୦୨୧ ସେପ୍ଟେମ୍ବରରେ କେନ୍ଦ୍ରୀୟ ଜିଏସ୍‌ଟି (ସିଜିଏସ୍‌ଟି), ସମନ୍ୱିତ ଜିଏସ୍‌ଟି (ଆଇଜିଏସ୍‌ଟି) ଓ ଅତିରିକ୍ତ ଜିଏସ୍‌ଟି (ସେସ୍) ବାବଦକୁ ଯଥାକ୍ରମେ ୭୭୨.୯୩ କୋଟି, ୯୯୬.୪୮ କୋଟି ଓ ୬୨୬.୮୫ କୋଟିଟଙ୍କା ସଂଗ୍ରହ କରାଯାଇଥିବାବେଳେ ଏ କ୍ଷେତ୍ରରେ ଯଥାକ୍ରମେ ୫୫.୪୬ ପ୍ରତିଶତ, ୩୦.୫୬ ପ୍ରତିଶତ ଓ ୨୭.୨୮ ପ୍ରତିଶତ ବୃଦ୍ଧି ପରିଲକ୍ଷିତ ହୋଇଛି। ୨୦୨୧ ସେପ୍ଟେମ୍ବର ରେ ପେଟ୍ରୋଲ ଓ ମଦ ଉପରୁ ଭାଟ୍ ବାବଦରେ ମୋଟ୍ ୮୦୭.୮୧ କୋଟି ଟଙ୍କା ସଂଗୃହୀତ ହୋଇଥିବାବେଳେ ୨୦୨୦ ସେପ୍ଟେମ୍ବରରେ ଏହି ପରିମାଣ ଥିଲା ୫୭୭.୨୭ କୋଟି ଟଙ୍କା। ଫଳରେ ଏହି କ୍ଷେତ୍ରରେ ୪୦ ପ୍ରତିଶତ ଅଭିବୃଦ୍ଧି ଘଟିଛି। ୨୦୨୧ ସେପ୍ଟେମ୍ବରରେ ମୋଟ୍ ୧୩.୬୭ ଲକ୍ଷ ଇ-ୱେବିଲ୍ ନିର୍ଗମନ ହୋଇଥିବାବେଳେ ୨୦୨୦ରେ ଏହା ଥିଲା ୧୨.୩୩ ଲକ୍ଷ।ଫଳରେ ଏ କ୍ଷେତ୍ରରେ ୧୦.୯୮ ପ୍ରତିଶତ ବୃଦ୍ଧି ଘଟିଛି। ତଥ୍ୟ ବିଶ୍ଳେଷଣ ବ୍ୟବସ୍ଥାର ଉପଯୋଗକରି ଭୁଲ୍ ରିଟର୍ନ୍ସ ଦାଖଲକାରୀଙ୍କୁ ଚିହ୍ନଟ କରିବା ସହ ସେମାନଙ୍କଠାରୁ ଆଇନ ଅନୁଯାୟୀ ଟିକସ ଆଦାୟ କରିବା ପାଇଁ ନିକଟରେ ରାଜ୍ୟ ବାଣିଜ୍ୟକର ଓ ଜିଏସ୍‌ଟି ଆୟୁକ୍ତ ସୁନୀଲ କୁମାର ଲୋହାନି କ୍ଷେତ୍ରୀୟ ଅଧିକାରୀମାନଙ୍କର କାର୍ଯ୍ୟର ସମୀକ୍ଷାକରି ନିର୍ଦ୍ଦେଶ ଦେଇଛନ୍ତି। ସଚ୍ଚୋଟ ଟିକସଦାତାମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ଯତ୍ନବାନ ହେବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି।

## ରିଲାଏନ୍ସ ଡିଜିଟାଲରେ ଫେଷ୍ଟିଭାଲ ଅଫ୍ ଇଲେକ୍ଟ୍ରୋନିକ୍ସ

ଭୁବନେଶ୍ୱର,୨।୧୦




ଚଳିତ ପାର୍ବଣ ଋତୁରେ ଫେଷ୍ଟିଭାଲ ଅଫ୍ ଇଲେକ୍ଟ୍ରୋନିକ୍ସ ସହିତ ରିଲାଏନ୍ସ ଡିଜିଟାଲ ଏହାକୁ ପାଳନ କରିବା ପାଇଁ ସଭିଙ୍କୁ ସୁଯୋଗ ପ୍ରଦାନ କରୁଛି। ଆପଣଙ୍କ ପସନ୍ଦ ଉପରେ ଆକର୍ଷଣୀୟ ଅଫର ଓ ଡିସ୍‌କାଉଣ୍ଟ ମଧ୍ୟ କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଉଛି। ଏହି ସେଲ୍ ରିଲାଏନ୍ସ ଡିଜିଟାଲ ଓ ମାଇଁ ଜିଓ ଷ୍ଟୋରରେ ୩ ଅକ୍ଟୋବର ଠାରୁ ଲାଇଭ୍ ହେବ ବୋଲି ରିଲାଏନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଗ୍ରାହକମାନେ ସମସ୍ତ ଏସ୍‌ବିଆଇ କାର୍ଡ ଟ୍ରାଞ୍ଜାକ୍ସନ ଉପରେ ୧୦%ର ଇନ୍‌ଷ୍ଟାଣ୍ଟ ଡିସ୍‌କାଉଣ୍ଟ ପାଇପାରିବେ ଯାହାକି ୨୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହି ଅଫରଟି ଷ୍ଟୋରରୁ କ୍ରୟ କ୍ଷେତ୍ରରେ ୩ ରୁ ୧୨ଅକ୍ଟୋବର ପର୍ଯ୍ୟନ୍ତ ଓ ଏହାର ଅନ୍‌ଲାଇନ କାରବାର (ରିଲାଏନ୍ସ ଡିଜିଟାଲ)ରୁ କ୍ରୟ କ୍ଷେତ୍ରରେ ୩ ରୁ ୧୦ ଅକ୍ଟୋବର ପର୍ଯ୍ୟନ୍ତ ପ୍ରଯୁଜ୍ୟ । ଏହାର ଗ୍ରାହକମାନେ ମଧ୍ୟ ପେଟିଏମ୍‌ରେ ସର୍ବନିମ୍ନ ପେମେଣ୍ଟ ୪୯୯୯ ଟଙ୍କାରେ ମଧ୍ୟ ୧୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ସୁବିଧା ପାଇପାରିବେ। ଏହା ସହ ବିଭିନ୍ନ ବର୍ଗ ଯଥା ଟିଭି, ରେଫ୍ରିଜରେଟର, ୱାଶିଂ ମେଶିନ, ଲାପ୍‌ଟପ୍, ମୋବାଇଲ୍ ଫୋନ୍ ଓ ହୋମ୍ ଆପ୍ଲିଆନ୍ସ ଉପରେ ଅନେକ ସ୍ୱତନ୍ତ୍ର ଅଫର ରହିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ବ୍ରହ୍ମାନନ୍ଦ ମେହେରଙ୍କୁ ପ୍ରେରଣାଦାୟୀ ସମ୍ମାନ



ଭୁବନେଶ୍ୱର,୨।୧୦

ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା ଦି ଇରଭ୍ୟୁ ଟାଇମ୍ସର ୧୦ମ ବାର୍ଷିକ ଉତ୍ସବ ସ୍ଥାନୀୟ ଏକ ହୋଟେଲ୍ ପରିସରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ବିଶିଷ୍ଟ ବ୍ୟବସାୟୀ ତଥା ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେରଙ୍କୁ 'ପ୍ରେରଣାଦାୟୀ' ସମ୍ମାନରେ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ସମ୍ମାନିତ କରିଥିଲେ। ଏହି ଅବସରରେ ସୌମେନ୍ଦ୍ର ପ୍ରିୟଦର୍ଶୀ, ଡ଼ଃ ସୁଜାତା କର, ମହେନ୍ଦ୍ର ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ''ଦି ଇରଭ୍ୟୁ ଟାଇମ୍ସ''ର ସମ୍ପାଦକ ଦିବ୍ୟଜିତ୍ ସାହୁ ସ୍ୱାଗତ ଭାଷଣ ରଖିବା ସହ ''ଦି ଇରଭ୍ୟୁ ଟାଇମ୍ସ'' ପତ୍ରିକାର ଦୀର୍ଘ ୧୦ବର୍ଷର ଯାତ୍ରା ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶା ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ୍ ଏକ ସ୍ୱତନ୍ତ୍ର ଭିଡ଼ିଓ ବାର୍ତ୍ତା ଜରିଆରେ ''ଦି ଇରଭ୍ୟୁ ଟାଇମ୍ସ''ର ୧୦ବର୍ଷର ଯାତ୍ରାର ଅଭିଯାନକୁ ଭୂୟଷୀ ପ୍ରଶଂସା କରିବା ସହ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପରିଶେଷରେ 'ଦି ଇରଭ୍ୟୁ ଟାଇମ୍ସ' ପରିବାର ପକ୍ଷରୁ ୧୦ଜଣ ବ୍ୟକ୍ତିତ୍ୱଙ୍କୁ କିମ୍ବଦନ୍ତୀ ସମ୍ମାନ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବ୍ୟକ୍ତିବିଶେଷଙ୍କୁ ସମ୍ମାନଜନକ ''ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତିତ୍ୱ'' ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।

## ହିରୋ ମୋଟୋକର୍ପ ଡିଲରଙ୍କ ପକ୍ଷରୁ ବାଇକ ରାଲି

ଭୁବନେଶ୍ୱର,୨।୧୦

କୋଭିଡ୍-୧୯ ସମୟରେ ଆଗ ଧାଡିର ସ୍ୱାସ୍ଥ୍ୟ ଯତ୍ନକାରୀ ଯୋଦ୍ଧାଙ୍କ ସମ୍ମାନାର୍ଥେ ହିରୋ ମୋଟୋକର୍ପ ପକ୍ଷରୁ ଦେଶର ୧୦୦ଟି ସହରରେ ୧୦୦ କିଲୋମିଟର ବ୍ୟାପ୍ତ ରାଇଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ଓଡିଶାର ବିଭିନ୍ନ ସ୍ଥାନରେ ହିରୋ ମୋଟୋକର୍ପର ଡିଲରଙ୍କ ପକ୍ଷରୁ ଶନିବାର ବାଇକ ଶୋଭାଯାତ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଭଦ୍ରକର ସଞ୍ଜୀବ ଅଟୋବାଇକ୍‌ସ, ଭୁବନେଶ୍ୱରର ରୋହନ୍ ଅଟୋରାଇଡର୍ସ, କଟକର ଜେଏମ୍‌ଜି ଅଟୋମୋବାଇଲ ଏବଂ ଜୟପୁର ସୁପ୍ରିମ୍ ସେଲ୍ସ ପକ୍ଷରୁ 'ରାଲି ଫର୍ ରିୟଲ୍ ହିରୋ' କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।



ରୋହନ ଅଟୋ ରାଇଡର୍ସ, ଭୁବନେଶ୍ୱର।



ଜେଏମ୍‌ଜି ଅଟୋମୋବାଇଲ, କଟକ




ସଞ୍ଜୀବ ଅଟୋବାଇକ୍‌ସ, ଭଦ୍ରକ।




ସୁପ୍ରିମ୍ ସେଲ୍ସ, ଜୟପୁର।

## ଆଖିରେ ପଟି ବାନ୍ଧି ପିଆଜ କଟା

**ମୁମ୍ବାଇ:** ମହାରାଷ୍ଟ୍ରର ଜଣେ ଯୁବକ ଆଖିରେ ପଟି ବାନ୍ଧି ପିଆଜ କାଟି ପକାଉଛନ୍ତି। ୱାଶିମ ଜିଲାର ସେଲୁ ବଜାରରେ ରହୁଥିବା ଜିତେଶଙ୍କ ଏପରି କାମ ସମସ୍ତଙ୍କୁ ଚକିତ କରିଦେଇଛି। ଜିତେଶ ଯୁକ୍ତ ଦୁଇ ପର୍ଯ୍ୟନ୍ତ ପଢ଼ିଛନ୍ତି। ତାଙ୍କ ପିତା ଏକ ଚା'-ଜଳଖିଆ ଦୋକାନ କରିଛନ୍ତି। ଜିତେଶଙ୍କ ପିତା କୁହନ୍ତି, ଜିତେଶ ଯେତେବେଳେ ଛୋଟ ଥିଲେ ସେ ତାଙ୍କୁ ପିଆଜ କାଟିବା କାମ ଦେଉଥିଲେ। ଜିତେଶଙ୍କର ୧୭ ବର୍ଷ ହେବ ପିଆଜ କାଟୁଛନ୍ତି। ଅଭ୍ୟାସ ଯୋଗୁ ସେ ମାତ୍ର ୫ ସେକେଣ୍ଡରେ ଗୋଟିଏ ପିଆଜ କାଟି ଦେଇଥାନ୍ତି। ପିଆଜ କାଟିଲେ ଆଖିରୁ ଲୁହ ବାହାରେ ବୋଲି ଜିତେଶ ପ୍ରଥମେ ପଟି ବାନ୍ଧି ଥିଲେ। ଏହା ଏବେ ତାହାକୁ ମଧ୍ୟ ଅଭ୍ୟାସରେ ପରିଣତ କରିଛନ୍ତି। ଫଳରେ ଦେଖି ନ ପାରି ମଧ୍ୟ ସେ ବେଶ ସହଜରେ ପିଆଜ କାଟିଦେଉଛନ୍ତି। ମାତ୍ର ଘଣ୍ଟାଏରେ ସେ ୮ କେଜି ପିଆଜ କାଟିଦେଉଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9953557897 / 9432985505
Whatsapp : 9953557897

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 9999268493
Whatsapp: 8902923601

ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ
ଭାରତର ଏକମାତ୍ର ବିଶ୍ୱସନିୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯ୍ୟନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9457958917
9458678925

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ସୁଲତାନ ମିର୍ଜା
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଫୁରସତ୍**

## ଦୀପିକାଙ୍କୁ ଗ୍ଲୋବାଲ ଆଚିଭର୍ସ ଆୱାର୍ଡ



**ମୁମ୍ବାଇ:** ବିଶ୍ୱସ୍ତରରେ ଲୋକପ୍ରିୟତାକୁ ସାବ୍ୟସ୍ତ କରି ଗ୍ଲୋବାଲ ଆଚିଭର୍ସ ଆୱାର୍ଡ ୨୦୨୧ ନିଜ ନାଁରେ କରି ନେଇଛନ୍ତି ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍। ଏହି ସୂଚୀରେ ବାରାକ ଓବାମା, ଜେଫ ବେଜୋସ, କ୍ରିଷ୍ଟିୟାନୋ ରୋନାଲ୍ଡୋ ଇତ୍ୟାଦି ବିଶ୍ୱର କେତେକ ଲୋକପ୍ରିୟ ନାମ ସାମିଲ ହୋଇଛି। ଚଳିତ ବର୍ଷ ଗ୍ଲୋବାଲ ଆୱାର୍ଡ ୨୦୨୧ ପାଇଁ ପ୍ରାୟ ୩ ହଜାରରୁ ଅଧିକ ଆବେଦନ ଆସିଥିଲା। ଜୁରିଙ୍କ ପାଇଁ ଏହାକୁ ଶର୍ଟ ଲିଷ୍ଟ କରିବା କାଠିକର ପାଠ ଥିଲା। କାରଣ ସମସ୍ତ ନାମାଙ୍କନ ନିଜ ନିଜ କ୍ଷେତ୍ରରେ ସଫଳ ଟ୍ରାକ୍ ରେକର୍ଡ ରଖିଥିଲେ। ଦୀପିକାଙ୍କ ମଧ୍ୟ ଜଣେ ପରିଚିତ ଚେହେରା। କେବଳ ଫ୍ୟାଶନ ଷ୍ଟେଟମେଣ୍ଟ ନୁହେଁ ତାଙ୍କର ଅଭିନୟ ଓ ପରଫରମାନ୍ସ ସ୍କିଲକୁ ସମସ୍ତେ ଖୁବ୍ ପସନ୍ଦ କରନ୍ତି। ୨୦୧୮ ମସିହାରେ ଟାଇମ ମାଗାଜିନ୍ ତାଙ୍କୁ ବିଶ୍ୱର ୧୦୦ ପ୍ରଭାବଶାଳୀ ଲୋକାଙ୍କ ମଧ୍ୟରେ ସ୍ଥାନ ଦେଇଥିଲା। ସେ ସମୟରେ ସେ ଭାରତୀୟ ଅଭିନେତ୍ରୀ ଭାବେ ଏକେଲା ଏହି ସ୍ଥାନ ପାଇଥିଲେ। ଏହାର ବର୍ଷେ ପରେ ଦୀପିକା ମାନସିକ ସ୍ୱାସ୍ଥ୍ୟ ପ୍ରତି ସଚେତନତା ସୃଷ୍ଟି ପାଇଁ ୨୬ ତମ ବାର୍ଷିକ କ୍ରିଷ୍ଟଲ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଏହାସହ ସେ ଡାବୋସ ୨୦୨୦ବିଜେତାଙ୍କ ତାଲିକାରେ ସାମିଲ ହୋଇଥିବା ଏକମାତ୍ର ଭାରତୀୟ ଅଭିନେତ୍ରୀ ଥିଲେ। ଦୀପିକା ନିଜ କାମ ଓ ପର୍ସନାଲ ଲାଇଫକୁ ନେଇ ସବୁବେଳେ ଥାଆନ୍ତି ଚର୍ଚ୍ଚାରେ। ସେ ନିଜର କାମ ପାଇଁ ଲୋକଙ୍କ ହୃଦୟ ଜିତିବାରେ ମାହିର। ଏମିତି କି ତାଙ୍କ ଷ୍ଟାଇଲ ବି ଲୋକଙ୍କ ମନରେ ଘର କରିନିଏ। ଦୀପିକା ଏସ୍‌ଟିଏକ୍ସ ଫିଲ୍ମସ୍ ସହଯୋଗରେ ତାଙ୍କର ଦ୍ୱିତୀୟ ହଲିଉଡ ଚଳଚ୍ଚିତ୍ରରେ ପ୍ରଜୋଜନା ଏବଂ ଅଭିନୟ କରିବେ।

## ନିଜକୁ ବିକ୍ରି ପାଇଁ ଫେସ୍‌ବୁକ୍‌ରେ ବିଜ୍ଞାପନ



**ଲଣ୍ଡନ:** କରୋନା ମହାମାରୀ ଯୋଗୁ ଅଧିକାଂଶ ଲୋକଙ୍କ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆସିଛି। ଏହି ସମୟ ମଧ୍ୟରେ କିଛି ଲୋକ ଲକ୍‌ଡାଉନ ଯୋଗୁ ମାନସିକ ସ୍ତରରେ ଚାପଗ୍ରସ୍ତ ହୋଇଥିଲେ। ଏପରିସ୍ଥିତିରେ ଏକଲାପଣ ଦୂର କରିବାକୁ ଅନେକେ ବିଭିନ୍ନ ଉପାୟ ଆପଣାଉଥିବା ଘଟଣା ସାମ୍ନାକୁ ଆସିଥିଲା। ଏବେ ଜଣେ ଯୁବକ ତାଙ୍କ ଏକଲାପଣ ଦୂର କରିବାକୁ ଫେସ୍‌ବୁକ୍‌ର ସହାୟତା ନେଇ ଚର୍ଚ୍ଚାକୁ ଆସିଛନ୍ତି। ଏଥିରେ ସେ ନିଜର ସମସ୍ତ କଥା ଶେୟାର କରୁଛନ୍ତି। ଘରଠାରୁ ଆରମ୍ଭ କରି ପୋଷା କୁକୁର ପର୍ଯ୍ୟନ୍ତ। ଏପରି ଘଟଣା ଦେଖିବାକୁ ମିଳିଛି ବ୍ରିଟେନ୍‌ରେ। ନର୍ଥଶାୟାରର ୩୦ ବର୍ଷୀୟ ଆଲାନ କ୍ଲିଟନ ଅବିବାହିତ। ସେ ଅନେକ ଡେଟିଂ ଆପ୍ ବ୍ୟବହାର କରିଥିଲେ। କିନ୍ତୁ କୌଣସି ସାଥୀ ଖୋଜି ପାରି ନ ଥିଲେ। ପରେ ନିଜ ସେଲର ସେଟ୍ ଅପ୍ କରିବାର ତାଙ୍କର ଆଇଡିଆ ଆସିଲା। ବୃତ୍ତି ଅନୁଯାୟୀ ଆଲାନ୍ ଜଣେ ଡ୍ରାଇଭର। ସେ ନିଜକୁ 'ମାଗଣା ଏବଂ ବ୍ୟବହାର ପାଇଁ ଭଲ' ବୋଲି କହି ଫେସ୍‌ବୁକ୍‌ରେ ନିଜକୁ ବିକ୍ରୟ କରିବା ଏକ ପୋଷ୍ଟ କରିଥିଲେ। ଏହି ପୋଷ୍ଟକୁ ଲୋକେ ପସନ୍ଦ କରିବା ସହ ଭିନ୍ନ ଭିନ୍ନ ପ୍ରତିକ୍ରିୟା ମଧ୍ୟ ଦେଉଛନ୍ତି। ସୋସିଆଲ ମିଡିଆରେ ଆଲାନଙ୍କ ଫେସବୁକ୍ ପୋଷ୍ଟ ତୀବ୍ର ଗତିରେ ଭାଇରାଲ ହେବାରେ ଲାଗିଛି। ସେ ଅନେକ ଫଟୋ ମଧ୍ୟ ଶେୟାର କରିଛନ୍ତି। ଫଟୋଗୁଡ଼ିକ ଲୋକଙ୍କୁ ଭଲ ଲାଗୁଥିବାରୁ ସେମାନେ ମଧ୍ୟ ଏହାକୁ ଶେୟାର କରୁଛନ୍ତି। ତାଙ୍କ ପୋଷ୍ଟ ଦେଖି ଅନେକ ଯୁବତୀ ତାଙ୍କ ସହ ଏବେ ଡେଟ୍ କରିବାକୁ ଅନୁରୋଧ କରୁଛନ୍ତି।

## ଅଲଗା ହେଲେ ସମନ୍ଥା-ନାଗାଚୈତନ୍ୟ

**ମୁମ୍ବାଇ:** ବେଶ୍ କିଛିଦିନ ହେବ ସାଉଥ୍‌ର ଲୋକପ୍ରିୟ ଯୋଡ଼ି ସମନ୍ଥା-ନାଗାଚୈତନ୍ୟଙ୍କ ବୈବାହିକ ସମ୍ପର୍କକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ତେବେ ଶନିବାର ସମନ୍ଥା ପରସ୍ପରଠାରୁ ଅଲଗା ହେବା ନେଇ ସୋସିଆଲ ମିଡିଆରେ ଘୋଷଣା କରିଛନ୍ତି। ଅଲଗା ହେଲା ପରେ ମଧ୍ୟ ସେମାନେ ଭଲ ବନ୍ଧୁ ହୋଇ ରହିବେ ବୋଲି ସେ ଇନ୍‌ଷ୍ଟାଗ୍ରାମରେ ଜଣାଇଛନ୍ତି। ତାଙ୍କ ମଧ୍ୟରେ ଭଲ ବନ୍ଧୁତା ରହିଛି, ଯାହାକି ଅଲଗା ହେଲା ପରେ ବି ସେମାନଙ୍କୁ ପରସ୍ପର ସହ ଏକ ସ୍ୱତନ୍ତ୍ର ସମ୍ପର୍କରେ ବାନ୍ଧିରଖିବ। ଏହି ଯୋଡ଼ି ୨୦୧୭ ମସିହାରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଉଭୟ ବୈବାହିକ ବନ୍ଧନରୁ ମୁକ୍ତ ହେବା ନେଇ ତାଙ୍କ ପ୍ରଶଂସକଙ୍କୁ ଜଣାଇବା ସହ ଏହି କଷ୍ଟ ସମୟରେ ସେମାନଙ୍କୁ ସମର୍ଥନ କରିବାକୁ ଅନୁରୋଧ କରିଛନ୍ତି।



**ମନେ ପଡ଼ନ୍ତି**

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ଅଶୋକ ସାହୁ
୯୪, ବାପୁଜୀନଗର, ଭୁବନେଶ୍ୱର
ଆବିର୍ଭାବ: ୧୫।୦୪।୧୯୪୫
ତିରୋଧାନ: ୦୩।୧୦।୨୦୨୦
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୨୧୮୨୯

ଏକାଦଶାହ ଉପଲକ୍ଷେ

୰ସ୍ନେହଲତା ମହାରଣା
ଗ୍ରାମ: ଖଇରା, ପୋ: ବଡ଼ଚଣା, ଜିଲ୍ଲା: ଯାଜପୁର
ଆବିର୍ଭାବ: ୧୪।୦୧।୧୯୬୪
ତିରୋଧାନ: ୨୩।୦୯।୨୦୨୧
ଆଜି ବି ବିଶ୍ୱାସ ହେଉ ନାହିଁ ଯେ ତୁମେ ଅକାଳରେ ଆମ୍ଭମାନଙ୍କୁ ଛାଡ଼ି ଆଉ ଏକ ଅଫେରା ରାଇଜକୁ ଚାଲିଗଲ । ତୁମର ସେହି ଅଦମ୍ୟ ସାହସିକତା , ଦକ୍ଷ, କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ । ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୨୧୮୩୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାସୁମନ

୰ରମାକାନ୍ତ ସାହୁ
ବରିଷ୍ଠ ଆଇନଜୀବୀ
J.R. Residency, ରବିଟକିଜ, ଭୁବନେଶ୍ୱର
ଆବିର୍ଭାବ: ୦୧।୦୪।୧୯୫୦
ତିରୋଧାନ: ୧୪।୦୯।୨୦୨୦
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲଡ୍ଡୁବାବା, ବିଜେ ଶରଣକୁଳ, ନୟାଗଡ଼ଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ଧର୍ମପତ୍ନୀ: ଜୟଶ୍ରୀ, ଝିଅ: ଚିନ୍ମୟୀ, ଶୋଭନା, ବନ୍ଦିତା, ଜ୍ୱାଇଁ: ଆଶିଷ, ଦେବାଶିଷ, ମନୋଜ, ନାତି/ନାତୁଣୀ: ରିୟା, ଶ୍ରେୟା, ସୋମ୍, ଆଦି, ତେଜ୍, ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୭୦୭୩୯

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଡାକ୍ତର ଅଲେଖ ସାହୁ
ଏଲ୍- ୧/୧୧, ଡୁମୁଡୁମା ହାଉସିଂ କଲୋନୀ, ଭୁବନେଶ୍ୱର-୧୯
ଆବିର୍ଭାବ- ୦୧।୧୦।୧୯୪୯
ତିରୋଧାନ- ୧୪।୧୦।୨୦୨୦
ବାପା, ଚାହୁଁ ଚାହୁଁ ବର୍ଷଟେ ବିତିଗଲା, ତୁମର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ନିଃସ୍ୱାର୍ଥପର ଦିଗ୍‌ଦର୍ଶନ ଏବଂ ଉପଦେଶ ଆମ୍ଭମାନଙ୍କ ପାଇଁ ଚିର ସ୍ମରଣୀୟ। ଆପଣଙ୍କ ପୁଣ୍ୟ ଓ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀଚରଣେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଶୋକସନ୍ତପ୍ତ: ପତ୍ନୀ: କୁମୁଦିନୀ, ପୁତ୍ର: ଅବିନାଶ, ପୁତ୍ରୀ: ଅନୁସୂୟା, ଅର୍ଚ୍ଚନା, ଅଙ୍କିତା, ଜ୍ୱାଇଁ: ଧୋବା, ଦେବି, ବିନୟ, ନାତି: ଓମ୍, ଗୁଡ୍ଡୁନ୍, ସ୍ୱୟଂ, ସୁଡ୍ଡୁନ୍, ପ୍ରିନ୍ସ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୧୮୨୫

# ଭାରତ ୩୭୭/୮ ଘୋଷଣା, ଅଷ୍ଟ୍ରେଲିଆ ୧୪୩/୪

**ଗୋଲ୍ଡକୋଷ୍ଟ, ୨।୧୦ (ପି.ଟି.)**

କୁଇନ୍ସଲାଣ୍ଡର କାରାରା ଓଭାଲଠାରେ ଖେଳାଯାଉଥିବା ଅଷ୍ଟ୍ରେଲିଆ ବିପକ୍ଷ ଏକମାତ୍ର ଦିବାରାତ୍ର ମହିଳା କ୍ରିକେଟ ଟେଷ୍ଟରେ ଭାରତର ସ୍ଥିତି ସୁଦୃଢ ରହିଛି। ବର୍ଷାରେ ବାଧାପ୍ରାପ୍ତ ଏହି ଟେଷ୍ଟ ମ୍ୟାଚରେ ଭାରତ ୮ଉଇକେଟ ବିନିମୟରେ ୩୭୭ ରନ କରି ଏହାର ପ୍ରଥମ ଇନିଂସ ଘୋଷଣା କରିଛି। ଜବାବରେ ଘରୋଇ ଦଳ ଶନିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୪ ଉଇକେଟ ବିନିମୟରେ ୧୪୩ ରନ କରିଛି। ଭାରତର ଭେଟେରାନ ସିମର ଝୁଲଣ ଗୋସ୍ୱାମୀ (୨/୨୭) ଘରୋଇ ଦଳକୁ ଆରମ୍ଭରେ ଝଟକା ଦେଇଥିଲେ। ସେ ଚମତ୍କାର ବୋଲିଂ କରି ଅଷ୍ଟ୍ରେଲିଆର ପ୍ରଥମ ଦୁଇ ବ୍ୟାଟରଙ୍କୁ ଶୀଘ୍ର ପ୍ୟାଭିଲିଅନକୁ ପଠାଇ ଦେଇଥିଲେ। ଘରୋଇ ଦଳ ୬୩ରନ ସ୍କୋରରେ ୨ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଅଷ୍ଟ୍ରେଲିଆ ଅଧିନାୟକ ମେଗ୍ ଲାନିଂ (୩୮) ଭଲ ବ୍ୟାଟିଂ କରୁଥିଲେ। ମାତ୍ର ସେ ଅମ୍ପାୟରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିର ଶିକାର ହୋଇଥିଲେ। ସେତେବେଳେ ପୂଜା ବସ୍ତ୍ରକାର (୨/୩୧) ବୋଲିଂ କରୁଥିଲେ। ଇନ୍‌ସାଇଡ୍ ଏଜ୍ ଥିବା ସତ୍ତ୍ୱେ ଅମ୍ପାୟର ଆଉଟ ଦେଇଥିଲେ। ଡିଆରଏସ୍‌ର ବ୍ୟବସ୍ଥା ଥିଲେ ହୁଏତ ଏହାକୁ ଏଡ଼ାଯାଇପାରିଥାନ୍ତା। ଭାରତୀୟ ବୋଲରମାନେ ଅଷ୍ଟ୍ରେଲିଆ ଇନିଂସର


ଝୁଲଣ ଗୋସ୍ୱାମୀ

**ଦିବାରାତ୍ର ମହିଳା ଟେଷ୍ଟ**

ଅଧିକାଂଶ ସମୟ ପ୍ରାଧାନ୍ୟ ବିସ୍ତାର କରିଥିଲେ ହେଁ କାକର ଯୋଗୁ ଭାରତୀୟ ବୋଲରମାନେ ବିଶେଷ ଫାଇଦା ଉଠାଇ ପାରି ନ ଥିଲେ। ବସ୍ତ୍ରାକାରଙ୍କ ଏକ ୱାଇଡ୍ ଓ ଶର୍ଟ ବଲ୍ ଡେଲିଭରି ଖେଳିବାକୁ ଯାଇ ତାହଲିଆ ମ୍ୟାକ୍‌ଗ୍ରା (୨୮) ପଏଣ୍ଟ ଅଞ୍ଚଳରେ ସ୍ମୃତି ମନ୍ଧାନାଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଥିଲେ। ଘରୋଇ ଦଳର ସ୍କୋର ସେତେବେଳେ ୧୧୯/୪ ରହିଥିଲା। ଗୋସ୍ୱାମୀଙ୍କୁ ପୁଣି ବୋଲିଂ ପାଇଁ ଡକାଯାଇଥିଲା। ତାଙ୍କ ଲାଗି ସ୍ଲିପ୍‌ରେ ୨ ଏବଂ ଗଲି ଓ ସିଲି ମିଡ୍‌ଅଫ୍‌ରେ ଜଣେ ଲେଖାଏ ଖେଳାଳିଙ୍କୁ ମୁତୟନ କରାଯାଇଥିଲା। କିନ୍ତୁ ଏଲିସ ପେରୀ (୨୭ ବ୍ୟାଟିଂ) ଓ ଆଶଲେ ଗାର୍ଡନର (୧୩ ବ୍ୟାଟିଂ) ବର୍ତ୍ତି ଯାଇଥିଲେ।

ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ:** ୧୪୫ ଓଭରରେ ୩୭୭/୮, ଘୋଷଣା- (ସ୍ମୃତି ମନ୍ଧାନା- ୧୨୭, ଦୀପ୍ତି ଶର୍ମା-୬୬; ସୋଫି ମୋଲିନେକ୍ସ-୨/୪୫, ଷ୍ଟେଲା କ୍ୟାମ୍ପବେଲ୍-୨/୪୭, ଏଲିସ ପେରୀ-୨/୪୭)।

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୬୦ ଓଭରରେ ୧୪୩/୪ (ମେଗ୍ ଲାନିଂ-୩୮, ଝୁଲଣ ଗୋସ୍ୱାମୀ-୨/୨୭, ପୂଜା ବସ୍ତ୍ରକାର ୨/୩୧)

## ଉପଅଧିନାୟକର ଗୁରୁତ୍ୱ

**ଗୌତମ ଗମ୍ଭୀର**

ଜଣେ କ୍ରିକେଟ ସମର୍ଥକ ଭାବେ ଏଇ କିଛି ବର୍ଷ ହେଲା ମୁଁ ନେତୃତ୍ୱ ବିତର୍କକୁ ଟାଣି ହୋଇଯାଇଛି ଅବା ସ୍ୱେଚ୍ଛାକୃତ ଭାବେ ଭାଗ ନେଇଛି। ଆରମ୍ଭରେ ଏଥିରେ ସାମିଲ ହେବା ଏକ ଫେଶନ ମନେ ହେଉଥିଲା। ଏବେ କିନ୍ତୁ ବିରକ୍ତି ଲାଗୁଛି। ନେତୃତ୍ୱକୁ ନେଇ ବିଭିନ୍ନ ମହଲରେ ନାନା ଆଲୋଚନା ପର୍ଯ୍ୟାଲୋଚନା ହୋଇଥାଏ। ନେତୃତ୍ୱ କେଉଁ ଭଳି ହେବା ଉଚିତ ସେ ନେଇ ନାନା ମତ ମଧ୍ୟ ଆସିଥାଏ। ସାଧାରଣତଃ ଭାବେ ଦେଖାଯାଏ ଉପ ଅଧିନାୟକ ପଦବୀ ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ଏହା ନଜରକୁ ଆସେ ନାହିଁ କିମ୍ବା ଏହି ପଦବୀକୁ ନେଇ ବିତର୍କ ହୋଇ ନ ଥାଏ। ସଫଳତାର ଶ୍ରେୟ ସବୁବେଳେ ଅଧିନାୟକଙ୍କୁ ଯାଇଥାଏ। ଦଳର ଭାବି ଅଧିନାୟକ ବୋଲି ବିଚାର

SEAGRAM'S
ROYAL STAG
PACKAGED DRINKING WATER

କରି ଉପଅଧିନାୟକଙ୍କୁ ନିଯୁକ୍ତି ଦିଆଗଲେ ଭଲ। ମୋ ସମୟରେ ଅନିଲ କୁମ୍ବଲେ ଭାରତ ପାଇଁ ଜଣେ ଆଦର୍ଶ ଉପଅଧିନାୟକ ଥିଲେ। ସେ ନିସ୍ୱାର୍ଥପର ଥିଲେ। ଦଳ ପ୍ରତି ଶତପ୍ରତିଶତ ଅବଦାନ ଦେବାକୁ ଚେଷ୍ଟା କରିଥାନ୍ତି। ତାଙ୍କ ଭଳି ଦକ୍ଷ ଖେଳାଳି କିନ୍ତୁ ବେଶୀ ସମୟ ଅଧବନାୟକ ଦାୟିତ୍ୱରେ ରହି ନ ପାରିବା ଦୁଃଖର ବିଷୟ। ଦୁର୍ଭାଗ୍ୟର ବିଷୟ ଏହି କି ଯେ, ଆମର ପ୍ରଚଳିତ ବ୍ୟବସ୍ଥା ଅନୁସାରେ ଜଣେ ଖାପଖୁଆଇ ଚଳିପାରୁଥିବା ଖେଳାଳିଙ୍କୁ ଉପଅଧିନାୟକ ଭାବେ ମନୋନୀତ କରାଯାଇଥାଏ। ଏଥିବରୁ ସ୍ପଷ୍ଟ ସୂଚୀତ ହେଉଛି ଯେ, ଅଧିନାୟକ ପଦବୀ ପ୍ରତି ବିପଦ ସୃଷ୍ଟି କରୁଥିବା ଖେଳାଳିଙ୍କୁ ଉପଅଧିନାୟକ ପାଇଁ ମନୋନୀତ କରାଯାଇ ନ ଥାଏ। ଫଳରେ ଯିଏ ଅବା ଉପ ଅଧିନାୟକ ହୁଅନ୍ତି ତାଙ୍କ ନିକଟରେ ରହିଥିବା ନେତୃତ୍ୱ ପ୍ରତିଭା କ୍ରମେ କରିଯାଇଥାଏ। କେବଳ ସ୍ମରଣୀୟ ବିଜୟକୁ ଲକ୍ଷ୍ୟ କରି ଦଳ ବଛା ଯିବା ଉଚିତ ନୁହେଁ ଭିବଷ୍ୟତ ପାଇଁ କିପରି ଅଧିନାୟକ ସୃଷ୍ଟି ତାହାପ୍ରତି ଧ୍ୟାନଦେବା ଆବଶ୍ୟକ। ଚଳିତ ଆଇପିଏଲ୍‌ର କିଛି ଦଳ ଏହି ସୁଯୋଗ ହରାଇଛନ୍ତି। ଏହି ଦଳଗୁଡ଼ିକରେ ଜଣେ କେହି ଯୁବ ଉପ ଅଧିନାୟକ ଦେଖିବାକୁ ମିଳୁନାହିଁ। ମୋ ମତରେ କେତେକ ଦଳ ଆଇପିଏଲ ଟ୍ରଫି ଜିତି ନ ପାରିବାରେ ଏହା ହେଉଛି ଏକ ଅନ୍ୟତମ ବଡ଼ ପ୍ରତିବନ୍ଧକ। (ଦୀନେଶ ଚୋପ୍ରା ମିଡିଆ/ଗେମ୍‌ପ୍ଲାନ)

## ସଂକ୍ଷେପରେ

### ରୁବ୍ଲେଭ,ରୁଡ୍ ସେମିଫାଇନାଲରେ

**ସାନ୍ ଡିଏଗୋ, ୨।୧୦ (ଏପି):** ଟପ୍‌ସିଡ୍ ରୁଷିଆର ଆନ୍ଦ୍ରେ ରୁବ୍ଲେଭ ଓ ନରୱେର କାସ୍ପର ରୁଡ୍ ଉଦ୍‌ଘାଟନୀ ସାନ୍ ଡିଏଗୋ ଓପନ ଟେନିସ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ରୁବ୍ଲେଭ କ୍ୱାର୍ଟରଫାଇନାଲରେ ୬ଷ୍ଠ ସିଡ୍ ଡିଏଗୋ ସ୍କାର୍ଜମ୍ୟାନଙ୍କୁ ୬-୧, ୭-୫ ସେଟ୍‌ରେ ହରାଇ ଦେଇଛନ୍ତି। ରୁଡ୍ ତାଙ୍କ କ୍ୟାରିୟରର ପ୍ରଥମ ଟୁର୍ ଲେଭଲ ହାର୍ଡକୋର୍ଟ ସେମିଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟରଫାଇନାଲରେ ସେ ଇଟାଲୀର ଲରେଞ୍ଜୋ ସୋନେଗୋଙ୍କୁ ୬-୧, ୬-୪ରେ ପରାସ୍ତ କରିଛନ୍ତି। ରୁଡ୍ ବର୍ତ୍ତମାନ ଗ୍ରିଗୋର ଦିମିତ୍ରୋଭଙ୍କ ସହ ମୁକାବିଲା କରିବେ। ଅଣସିଡ୍ ବୁଲଗୋରିଆନ ଖେଳାଳିଙ୍କୁ ସେ ୬-୧, ୧-୬, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି।

### ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍ କ୍ୱାର୍ଟରରେ ହାରିଲେ ରବିନ୍ଦର

**ଓସଲୋ,୨।୧୦:** ନରୱେ ରାଜଧାନୀ ଓସଲୋଠାରେ ଚାଲିଥିବା ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ରବିନ୍ଦର କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇଛନ୍ତି। ତେବେ ସେ ଏହି ପରାଜୟ ପୂର୍ବରୁ ଗତଥରର ଚାମ୍ପିୟନ ବେକା ଲୋମଟେଜଙ୍କୁ ପରାସ୍ତ କରିଥିଲେ। ୬୧ କେ.ଜି. ବର୍ଗ କ୍ୱାର୍ଟର ଫାଇନାଲରେ ସେ ଶନିବାର ଆମେରିକାର ଡାଟୋନ ଡଉଏନ ଫିକ୍ସଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଗତ ଅଗଷ୍ଟରେ ରବିନ୍ଦର ଜୁନିୟର ବିଶ୍ୱ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଥିଲେ ଓ ଏହି ଚାମ୍ପିୟନଶିପର ପ୍ରଥମ ୩ଟି ବାଉଟ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ତେବେ ଅନ୍ୟ ୩ ଭାରତୀୟ ରେସଲର ଯଶ ତୁନିର (୭୪ କେ.ଜି.), ସନ୍ଦୀପ ମାନ (୮୬ କେ.ଜି.) ଓ ଅନିରୁଦ୍ଧ (୧୨୫ କେ.ଜି.) ନିଜ ନିଜ ବର୍ଗରେ କ୍ୱାଲିଫିକେଶନ ରାଉଣ୍ଡ ପାର କରିପାରି ନ ଥିଲେ ଓ ସଅଳ ପ୍ରତିଯୋଗିତାରୁ ବିଦାୟ ନେଇଥିଲେ। ରବିନ୍ଦର ପ୍ରଥମେ କୋରିଆର କିମ୍ ସୁଙ୍ଗୱନଙ୍କୁ ହରାଇଥିଲେ। ଏହାପରେ ସେ ୨୦୧୯ ବିଶ୍ୱ ଚାମ୍ପିୟନ ଲୋମଟେଜଙ୍କୁ ହରାଇଥିଲେ। ୭୪ କେ.ଜି.ରେ ଯଶ ୦-୭ରେ ରୁଷିଆର ତିମୁର ବିଜହୋଏଭଙ୍କଠାରୁ ପରାସ୍ତ ହୋଇଥିଲେ। ୮୬ କେ.ଜି.ରେ ଜାତୀୟ ଚାମ୍ପିୟନ ସନ୍ଦୀପ ମାନ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ମଧ୍ୟ କୋରିଆର କିମ ଗ୍ରାନୁକଙ୍କଠାରୁ ୪-୫ରେ ପରାସ୍ତ ହୋଇଥିଲେ। ସେହିପରି ୧୨୫ ବର୍ଗରେ ଅନିରୁଦ୍ଧ ୩-୯ରେ ଇଜିପ୍ଟର ହେମିଡା ୟୁସିଫଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଥିଲେ।

### ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱକପ୍ ସ୍କିଟ୍‌ରେ ମହିଳା ଦଳକୁ ସ୍ୱର୍ଣ୍ଣ

**ଲିମା, ୨।୧୦ (ପି.ଟି.):** ଭାରତୀୟ ଶୁଟରମାନେ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱକପ୍ ମହିଳା ସ୍କିଟ୍ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଆରିବା ଖାଁ, ରିଆଜ ଧିଲୋଁ ଓ ଗାନେମତ୍ ସେଖୋଁଙ୍କୁ ନେଇ ଭାରତୀୟ ମହିଳା ଦଳ ଏଗ୍ରିଗେଟ୍ ସ୍କୋର ୬ ସହ ପ୍ରଥମ ସ୍ଥାନ ଅଧିକାର କରିଥିଲା। ସ୍ୱର୍ଣ୍ଣ ପଦକ ମୁକାବିଲାରେ ଭାରତ ଡାମିଆନା ପାଓଲାସି, ସାରା ବୋର୍ଗିନୀ ଓ ଜିଆଡା ଲଙ୍ଗହିଙ୍କୁ ନେଇ ଇଟାଲିଆନ ଦଳକୁ ଭେଟିଥିଲା। ପୁରୁଷ ବିଭାଗରେ ରଜବୀର ଗିଲ୍ ଆୟୁଷ ରୁଦ୍ରରାଜୁ ଓ ଅଭୟ ସିଂ ସେଖୋଁଙ୍କୁ ଭାରତୀୟ ଦଳ ତୁର୍କୀର ଅଲି କାନ୍ ଆବ୍ରାବାଚି, ଅହମେତ୍ ବରାନ ମୁହାମେତ୍ ସେହୁନ୍ କାୟାଙ୍କ ବିପକ୍ଷରେ ସମାନ ୬-୦ ବ୍ୟବଧାନରେ ବିଜୟ ଲାଭ କରି ବ୍ରୋଞ୍ଜ ଲାଭ କରିଥିଲା। ଭାରତର ଉଦୀୟମାନ ମହିଳା ସ୍କିଟ୍ ଶୁଟର ଗାନେମତ ଦିନକ ପୂର୍ବରୁ ଟୁର୍ନାମେଣ୍ଟର ବ୍ୟକ୍ତିଗତ ମହିଳା ସ୍କିଟ୍ ପ୍ରତିଯୋଗିତାରେ ରୌପ୍ୟ ପଦକ ଲାଭ କରିଥିଲେ। ଚଳିତ ବର୍ଷ ପ୍ରଥମ ଭାଗରେ ନୂଆଦିଲ୍ଲୀରେ ପ୍ରଥମଥର ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ଷ୍ଟେଜ୍‌ରେ ଭାଗ ନେଇଥିବା ଚଣ୍ଡିଗଡ଼ର ଏହି ଶୁଟର ଫାଇନାଲରେ ଆମେରିକାର ଆଲିଶା ଫେଥ୍ ଲେନ୍‌ଙ୍କ ସହ ମୁକାବିଲା କରିଥିଲେ। ୬୦ ଶଟ୍ ବିଶିଷ୍ଟ ଫାଇନାଲରେ ଏକଦା ଉଭୟଙ୍କ ସ୍କୋର ୪୬ରେ ଟାଇ ରହିଥିଲା। ପୁରୁଷ ବ୍ୟକ୍ତିଗତ ସ୍କିଟ୍‌ରେ ରାଜୀବ ଗିଲ୍, ଅଭୟ ସିଂ ଓ ଆୟୁଷ ରୁଦ୍ରରାଜୁଙ୍କ ମଧ୍ୟରୁ ଜଣେ କେହି ହେଲେ ୬ ଜଣିଆ ଫାଇନାଲକୁ ଉନ୍ନୀତ ହୋଇପାରି ନ ଥିଲେ। କିନ୍ତୁ ଟିମ୍ ଇଭେଣ୍ଟରେ ସେମାନଙ୍କ ପ୍ରଦର୍ଶନ ଭଲ ରହିଥିଲା। ଭାରତ ବର୍ତ୍ତମାନ ଟୁର୍ନାମେଣ୍ଟରେ ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ଦୁଇ ବ୍ରୋଞ୍ଜ ସହ ୭ ପଦକ ପାଇ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ପଦକ ତାଲିକାରେ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ) ୩ ସ୍ୱର୍ଣ୍ଣ ସମେତ ୭ ପଦକ ସହ ପ୍ରଥମ ସ୍ଥାନରେ ଅଛି। ଟୋକିଓ ଅଲିମ୍ପିକ୍ସ ପରେ ଚାଲିଥିବା ଏହି ମଲ୍ଟି ଡିସିପ୍ଲିନ ଶୁଟିଂ ଇଭେଣ୍ଟରେ ୩୨ଟି ଦେଶରୁ ୩୭୦ ଆଥ୍‌ଲେଟ ଭାଗ ନେଇଛନ୍ତି।

# କୋଲକାତାକୁ ଝଟକା ଦେବା ଲକ୍ଷ୍ୟରେ ହାଇଦ୍ରାବାଦ

**ଦୁବାଇ,୨।୧୦**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ରବିବାର ଦ୍ୱିତୀୟ ମ୍ୟାଚ୍‌ରେ କୋଲକାତା ନାଇଟ ରାଇଡର୍ସ ଓ ସନରାଇଜର୍ସ ହାଇଦ୍ରାବାଦ ପରସ୍ପରକୁ ଭେଟିବେ। ହାଇଦ୍ରାବାଦ ପ୍ଲେ- ଅଫ୍ ଦୌଡ଼ରୁ ବାଦ୍ ପଡିସାରିଛି। କୋଲକାତାର


ଇଅନ ମୋର୍ଗାନ, ଦୀନେଶ କାର୍ତ୍ତିକ

ପ୍ଲେ-ଅଫ୍‌କୁ ଯିବାର ଆଶା ଏବେ ମଧ୍ୟ ବଳବତ୍ତର ରହିଛି। ହାଇଦ୍ରାବାଦ ଏହି ମ୍ୟାଚ୍‌ରେ ବିଜୟୀ ହେଲେ କୋଲକତାର ପ୍ଲେ- ଅଫ୍ ଆଶାକୁ ଝଟକା ଲାଗିବ।

ଏପର୍ଯ୍ୟନ୍ତ ହାଇଦ୍ରାବାଦ ୧୧ଟି ମ୍ୟାଚ୍ ଖେଳି ୨ ବିଜୟ ଓ ୯ ପରାଜୟ ସହ ୪ ପଏଣ୍ଟ ପାଇ ତାଲିକାର ସର୍ବନିମ୍ନ ତଥା ଅଷ୍ଟମ ସ୍ଥାନରେ ରହିଛି। ଅନ୍ୟପଟେ ୧୨ଟି ମ୍ୟାଚ୍ ଖେଳି କୋଲକାତା ୫ ବିଜୟ ଓ ୭ ପରାଜୟ ସହ ୧୦ ପଏଣ୍ଟ ହାସଲ କରି ଚତୁର୍ଥ ସ୍ଥାନରେ ରହିଛି। ପ୍ଲେ- ଅଫ୍‌ରେ ସ୍ଥାନ ହାସଲ ପାଇଁ କୋଲକାତାକୁ ଏହି ମ୍ୟାଚ୍‌ରେ ବିଜୟୀ ହେବାକୁ ପଡିବ।

କ୍ରମାଗତ ୫ଟି ପରାଜୟ ପରେ ହାଇଦ୍ରାବାଦ ରାଜସ୍ଥାନକୁ ହରାଇ ବିଜୟ ପଥକୁ ଫେରିଥିଲା। ଶାରଜାରେ ଗତ ମ୍ୟାଚ୍‌ରେ ହାଇଦ୍ରାବାଦ ୬ ଉଇକେଟରେ ଚେନ୍ନାଇଠାରୁ ପରାସ୍ତ ହୋଇଥିଲା। ଏହି ବିଜୟ ସହ ଚେନ୍ନାଇ ପ୍ଲେ-ଅଫ୍‌ରେ ସ୍ଥାନ ହାସଲ କରିଥିଲା। ୨୦୧୬ରେ ହାଇଦ୍ରାବାଦକୁ ଚାମ୍ପିୟନ କରାଇଥିବା ଡେଭିଡ୍ ୱାର୍ନରଙ୍କୁ ନେତୃତ୍ୱରୁ ବିଦା କରାଯାଇଛି। କେନ ୱିଲିୟମସନଙ୍କୁ ନେତୃତ୍ୱ ଦିଆଯାଇଥିଲେ ମଧ୍ୟ ହାଇଦ୍ରାବାଦ ଭାଗ୍ୟରେ ପରିବର୍ତ୍ତନ ଆସିନାହିଁ। ଜନି ବେୟାରଷ୍ଟୋଙ୍କ ଅନୁପସ୍ଥିତିରେ ଦଳର ବ୍ୟାଟିଂ ଦୁର୍ବଳ ହୋଇଛି। ତେବେ ପଦାର୍ପଣରେ ଇଂଲଣ୍ଡ ଓପନର ଜାସନ ରୟ ୬୦ ରନ ଓ ୱିଲିୟମସନ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ରାଜସ୍ଥାନ ବିପକ୍ଷରେ ବିଜୟୀ କରାଇଥିଲେ। ଋଦ୍ଧିମାନ ଶାହା ୪୬ ବଲରୁ ୪୪ ରନ ସଂଗ୍ରହ କରିଥିଲେ। ପ୍ରିୟମ ଗର୍ଗ, ଅଭିଷେକ ଶର୍ମା ଓ ଅବଦୁଲ ସମସାଦଙ୍କ ଭଳି ଭାରତୀୟ ଯୁବ ଖେଳାଳିଙ୍କୁ ଭଲ ପ୍ରଦର୍ଶନ କରିବାକୁ ହେବ। ବୋଲିଂରେ ଜାସନ ହୋଲ୍ଡର ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଭୁବନେଶ୍ୱର କୁମାର, ସିଦ୍ଧାର୍ଥ କାଉଲ ନିରାଶ କରିଥିଲେ। ଲେଗ୍ ସ୍ପିନରରସିଦଖାଁମଧ୍ୟଭଲପ୍ରଦର୍ଶନକରିଛନ୍ତି।

# ପ୍ଲେ-ଅଫ୍ ପକ୍କା ଲକ୍ଷ୍ୟରେ ବାଙ୍ଗାଲୋର

**ଶାରଜା,୨।୧୦**

ଇଣ୍ଡିଆନପ୍ରିମିୟରଲିଗ୍(ଆଇପିଏଲ୍)ରେ ରବିବାର ପ୍ରଥମ ମ୍ୟାଚ୍‌ରେ ବିରାଟ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ଲୋକେଶ ରାହୁଲଙ୍କ ନେତୃତ୍ୱାଧୀନ ପଞ୍ଜାବ କିଙ୍ଗ୍ସ ମୁହାଁମୁହିଁ ହେବେ। ଏହି ମ୍ୟାଚ୍‌ରେ ପଞ୍ଜାବକୁ

**ଆଇପିଏଲ୍-୧୪**

ହରାଇ ବାଙ୍ଗାଲୋର ପ୍ଲେ- ଅଫ୍‌ରେ ସ୍ଥାନ ପକ୍କା କରିବା ଲକ୍ଷ୍ୟରେ ରହିଛି।

ପ୍ରଥମ ଆଇପିଏଲ୍ ଟାଇଟଲ ହାସଲ କରିବା ଲକ୍ଷ୍ୟରେ ଥିବା ବାଙ୍ଗାଲୋର ଏଥର ସୁଯୋଗ ହାତଛଡ଼ା କରିବାକୁ ଚାହିଁବ ନାହିଁ। ୧୧ଟି ମ୍ୟାଚ୍ ଖେଳି ବାଙ୍ଗାଲୋର ୭ ବିଜୟ ଓ ୪ ପରାଜୟ ସହ ୧୪ ପଏଣ୍ଟ ହାସଲ କରି ତାଲିକାର ତୃତୀୟ ସ୍ଥାନରେ ରହିଛି। ତେବେ ପ୍ଲେ-ଅଫ୍‌ରେ ନିଜର ସ୍ଥାନ ନିଶ୍ଚିତ କରିବା ପାଇଁ ଆଉ ଗୋଟିଏ ବିଜୟ ସହ ବାଙ୍ଗାଲୋର ଆଉ ୨ ପଏଣ୍ଟ ଆବଶ୍ୟକ କରୁଛି।

ପଞ୍ଜାବ ଗତ ମ୍ୟାଚ୍‌ରେ କୋଲକାତା ନାଇଟ ରାଇଡର୍ସଙ୍କୁ ୫ ଉଇକେଟରେ ପରାସ୍ତ କରି ଆତ୍ମବିଶ୍ୱାସ ଦୃଢ କରିଛି ଓ ପ୍ଲେ- ଅଫ୍ ଦୌଡ଼ ଆଶା ବଜାୟ ରଖିଛି। ପଞ୍ଜାବ ଏ ପର୍ଯ୍ୟନ୍ତ ୧୨ ମ୍ୟାଚ୍ ଖେଳି ୫ ବିଜୟ ଓ ୭ ପରାଜୟ ସହ ୧୦ ପଏଣ୍ଟ ହାସଲ କରି ପଞ୍ଚମ ସ୍ଥାନରେ ରହିଛି। ତେଣୁ ଶାରଜା କ୍ରିକେଟ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ବାଙ୍ଗାଲୋର ପାଇଁ କୋହଲି ଉପଯୋଗୀ ବ୍ୟାଟିଂ କରିଛନ୍ତି।


ବିରାଟ କୋହଲି

ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ ସେ ମିଡିଲରେ ଭଲ ବ୍ୟାଟିଂ କରିଥିଲେ। ଯୁବ ଓପନର ଦେବଦତ୍ତ ପଡିକାଲ ମଧ୍ୟ ତାଙ୍କୁ ସହାୟତା ପ୍ରଦାନ କରିଥିଲେ। ଇନ୍ ଫର୍ମ ଷ୍ଟାର ଅଲରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲ ମଧ୍ୟ କ୍ରମାଗତ ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିଲେ। ଅଭିଜ୍ଞ ଏବି ଡିଭିଲର୍ସ କିନ୍ତୁ ଏପର୍ଯ୍ୟନ୍ତ ନିଜର ଦକ୍ଷତା ପ୍ରତିପାଦନ କରିପାରି ନାହାନ୍ତି। ବୋଲିଂରେ ମହମ୍ମଦ ସିରାଜ, ହର୍ଶଲ ପଟେଲ, ଶାହବାଜ ଅହମଦ ଓ ଯୁଜବେନ୍ଦ୍ର ଚହଲ ପୁଣି ଥରେ ଭଲ ପ୍ରଦର୍ଶନ କରି ଦଳକୁ ଜିତାଇବାକୁ ପ୍ରୟାସ କରିବେ।

ଅନ୍ୟପଟେ ପଞ୍ଜାବ ଓପନର ତଥା ଅଧିନାୟକ ଲୋକେଶ ରାହୁଲ ଓ ମୟଙ୍କ ଅଗ୍ରୱାଲଙ୍କ ଉପରେ ଅତ୍ୟଧିକ ଭାବେ ନିର୍ଭରଶୀଳ ହୋଇ ପଡିଛି। କୋଲକାତା ବିପକ୍ଷରେ ଏହି ଦୁଇ ବ୍ୟାଟ୍ସମ୍ୟାନ ରନ ସଂଗ୍ରହ କରିବାରେ ସଫଳ ହୋଇଛନ୍ତି। ବୋଲିଂରେ ମହମ୍ମଦ ସାମି ଓ ଅର୍ଶଦୀପ ସିଂ କୋଲକାତା ବିପକ୍ଷରେ ଭଲ ପ୍ରଦର୍ଶନ କରିଥିଲେ। ବାଙ୍ଗାଲୋର ବିପକ୍ଷରେ ପଞ୍ଜାବ ଏହି ପ୍ରଦର୍ଶନ ଦୋହରାଇବା ଲକ୍ଷ୍ୟରେ ରହିଛି।

**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳ:** ବିରାଟ କୋହଲି (ଅଧିନାୟକ), ନବଦୀପ ସଇନି, ଗ୍ଲେନ ମ୍ୟାକ୍ସୱେଲ, ଡାନିଏଲ ଖ୍ରୀଷ୍ଟିଆନ, ରଜତ ପଟିଦାର, ଦୁଷ୍ମନ୍ତ ଚାମିରା, ପବନ ଦେଶପାଣ୍ଡେ, ମହମ୍ମଦ ସିରାଜ, ହର୍ଶଲ ପଟେଲ, ମହମ୍ମଦ ଆଜାରୁଦ୍ଦିନ, ସଚିନ ବେବି, ୱାନିଣ୍ଡୁ ହସରଙ୍ଗା, ଜର୍ଜ ଗାର୍ଟନ, ଯୁଜବେନ୍ଦ୍ର ଚହଲ, ଶାହାବାଜ ଅହମ୍ମଦ, ଦେବଦତ୍ତ ପଡିକାଲ, କାଏଲ ଜେମିଶନ, ସୂୟାଶ ପ୍ରଭୁଦେଶାଇ, କେ.ଏସ୍. ଭାରତ, ଟିମ୍ ଡେଭିଡ, ଆକାଶ ଦୀପ ଓ ଏବି ଡିଭିଲର୍ସ।

**ପଞ୍ଜାବ କିଙ୍ଗ୍ସ ଦଳ:** କେ.ଏଲ୍. ରାହୁଲ (ଅଧିନାୟକ), ମୟଙ୍କ ଅଗ୍ରୱାଲ, ଆକାଶଦୀପ ସିଂ, ଇଶାନ ପୋରେଲ, ଶାହାରୁଖ ଖାଁ, ମହମ୍ମଦ ଶାମି, ନାଥାନ ଏଲିସ୍, ଆଦିଲ ରସିଦ୍, ମୁରୁଗାନ ଅଶ୍ୱିନ, ହରପ୍ରୀତ ବ୍ରାର୍, ମୋଇସେସ୍ ହେନରିକ୍ସ, ଖ୍ରିସ୍ ଜୋର୍ଡାନ, ଏଡେନ ମାର୍‌କ୍ରାମ୍, ମନଦୀପ ସିଂ, ଦର୍ଶନ ନାଲକାଣ୍ଡେ, ପ୍ରଭସିମରନ ସିଂ, ରବି ବିଷ୍ଣୋଇ, ଉତ୍କର୍ଷ ସିଂ, ଫାବିଏନ୍ ଆଲେନ୍, ସୌରଭ କୁମାର ଓ ଜଲଜ ସାକ୍‌ସେନା।



ଡୁରାଣ୍ଡ କପ୍ ଫୁଟବଲ୍ ଫାଇନାଲ ପୂର୍ବରୁ ଶନିବାର କୋଲକାତାର ସଲ୍ଟଲେକ୍ ଷ୍ଟାଡିୟମରେ ଏଫ୍‌ସି ଗୋଆ ଓ ମହମ୍ମଡାନ୍ ସ୍ପୋର୍ଟିଂ ଦଳର ଖେଳାଳିଙ୍କ ଅଭ୍ୟାସ।

## ଓଡ଼ିଶା ୪୯ ରନରେ ବିଜୟୀ

**ଭୁବନେଶ୍ୱର, ୨।୧୦(କ୍ରୀଡ଼ା ପ୍ରତିନିଧି)**

ଜୟପୁରର ସୱାଇ ମାନସିଂ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ୧୯ ବର୍ଷରୁ କମ୍ ମହିଳା ଦିନିକିଆ ଟ୍ରଫି ଏଲିଟ ଗ୍ରୁପ୍ 'ଇ' କ୍ରିକେଟ ମ୍ୟାଚରେ ଓଡ଼ିଶା ଭିଜେଡି (ଭି. ଜୟଦେବନ) ପଦ୍ଧତିରେ ୪୯ ରନରେ ତ୍ରିପୁରାକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୪୯ ଓଭରରେ ୧୧୯ ରନକରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଅଲିପ୍ସା ବିଶ୍ୱାଳ ସର୍ବାଧିକ ୪୭ ରନ କରିଥିଲେ। ବିପକ୍ଷ ଦଳର ଅଧିନାୟିକା ସେବିକା ଦାସ ୪ଟି, ବିଜୟା ଘୋଷ ୨ଟି ଏବଂ ଅନ୍ତରା ଦାସ, ମମିତା ଦେବ ଓ ଅନ୍ୱେଶା ଦାସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ତ୍ରିପୁରା ୨୯.୨ ଓଭରରେ ୮ ଉଇକେଟ ହରାଇ ୫୩ ରନ କରିଥିବାବେଳେ ବର୍ଷା ଯୋଗୁ ଖେଳ ବନ୍ଦ ରହିଥିଲା। ଭିଜେଡି ପଦ୍ଧତିରେ ଓଡ଼ିଶାକୁ ବିଜୟୀ ଘୋଷଣା କରାଯାଇଥିଲା। ଓଡ଼ିଶା ବୋଲରଙ୍କ ମଧ୍ୟରେ ଏସ୍.ବି. ଲରେନ୍ସ ୩ଟି, ଅଙ୍କିତା ଗିରି ୨ଟି ଏବଂ ସୂର୍ଯ୍ୟଶାନ୍ତା ସ୍ୱାଇଁ, ତନ୍ମୟୀ ବେହେରା ଓ ଜ୍ୟୋତି କେ. ପ୍ରସାଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୩ ଅକ୍ଟୋବର, ୨୦୨୧ Sambalpur, Sunday, October 3/2021

# ସମ୍ଭାବ୍ୟ ଭାରତୀୟ ଦଳରେ ୬ ଓଡ଼ିଆ


ଅମିତ ରୋହିଦାସ,



ଶୀଳାନନ୍ଦ ଲାକ୍ରା,


ଦୀପସାନ ତିର୍କୀ,



ନୀଲମ ସଞ୍ଜୀପ୍ ଖେସ୍,


ଆଶିଷ କୁମାର ଟପ୍ପୋ,


ସୁମନ ବେକ୍।

## ଜାତୀୟ ସିନିୟର ହକି କୋଚିଂ କ୍ୟାମ୍ପ ପାଇଁ ୩୦ ଜଣିଆ କୋର୍ ଗ୍ରୁପ୍

**ନୂଆଦିଲ୍ଲୀ, ୨।୧୦**

ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ପରିସରରେ ଜାତୀୟ ସିନିୟର ପୁରୁଷ ହକି କ୍ୟାମ୍ପ ଚଳିତ ମାସ ୪ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ଶନିବାର ଘୋଷିତ ୩୦ ଜଣିଆ ସମ୍ଭାବ୍ୟ ଭାରତୀୟ କୋର୍ ଗ୍ରୁପ ଦଳରେ ଓଡ଼ିଶାର ୬ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅମିତ ରୋହିଦାସ, ଦୀପସାନ ତିର୍କୀ, ନୀଲମ ସଞ୍ଜୀପ୍ ଖେସ୍, ଶୀଳାନନ୍ଦ ଲାକ୍ରା, ଆଶିଷ କୁମାର ଟପ୍ପୋ ଓ ସୁମନ ବେକ୍। ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ଜିତି ଦୀର୍ଘ ୪୧ ବର୍ଷ ପଦକ ଶୂନ୍ୟତାର ଅବସାନ ଘଟାଇଥିଲା ଭାରତ। ଏବେ ନୂଆ ଅଲିମ୍ପିକ୍ସ ସାଇକେଲ (ଚକ୍ର) ଆରମ୍ଭ ହେବ। ଟାର୍ଗେଟରେ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ। ପ୍ୟାରିସରେ ଉନ୍ନତ ପ୍ରଦର୍ଶନ ଲକ୍ଷ୍ୟରେ ପୁରୁଷ କୋର୍ ଗ୍ରୁପ ଦଳ ବେଙ୍ଗାଲୁରୁରେ ଟ୍ରେନିଂ ଆରମ୍ଭ କରିବ। କୋର୍ ଗ୍ରୁପ୍‌ରେ ସ୍ଥାନ ପାଇଥିବା ଖେଳାଳିମାନେ ମୁଖ୍ୟ କୋଚ୍ ଗ୍ରାହାମ୍ ରିଡ୍‌ଙ୍କ ନିକଟରେ ରବିବାର ରିପୋର୍ଟ କରିବାକୁ କୁହାଯାଇଛି।

ଜାତୀୟ କୋଚିଂ କ୍ୟାମ୍ପ୍‌ରେ ଯୁବ ଏବଂ ଅଭିଜ୍ଞ ଖେଳାଳିଙ୍କୁ ସାମିଲ କରାଯାଇଛି। ଏମାନଙ୍କ ମଧ୍ୟରେ ପି.ଆର. ଶ୍ରୀଜେଶ, କ୍ରିଷ୍ଣନ ବାହାଦୁର ପାଠକ, ସୂରଜ କରକେରା, ହରମନପ୍ରୀତ ସିଂ, ଦୀଲପ୍ରୀତ୍ ସିଂ, ସୁରେନ୍ଦ୍ର କୁମାର, ଗୁରିନ୍ଦର ସିଂ, ଅମିତ ରୋହିଦାସ ଓ ମନପ୍ରୀତ ସିଂଙ୍କ ପରି ସିନିୟର ଖେଳାଳି ସାମିଲ ଅଛନ୍ତି। ''ନିହାତି ଆବଶ୍ୟକ ବ୍ରେକ୍ ପରେ ଖେଳାଳିମାନେ କ୍ୟାମ୍ପକୁ ଫେରୁଛନ୍ତି। ସେମାନେ ଆସନ୍ତା ବର୍ଷର ଟାର୍ଗେଟ ଉପରେ ଫୋକସ କରିବାନେଇ ମୁଁ ଦୃଢ଼ ଆଶାବାଦୀ। ଅଲିମ୍ପିକ୍ସରେ ବ୍ୟକ୍ତିଗତ ଓ ଦଳଗତ ପ୍ରଦର୍ଶନକୁ ନେଇ ଆମେ ଆଗକୁ ବଢ଼ିବୁ। ଟୋକିଓ ଅଲିମ୍ପିକ୍ସର ସଫଳତା ଏବେ ଅତୀତ ହୋଇ ଯାଇଛି। ୨୦୨୨ ବ୍ୟସ୍ତବହୁଳ ସିଜନ ହୋଇଥିବାରୁ ଖେଳାଳିଙ୍କୁ ସତେଜ ମନରେ ନୂଆ ଆରମ୍ଭ କରିବାକୁ ପଡ଼ିବ'' ବୋଲି ରିଡ୍ ପ୍ରକାଶ କରିଛନ୍ତି। ଟୋକିଓ ଅଲିମ୍ପିକ୍ସର ସଫଳତା ନିଶ୍ଚିତ ସ୍ମରଣୀୟ, ମାତ୍ର ଏବେ ଖେଳାଳିଙ୍କୁ ଉଭୟ ମାନସିକ ଓ ଶାରୀରିକଭାବେ ୨୦୨୨ ସିଜନ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ। ଫେବୃୟାରୀରେ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ଏହି ସିଜନରେ ଖେଳିବାର ଅଛି। କ୍ୟାମ୍ପରେ ଖେଳାଳିଙ୍କ ଶକ୍ତିବୃଦ୍ଧି ଏବଂ ପରିବେଶ ସହିତ ଅଭ୍ୟସ୍ତ ଉପରେ ଗୁରୁତ୍ୱ ଦିଆଯିବ ବୋଲି ରିଡ୍ କହିଛନ୍ତି।

ଭାରତୀୟ ସମ୍ଭାବ୍ୟ ଦଳ: ପି.ଆର. ଶ୍ରୀଜେଶ, କ୍ରିଷ୍ଣନ ବାହାଦୁର ପାଠକ, ସୂରଜ କରକେରା, ହରମନପ୍ରୀତ ସିଂ, ଦୀଲପ୍ରୀତ୍ ସିଂ, ସୁରେନ୍ଦ୍ର କୁମାର, ଗୁରିନ୍ଦର ସିଂ, ଅମିତ ରୋହିଦାସ, ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ନୀଳକାନ୍ତ ଶର୍ମା, ବିବେକ ସାଗର ପ୍ରସାଦ, ସିମରନଜିତ ସିଂ, ଆକାଶଦୀପ ସିଂ, ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଗୁରସାହିବଜିତ ସିଂ, ଶମଶେର ସିଂ, ବରୁଣ କୁମାର, ଜରମନପ୍ରୀତ ସିଂ, ଦୀପସାନ ତିର୍କୀ, ନୀଲମ ସଞ୍ଜୀପ୍ ଖେସ୍, ଜସକରନ ସିଂ, ରାଜକୁମାର ପାଲ, ଗୁରଜନ୍ତ ସିଂ, ସୁମିତ, ଶୀଳାନନ୍ଦ ଲାକ୍ରା, ସୁମନ ବେକ୍, ମନଦୀପ ମୋର, ଆଶିଷ କୁମାର ଟପ୍ପୋ।

# ଋତୁରାଜଙ୍କ ଶତକ ଫିକା



ଶତକ ହାସଲ ପରେ ଋତୁରାଜ ଗାଏକ୍ୱାଡ୍‌ଙ୍କ ପ୍ରତିକ୍ରିୟା।

## ଚେନ୍ନାଇକୁ ହରାଇଲା ରାଜସ୍ଥାନ

**ଆବୁଧାବି, ୨।୧୦**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଶନିବାର ଚେନ୍ନାଇ ସୁପରକିଙ୍ଗ୍ସର ଋତୁରାଜ ଗାଏକ୍ୱାଡଙ୍କ ଶତକ ଫିକା ପଡ଼ିଛି। ହାଇ ସ୍କୋରିଂ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ୭ ଉଇକେଟରେ ଚେନ୍ନାଇକୁ ପରାସ୍ତ କରିଛି। ଚେନ୍ନାଇ ୨୦ ଓଭରରେ ୪ ଉଇକେଟ ହରାଇ ୧୮୯ ରନ କରିଥିଲା। ରାଜସ୍ଥାନ ୧୭.୩ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଦଳ ପକ୍ଷରୁ ଶିବମ ଦୁବେ ସର୍ବାଧିକ ୬୪(୪୨ ବଲ, ୪ ଚୌକା, ୪ ଛକା) ରନ କରି ଅପରାଜିତ ଥିବାବେଳେ ଯଶସ୍ୱୀ ଜୟସ୍ୱାଲ ୫୦, ଅଧିନାୟକ ସଞ୍ଜୁ ସାମସନ ୨୮ ଓ ଇଭିନ ଲିୱିସ୍ ୨୭ ରନ କରି ଦଳକୁ ଜିତାଇଥିଲେ। ଚେନ୍ନାଇର ଶାର୍ଦ୍ଦୁଳ ଠାକୁର ସର୍ବାଧିକ ୨ଟି ଉଇକେଟ ନେଇଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚେନ୍ନାଇ ଓପନିଂ ଯୋଡ଼ିରେ ୪୭ ରନ ସଂଗ୍ରହ କରି ଦୃଢ଼ ଭିତ୍ତି ପକାଇଥିଲା। ଦଳୀୟ ଆକ୍ରମଣର ନେତୃତ୍ୱ ନେଇଥିଲେ ଯୁବ ଓପନିଂ ବ୍ୟାଟର ଋତୁରାଜ ଗାଏକ୍ୱାଡ। ଫଳରେ ଫାଫ୍ ଡୁ'ପ୍ଲେସି ୨୫(୧୯ ବଲ, ୨ ଚୌକା, ୧ ଛକା), ସୁରେଶ ରାଇନା (୩), ମୋଇନ ଅଲୀ ୨୧(୧୭ ବଲ, ୧ ଚୌକା, ୧ ଛକା) ଓ ଅମ୍ବାତି ରାୟୁଡୁ ୨ ରନରେ ଆଉଟ ହୋଇଥିଲେ ହେଁ କିଛି ଫରକ ପଡ଼ି ନ ଥିଲା। ୧୯.୫ ଓଭର ବେଳକୁ ଋତୁରାଜ ୯୫ ରନରେ ଅପରାଜିତ ଥିଲେ। ତେଣୁ ତାଙ୍କ ପ୍ରଥମ ଆଇପିଏଲ ଶତକ ପୂରଣ ହେବ କି ନାହିଁ ତାହା ଦେଖିବାକୁ ଉତ୍କଣ୍ଠା ରହିଥିଲା। ମାତ୍ର ମୁସ୍ତାଫିଜୁର ରହମନଙ୍କ ଶେଷ ବଲ୍‌କୁ ସେ ଛକାରେ ପରିଣତ କରି ଆଇପିଏଲରେ ପ୍ରଥମ ଶତକ ହାସଲ କରିଥିଲେ। ୬୦ଟି ବଲ୍‌ର ସମ୍ମୁଖୀନ ହୋଇ ଋତୁରାଜ ୯ ଚୌକା ଓ ୫ ଛକା ସହାୟତାରେ ୧୦୧ ରନକରି ଅପରାଜିତ ରହିଥିଲେ। ରବୀନ୍ଦ୍ର ଜାଡେଜା ମାତ୍ର ୧୫ ବଲ୍‌ରୁ ୩୨(୪ ଚୌକା, ୧ ଛକା)ରେ ଅପରାଜିତ ଥିଲେ। ଆଇପିଏଲରେ ଶତକ ହାସଲ କରିବାରେ ସେ ଚେନ୍ନାଇର ସର୍ବକନିଷ୍ଠ (୨୪ ବର୍ଷ, ୨୪୪ ଦିନ) ଖେଳାଳି ହୋଇଥିଲେ। ରାଜସ୍ଥାନ ପକ୍ଷରୁ ରାହୁଲ ଟେୱାଟିଆ ୩ଟି ଓ ଚେତନ ସାକାରିଆ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର:**
ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୧୮୯/୪ (ଋତୁରାଜ ଗାଏକ୍ୱାଡ-୧୦୧*, ରବୀନ୍ଦ୍ର ଜାଡେଜା-୩୨*, ଫାଫ୍ ଡୁ'ପ୍ଲେସି-୨୫, ରାହୁଲ ଟେୱାଟିଆ-୩/୩୯, ଚେତନ ସାକାରିଆ-୧/୩୧)। ରାଜସ୍ଥାନ ରୟାଲ୍ସ ୧୭.୩ ଓଭରରେ ୧୯୦/୩ (ଶିବମ୍ ଦୁବେ-୬୪*, ଯଶସ୍ୱି ଜୟସ୍ୱାଲ-୫୦, ସଞ୍ଜୁ ସାମସନ-୨୮, ଶାର୍ଦ୍ଦୁଳ ଠାକୁର-୨/୩୦, କେ.ଏମ. ଅସିଫ-୧/୧୮)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ଚେନ୍ନାଇ ସୁପରକିଙ୍ଗ୍ସ | ୧୨ | ୯ | ୩ | ୧୮ | +୦.୮୨୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୯ | ୩ | ୧୮ | +୦.୫୫୧ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୧ | ୭ | ୪ | ୧୪ | -୦.୨୦୦ |
| ନାଇଟ ରାଇଡର୍ସ | ୧୨ | ୫ | ୭ | ୧୦ | +୦.୩୦୨ |
| ପଞ୍ଜାବ କିଙ୍ଗ୍ସ | ୧୨ | ୫ | ୭ | ୧୦ | -୦.୨୩୬ |
| ରାଜସ୍ଥାନ ରୟାଲ୍ସ | ୧୨ | ୫ | ୭ | ୧୦ | -୦.୩୩୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୫ | ୭ | ୧୦ | -୦.୪୫୩ |
| ସନ୍‌ରାଇଜର୍ସ | ୧୧ | ୨ | ୯ | ୪ | -୦.୪୯୦ |

# ଛତିଶଗଡ଼କୁ ହରାଇଲା ଓଡ଼ିଶା

## ଭିନୁ ମଙ୍କଡ଼ ଟ୍ରଫି

**ଭୁବନେଶ୍ୱର, ୨।୧୦(କ୍ରୀଡ଼ା ପ୍ରତିନିଧି)**

ଚଣ୍ଡିଗଡ଼ର ସେକ୍ଟର-୧୬ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ୧୯ ବର୍ଷରୁ କମ୍ ଦିନିକିଆ ଭିନୁ ମଙ୍କଡ ଟ୍ରଫି ଏଲିଟ ଗ୍ରୁପ୍ 'ଏ'ର ଏକ ମ୍ୟାଚରେ ଓଡ଼ିଶା ଭିଜେଡି (ଭି. ଜୟଦେବନ) ପଦ୍ଧତିରେ ଛତିଶଗଡ଼କୁ ୩ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଛତିଶଗଡ଼ ୪୨.୨ ଓଭରରେ ୧୪୮ ରନକରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ବାସୁଦେବ ବାରେଥ ସର୍ବାଧିକ ୩୩ ଓ ଦୀପକ ଯାଦବ ୩୧ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ନିରଞ୍ଜନ ଗୌଡ଼ା, ସୁଶୀଲ ବାରିକ, ସାଇଦୀପ ମହାପାତ୍ର, ଶ୍ରେଷ୍ଠ ସିଂ ୨ଟି ଲେଖାଏ ଏବଂ ରୀତେଶ ପ୍ରିୟରଞ୍ଜନ ଗୋଟିଏ ଉଇକେଟ ନେଇଥିଲେ। ୧୪୯ ରନ ବିଜୟ ଲକ୍ଷ୍ୟ ନେଇ ଓଡ଼ିଶା ୩୮.୨ ଓଭରରେ ୭ ଉଇକେଟ ହରାଇ ୧୪୫ ରନ କରିଥିବାବେଳେ ବର୍ଷା ଯୋଗୁ ଖେଳ ବନ୍ଦ ରହିଥିଲା। ଫଳରେ ଘରୋଇ କ୍ରିକେଟରେ ପ୍ରଚଳିତ ଭିଜେଡି ପଦ୍ଧତି ଅବଲମ୍ବନ କରାଯାଇଥିଲା ଏବଂ ଓଡ଼ିଶାକୁ ୩ ଉଇକେଟରେ ବିଜୟୀ ଘୋଷିତ କରାଯାଇଥିଲା। ଓଡ଼ିଶା ପକ୍ଷରୁ ଦୀନେଶ ମାଝି ସର୍ବାଧିକ ୪୦ ଓ ସାଇଦୀପ ୨୬ ରନ କରିଥିଲେ। ଛତିଶଗଡ଼ର ଦୀପକ ସିଂ ଓ ଆୟୁଷ ସିଂ ଠାକୁର ୨ଟି ଲେଖାଏ ଏବଂ ବିଜୟ ଯାଦବ, ବରୁଣ ସିଂ ଭୁଇ ଓ ଆଶିଷ କୁମାର ଦହରିଆ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୪ ମ୍ୟାଚରୁ ଏହାଥିଲା ଓଡ଼ିଶାର ଦ୍ୱିତୀୟ ବିଜୟ। ପ୍ରଥମ ମ୍ୟାଚରେ ଦଳ ଉତ୍ତର ପ୍ରଦେଶଠାରୁ ହାରି ଯାଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ବିହାରକୁ ହରାଇଥିଲା ଏବଂ ତୃତୀୟ ମ୍ୟାଚରେ ଦିଲ୍ଲୀଠାରୁ ପରାସ୍ତ ହୋଇଥିଲା।


ସାଇଦୀପ ମହାପାତ୍ର

# ଭାରତରୁ ପ୍ରତିନିଧିତ୍ୱ କରିବେ ଜଗନ୍ନାଥ

## ଅଷ୍ଟ୍ରିଆ ଜି-୧ ଓପନ ଅନ୍ତର୍ଜାତୀୟ ଟାଏକୋଣ୍ଡୋ

**ଭଦ୍ରକ ଅଫିସ,୨।୧୦**

ଅଷ୍ଟ୍ରିଆ ଜି-୧ ଓପନ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ପାଇଁ ଆସନ୍ତା ନଭେମ୍ବର ୨୮ରେ ଅଷ୍ଟ୍ରିଆର ଭିଏନାରେ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାରେ ଭାରତ ପାଇଁ ପ୍ରତିନିଧିତ୍ୱ କରିବେ ଭଦ୍ରକର ଜଗନ୍ନାଥ ବେହେରା। ବିଶ୍ୱ ଟାଏକୋଣ୍ଡୋ ର୍‍ୟାଙ୍କିଙ୍ଗ୍ ପ୍ରତିଯୋଗିତାରେ ଭଦ୍ରକରୁ ଜଗନ୍ନାଥ ଭାରତୀୟ ଟାଏକୋଣ୍ଡୋ ଦଳରେ ସାମିଲ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ୫୦ରୁ ଅଧିକ ଦେଶ ଅଂଶଗ୍ରହଣ କରୁଛନ୍ତି। ଏଥିରେ ଅଂଶଗ୍ରହଣ କରୁଥିବା ପ୍ରତିଯୋଗୀମାନେ ଆଗକୁ ହେବାକୁ ଯାଉଥିବା ସାଉଥ୍ ଏସିଆନ ଚାମ୍ପିୟନଶିପ୍‌ରେ ଭାଗନେବା ଲାଗି ର୍‍ୟାଙ୍କିଙ୍ଗ୍ ବୃଦ୍ଧିରେ ସହାୟକ ହେବ ବୋଲି ଓଡ଼ିଶା ଟାଏକୋଣ୍ଡୋ ସଂଘର ପ୍ରତିଷ୍ଠାତା ଗୋପାଳ ଚନ୍ଦ୍ର ରାୟ, ସଭାପତି ସୁନ୍ଦରମଣି ପଟେଲ ଏବଂ ଜାତୀୟ ଟାଏକୋଣ୍ଡୋ କୋଚ୍ ତଥା ସମ୍ପାଦକ ଚିନ୍ମୟ ବେହେରା କହିଛନ୍ତି।

ଜଗନ୍ନାଥ ପୂର୍ବରୁ ବିଭିନ୍ନ ରାଜ୍ୟ, ଜାତୀୟ ଏବଂ ଅଲ୍ ଇଣ୍ଡିଆ ୟୁନିଭର୍ସିଟି ଟାଏକୋଣ୍ଡୋ ପ୍ରତିଯୋଗିତାରେ ପଦକ ହାସଲ କରିଛନ୍ତି। ତାଙ୍କୁ ଜାତୀୟ ଟାଏକୋଣ୍ଡୋ ସଂଘ (ଇଣ୍ଡିଆ ଟାଏକୋଣ୍ଡୋ) ସମ୍ପୂର୍ଣ୍ଣ ରୂପେ ସହଯୋଗର ହାତ ବଢ଼ାଇଛି। ଓଡ଼ିଶା ଟାଏକୋଣ୍ଡୋର ଯୁଗ୍ମ ସମ୍ପାଦକ ସନ୍ଦୀପ ସାହୁ, ପ୍ରଭାତ ଚନ୍ଦ୍ର ସାହୁ, ବରିଷ୍ଠ କୋଚ୍ ଦିଲୀପ ଶତପଥୀ (ଏନ୍‌ଆଇଏସ୍), ରଞ୍ଜିତ ପାଣି, ଶରତ ଦଳାଇ ଏବଂ ସଦସ୍ୟ ଦୁଷ୍ମନ୍ତ ନାଥ, ଏମ୍‌ଡି ସାହିର, ମୁନୁ ପଟେଲ, ଆକାଶ ନାୟକ, ଇମ୍ରାନ ଖାନ୍, ଭଦ୍ରକ ଜିଲା ଆମେଚର ଟାଏକୋଣ୍ଡୋ ସଂଘର ସଭାନେତ୍ରୀ ରଞ୍ଜିତା ସ୍ୱାଇଁଙ୍କ ସମେତ ସମସ୍ତ ସଦସ୍ୟ, କ୍ରୀଡ଼ାବିତ୍ ସ୍ୱଦେଶ ରଞ୍ଜନ ରାଉତ, ହରପ୍ରିୟା ମହାକୁଡ଼, ଶାଶ୍ୱତୀ ନାୟକ, ସିଲା ଦାସ ପ୍ରମୁଖ ଜଗନ୍ନାଥଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ପଦକ ସହ ଜଗନ୍ନାଥ ବେହେରା।



ମ୍ୟାନ ଅଫ୍ ଦି ମ୍ୟାଚ
ଅକ୍ଷର ପଟେଲ

# ଆୟାର-ଅଶ୍ୱିନ ଦିଲ୍ଲୀକୁ ଜିତାଇଲେ

## ଆଇପିଏଲ୍- ୧୪

**ଶାରଜା,୨।୧୦**

ରିଷଭ ପନ୍ତଙ୍କ ନେତୃତ୍ୱାଧୀନ ଦିଲ୍ଲୀ କ୍ୟାପିଟାଲ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପ୍ଲେ- ଅଫ୍‌ରେ ସ୍ଥାନ ପକ୍କା କରିଛି। ଶନିବାର ଶାରଜା କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ଲୋ- ସ୍କୋରିଂ ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀ ୫ଟି ବଲ ବାକି ରଖି ୪ ଉଇକେଟରେ ରୋହିତ ଶର୍ମାଙ୍କ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ୮ ଉଇକେଟ ହରାଇ ୧୨୯ ରନ ସଂଗ୍ରହ କରିଥିଲା। ଜବାବରେ ଦିଲ୍ଲୀ ୧୯.୧ ଓଭରରେ ୬ ଉଇକେଟ ହରାଇ ୧୩୨ ରନକରି ବିଜୟୀ ହୋଇଥିଲା।

ରବିଚନ୍ଦ୍ରନ ଅଶ୍ୱିନ ଛକା ମାରି ଦିଲ୍ଲୀକୁ ଜିତାଇଥିଲେ। ଶ୍ରେୟାସ ଆୟାର ୩୩ରନ (୩୩ ବଲ, ୨ ଚୌକା) ଓ ଅଶ୍ୱିନ ୨୦ ରନ (୨୧ ବଲ, ୧ ଛକା) କରି ଅପରାଜିତ ରହିବା ସହ ଦଳକୁ ଜିତାଇଛନ୍ତି। ଏଥିସହ ଦିଲ୍ଲୀ କ୍ରମାଗତ ତୃତୀୟଥର ପାଇଁ ପ୍ଲେ- ଅଫ୍‌ରେ ପ୍ରବେଶ କରିଛି। ତେବେ ମାତ୍ର ୨୧ ରନ ଦେଇ ମୂଲ୍ୟବାନ ୩ ଉଇକେଟ ଅକ୍ତିଆର କରିଥିବା ଦିଲ୍ଲୀର ଅକ୍ଷର ପଟେଲଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି। ୧୨ଟି ମ୍ୟାଚ୍ ଖେଳି ୯ ବିଜୟ ଓ ୩ ପରାଜୟ ସହ ଦିଲ୍ଲୀ ୧୮ ପଏଣ୍ଟ ପାଇ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ସମାନ ୧୮ ପଏଣ୍ଟ ପାଇଥିଲେ ମଧ୍ୟ ଚେନ୍ନାଇ ଉନ୍ନତ ରନ୍ ରେଟ ପାଇ ଶୀର୍ଷରେ ରହିଛି। ଅନ୍ୟପଟେ ମୁମ୍ବାଇ ୧୨ ମ୍ୟାଚ୍ ଖେଳି ୫ ବିଜୟ ଓ ୭ ପରାଜୟ ସହ ୧୦ ପଏଣ୍ଟ ପାଇ ଷଷ୍ଠ ସ୍ଥାନରେ ରହିଛି। ମୁମ୍ବାଇର ପ୍ଲେ- ଅଫ୍ ଆଶା ଉଜ୍ଜୀବିତ ରହିଥିଲେ ମଧ୍ୟ ସମସ୍ୟାରେ ପଡ଼ିଛି। ୧୩୦ ରନ ଟାର୍ଗେଟର ପିଛା କରି ଦିଲ୍ଲୀ ୩୦ ରନରେ ୩ ଉଇକେଟ ହରାଇ ଝଟକା ଖାଇଥିଲା। ଓପନର ପୃଥ୍ୱୀ ଶ ୬, ଶିଖର ଧାୱନ ୮, ଷ୍ଟିଭ ସ୍ମିଥ୍ ୯ ରନ କରି ଆଉଟ ହୋଇଥିଲେ। ଅଧିନାୟକ ପନ୍ତ ୩ ଚୌକା ଓ ୧ ଛକା ସହ ୨୨ ବଲରୁ ୨୬ ରନକରି ଆଉଟ ହେବା ପରେ ଅକ୍ଷର ପଟେଲ ୯ ଓ ସିମରନ ହେଟମେୟର ୮ ବଲରୁ ୨ ଚୌକା ସହ ୧୫ ରନ କରି ପ୍ୟାଭିଲିୟନ ଫେରିଥିଲେ। ଆୟାର ୩୩ ଓ ଅଶ୍ୱିନ ୨୬ ରନକରି ଅପରାଜିତ ରହି ଦଳକୁ ଜିତାଇଥିଲେ। ବୋଲିଂରେ ମୁମ୍ବାଇ ତରଫରୁ ଟ୍ରେଣ୍ଟ ବୋଲ୍ଟ, ଜୟନ୍ତ ଯାଦବ, କ୍ରୁନାଲ ପାଣ୍ଡ୍ୟା, ଯଶପ୍ରୀତ ବୁମ୍‌ରା, ନାଥନ କଲ୍ଟର ନାଇଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ତରଫରୁ ସୂର୍ଯ୍ୟକୁମାର ଯାଦବ ୨ ଛକା, ୨ ଚୌକା ସହ ୨୬ ବଲରୁ ସର୍ବାଧିକ ୩୩ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ୱିଣ୍ଟନ ଡିକକ୍ ୧୯, ସୌରଭ ତିୱାରୀ ୧୫, ହାର୍ଦ୍ଦିକ ପାଣ୍ଡ୍ୟା ୧୭, ଜୟନ୍ତ ଯାଦବ ୧୧ ରନ କରି ଆଉଟ ହୋଇଥିବା ବେଳେ କ୍ରୁନାଲ ୧୩ ରନକରି ଅପରାଜିତ ରହିଥିଲେ। ଅନ୍ୟମାନେ ଦୁଇ ଅଙ୍କ ଛୁଇଁପାରି ନ ଥିଲେ। ଅଧିନାୟକ ତଥା ରୋହିତ ଶର୍ମା ୭, କିରନ ପୋଲାର୍ଡ ୬, ନାଥନ କୁଲ୍ଟର ନାଇଲ ୧ ରନକରି ଆଉଟ ହୋଇଥିବା ବେଳେ ଯଶପ୍ରୀତ ବୁମ୍‌ରା ୧ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଦିଲ୍ଲୀ ତରଫରୁ ଅକ୍ଷର ଓ ଆଭେସ ଖାଁ ୩ଟି ଲେଖାଏ, ଅନରିଜ ନୋର୍ଜ ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ କରି ଉଇକେଟ ଅକ୍ତିଆର କରିଥିଲେ।



ଶ୍ରେୟାସ ଆୟାର

**ସଂକ୍ଷିପ୍ତ ସ୍କୋର**
ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୨୯/୮ (ସୂର୍ଯ୍ୟକୁମାର- ୩୩, ଡିକକ- ୧୯, ସୌରଭ ତିୱାରୀ- ୧୫, ହାର୍ଦ୍ଦିକ- ୧୭, କ୍ରୁନାଲ- ୧୩*, ଆଭେସ- ୩/୧୫, ଅକ୍ଷର- ୩/ ୨୧)।
ଦିଲ୍ଲୀ କ୍ୟାପିଟାଲ୍ସ ୧୯.୧ ଓଭରରେ ୧୩୨/୬ (ଆୟାର- ୩୩*, ପନ୍ତ- ୨୬, ଅଶ୍ୱିନ- ୨୦*, ହେଟମେୟର- ୧୫, କ୍ରୁନାଲ- ୧/୧୮, ନାଥନ କଲ୍ଟର ନାଇଲ- ୧/ ୧୯)।

### ଆଜିର ମ୍ୟାଚ



ରୟାଲ ଚ୍ୟାଲେଞ୍ଜର୍ସ
**ବନାମ**
ପଞ୍ଜାବ କିଙ୍ଗ୍ସ
ସ୍ଥାନ : ଶାରଜା
ସମୟ : ଅପରାହ୍ନ ୩.୩୦

ନାଇଟ ରାଇଡର୍ସ
**ବନାମ**
ସନ୍‌ରାଇଜର୍ସ
ସ୍ଥାନ : ଦୁବାଇ
ସମୟ : ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

## ସଫେଇ କର୍ମଚାରୀ ସମ୍ମାନିତ

ଲାଠୋର,(ଡିଏନ.ଏ): ବଲାଙ୍ଗୀର ଜିଲା ଲାଠୋରରେ ଗାନ୍ଧୀ ଜୟନ୍ତୀରେ ଶନିବାର ମାରୱାଡି ଯୁବାମଞ୍ଚ ପକ୍ଷରୁ ସଫେଇ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଛି। ମଞ୍ଚ ସଭାପତି ଶିତଲ ଅଗ୍ରୱାଲଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କରୋନା କାଳରେ ଆଗଧାଡିର ଯୋଦ୍ଧାଭାବେ ଲାଠୋରରେ କାର୍ଯ୍ୟ କରିଥିବା ସଫେଇ କର୍ମଚାରୀ ବିଜଳି ସୁନା, ଶଶିକେଲା ଗୁର୍ଲା, ଧ୍ରୁବନୀ ଗୁର୍ଲା, ଭରତ ସୁନା, ବିଦ୍ୟାଧର ଗୁର୍ଲା, ଆକାଶ ଗୁର୍ଲା, ବିନୋଦ ଗୁର୍ଲାଙ୍କୁ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ ସରପଞ୍ଚ ପ୍ରବୀଣ ଅଗ୍ରୱାଲ ଓ ମଞ୍ଚ ସଦସ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୮ ଦଫା ଦାବିରେ ବିଡିଓଙ୍କୁ ଦାବିପତ୍ର

ମୁରିବାହାଲ, ୨।୧୦(ଡି.ଏନ.ଏ.) ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ମାଲିସିରା, ହଳଦୀ ଓ ଗୁଡିଘାଟ ପଞ୍ଚାୟତର ବିଭିନ୍ନ ସମସ୍ୟାର ସମାଧାନ ଦାବି କରିଛି ଏକତା ପରିଷଦ ବଲାଙ୍ଗୀର। ଏ ନେଇ ସଂଗଠନର ଜିଲା ସଂଯୋଜକ ଦିଲ୍ଲୀପ ଭୋଇଙ୍କ ନେତୃତ୍ୱରେ ବିଡିଓ ପ୍ରିୟରଞ୍ଜନ କୁମ୍ଭାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉପରୋକ୍ତ ପଞ୍ଚାୟତ ଅନ୍ତର୍ଗତ ଗାଁଗୁଡିକର ସାମୂହିକ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରରେ ଜଙ୍ଗଲ ଜମି ଅଧିକାର ଆଇନ ଅନୁଯାୟୀ ଚୌହଦୀ ଜାତି ଲେଖା ଯାଇଥିବା ଜମିକୁ ରାଜସ୍ୱ ପଟ୍ଟାରେ ପରିଣତ କରିବା, ଗୋଷ୍ଠୀ ଜଙ୍ଗଲ ଓ ଗୋଷ୍ଠୀ ସମ୍ବଳ ଅଧିକାର ଆଦିବାସୀ ଓ ବନବାସୀଙ୍କୁ ପ୍ରଦାନ, ଓଡ଼ିଶା ସରକାରଙ୍କ ନିୟମାନୁସାରେ ଉକ୍ତ ୯ଟି ଗ୍ରାମକୁ ରାଜସ୍ୱ ଗାଁ ମାନ୍ୟତା ପ୍ରଦାନ, ମୁରିବାହାଲ ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରିବାକୁ ଦାବି କରାଯାଇଛି। କାର୍ଯ୍ୟକ୍ରମ ପରିଚାଳନାରେ କେଶବ ଧାରୁଆ, ଧନମତ ପତ୍ର, କୃପାସିନ୍ଧୁ ମାଝି, ଗୋପେଶ୍ୱର ଭୋଇ ସହଯୋଗ କରିଥିଲେ।

### ଆକ୍ରମଣ ଘଟଣାକୁ ନିନ୍ଦା, ଏସ୍‌ଡିପିଓଙ୍କୁ ଦାବିପତ୍ର

ପାଟଣାଗଡ,୨।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ପାଟଣାଗଡ ଯୁବ ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକ ସତ୍ୟ ସୁନ୍ଦର ଭଙ୍କ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି। ଏଥିପାଇଁ ସଂଗଠନ ପକ୍ଷରୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପାଟଣାଗଡ ଏସଡିପିଓ ଜ୍ୟୋତିର୍ମୟ ଭୁକ୍ତାଙ୍କୁ ପ୍ରଦାନ କରାଯାଇଛି। ସଂଘର କାର୍ଯ୍ୟଳୟଠାରୁ ସଭାପତି କରୁଣାକର ବୁଡେକଙ୍କ ନେତୃତ୍ୱରେ ସଂଘ କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ଏସଡିପିଓଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଏଥିରେ ସମ୍ପାଦକ ବିମଳ ବାଗ, କୋଷାଧକ୍ଷ ଘନ ଭୋଇ, ଉପସଭାପତି ଗୋରେଖନାଥ ବରିହା, ଉପଦେଷ୍ଟା ଜଗଦୀଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ୟୁସି ନ ଦେବାରୁ ପ୍ରଧାନଶିକ୍ଷକଙ୍କ ଦରମା ବନ୍ଦ

ସଇଁତଳା,୨।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଳା ବ୍ଲକ କନ୍ଧକେଲଗାଁ ପଞ୍ଚାୟତ ଅନ୍ତର୍ଗତ ରଣୀମହୁଲ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ତରୁଣ କୁମ୍ଭାରଙ୍କ ଦରମା ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିଛି ଶିକ୍ଷା ବିଭାଗ। ୨୦୨୦-୨୧ବର୍ଷରେ ଛାତ୍ରୀଛାତ୍ରଙ୍କ ପାଇଁ ସ୍କୁଲ ୟୁନିଫର୍ମ ସମେତ ଅନ୍ୟାନ୍ୟ ଉନ୍ନୟନ ପାଣ୍ଠିର ହିସାବ ସେ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଦାଖଲ କରି ନ ଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କହିଛନ୍ତି ବିଇଓ ଗୋବର୍ଦ୍ଧନ ଭୋଇ। ଭୋଇଙ୍କ କହିବାନୁସାରେ ଅନେକ ଥର କୁମ୍ଭାରଙ୍କୁ ତାଗିଦ୍ ସତ୍ତ୍ୱେ ସେ ହିସାବ ଦେଇ ନ ଥିଲେ।

### ପ୍ରମୋଦ ଉଦ୍ୟାନଠାରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

ନୂଆପଡା ଅଫିସ, ୨।୧୦ : ନୂଆପଡା ଜିଲା ସଦର ମହକୁମା ସ୍ଥିତ ଗାନ୍ଧୀ ପ୍ରମୋଦ ଉଦ୍ୟାନ ଠାରେ ଶନିବାର ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ସଂସ୍କୃତି ବିଭାଗ ତରଫରୁ ସଙ୍ଗୀତ ମଣ୍ଡଳୀଙ୍କ ସହଯୋଗରେ ସହର ପରିକ୍ରମା କରି ରାମଧୂନ ପରିବେଷଣ କରାଯାଇଥିଲା। ଜିଲା ସାଂସ୍କୃତିକ ବିଭାଗ ଅଧିକାରୀ ଦେବେନ୍ଦ୍ର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂର୍ବାହ୍ନରେ ଗାନ୍ଧୀ ପ୍ରମୋଦ ଉଦ୍ୟାନଠାରେ ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରାଯାଇଥିଲା। ଏହି ଉତ୍ସବ ପାଳନ ଅବସରରେ ନୂଆପଡା ଜିଲାପାଳ ସ୍ୱାଧାଦେବ ସିଂ, ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ, ନୂଆପଡା ବିଧାୟକ ରାଜେନ୍ଦ୍ର କୁମାର ଢୋଲକିଆ, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁ ପ୍ରତାପ ସିଂ ମାଝି, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶିକା ମଧୁଛନ୍ଦା ସାହୁ, ଜିଲା ଆପାତକାଳୀନ ଅଧିକାରୀ ସୁଶାନ୍ତ କୁମାର ରଣା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ପଟ୍ଟନାୟକ, ନେହେରୁ ଯୁବ କେନ୍ଦ୍ର ଜିଲା ଅଧିକାରୀ ଆଶିଷ କୁମାର ଠାକୁର, ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ଜିଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଶୀ, ବିଜୁ ଯୁବ ଜନତା ଦଳର ଜିଲା ସଭାପତି ହରିଶ୍ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।

# ପାଣି ପାଇଁ ହଟହଟା ହେଉଛନ୍ତି ଛାତ୍ରୀଛାତ୍ର

ଲାଠୋର,୨।୧୦(ଡି.ଏନ.ଏ.)



ମାଲପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ।

**ମାଲପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**
- ୪ନଳକୂପରୁ ୩ଅଚଳ
- ସଚଳ ନଳକୂପ ପିଲାଙ୍କ ଆବଶ୍ୟକତା ମେଣ୍ଟାଇ ପାରୁନାହିଁ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡା ଗ୍ରାମରେ ଅନୁସୂଚିତ ଜାତି ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ମାଧ୍ୟମିକ ଆବାସିକ ବିଦ୍ୟାଳୟ ଏବେ ନାନା ଅବ୍ୟବସ୍ଥା ମଧ୍ୟଦେଇ ଗତି କରୁଛି। ଏଠାରେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ପିଲାଙ୍କୁ ପାଠପଢା ଯାଉଛି। ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରୁ ଆରମ୍ଭ କରି ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟରେ ପାଠ ପଢିବାର ବ୍ୟବସ୍ଥା ରହିଛି। ବର୍ତ୍ତମାନ କୋଭିଡ କଟକଣା ଯୋଗୁ ନବମ, ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ୨୧୮ ଜଣ ଛାତ୍ରୀଛାତ୍ର ବିଦ୍ୟାଳୟ ହଷ୍ଟେଲରେ ରହି ପାଠ ପଢୁଛନ୍ତି। ହେଲେ ଏଠାରେ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ଭୁଶୁଡି ପଡିଛି। ବିଦ୍ୟାଳୟ ପରିସରରେ ଥିବା ଚାରି ଗୋଟି ନଳକୂପ ମଧ୍ୟରୁ ଗୋଟିଏ କାର୍ଯ୍ୟକ୍ଷମ ରହିଛି । ଏତେ ସଂଖ୍ୟକ ପିଲାଙ୍କ ଆବଶ୍ୟକତାକୁ ମେଣ୍ଟାଇ ପାରୁନାହିଁ ସେହି ନଳକୂପ। ଏପରିକି ବହୁ ସମୟରେ ସେଥିରୁ ଲୁହାଗୁଣ୍ଡ ବାହାରୁଛି। ବିଦ୍ୟାଳୟ ପରିସରରେ ଏକ ଓଭରହେଡ ଟାଙ୍କି ରହିଛି । ହେଲେ ପାଣି ଅଭାବ ହେତୁ ଟାଙ୍କି ସେମିତି ପଡି ରହିଛି। ବିଦ୍ୟାଳୟ ପରିସର ବାହାରେ ୪ ବର୍ଷ ହେଲା ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ହୋଇଥିଲେ ମଧ ଏହି ଶିକ୍ଷାନୁଷ୍ଠାନକୁ ପାଇପ ସଂଯୋଗ କରି ଜଳଯୋଗାଣର ବ୍ୟବସ୍ଥା କରାଯାଉନାହିଁ। ସେହିପରି ପିଲାମାନେ ରହୁଥିବା ହଷ୍ଟେଲ ଶୌଚାଳୟ ଅବସ୍ଥା ଶୋଚନୀୟ। ଅନ୍ୟନୋପାୟ ହୋଇ ପିଲାମାନେ ଏହାକୁ ବ୍ୟବହାର କରୁଛନ୍ତି। ଏ ନେଇ ବିଦ୍ୟାଳୟ ଅଧକ୍ଷ ଭୂଗୋଳ ବନଗୁଲାଙ୍କୁ ପଚାରିବାରୁ ଏସବୁ ସମସ୍ୟା ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିବା କହିଛନ୍ତି। ଯଥାଶୀଘ୍ର ଏ ଦିଗରେ ପଦକ୍ଷେପ ନେବା ଜରୁରୀ ହୋଇପଡିଛି।

# ଗଡ଼ିଲା ସ୍ୱଚ୍ଛତା ରଥ



ବ୍ଲକ ପରିସରରେ ସ୍ୱଚ୍ଛତା ରଥର ଶୁଭାରମ୍ଭ କରାଯାଉଛି।

ମୁରିବାହାଲ, ୨।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ପଞ୍ଚାୟତ ସମିତି ପକ୍ଷରୁ ଶନିବାର ଜାତିର ଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବ୍ଲକ ସଭାଗୃହରେ ବିଡିଓ ପ୍ରିୟରଞ୍ଜନ କୁମାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷ ହଂସରାଜ ଜୈନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ବ୍ଲକ ଉପାଧକ୍ଷ ସୁନ୍ଦରମତୀ ବାଗ, ସହକାରୀ ଯନ୍ତ୍ରୀ ସତ୍ୟନାରାୟଣ ସା, ଭୁବନାନନ୍ଦ ସିଂ ସାହୁ, ଓକିଲ ସୁଦାମ ଚରଣ ବଘାର ମୁଖ୍ୟ କିରଣୀ ବିଭୂତି ସେଟ, ସାମାଜିକ କର୍ମୀ ଭଗବାନ ମହାନ୍ତି, ଜିପିଓ ଏନ.ଯେ ଥିଓଫିଲ, ଦୁର୍ଗାନନ୍ଦ ମହାକୁର, ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱଚ୍ଛତା ରଥର ଶୁଭାରମ୍ଭ କରିଥିଲେ ସମିତି ଅଧକ୍ଷ ଜୈନ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବ୍ଲକର ୨୨ଟି ପଞ୍ଚାୟତରେ ଏହି ରଥ ସ୍ୱଚ୍ଛତା ସମ୍ପର୍କରେ ଲୋକଙ୍କୁ ସଚେତନ କରିବ।

# ସମ୍ମାନିତ ହେଲେ ଜିଲାର ୬ ଲୋକ କଳାକାର


କଣ୍ଠଶିଳ୍ପୀ ସର୍ବେଶ୍ୱର ଭୋଇଙ୍କୁ ସମ୍ମାନିତ କରାଯାଉଛି।

ଜୁନାଗଡ,୨।୧୦(ଡି.ଏନ୍.ଏ.)

**ଲୋକକଳା ଗ୍ରାମ ଛୋରିଆଗଡ଼ର ୩ୟ ବାର୍ଷିକ ମହୋତ୍ସବ**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକର ଲୋକକଳା ଗ୍ରାମ ଛୋରିଆଗଡର ୩ୟ ବାର୍ଷିକ ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ବ୍ଲକ ଅଧକ୍ଷା ନୂର୍ଯ୍ୟ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁଶାନ୍ତ ପଟେଲ, ମୁଖ୍ୟବକ୍ତା ଡ. ଅଜୟ ମିଶ୍ର, ସମ୍ମାନିତ ଅତିଥି ଭାବେ ଧର୍ମଗଡ ଉପଜିଲାପାଳ ପାୱାର ସଚିନ ପ୍ରକାଶ, ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରା, ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି, ବ୍ଲକ ଉପାଧକ୍ଷ ଟଙ୍କଧର ନାଏକ, ସ୍ଥାନୀୟ ସରପଞ୍ଚ ବବିତା ଗୁରୁ, ଜିଲା ପରିଷଦ ସଭ୍ୟ କାଞ୍ଚନ ବାଗ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଦିନରେ ଏହି ଲୋକକଳା ଗ୍ରାମର ସାଂସ୍କୃତିକ, ଅର୍ଥନୈତିକ, କ୍ରୀଡା ଓ ପର୍ଯ୍ୟଟନର ବିକାଶ ଉପରେ ପଦକ୍ଷେପ ନିଆଯିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଅଶୋକ ପଟ୍ଟନାୟକ ଦେଇଥିଲେ। ସେହିପରି ଆଇନଜୀବୀ କଲ୍ୟାଣୀ ନାଏକ ମଞ୍ଚ ପରିଚାଳନା କରିଥିଲେ। ପରେ ଗାୟକ ମାର୍କଣ୍ଡ ନାଏକଙ୍କ ରଚିତ ଘୁମୁରା ପରିବେଷଣ ହୋଇଥିବା ବେଳେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଆଦିବାସୀ ନୃତ୍ୟ, ରାହାସ, ବନାବାଡି ଓ ସ୍କୁଲ ଛାତ୍ରୀମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା। ଏହାପରେ ଜିଲାର ୬ଜଣ ସୁନାମଧନ୍ୟ ଲୋକ କଳାକାରଙ୍କୁ ଉପଢୌକନ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ ନର୍ଲାର ସର୍ବେଶ୍ୱର ଭୋଇ, କଳମପୁରର ନାସିର ମହମ୍ମଦ, ଜୟପାଟଣାର ତୀର୍ଥରାଜ ଦଳପତି, ଭବାନୀପାଟଣାର ସଙ୍ଗୀତା ରାଉତ, ଜୁନାଗଡ ବ୍ଲକ ଛୋରିଆଗଡର ତ୍ରିନାଥ ମହାଳିକ ଓ ଗୋଲାମୁଣ୍ଡା ବ୍ଲକର ବେଣୁଧର ନାଗ ରହିଥିଲେ। କାର୍ଯ୍ୟକ୍ରମରେ ଜୁନାଗଡ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତୁଷାର ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

# ଭାରତ ସ୍କାଉଟ ଗାଇଡ ତରଫରୁ ରକ୍ତଦାନ ଶିବିର

ନୂଆପଡା ଅଫିସ, ୨।୧୦

ପବିତ୍ର ଗାନ୍ଧୀଶାସ୍ତ୍ରୀ ଜୟନ୍ତୀ ଅବସରରେ ସ୍ଥାନୀୟ ନ୍ୟାସନାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଭାରତ ସ୍କାଉଟ ଗାଇଡ ଜିଲା ଶାଖା ତରଫରୁ ମେଗା ରକ୍ତଦାନ ଶିବିର ଜୀବନ ବିନ୍ଦୁ ଅନୁଷ୍ଠିତ ହୋଇଯାଇଛି। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ତଥା ସମ୍ପାଦକ ଭାରତ ସ୍କାଉଟ ଗାଇଡ ନୂଆପଡା ମହେଶ କୁମାର ଦଣ୍ଡସେନାଙ୍କ ନେତୃତ୍ୱରେ ଆୟୋଜିତ ରକ୍ତଦାନ ଶିବିରରେ ନୂଆପଡା ଉପ ଜିଲାପାଳ ତରଣୀସେନ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ। ନୂଆପଡା ଜିଲା ସହଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, କୁରେଶ୍ୱର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଠାକୁର, ଟାନୱାଟ ପ୍ରଧାନ ଶିକ୍ଷକ ବିନୋଦ କୁମାର ପାଢୀ, ନ୍ୟାସନାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ୪ଜଣ ଶିକ୍ଷୟିତ୍ରୀ ସୁଶ୍ରୀରାଣୀ ବେଉରା, ପ୍ରିୟମ୍ବଦା କୁମ୍ଭାର, ଯଶୋଦା ଦାସ, ସ୍ୱରୂପାରାଣୀ ଦାସଙ୍କ ସମେତ ମୋଟ ୪୪ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ନିୟମିତ ରକ୍ତଦାତା କିଶୋର ପରିଡା ପରିଚାଳନା କରିଥିଲେ।

# ଜୟନ୍ତୀରେ ଗାନ୍ଧୀ, ଶାସ୍ତ୍ରୀଙ୍କ ସ୍ମୃତିଚାରଣ

ଲୋଇସିଂହା,୨।୧୦(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷା ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ୱଜାଳି ମହାନ୍ତିଙ୍କ ନେତୃତ୍ୱରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୋର୍ଟ ସଦସ୍ୟ ବିପୁଲ ମହାକୁର, ସହଦେବ ଧରୁଆ, ଦାରାସିଂ ରଣା, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଭାତ ଫେରି ପରେ ଅଧକ୍ଷା ମହାନ୍ତି ଆଇନ ସେବା ପ୍ରାଧିକରଣ କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ଦେଇଥିଲେ।

ସେହିପରି ବୁର୍ଡାରେ ନେହେରୁ ଯୁବକେନ୍ଦ୍ର ଓ ସୁରସଙ୍ଗମ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ବ୍ଲକର ଯୁବ ଅନୁଷ୍ଠାନ, ଆଶା, ଅଙ୍ଗନବାଡି କର୍ମୀ ଓ ବୁଦ୍ଧିଜୀବୀଙ୍କୁ ନେଇ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ସୁଶାନ୍ତ କୁମାର ସାମଲ ମୁଖ୍ୟ ଅତିଥି, ଜିପିଓ ମାନସିଂ, ଡିଆରଡିଏର ଅଭିଜିତ ପଣ୍ଡା, ଆନନ୍ଦଚନ୍ଦ୍ର ସାହୁ, ସରୋଜ ବିଶ୍ୱାଳ ଅତିଥି ଭାବେ ଯୋଗଦେଇଥିଲେ। ବୁର୍ଡା ଅଙ୍ଗନବାଡି କେନ୍ଦ୍ରରେ ଆୟୋଜିତ ଉତ୍ସବରେ ସୁଶାନ୍ତ ବାରିକ ଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ଗାନ୍ଧିଜୀଙ୍କର ଭୂମିକାର ଅବତାରଣ କରିଥିଲେ। ଏହିଅବସରରେ କର୍ମୀ ସବିତା ଗାନ୍ଧୀଙ୍କ ଉପସ୍ଥିତିରେ ଶିଶୁମାନଙ୍କୁ ପୋଷାକ ବିତରଣ କରାଯାଇଥିଲା।

# ପଲିଥିନମୁକ୍ତ ଭାରତ ପାଇଁ ବାହାରିଲା ସ୍ୱଚ୍ଛତା ରଥ


ସ୍ୱଚ୍ଛତା ରଥର ଶୁଭାରମ୍ଭ କରୁଛନ୍ତି ବିଡିଓ ରାମଚନ୍ଦ୍ର ଖାଡିଆ।

ଲୋଇସିଂହା,୨।୧୦(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ପଞ୍ଚାୟତ ସମିତି ଓ ଜଳ ଓ ପରରିମଳ ମିଶନ ପକ୍ଷରୁ ଆଜାଦୀକା ଅମୃତ ମହୋତ୍ସବ ଓ ଶହେ ଦିନିଆ ଜନ ସଚେତନତା ଅଭିଯାନ ପାଇଁ ଏକ ସ୍ୱଚ୍ଛତା ରଥର ଶନିବାର ଶୁଭାରମ୍ଭ କରାଯାଇଛି। ବିଡିଓ ରାମଚନ୍ଦ୍ର ଖାଡିଆ ସବୁଜ ପତାକା ହଲାଇ ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ଗାନ୍ଧୀ ଜୟନ୍ତୀଠାରୁ ୨୦୨୨ ଅଗଷ୍ଟ ୧୫ତାରିଖ ପର୍ଯ୍ୟନ୍ତ ବ୍ଲକର ୨୦ ଟି ଯାକ ପଞ୍ଚୟତ ବୁଲି ଜନସଚେତନତା ସୃଷ୍ଟି କରିବ । ପରିମଳ ସଫେଇ ଓ ପଲିଥିନମୁକ୍ତ ଭାରତ ଗଠନ ଏହି ଅଭିଯାନର ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ । ଏହି ଅବସରରେ ଦୁଷ୍ମନ୍ତ ସାହୁ. ଜିପିଓ କିଶୋର ମାନସିଂ, ବିଆରସି ଛବିଳ କୁମାର ବେହେରା, ଗ୍ରାମପଞ୍ଚାୟତ ମାଷ୍ଟର ଟ୍ରେନର ହୃଷିକେଶ ବାରିକ ଓ ପଞ୍ଚାୟତ ମୋଟିଭେଟର ଉପସ୍ଥିତ ଥିଲେ। ପ୍ରଥମ ଦିନରେ ସ୍ୱଚ୍ଛତା ରଥ ଲୋଇସିଂହା, ବୁର୍ଡା, ହୀରାପୁର, ବୁଢୀପଦର, ଯୋଗୀସର୍ଡ ଓ ବାଦିବାହାଲ ଆଦି ପଞ୍ଚାୟତ ପରିକ୍ରମା କରିଛି।

# ମାରୱାଡି ଯୁବାମଞ୍ଚ ପକ୍ଷରୁ କରୋନା ଯୋଦ୍ଧାଙ୍କୁ ସମ୍ମାନ

ନୂଆପଡା ଅଫିସ/ଖଡିଆଳ, ୨।୧୦ (ଡି.ଏନ.ଏ.)


ସଫେଇ କର୍ମଚାରୀଙ୍କୁ ସମ୍ମାନିତ କରାଯାଉଛି।

ନୂଆପଡା ଜିଲା ଖଡିଆଳ ଅଗ୍ରେସନ ଭବନଠାରେ ଶନିବାର ମାରୱାଡି ଯୁବା ମଞ୍ଚ ଖଡିଆଳ ଶାଖା ପକ୍ଷରୁ କରୋନା ମହାମାରୀ ସମୟରେ ନିଜର ଜୀବନକୁ ବାଜି ଲଗାଇ ସଫେଇ କାର୍ଯ୍ୟରେ ନିୟୋଜିତ ହୋଇଥିବା ୨୦ରୁ ଉର୍ଦ୍ଧ୍ୱ ସଫେଇ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଯୁବା ମଞ୍ଚର ସଭାପତି କୌଶିକ ସରାଫ ଅଧକ୍ଷତା କରିଥିଲେ। ଖଡିଆଳ ଏସଡିପିଓ ସନ୍ତକ ଜେନା ମୁଖ୍ୟ ଅତଥି ଓ ସମ୍ମାନିତ ଅତିଥି ଭାବେ ଖଡିଆଳ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ ଯୋଗଦେଇ ଥିଲେ। ଖଡିଆଳ ଏନଏସିରେ କାର୍ଯ୍ୟରତ ୨୦ରୁ ଉର୍ଦ୍ଧ୍ୱ ସଫେଇ କର୍ମଚାରୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରୁ ମାରୱାଡି ଯୁବା ମଞ୍ଚର ସମ୍ପାଦକ ମନିଷ ବଂଶଲ, କୋଷାଧ୍ୟକ୍ଷ ବିକାଶ ତାୟଲ, ସଂଯୋଜକ ବିକାଶ ଅଗ୍ରୱାଲଙ୍କ ସମେତ ନବଜ୍ୟୋତି ମହିଳା ମୋର୍ଚ୍ଚାର ସଭାନେତ୍ରୀ ସୀମା ଗୁପ୍ତା ଓ ସମ୍ପାଦିକା ପୁଷ୍ପା ଗୋୟଲ ପ୍ରମୁଖ ଉପସ୍ଥିତ ଥିଲେ।

# ତାଲୁକ ଆଇନ ସେବା ପ୍ରାଧିକରଣ ସଚେତନତା ପଦଯାତ୍ରା

ମୁରିବାହାଲ,୨।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ଜେଏମଏଫସି ତରଫରୁ ଶନିବାର ତାଲୁକ ଆଇନ ସେବା ପ୍ରାଧିକରଣ ପାନ ଇଣ୍ଡିଆ ସଚେତନ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜେଏମଏଫସି କିଶୋର କୁମାର ନାଥଙ୍କ ନେତୃତ୍ୱରେ କୋର୍ଟ ପରିସରରୁ ମୁରିବାହାଲ ବସ୍ତି ପର୍ଯ୍ୟନ୍ତ ଏକ ସଚେତନତା ପଦଯାତ୍ରା ଯାଇଥିଲା। ଏଥିରେ ଆଇନ ସେବା କଣ, କେଉଁମାନେ ଆଇନ ସେବା ପାଇବା ଦରକାର, ମାଗଣା ଆଇନ ସେବା ଉପଦେଶ ପାଇଁ କେଉଁଠାକୁ ଯିବାକୁ ପଡିବ ସେସବୁ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓକିଲ ସୁଦାମ ଚରଣ ବଘାର, ଏପିପି ବିଶନାରାୟନ ବହିଦାର, କୁମାର ଚନ୍ଦ୍ର ଖମାରୀ, ପୋଲିସ ଏଏସଆଇ ପଦ୍ମନାଭ ରାଉତ, ଅମିତ କୁମାର, ସୁମିତ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।



ଜେଏମ୍ଏଫସି କୋର୍ଟ ପରିସରରୁ ବାହାରିଥିବା ସଚେତନତା ପଦଯାତ୍ରା।

# ଅଜଣା ବ୍ୟାଧିରେ ଛଟପଟ ଝସକେତନ

ଲୋଇସିଂହା,୨।୧୦(ଡି.ଏନ.ଏ)

- ଅର୍ଥାଭାବରୁ ହୋଇ ପାରୁନି ଚିକିତ୍ସା
- ପକ୍ଷାଘାତରେ ୬ମାସ ତଳେ ଆଖି ବୁଜିଥିଲେ ମା’


ପରିବାର ସହ ଝସକେତନ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ଅଗଲାପାଲି ଗାଁର ଝସକେତନ ଥାର୍ଟି(୪୦) । ସେ ଅଜଣା ରୋଗରେ ପୀଡିତ ଅଛନ୍ତି । ତାଙ୍କ ଗୋଡ ହାତ କିଛି କାମ କରୁନାହିଁ । ରାଶନ କାର୍ଡକୁ ବନ୍ଧା ପକାଇ ଚିକିତ୍ସିତ ହୋଇଥିଲେ । ହେଲେ କୌଣସି ସୁଫଳ ମିଳିଲାନି । ଅର୍ଥାଭାବରୁ ଏବେ ଚିକିତ୍ସିତ ହୋଇ ନ ପାରି ଭାଗ୍ୟକୁ ଆଦରି ଘରେ ଶଯ୍ୟାଶାୟୀ ଅଛନ୍ତି । ତାଙ୍କର ଏଭଳି ଅବସ୍ଥା ଦେଖି ସ୍ତ୍ରୀ ଓ ୩ ଝିଅ ଦୁଃଖରେ ଭାଙ୍ଗି ପଡିଛନ୍ତି। ଅପରପକ୍ଷେ ଝସକେତନଙ୍କ ମା’ହାଡ ପକ୍ଷାଘାତ ରୋଗରେ ପୀଡିତ ହୋଇ ଦୀର୍ଘବର୍ଷ ଧରି ମୃତ୍ୟୁ ସହ ସଂଘର୍ଷ କରିଥିଲେ । ଚିକିତ୍ସା ସୁବିଧା ଦୂରେ ଥାଉ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳିଲାନି । ପ୍ରଶାସନିକ ସହାୟତାକୁ ଚାହିଁ ଚାହିଁ ଗତ ୬ ମାସ ତଳେ ଆଖି ବୁଜି ଦେଇଥିଲେ ବୃଦ୍ଧା ହାଡ । ଥାର୍ଟି ପରିବାର ପ୍ରଶାସନିକ ଅଣଦେଖାର ଶିକାର ହୋଇଥିବା ଗ୍ରାମବାସୀ କହିଛନ୍ତି ।

ଅଗଲାପାଲି ଗ୍ରାମର ଅରକ୍ଷୀତ ଥାର୍ଟି ଓ ହାଡଙ୍କ ୩ ପୁଅ । ସେମାନଙ୍କ ମଧ୍ୟରେ ଝସକେତନ ବଡ । ସ୍ତ୍ରୀ ପ୍ରମିଳା, ୩ ଝିଅ ବଲ୍ଲଭୀ(୧୬), ପଲ୍ଲବୀ(୧୪) ଓ କବିତା(୧୦)ଙ୍କୁ ନେଇ ଝସକେତନଙ୍କ ପରିବାର । ମୂଲ ଲାଗି ସେ ପରିବାର ଚଳାଇବା ସହ ଝିଅମାନଙ୍କୁ ପାଠ ପଢାଉଥିଲେ । ହସଖୁସିରେ ପରିବାର ଚଳୁଥିଲା । ହେଲେ ବର୍ଷକ ତଳେ ସବୁ କିଛି ଓଲଟପାଲଟ ହୋଇଗଲା । ଝସକେତନଙ୍କୁ ଅଜଣା ବ୍ୟାଧି ଗ୍ରାସ କଲା । ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ଏପରି ଅବସ୍ଥା ପରେ ଦୁଇ ଓଳି ଖାଇବା କଷ୍ଟକର ହୋଇପଡିଲା । ସଞ୍ଚିତ ଟଙ୍କା ଓ ଧାର ଉଧାର କରି ବିଭିନ୍ନ ଡାକ୍ତରଖାନା ଯାଇ ଚିକିତ୍ସିତ ହୋଇଥିଲେ ହେଁ ସୁଫଳ ମିଳିଲା ନାହିଁ। ଏହି ପରିବାରକୁ ସରକାରୀ ସହାୟତା କହିଲେ ରାଶନ ସାମଗ୍ରୀ ମିଳୁଛି। ଆବାସ ଯୋଜନାରେ ଘର ଏ ଯାଏ ମିଳିନି। ସ୍ୱାମୀଙ୍କ ଔଷଧ ଖର୍ଚ୍ଚ ଉଠାଇବା ଓ ପରିବାର ଚଳାଇବା ପାଇଁ ପ୍ରମିଳା ଗାଁରେ କିଛି ମାସ ପାଇଁ ବରା ଓ ପକଡି ଛାଣି କରି ବିକ୍ରି କରିଥିଲେ। ହେଲେ ତାହା ମଧ ସେ ବେଶି ଦିନ କରି ପାରିଲେ ନାହିଁ। ଶେଷରେ ନିରୂପାୟ ହୋଇ ରାଶନ କାର୍ଡକୁ ବନ୍ଧକ ପକାଇଥିବା ପରିବାର ଲୋକେ କହିଛନ୍ତି। ଏହି ପରିବାରକୁ ନିକଟରେ ସରକାରଙ୍କ ନୂତନ ବିଜୁ ସ୍ୱାସ୍ଥ୍ୟ ଯୋଜନା କାର୍ଡ ମିଳିଛି। ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବଜ୍ରପାତରେ କୃଷି ଶ୍ରମିକ ମୃତ

ବରଗଡ଼ ଅଫିସ୍: ବଜ୍ରପାତ ଯୋଗୁ ଶନିବାର ବରଗଡ଼ ବ୍ଲକ କଲାପାଣି ଗ୍ରାମରେ ଜଣେ କୃଷି ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉକ୍ତ ଗ୍ରାମର ଏଗାର ଓରଫ ଗୌର ଭୁଏ(୪୦)। ଗୌର ଶ୍ରମିକ କ୍ଷେତକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୨ଟାରେ ସେ ଘରକୁ ଫେରିବା ବାଟରେ ପ୍ରବଳ ବର୍ଷା ସହିତ ବଜ୍ରପାତ ହୋଇଥିଲା । ଫଳରେ ସେ ଏକ କୃଷ୍ଣଚୂଡ଼ା ଗଛମୂଳରେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ କୃଷ୍ଣଚୂଡ଼ା ଗଛ ଦୁଇଫାଳ ହେବା ସହିତ କୃଷି ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା । ସ୍ଥାନୀୟ ଲୋକଙ୍କ ସହିତ ପୋଲିସ ଘଟଣାସ୍ଥଳକୁ ପହଞ୍ଚିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନା ପଠାଯାଇଛି । ମୃତ କୃଷି ଶ୍ରମିକ ଗୌର ପ୍ରାୟ ୬ ମାସ ତଳେ ବିବାହ କରିଥିବା ସୂଚନା ମିଳିଛି ।

## ସଂକ୍ଷେପରେ

### ଯୌତୁକ ପାଇଁ ନବବଧୂଙ୍କୁ ହତ୍ୟା ଅଭିଯୋଗ

**ଅମରପାଲି,୨।୧୦(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ଚମ୍ପାମାଳ ଗ୍ରାମରେ ଜଣେ ନବବଧୂଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗମତେ ଦେବଗଡ ସହର ହାତିସାଳ ସାହିର ସାବିତ୍ରୀ ମୁଖିଙ୍କ ଝିଅ ପ୍ରୀତି ବୀରମହାରାଜପୁର ଥାନା ଚମ୍ପାମାଳ ଗ୍ରାମରେ ସରୋଜ ଭୁକ୍ତାଙ୍କୁ ଦେଢବର୍ଷ ତଳେ ବିବାହ କରିଥିଲେ। ବିବାହ ପରଠାରୁ ବିଭିନ୍ନ ସମୟରେ ଅଧିକ ଯୌତୁକ ଦାବିକରି ମୃତାଙ୍କ ସ୍ୱାମୀ ସମେତ ପରିବାରର ଅନ୍ୟମାନେ ନିର୍ଯାତନା ଦେଉଥିଲେ। ଶନିବାର ସକାଳେ ଏହାକୁ ନେଇ ସେମାନେ ପ୍ରୀତିଙ୍କ ତଣ୍ଟିଚିପି ଦେଇଥିଲେ। ପ୍ରମାଣ ନଷ୍ଟପାଇଁ ପରିବାର ଲୋକେ ପ୍ରୀତି ଆତ୍ମହତ୍ୟା କରିଛି ବୋଲି ଖବର ଦେବାରୁ ମୃତାଙ୍କ ମା ଆସି ଝିଅକୁ ସ୍ଥାନୀୟ ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ମା ପ୍ରୀତିଙ୍କ ସ୍ୱାମୀ, ଶାଶୁ ଓ ତାଙ୍କ ପରିବାରର ଅନ୍ୟ କେତେଜଣ ମିଶି ହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ମୃତଦେହ ଜବତ କରିଛି। ଏ ନେଇ ବୀରମହାରାଜପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗ ଆଧାରରେ ମୃତକଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖାଯାଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ବୀରମହାରାଜପୁର ଥାନା ଅଧିକାରୀ ଅଞ୍ଜଳି କୁମ୍ଭାର ପ୍ରକାଶ କରିଛନ୍ତି।

### କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟନ

**ବୌଦ୍ଧ,୨।୧୦(ସ୍ୱ.ପ୍ର.):** କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନଫରେନ୍ସ ଜରିଆରେ ଶନିବାର ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟନ ହୋଇଯାଇଛି । କେନ୍ଦ୍ରମନ୍ତ୍ରୀ ପ୍ରଧାନ ପେଟ୍ରୋଲିୟମ ବିଭାଗ ମନ୍ତ୍ରୀ ଥିବା ବେଳେ କେନ୍ଦ୍ର ସରକାରଙ୍କ ସିଏସଆର ଫଣ୍ଡରୁ ଏହି ନୂତନ କୋଠା ନିର୍ମାଣ ପାଇଁ ଏକ କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷା ବିକାଶ ସମିତିର ଯୁଗ୍ମ ସଂପାଦକ ଖଗେଶ୍ୱର ଦାସ, ବୌଦ୍ଧ ଜଳ ଯୋଗାଣର କନିଷ୍ଠ ଯନ୍ତ୍ରୀ କ୍ଷୀରୋଦ ସାହୁ, ଶିକ୍ଷା ବିକାଶ ସମିତିର ଦକ୍ଷିଣ ପଶ୍ଚିମ ସମ୍ଭାଗର କୋଷାଧ୍ୟକ୍ଷ ଦୟାନନ୍ଦ ପଣ୍ଡା, ବିଦ୍ୟାଳୟର ପୂର୍ବତନ ଛାତ୍ର କେତନ ଅଗୱାଲା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସାର ପ୍ରଧାନ,ସଂପାଦକ ରାଜ କିଶୋର ମହାରଣା, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡା ଉପସ୍ଥିତ ଥିଲେ ।

### ଶେଷ ବର୍ଷ ଓଡ଼ିଆ ସମ୍ମାନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ସୋନପୁର,୨।୧୦(ନି.ପ୍ର.):** ସୋନପୁର କଲେଜ ଓଡିଆ ବିଭାଗ ତରଫରୁ ଶେଷବର୍ଷ ଓଡିଆ ସମ୍ମାନ ଛାତ୍ରୀଛାତ୍ରଙ୍କ ପାଇଁ ସମ୍ବର୍ଦ୍ଧନା ସଭା କଲେଜ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ଡ. ସୌରଭ ରଞ୍ଜନ ଖମାରୀ ସଭାରେ ଅଧକ୍ଷତା କରିଥିଲେ। କୃପାସିନ୍ଧୁ ବେହେରା, ସୁଶିଲ ପଣ୍ଡା, ଆଲୋକ ମାଝୀ, ନନ୍ଦିତା ପ୍ରଧାନ, ବର୍ଷା ଲୁହା, ପାୟଲ ଚାଉଳିଆ ଓ ଜ୍ୟୋତିର୍ମୟୀ ବାରିକ ପ୍ରମୁଖ ଛାତ୍ରୀଛାତ୍ର ବିଦାୟ ସମ୍ବର୍ଦ୍ଧନା ଅବସରରେ ସ୍ମୃତିଚାରଣ କରିଥିଲେ । ଖୁସୁବୁ ପ୍ରଧାନ, ରାଜେଶ୍ୱରୀ ନାଏକ ଓ ପ୍ରଜ୍ଞା ସାହୁ ବିଦାୟ ସଙ୍ଗୀତ ଗାନ କରିଥିଲେ । ଭିନ୍ନକ୍ଷମ ଛାତ୍ର ସରୋଜ ତରିଆଙ୍କ ସଙ୍ଗୀତ ସମସ୍ତଙ୍କୁ ଅଭିଭୂତ କରିଥିଲା । ଚଳିତ ବର୍ଷ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡିଆ ସମ୍ମାନ ସ୍ନାତକରେ ନବମ ସ୍ଥାନ ହାସଲ କରିଥିବା ଛାତ୍ରୀ ଜ୍ୟୋତିର୍ମୟୀ ବାରିକଙ୍କୁ ବିଭାଗ ତରଫରୁ ଟ୍ରଫି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରା ଯାଇଥିଲା। ଏହି ସଭାରେ ଅଧାପିକ ଡ. ଇତିଶ୍ରୀ ଦାସ, ରାଜଲତା ଅଧିକାରୀ, ନୀଳିମା ପ୍ରଧାନ, ଅଧାପକ ସରୋଜ ଜଗଦଲା, ମୀନକେତନ କୁମ୍ଭାର ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଛାତ୍ରୀ ଶେଫାଳି ମହାକୁର, ସୁନନ୍ଦା ନାଏକ, ଗୀତାରାଣୀ ମୁଣ୍ଡା, ଛାତ୍ର ସତ୍ୟ ନାରାୟଣ ସେଠୀ ଓ ଚନ୍ଦନ ମେହେର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

# ଗାନ୍ଧିଜୀ, ଶାସ୍ତ୍ରିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ବରଗଡ଼ ଅଫିସ୍,୨।୧୦

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଶନିବାର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଗାନ୍ଧୀଛକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସ୍‌ପି ରାହୁଲ ଜୈନ ଏବଂ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ଅତିଥି ଭାବେ ଯୋଗଦେଇ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଯୋଗ ଦେଇଥିଲେ। ହିନ୍ଦୁ ଧର୍ମଗୁରୁ ପଣ୍ଡିତ ଦେବରାଜ ଦାଶ, ମୁସଲିମ ସମ୍ପ୍ରଦାୟରୁ ମୌଲବୀ ସାହେବ, ଶିଖ ସମ୍ପ୍ରଦାୟରୁ ଜ୍ଞାନୀ ଗୁରୁମୁଖ ସିଂ, ଇସାଇ ସମ୍ପ୍ରଦାୟରୁ ଫାଦର ଅନୁରଞ୍ଜନ ସର୍ବଧର୍ମ ସଭାରେ ଯୋଗଦେଇ ପ୍ରାର୍ଥନା ସହିତ ମହାତ୍ମାଗାନ୍ଧୀଙ୍କ ସତ୍ୟ, ଅହିଂସାର ବାର୍ତ୍ତା ପ୍ରଦାନ କରିଥିଲେ। ଗ୍ରେସି ସିଂ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଉପଲକ୍ଷେ ପ୍ରାତଃ ୫ଟାରୁ ଡାକବାଜି ଯନ୍ତ୍ର ଯୋଗେ ରାମଧୂନ ପ୍ରଚାର କରାଯାଇଥିଲା। ସକାଳ ୬ଟାରେ ନନ୍ଦିନୀପୁର, ଭେଡ଼େନ ଏବଂ ଧାଙ୍ଗେର ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ରାମଧୂନ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ରାଣାପ୍ରତାପ ହାଇସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ସୁଦୀପ କୁମାର ରଥ ଅଧ୍ୟକ୍ଷତା କରିଥିଲେ। ଶିକ୍ଷୟିତ୍ରୀ ସୁନୀତା ମିଶ୍ର, ତପସ୍ୱିନୀ ତ୍ରିପାଠୀ ପ୍ରମୁଖ ଗାନ୍ଧୀ ବିଚାର ଉପସ୍ଥାପନ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ବରଗଡ଼ ବିଜେଡି ଏବଂ ଓଡ଼ିଶା ମୋ ପରିବାର ପକ୍ଷରୁ ସ୍ଥାନୀୟ ଆନନ୍ଦ ଭବନରେ ମଧ୍ୟ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ପାଳନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୩୪ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବିଧାୟକ ଦେବେଶ ଆଚାର୍ଯ୍ୟ ଶିବିରକୁ ଉଦଘାଟନ କରିଥିଲେ। ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ପ୍ରଧାନଶିକ୍ଷକ କରନ ସାହୁ ଗାନ୍ଧୀ, ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସୁମନ ସାୱଡ଼ିଆ, ଉପାଧ୍ୟକ୍ଷ ରୋଶନ ସାୱଡ଼ିଆ, ନିର୍ଦ୍ଦେଶକ ଅଜିତ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଅନୁଷ୍ଠିତ ସମାରୋହରେ ସ୍କୁଲ ପରିଚାଳନା କମିଟି ସଭାପତି ଡା. ଜୟଦେବ ସାହୁ ଅଧ୍ୟକ୍ଷତା କରିଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଗୌରଚନ୍ଦ୍ର ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।


ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ପାଳନ ଅବସରରେ ବରଗଡ଼ ସହରରେ ରାମଧୂନ ଶୋଭାଯାତ୍ରା ।

## ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

**ପଦ୍ମପୁର,(ଡି.ଏନ.ଏ.):** ପଦ୍ମପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ କାଳୀଚରଣ ଦୁବେଙ୍କ ସଭାପତିତ୍ୱରେ ଶନିବାର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟ ପରିସର ମଧ୍ୟରେ ଥିବା ମହାତ୍ମାଗାନ୍ଧୀ, ଲାଲ ବାହାଦୂର ଶାସ୍ତ୍ରୀ ଏବଂ ଭାରତର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ସୁରେନ୍ଦ୍ର କୁମାର ଭୋଇ ସ୍ୱାଗତ ଭାଷଣ ଏବଂ ଶିକ୍ଷୟିତ୍ରୀ ମିନତୀ ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷକ ପ୍ରେମାନନ୍ଦ ବେହେରା ସ୍ୱରଚିତ କବିତା ଆବୃତ୍ତି ମାଧ୍ୟମରେ ଛାତ୍ରୀମାନଙ୍କୁ ସତ୍‌ପଥରେ ଅଗ୍ରସର ହେବାକୁ ଉଦ୍‌ବୋଧନ ଦେଇଥିଲେ। ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ସାହୁ, ନୀଳିମାରାଣୀ ମହାନ୍ତି, ପ୍ରଭାତୀ ପଟ୍ଟନାୟକ, ବାସନ୍ତୀ ସାହୁ, ଶିକ୍ଷକ ଚିନ୍ତାମଣି ସାହୁ, ଚୌଧୁରୀ ଜୀବନାନନ୍ଦ ସାହୁ, ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ, ସୁରେଶ ଚନ୍ଦ୍ର ଚୌହାନ ଓ ଦିପ୍ତୀରଞ୍ଜନ ମଲ୍ଲିକ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶିକ୍ଷା କର୍ମଚାରୀ ସୁଷମା ଦାଶ, ଦୁଷ୍ମନ୍ତ ଛତର, ନନ୍ଦିନୀ ବାଗ ଓ କମଳା କୁମ୍ଭାର ସହଯୋଗ କରିଥିଲେ। ପ୍ରେମାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ୱାଇସିଡିଏ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ

ବାଉଁଶୁଣୀ,୨।୧୦(ଡି.ଏନ.ଏ)

ବୌଦ୍ଧ ବ୍ଲକ ବାଉଁଶୁଣୀ ୱାଇସିଡିଏ ଆନୁକୂଲ୍ୟରେ ଶନିବାର ଗାନ୍ଧୀ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଥମେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ରାଜୀବ ନାଏକ ଯୋଗଦେଇ ଗାନ୍ଧିଜୀଙ୍କ ସ୍ୱପ୍ନ ତଥା କିଭଳି ଭାବେ ପ୍ରତ୍ୟେକ ଯୁବବର୍ଗଙ୍କୁ ତାଲିମ ଦିଆଯାଇ ଆତ୍ମ ନିର୍ଭରଶୀଳ କରାଯାଇପାରିବ ତାହା ଉପରେ ଆଲୋକପାତ କରିଥିଲେ। ଏଥିରେ କରୁଣାକର ଘଣ୍ଟୁଆଳ, ମହେଶ୍ୱର ମେହେର ଯୋଗଦେଇ ଗାନ୍ଧୀଙ୍କ ଦେଶଭକ୍ତି, ଆଦର୍ଶ ଓ କାର୍ଯ୍ୟକଳାପ ଉପରେ ଅଭିଭାଷଣ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦକ୍ଷତା ବୃଦ୍ଧି ତାଲିମଦାତା, ଯୁବବର୍ଗ ଓ ୱାଇସିଡିଏର କର୍ମକର୍ତ୍ତାମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏଥିସହିତ ୱାଇସିଡିଏ ର ବୋଡ ମେମ୍ବର ସଦାନନ୍ଦ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଶେଷରେ ଜନ ଶିକ୍ଷଣ ସଂସ୍ଥାନର ପରିଚାଳକ ଅରୁଣ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଗାନ୍ଧୀଙ୍କ ଆଦର୍ଶ ଏବେ ବି ସମଗ୍ର ବିଶ୍ୱ ପାଇଁ ପ୍ରଯୁଜ୍ୟ

ସୋନପୁର,୨।୧୦(ନି.ପ୍ର.)

ଜିଲା ସଦର ମହକୁମା ଗାନ୍ଧୀ ଷ୍ଟାଡିୟମଠାରେ ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ କୋଭିଡ୍ କଟକଣା ମଧ୍ୟରେ ଶନିବାର ପାଳିତ ହୋଇଯାଇଛି। ଜାତିର ଜନକ ମହାତ୍ମାଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ପୂଣ୍ୟ ଜନ୍ମତିଥି ଅବସରରେ ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ସହରରେ ରାମଧୂନ ପ୍ରଚାର କରାଯାଇଥିଲା। ସେହିପରି ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କୀର୍ତ୍ତନ ଦଳ ମାଧ୍ୟମରେ ସହରରେ ରାମଧୂନ ପରିବେଷଣ ହୋଇଥିଲା। ସକାଳେ ପ୍ରଶାସନିକ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଗାନ୍ଧୀ ଷ୍ଟାଡିୟମ ପରିସରରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀ ଓ ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସକାଳ ସାଢେ ୭ଟାରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ଏକ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଅବୋଲି ସୁନିଲ ନରୱଣେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଗାନ୍ଧୀଜୀଙ୍କ ଆଦର୍ଶ ଏବେ ବି ସମଗ୍ର ବିଶ୍ୱ ପାଇଁ ପ୍ରଯୁଜ୍ୟ ଓ ଶାସ୍ତ୍ରୀଙ୍କ ଜୟ ଜବାନ-ଜୟ କିଷାନ ନାରା ଦେଶରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା ବୋଲି ଜିଲାପାଳ କହିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ସୀତାରାମ ଶତପଥୀ, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ନିଶି ପୁନମ ମିଞ୍ଜ, ପିଡି ଡିଆରଡିଏ ଡୋଲାମଣି ପଟେଲ, ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର ଓ ଜିଲା ସଂସ୍କୃତି ଅଧିକାରୀ ଡ. ଇପ୍ସିତା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିଦ୍ୟାପତି ପଣ୍ଡା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ପ୍ରାର୍ଥନା ସଭାରେ ପଣ୍ଡିତ ଲକ୍ଷ୍ମୀନାରାୟଣ ପୂଝାରୀ ପବିତ୍ର ଧର୍ମଗ୍ରନ୍ଥ ଗୀତା, ଜନାବ ମହମ୍ମଦ ରଫିକ କୋରାନ ଓ ଫାଷ୍ଟର ପ୍ରଭାତ ଦିଗାଲ ବାଇବେଲ ପାଠ କରିଥିଲେ। ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


ସର୍ବଧର୍ମ ପ୍ରାର୍ଥନା ସଭାରେ ଜିଲାପାଳ, ଏସ୍‌ପିଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ ଧର୍ମର ପ୍ରତିନିଧି।

## ଛାତ୍ରୀଛାତ୍ରଙ୍କ କ୍ୟାରିୟର କାଉନସେଲିଂ



ଅନ୍ତର୍ଜାତୀୟ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ ଛାତ୍ରୀଛାତ୍ରଙ୍କ ପ୍ରଶ୍ନର ଉତ୍ତର ଦେଉଛନ୍ତି।

ସୋନପୁର,୨।୧୦(ନି.ପ୍ର.)

ସମଗ୍ର ଶିକ୍ଷା ଅଭିଯାନ ଓ ସୁବର୍ଣ୍ଣପୁର ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲା ଗ୍ରନ୍ଥାଗାରଠାରେ ଜିଲା ଶିକ୍ଷା ସେତୁ ଅଧୀନରେ ଜିଲାର ୫ଟି ରୂପାନ୍ତରୀକରଣ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ କ୍ୟାରିଅର କାଉନସେଲିଂ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଅବୋଲି ସୁନିଲ ନରୱଣେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ନୃତ୍ୟକୁ ମଧ୍ୟ ଜୀବନ ଜୀବିକା ଭାବେ ଗ୍ରହଣ କରାଯାଇପାରେ ବୋଲି ମତ ଦେଇଥିଲେ। ମୁଖ୍ୟବକ୍ତାଭାବେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ ଯୋଗଦାନ କରି କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ଛାତ୍ରୀଛାତ୍ର ନିଜର ଲକ୍ଷ୍ୟ ହାସଲ କରିପାରିବେ ବୋଲି କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମନର ପ୍ରଶ୍ନକୁ ସହଜ ଓ ସରଳ ଭାଷାରେ ଯୋଶୀ ବୁଝାଇଥିଲେ। ଜିଲା ସଂସ୍କୃତି ଅଧିକାରୀ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ସହକାରୀ ଜିଲାପାଳ ଅଭିଳାଷ ପୁରୋହିତ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡତିଆ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ହିମାଂଶୁ ଭୂଷଣ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଉଲୁଣ୍ଡା ଗୋଷ୍ଠି ଶିକ୍ଷା ଅଧିକାରୀ ରାଜେନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମଗ୍ର ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ ବୃନ୍ଦ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଗାନ୍ଧୀଛକରେ ମୌନ ଧାରଣା

### ପୋଲିସ ହେପାଜତରେ ମୃତ୍ୟୁ ଘଟଣା

ବରଗଡ଼ ଅଫିସ୍,୨।୧୦

ପୋଲିସ ହେପାଜତରେ ଥିବାବେଳେ ବରଗଡ଼ ସହର ଉପକଣ୍ଠ ତୋରା ତଳିପଡ଼ାର ଯୁବକ ଗୋବିନ୍ଦ କୁମ୍ଭାରଙ୍କ ମୃତ୍ୟୁ ଘଟଣାରେ ଶନିବାର ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ବରଗଡ଼ ଗାନ୍ଧୀଛକରେ ମୌନ ଧାରଣା ଦିଆଯାଇଥିଲା। ଉକ୍ତ ଘଟଣାର ସିବିଆଇ ତଦନ୍ତ, ମୃତକଙ୍କ ପରିବାର ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ, ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ମୃତକଙ୍କ ସ୍ତ୍ରୀଙ୍କୁ ସରକାରୀ ଚାକିରି ଦେବାକୁ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ଦାବି କରିଛି। ଅନୁସୂଚିତ ଜାତି ମୋର୍ଚ୍ଚାର ଜିଲା ସଭାପତି ଶାନ୍ତନୁ ନାଏକଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଈଶ୍ୱର ବାଗ, ସୁରେଶ୍ୱର ଶତପଥି, ମିଳନ ସେଠ, ରବି ନାରାୟଣ ଦାଶ, ଅଶୋକ ପଣ୍ଡା, ଅକ୍ରୂର ମଲ୍ଲିକ, କୁଶ କୁମ୍ଭାର, ଉର୍କୁଲୁ ତାଣ୍ଡି, ପରୀକ୍ଷିତ ଛତର, ଅମିତ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ ।

## ନ୍ୟାୟ ପାଇଁ ପୀଡ଼ିତ ବ୍ୟକ୍ତି ଏସ୍‌ପିଙ୍କ ଦ୍ୱାରସ୍ଥ

ବାଉଁଶୁଣୀ,୨।୧୦(ଡି.ଏନ.ଏ.)

### ଥାନାକୁ ଡ଼ାକି ଚପଲ ମାଡ଼ ଘଟଣା

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅଧିକାରୀ ଜାମିନରେ ଆସିଥିବା ଜଣେ ବ୍ୟକ୍ତିଙ୍କୁ ପ୍ରତିପକ୍ଷ ମହିଳାଙ୍କ ଦ୍ୱାରା ଥାନା ମଧ୍ୟରେ ଚପଲରେ ମାଡ ମରାଇବା ଭଳି ପୁରୁଣା ଘଟଣା ଶୁକ୍ରବାର ଲୋକଲୋଚନକୁ ଆସିଛି। ଏ ନେଇ ପୀଡିତ ବ୍ୟକ୍ତି ଜଣକ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବାଉଁଶୁଣୀ ଥାନା ଅଁଳାପାଲି ଗ୍ରାମ ପଞ୍ଚାୟତ ସାହୁପଡା ଗ୍ରାମର ରବୀନ୍ଦ୍ର ପୃଷ୍ଟିଙ୍କ ପରିବାର ନାମରେ ଘରବାରି ଜମି ବିବାଦକୁ ନେଇ ଜଣେ ମହିଳା ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ରବୀନ୍ଦ୍ର ଓ ସ୍ୱାଧୀନ ପୃଷ୍ଟିଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଉଭୟେ କିଛି ଦିନ ବିଚାର ବିଭାଗୀୟ ହାଜତରେ ରହି ଅଦାଲତରୁ ଜାମିନରେ ଆସିଥିଲେ। ସେମାନେ ଜାମିନରେ ଆସିବା ପରେ ବାଉଁଶୁଣି ଥାନା ଅଧିକାରୀ ସୁବାଷ ରାୟଗୁରୁ ଗତ ଜୁନ ୬ ତାରିଖ ସନ୍ଧ୍ୟାରେ ରବୀନ୍ଦ୍ରଙ୍କୁ ଥାନାକୁ ଡକାଇ ମାଡ ମାରିଥିଲେ। ଏପିରି କି ଜମିବାଡି ବିବାଦକୁ ନେଇ ଥାନାର ଦ୍ୱାରସ୍ଥ ହୋଇଥିବା ମହିଳାଙ୍କୁ ଡକାଇ ରବୀନ୍ଦ୍ରଙ୍କୁ ଚପଲରେ ମାଡ ମରାଇଥିଲେ ବୋଲି ଅଭିଯୋଗ ହୋଇଛି। ମହିଳା ଜଣକ ମଧ ରବୀନ୍ଦ୍ରଙ୍କୁ ଚପଲରେ ପିଟିଥିବା ନେଇ ସେ ଲିଖିତ ଭାବେ ଆରକ୍ଷୀ ଅଧୀକ୍ଷକଙ୍କ ଅନୁପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନଙ୍କ ପରିବାର ଗତ ୫ ମାସ ଧରି ଭୟ, ଆଶଙ୍କା ଓ ମାନସିକ ଚାପରେ କାଳାତିପାତ କରୁଥିବା ରବୀନ୍ଦ୍ର ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ ପ୍ରକାଶ କରିଛନ୍ତି । ଏହାର ନିରପେକ୍ଷ ତଦନ୍ତ ହୋଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପୀଡିତଙ୍କୁ ଆଶ୍ୱାସନା ଦେଇଥିବା ସୂଚନା ମିଳିଛି ।

## ଲୋକକଳା ଗ୍ରାମ ନାରାୟଣନଗର ତୃତୀୟ ବାର୍ଷିକୀ ମହୋତ୍ସବ

ବୌଦ୍ଧ,୨।୧୦(ସ୍ୱ.ପ୍ର.)

ବୌଦ୍ଧ ଜିଲାର ଲୋକକଳା ଗ୍ରାମ ନାରାୟଣନଗରର ତୃତୀୟ ବାର୍ଷିକୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ୍ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ, ଜିଲା କଳା ସାଂସ୍କୃତିକ ସଂଘ ଉପସଭାପତି ଦିବ୍ୟଶଙ୍କର ରାଉତ, ବୌଦ୍ଧ ବ୍ଲକ କଳା ସାଂସ୍କୃତିକ ସଂଘ ଉପ-ସଭାପତି ସ୍ୱାଧୀନ କୁମାର ପରିଡା, ବାଞ୍ଛାନିଧି ପ୍ରଧାନ ଓ ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ରୀତାକାନ୍ତି ବଳିୟାରସିଂହ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧାପକ ବାସୁଦେବ ପାତ୍ର ଯୋଗ ଦେଇଥିଲେ। ବୌଦ୍ଧ ବିଡିଓ ଦେବୀପ୍ରସାଦ ଦାଶଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରମୋଦ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ଲକ୍ଷ୍ମୀପ୍ରସାଦ ସରପଞ୍ଚ ରାଜେନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ପାଲାଗାୟକ ବାଞ୍ଛାନିଧି ପ୍ରଧାନ ଲୋକ ଗୀତ ଗାନ କରିଥିଲେ । ଶ୍ରୀ ରାମଲୀଳା ସାଂସ୍କୃତିକ ପରିଷଦ, ନାରାୟଣନଗର ପକ୍ଷରୁ (ରାମ ବନବାସ), ଷଣ୍ଢେଶ୍ୱର ବାବା ଦଣ୍ଡ ଦଳ ପକ୍ଷରୁ ଝାଲିଆ ଶବର ଓ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା ।

## ଉପଯୋଗୀ ହୋଇଛି ଶିକ୍ଷାସେତୁ କାର୍ଯ୍ୟକ୍ରମ

ଅମରପାଲି,୨।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର କ୍ଲଷ୍ଟରର ଅମରପାଲି ସରକାରୀ ୟୁପି ସ୍କୁଲରେ ଶନିବାର ଶିକ୍ଷାସେତୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏବିଇଓ ଚମ୍ପେଶ୍ୱର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାର ମୁଖ୍ୟ ଅତିଥି ଏବଂ ଏବିଇଓ ଲକ୍ଷ୍ମଣ ରଥ, ସିଆରସିସି ପ୍ରଦୀପ ଜଗଦଲା, ପ୍ରଧାନଶିକ୍ଷକ ଦୁଃଖିଶ୍ୟାମ ଭୋଇ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। କରୋନା ଯୋଗୁଁ ଦୀର୍ଘଦିନ ଧରି ସ୍କୁଲ ବନ୍ଦ ରହିଥିବା ବେଳେ ଶିକ୍ଷାସେତୁ ଛାତ୍ରୀଛାତ୍ରଙ୍କ ପାଠପଢା ସମସ୍ୟା ଦୂର ହୋଇପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ତପକିରଣ ସାହୁ ସଭା ସଂଯୋଜନା କରିଥିବା ବେଳେ ପ୍ରାଣବନ୍ଧୁ ସାହୁ ଅତିଥି ପରିଚୟ ପ୍ରଦାନ, ପ୍ରଧାନଶିକ୍ଷକ ଦୁଃଖିଶ୍ୟାମ ଭୋଇ ବିବରଣୀ ପଠନ କରିଥିଲେ। ବହଳପଦର ସମିତି ସଭ୍ୟ ତଥା ମୋ ସ୍କୁଲ କମିଟି ସଭାପତି ପୀତାମ୍ବର ସାହୁ ଓ ଅଭିଭାବକ ସୁରେଶ ବିଶି, ଛାତ୍ର ପ୍ରତିନିଧି ମୁସ୍କାନ ପଧାନ, କୁଳଦୀପ ପଧାନ ଓ ଆରାଧ୍ୟା ଅନୁଭା ସାହୁ ଶିକ୍ଷାସେତୁ ଉପରେ ମତ ପ୍ରଦାନ କରିଥିଲେ। ଏହି ଅବସରରେ ମୋ ସ୍କୁଲ ଯୋଜନାକୁ ପୁରାତନ ଛାତ୍ରୀଛାତ୍ରମାନେ ଏକ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟି ଦେଇ ସ୍କୁଲରେ ଲଗାଯାଇ ଥିବା ସିସିଟିଭିକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ।



ମୋ ସ୍କୁଲ ଯୋଜନାକୁ ୧ଲକ୍ଷ ଟଙ୍କାର ଚେକ ପ୍ରଦାନ କରାଯାଉଛି।

### ଅମରପାଲି ୟୁପି ସ୍କୁଲରେ ଅଭିଭାବକ-ଶିକ୍ଷକ ସମ୍ମିଳନୀ

## ଆଇନ ସଚେତନତା ଶୋଭାଯାତ୍ରା

ଅମରପାଲି,୨।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ଆଇନ ସଚେତନତା ଶିବିର ଓ ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସବଜଜ ମୋନାଲିସା ପଟ୍ଟନାୟକ, ଏସ୍‌ଡିଜେଏମ ସଂଘମିତ୍ରା ବିଶ୍ୱାଳ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ସନ୍ତୋଷ ଚାନ୍ଦ, ଯୁଧିଷ୍ଠିର ସାହୁ, ଚିତ୍ତରଞ୍ଜନ ସେଠୀ ଉପସ୍ଥିତ ରହି ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହାପରେ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ହାତରେ ବ୍ୟାନର ଓ ବିଭିନ୍ନ ଆଇନ ସଚେତନ ବାର୍ତ୍ତା ଥିବା ପ୍ଲା କାର୍ଡ ଧରି ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିରେ କୋର୍ଟ କର୍ମକର୍ତ୍ତା, ତାଲୁକ ଆଇନ ସେବା କମିଟି ସଦସ୍ୟ ଓ ପିଏଲଭିପି ସଦସ୍ୟ ସାମିଲ ଥିଲେ।



## ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀରେ ବକ୍ତୃତା ପ୍ରତିଯୋଗିତା

**ବଲାଙ୍ଗୀର ଅଫିସ:** ବଲାଙ୍ଗୀର ଆଇନ ମହାବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୀବନ ଦର୍ଶନର ଆବଶ୍ୟକତା ରହିଛି ବୋଲି କହିଥିଲେ। ଗିରୀଶ ଚନ୍ଦ୍ର ହୋତା, ବ୍ୟାସଦେବ ନନ୍ଦ ଓ ଅଖିଳ ହୋତା ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ ବିଚାରକଭାବେ ଯୋଗଦେଇଥିଲେ। ଉଭୟ ଇଂଲିଶ ଓ ଓଡିଆ ଭାଷାରେ ବକ୍ତୃତ୍ୱ ପ୍ରତିଯୋଗିତା କରାଯାଇଥିଲା। ଇଂଲିଶ ବକ୍ତୃତାରେ ଅମିତ କୁମାର ଦାଶ ପ୍ରଥମ, ଶୀଳ୍ପା ଶର୍ମା ଦ୍ୱିତୀୟ ଓ ଶୁଭଶ୍ରୀ ପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରେ ଓଡିଆ ଭାଷାରେ ନୀତିଶ ପ୍ରଧାନ ପ୍ରଥମ, ଅନୁଷ୍କା ରାଉତ ଦ୍ୱିତୀୟ ଓ ଖୁସବୁ ଦାଶ ତୃତୀୟ ସ୍ଥାନ ଗ୍ରହଣ କରିଥିଲେ।

**ସଂକ୍ଷେପରେ**

## ଅଇଁଲାଚୁଆଁ-ଆଟଗାଁ ରାସ୍ତା ଭିତ୍ତିପ୍ରସ୍ତର ସ୍ଥାପନ

**ବଲାଙ୍ଗୀର ଅଫିସ, ୨।୧୦:** ବଲାଙ୍ଗୀର ସଦର ବ୍ଲକ ବରକାନି ପଞ୍ଚାୟତ ଅନ୍ତର୍ଗତ ଅଇଁଲାଚୁଆଁ ଓ ଆଟଗାଁ ପୂର୍ତ୍ତ ବିଭାଗ ରାସ୍ତାର ଶିଳାନ୍ୟାସ କରିଛନ୍ତି ବିଧାୟକ ନରସିଂହ ମିଶ୍ର। ବିଧାୟକ ପାଣ୍ଠିରୁ ୬ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନିର୍ମାଣ ହେବ। ଗ୍ରାମବାସୀଙ୍କ ଦାବି ମୁତାବକ ଏହି ରାସ୍ତା ପାଇଁ ଆହୁରି ଅଧିକ ଅର୍ଥ ଯଦି ଦରକାର ହେବ ତାହାର ମଧ ଅଟକଳ ପ୍ରସ୍ତୁତ କରିବାକୁ ଉପସ୍ଥିତ କନିଷ୍ଠ ଯନ୍ତ୍ରୀଙ୍କୁ ବିଧାୟକ ଏହି ଅବସରରେ କହିଥିଲେ। ଗ୍ରାମବାସୀଙ୍କ ସହ ଆଲୋଚନା ବେଳେ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ଅନୁଦାନ ଓ ଗାଁରେ ଥିବା ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଭତ୍ତା ଓ ବାସଗୃହ ଯୋଗାଇଦେବା ପାଇଁ ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ଉପସ୍ଥିତ ଏବିଡିଓ ରାମଦତ୍ତ ଭୋଇଙ୍କୁ ବିଧାୟକ ମିଶ୍ର ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷା ଯଶୋବନ୍ତି ବଘାର, ଖୁଜେନପାଲି ସରପଞ୍ଚ ସତ୍ୟବାନ ସାହୁ, ବିଧାୟକଙ୍କ ଶିକ୍ଷାବିଭାଗ ପ୍ରତିନିଧି ବାମଦେବ ମିଶ୍ର, ବ୍ଲକ ପ୍ରତିନିଧି କିଶୋର କୁମାର ସିଂନିନା, ବ୍ଲକ କନିଷ୍ଠ ଯନ୍ତ୍ରୀ ଇଂ. ସାହୁ, ବ୍ଲକ ଉପଶିକ୍ଷାଧିକାରୀ କୈଳାସ କୁମ୍ଭାର, ଯୁବନେତା ସନ୍ତକ ବହିଦାର, ସ୍କୁଲ ଶିକ୍ଷକ ଶିକ୍ଷୟତ୍ରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଥୃପାଖୋଲ ପର୍ଯ୍ୟଟନସ୍ଥଳୀର ବିକାଶ ଚିନ୍ତା

**ନୂଆପଡ଼ା ଅଫିସ, ୨।୧୦**

ନୂଆପଡା ଜିଲା ସିନାପାଲି ବ୍ଲକରେ ଥିବା ଥୃପାଖୋଲ ଜଳପ୍ରପାତକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳିଛି। ହେଲେ ଭିତ୍ତିଭୂମିର ବିକାଶ ହେଉନାହିଁ। ଏହି ପର୍ଯ୍ୟଟନ ସ୍ଥଳୀର ବିକାଶ ଉପରେ ସରକାର ଆନ୍ତରିକତା ଦେଖାଉ ନାହାନ୍ତି। ଫଳରେ ଏହି ପର୍ଯ୍ୟଟନ ସ୍ଥଳୀ ଅବ୍ୟବସ୍ଥା ଘେରରେ ପଡିରହିଛି। ବଣପାହାଡ ଘେରା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଥୃପାଖୋଲ ଜଳପ୍ରପାତକୁ ଗଲେ ପର୍ଯ୍ୟଟକ ବିମୋହିତ ହୋଇ ଯାଆନ୍ତି। ସେଠାକାର ପରିବେଶ, ପଶୁପକ୍ଷୀଙ୍କ ସ୍ୱର, ସୌନ୍ଦର୍ଯ୍ୟରାଜି ବେଶ ଆକର୍ଷଣୀୟ। ବଣ ପାହାଡରେ ଭରପୁର ଥିବା ଥୃପାଖୋଲକୁ ଯିବା ପାଇଁ ଆଜି ପର୍ଯ୍ୟନ୍ତ ରାସ୍ତା ମଧ୍ୟ ହୋଇପାରିନାହିଁ। ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ରହିବା ବ୍ୟବସ୍ଥା ନ ଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହି ସବୁ ସମସ୍ୟାକୁ ନେଇ ସିନାପାଲି ୟୁଥ କ୍ଲବର ସଭାପତି ସୁରଜ ମେହେରଙ୍କ ନେତୃତ୍ୱରେ ଯୁବକମାନେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ଭୁବନେଶ୍ୱରସ୍ଥିତ ବାସଭବନରେ ସାକ୍ଷାତକରି ଶନିବାର ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ନୂଆପଡା ଜିଲା ବିଜେଡି ସଭାପତି ମନୋଜ କୁମାର ମିଶ୍ର, ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ଗରୁଡଦ୍ୱଜ ବେହେରା, ବିରେନ୍ଦ୍ର ଖମାରୀ, ଦୈତାରୀ ମେହେର, ଗୋପିନାଥ ବେହେରା, ସଞ୍ଜୟ ସିଂ ମାଝି, ଠାକୁରାଣୀ ଆଜାଦ କ୍ଲବର ସଦସ୍ୟ ରାହୁଳ ରଣା, ଗୟାରାମ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଦାବିର ବିଚାରକରି ମନ୍ତ୍ରୀ ପାଣିଗ୍ରାହୀ ପର୍ଯ୍ୟଟନସ୍ଥଳୀର ବିକାଶ ଦିଗରେ ପଦକ୍ଷେପ ନେବା ସହିତ ଏହି ପର୍ଯ୍ୟଟନ ସ୍ଥଳୀକୁ ପରିଦର୍ଶନ କରି ରୂପରେଖ ପ୍ରସ୍ତୁତି କରାଯିବ ବୋଲି କହିଛନ୍ତି। ପର୍ଯ୍ୟଟନସ୍ଥଳର ବିକାଶ ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ବ୍ୟୟବରାଦ ଉପରେ ଆକଳନ କରି ଏକ ଖସଡା ପ୍ରସ୍ତୁତ କରାଯିବ ଓ କାର୍ଯ୍ୟ ଶୀଘ୍ର ଆରମ୍ଭ ହୋଇଯିବ ବୋଲି ପ୍ରତିଶୃତି ଦେଇଛନ୍ତି।

ପ୍ରାପ୍ତସୂଚନାରୁ ପ୍ରକାଶ ଯେ, ସିନାପାଲି ବ୍ଲକ ସଦର ମହକୁମାଠାରୁ ୧୫ କିଲୋମିଟର ଦୂରରେ ଥୃପାଖୋଲ ଜଳପ୍ରପାତ ଅବସ୍ଥିତ। ଘଞ୍ଚ ବଣ ଜଙ୍ଗଲ ରହିଥିବାବେଳେ ପ୍ରାକୃତିକ ପରିବେଶ ବହୁତ ମନୋରମ। ପଶୁ ପକ୍ଷୀଙ୍କ କୋଳାହଳ ମନ ମୁଗ୍ଧକର ହୋଇ ପର୍ଯ୍ୟଟକଙ୍କ ମନକୁ ମୋହି ନେଇଥାଏ। ଏଠାକୁ ବିଭିନ୍ନ ଅଞ୍ଚଳର ଲୋକେ ପ୍ରାକୃତିକ ପରିବେଶକୁ ଉପଭୋଗ କରିବା ପାଇଁ ଆସିଥାନ୍ତି। ଶୀତ ଋତୁରେ ଏଠାରେ ବହୁତ ଭିଡ ହୋଇଥାଏ। ସୀମାନ୍ତ ଛତିଶଗଡ଼ ଅଳ୍ପ ଦୂରରେ ଥିବାରୁ ସେହି ରାଜ୍ୟର ଲୋକେ ମଧ୍ୟ ଏଠାକୁ ଆସିଥାନ୍ତି। କଳାହାଣ୍ଡି, ନବରଙ୍ଗପୁର, ବଲାଙ୍ଗୀର, ବରଗଡ଼, ନୂଆପଡ଼ା ଜିଲା ସମେତ ଅଞ୍ଚଳର ଜନସାଧାରଣଙ୍କ ସମାଗମ ହୋଇଥାଏ। ଏହି ପର୍ଯ୍ୟଟନସ୍ଥଳୀର ବିକାଶ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳର ଯୁବ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଛି।


ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି

**ପର୍ଯ୍ୟଟନ ମନ୍ତ୍ରୀଙ୍କୁ ସ୍ମାରକପତ୍ର**

## ଯୁବକଙ୍କ ଦ୍ୱାରା ଗାଁ ସଫେଇ କାର୍ଯ୍ୟକ୍ରମ


ଗାଁ ଯୁବକମାନଙ୍କ ଦ୍ୱାରା ସଫେଇ କାର୍ଯ୍ୟ ଚାଲିଛି।

**ନୂଆପଡା ଅଫିସ,୨।୧୦**

କୋମନା ବ୍ଲକ ଅନ୍ତର୍ଗତ ମାନିଗୁଡା ପଞ୍ଚାୟତର ଗନିଆରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଫଟୋଚିତ୍ର ଉପରେ ପୁଷ୍ପମାଲ୍ୟ ଅର୍ପଣ କରି ଗାଁରେ ଏକ ସଭା ଆୟୋଜନ ହୋଇଥିଲା। ସଭାରେ ସର୍ବସମ୍ମତି କ୍ରମେ ଗାଁ ରାସ୍ତା, ସରକାରୀ, ବେସରକାରୀ ଅନୁଷ୍ଠାନ, ନଳକୂପ, ପୋଖରୀ ଇତ୍ୟାଦି ସ୍ଥାନରେ ଅଳିଆ ଆବର୍ଜନା ଭରି ରହିଥିବାରୁ ତାହାର ସ୍ୱଚ୍ଛତା ଆଣିବା ପାଇଁ ସ୍ୱଚ୍ଛ ଭାରତ ଅଭିଯାନର ନିଷ୍ପତି ନେଇଥିଲେ। ଗାଁର ରୋୟାଲ ଯୁବକ ସଂଘର ଯୁବକମାନେ ଗାଁରେ ଥିବା ନଳକୂପ, ଅଙ୍ଗନୱାଡି କେନ୍ଦ୍ର, ପ୍ରାଥମିକ ବିଦ୍ୟାଳୟ, ଗାଁ ରାସ୍ତା, ଗାଁ ପୋଖରୀ ଇତ୍ୟାଦି ସ୍ଥାନକୁ ଯାଇ ସଫେଇ କରାଯାଇଥିଲା। ଯେଉଁ ସ୍ଥାନମାନଙ୍କରେ ପାଣି ଜମି ରହୁଛି ସେହି ସ୍ଥାନରେ ଫିନାଇଲ,ବ୍ଲେଚିଙ୍ଗ ପାଉଡର,ଗେମାସିନ ଇତ୍ୟାଦି ଛିଂଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୁବକ ସଂଘର ସଭାପତି ଥୟରାମ ହଂସ, ସମ୍ପାଦକ ଟିକେଶ୍ୱର ହଂସ, କୋଷାଧ୍ୟକ୍ଷ ରାମେଶ୍ୱର ନାଗ, କଷ୍ୟପ ଶଗରୀଆ, ବିଭୂତି ନିଆଲ, ଭାସ୍କର ଥପା ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍ୱଚ୍ଛତା କାର୍ଯ୍ୟକ୍ରମ

**କୋକସରା,୨।୧୦(ଡି.ଏନ.ଏ.):** ଭାରତ ସରକାରଙ୍କ ଯୁବ ଓ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅକ୍ଟୋବର ୧ ଗାନ୍ଧୀ ଜୟନ୍ତୀରୁ ୩୦ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହି ଅବସରରେ କୋକସରା ବ୍ଲକ ପ୍ରଶାସନ, ନେହେରୁ ଯୁବାକେନ୍ଦ୍ର ଓ ଡିଗ୍ରୀ ମହାବିଦ୍ୟାଳୟ ଏନ୍‌ସିସି ପକ୍ଷରୁ ପଲିଥିନ ମୁକ୍ତ ଓ ଆବର୍ଜନା ମୁକ୍ତ ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ କୋକସରା ସହରର ସ୍ୱାସ୍ଥ୍ୟ କେନ୍ଦ୍ର, ବସଷ୍ଟାଣ୍ଡ, ରାସ୍ତାଘାଟ, ବିଭିନ୍ନ ପଡ଼ାରେ ପଡି ରହିଥିବା ପଲିଥିନ ଗୋଟାଇ ସଫା କରାଯାଇଛି। କାର୍ଯ୍ୟକ୍ରମରେ କୋକସରା ବିଡ଼ିଓ ମନୀଷା ଦାସ, ବ୍ଲକ କର୍ମଚାରୀ, ନେହେରୁ ଯୁବାକେନ୍ଦ୍ରର ସ୍ୱେଚ୍ଛାସେବୀ ଯୁବକ ସମେତ କୋକସରା ଡିଗ୍ରୀ ମହାବିଦ୍ୟାଳୟର ଏନ୍‌ସିସି ଛାତ୍ର, ଅଧାପକ ଅଶ୍ୱିନ କୁମାର ପଟ୍ଟନାୟକ, ଅଇରୀ ନାଶନ ଚିନ୍ଦା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହାଛଡା କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡ଼. ତତ୍ୱଦର୍ଶୀ ଦାସଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ, ଷ୍ଟାଫ ନର୍ସ, ଆଶା କର୍ମୀ, ସ୍ୱାସ୍ଥ୍ୟକର୍ମୀ, ସଫେଇ କର୍ମଚାରୀ ଓ ସୁରକ୍ଷା କର୍ମଚାରୀମାନେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ନେଇ ଶପଥ ପାଠ କରିଥିଲେ।

# ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହେଲା ସ୍ୱଚ୍ଛତା ଯାତ୍ରା



ନୂଆଲୋଗୋ ଟ୍ୟାଗ୍‌କୁ ଧର୍ମଗଡ ଉପଜିଲାପାଳ ଉନ୍ମୋଚନ କରୁଛନ୍ତି।

**ଜୁନାଗଡ,୨।୧୦(ଡି.ଏନ୍.ଏ)**

- ନୂଆ ଲୋଗୋ ସହ ସ୍ୱଚ୍ଛ ସର୍ବେକ୍ଷଣର ଟ୍ୟାଗ ଲାଇନ୍ ଉନ୍ମୋଚନ
- ମହିଳା ଏସ୍‌ଏଚ୍‌ଜିଙ୍କୁ ୮ଟି ବ୍ୟାଟେରି ଚାଳିତ ଗାଡି ପ୍ରଦାନ

କଳାହାଣ୍ଡି ଜିଲା ଜୁନାଗଡ ସହରକୁ ସ୍ୱଚ୍ଛ ସର୍ବେକ୍ଷଣରେ ରାଜ୍ୟରେ ୧ ନମ୍ବର କରିବା ପାଇଁ ଶନିବାର ଗାନ୍ଧୀ ଜୟନ୍ତୀଠାରୁ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ସ୍ୱଚ୍ଛ ସର୍ବେକ୍ଷଣ ଏକ ଜାତୀୟ ସ୍ତରୀୟ ସର୍ବେକ୍ଷଣ। ଯାହା ପ୍ରତିବର୍ଷ ସାରା ଦେଶରେ ହୋଇଥାଏ। ଏଥିରେ ସ୍ୱଚ୍ଛ ରହୁଥିବା ସହରକୁ ର୍ୟାଙ୍କ(ସ୍ଥାନ) ଦିଆଯାଏ। ଜୁନାଗଡ ବିଜ୍ଞାପିତ ଅଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶମ୍ଭର ମିଶ୍ରଙ୍କ ଅଧକ୍ଷତାରେ ଏ ନେଇ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଧର୍ମଗଡ ଉପଜିଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ଏକ ନୂଆ 'ଲୋଗୋ' ଓ ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ଟ୍ୟାଗ ଲାଇନ 'ବିକାଶ ପଥରେ ଜୁନାଗଡ ସହର ସ୍ୱଚ୍ଛତାରେ ହେବୁ ଆମେ ୧ ନମ୍ବର'ର ଉନ୍ମୋଚନ କରିଥିଲେ। ଏହି ସଭାରେ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଭିଡିଓ କନଫରେନ୍ସି ମାଧ୍ୟମରେ ଜୁନାଗଡ ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାକୁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ। ସହରର ପରିମଳ ବ୍ୟବସ୍ଥାକୁ ସୁଧାରିବା ପାଇଁ ପ୍ରତିଦିନ ସଫେଇ କାର୍ଯ୍ୟକୁ ଗୁରୁତ୍ୱ ଦିଆଯିବା ସହିତ ସ୍ୱଚ୍ଛତା ହେଲ୍ପ ଲାଇନ ନମ୍ବର(୭-୬୦୬୯-୪-୬୦୬୯) କରାଯାଇଛି। ଏହି ହେଲ୍ପଲାଇନ ଯୋଗେ ଲୋକେ ସିଧାସଳଖ ଆବର୍ଜନା ଉଠାଇବାକୁ ଓ ସହର ସଫା ପାଇଁ ଫୋନ କିମ୍ବା ମେସେଜ ମାଧ୍ୟମରେ ଜଣାଇ ପାରିବେ। ସେହିପରି ମହିଳା ଏସଏଚ୍‌ଜିମାନଙ୍କ ଦାୟିତ୍ୱରେ ୮ଟି ବ୍ୟାଟେରି ଗାଡି ଦିଆଯାଇଛି। ଏହାଦ୍ୱାରା ସେମାନେ ସହରର ବିଭିନ୍ନ ଗଳିକନ୍ଦିର ଆବର୍ଜନା ସହଜରେ ଉଠାଇ ପାରିବେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇଶ୍ୱର ପୁଝାରୀ, ପୂର୍ବତନ ଏନ୍‌ଏସି ଅଧକ୍ଷ ମହେଶ ସାହୁ, ପୂର୍ବତନ କାଉନସିଲର ମୁକେଶ ଅଗ୍ରୱାଲ,ବ୍ୟବସାୟୀ ଲଳିତ ଅଗ୍ରୱାଲ, ଆଇନଜୀବୀ ଅଶୋକ ପାତ୍ର, ମଦନ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ରଶ୍ମି ରଞ୍ଜନ ନାୟକ, କନିଷ୍ଠ ଯନ୍ତ୍ରୀ ଅରୁଣ ବେହେରା, ନାରାୟଣ ମହାରଣାଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଜୁନାଗଡ ସହରକୁ ସ୍ୱଚ୍ଛ ରଖିବାକୁ ଶପଥପାଠ କରିଥିଲେ। କାର୍ଯ୍ୟକ୍ରମକୁ ଏନ୍‌ଏସି ହିସାବ ରକ୍ଷକ ହିମାଂଶୁ ଶେଖର ରଣା ପରିଚାଳନା କରିଥିଲେ।

## ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଶାନ୍ତି ପଦଯାତ୍ରା

**କୋକସରା,୨।୧୦(ଡି.ଏନ.ଏ.)**

ଶନିବାର ଜାତିର ପିତା ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ କୋକସରା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଶାନ୍ତି ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲା ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜ ଙ୍କ ନେତୃତ୍ୱରେ କାଉଡୋଳାରୁ କୋକସରା ପର୍ଯ୍ୟନ୍ତ ଏହି ପଦଯାତ୍ରା ହୋଇଥିଲା। କାଉଡୋଳା ଜଗନ୍ନାଥ ମନ୍ଦିର ପରିସରରୁ ଶତାଧିକ ଯୁବ କଂଗ୍ରେସ କର୍ମୀ ୫ କିଲୋମିଟର ପଦଯାତ୍ରାରେ କୋକସରା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଏକ ସାଧାରଣ ସଭା ବ୍ଲକ ସଭାପତି ରାଜେନ୍ଦ୍ର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଭାରେ ଜିଲା ଯୁବ କଂଗ୍ରେସ ସଭାପତି ମଙ୍ଗରାଜ କହିଥିଲେ ଯେ, ଜାତୀୟ କଂଗ୍ରେସ ଦଳର ମୂଳମନ୍ତ୍ର ହେଉଛି ଅହିଂସା। ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ଆଦର୍ଶକୁ ନିଜ ଜୀବନର ମୂଳମନ୍ତ୍ର କରିବାକୁ ସେ ମତ ରଖିଥିଲେ। ମହଙ୍ଗା ମାଡ଼ରେ ଆଜି ଦେଶର ଜନତାଙ୍କ ମେରୁଦଣ୍ଡ ଭାଙ୍ଗିଛି। ଏଭଳି ସମୟରେ ଦେଶକୁ ସମୃଦ୍ଧ କରିବା ଓ ଦରଦାମ ନିୟନ୍ତ୍ରଣ ରଖିବା ଦିଗରେ କଂଗ୍ରେସ ସରକାର ହିଁ ଏକମାତ୍ର ବିକଳ୍ପ ବୋଲି ମତ ରଖିଥିଲେ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ। ପଦଯାତ୍ରାରେ ବରିଷ୍ଠ ନେତା ଦିଗାମ୍ବର ଦୁରିଆ, ଜିଲା ସାଧାରଣ ସମ୍ପାଦକ ସନ୍ତୋଷ ପାଢ଼ୀ, ଧର୍ମଗଡ଼ ନିର୍ବାଚନମଣ୍ଡଳୀ ଯୁବ ସଭାପତି ଡାକେଶ୍ୱର ଲହଜଲ, ବେଣୁପାଣି ଦୁର୍ଗା, କମଳ ଲୋଚନ ତାଣ୍ଡି, ତ୍ରିଭୁବନ ନାଏକ, ମହେନ୍ଦ୍ର ଧରୁଆ, ଅରୁଣ ମାଝି, ରବି ନାୟକ, ହରିଶ୍ଚନ୍ଦ୍ର ନାଏକ, ଲାଳ ସାହେ ନାଗ, ଘନଶ୍ୟାମ ଜାଲ, ଧନବଲ ନାଏକ, ହରି ନିଆଲ, ହମିତ ମହାନନ୍ଦ, କମଳ ଲୋଚନ ନାଏକ, ନାରିନେତ୍ରୀ ମାଧୁରୀ ନିଆଲ, ଫୁଲତୋଳା ଖମାରିଙ୍କ ସମେତ ଶତାଧିକ ଯୁବ ଓ କଂଗ୍ରେସ କର୍ମକର୍ତ୍ତା ପଦଯାତ୍ରାରେ ସାମିଲ ଥିଲେ।

## ଏନ୍‌ଏସି ଓ ଡାକ୍ତରଖାନା ସଫେଇ କର୍ମଚାରୀଙ୍କୁ ସମ୍ମାନିତ

**ଜୁନାଗଡ,୨।୧୦(ଡି.ଏନ୍.ଏ)**

କଳାହାଣ୍ଡି ଜିଲା ଜୁନାଗଡ ମାରୱାଡି ଯୁବା ମଞ୍ଚର ଏକ ଅଭିନବ ପ୍ରୟାସ ଦେଖିବାକୁ ମିଳିଛି। ଶନିବାର ସଂଧ୍ୟାରେ ଜୁନାଗଡ ଅଗ୍ରସେନ ଭବନଠାରେ ସ୍ଥାନୀୟ ମାରୱାଡି ଯୁବା ମଞ୍ଚ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ସ୍ଥାନୀୟ ଏନ୍‌ଏସି ଓ ଡାକ୍ତରଖାନାର ସମସ୍ତ ସଫେଇ କର୍ମଚାରୀଙ୍କୁ ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଛି। ଜୁନାଗଡ ମାରୱାଡି ଯୁବା ମଞ୍ଚର ସଭାପତି ଅମିତ ଗୁପ୍ତାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜୁନାଗଡ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଶମ୍ଭର ମିଶ୍ର, ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଭଗବାନ ପଣ୍ଡା, କନିଷ୍ଠ ଯନ୍ତ୍ରୀ ଅରୁଣ ବେହେରା, ମାରୱାଡି ସମାଜର ସଭାପତି ମୁକେଶ ଅଗ୍ରୱାଲ, ମହିଳା ସମିତିର ସଭାନେତ୍ରୀ କଞ୍ଚନ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଯୁବା ମଞ୍ଚର ସମ୍ପାଦକ ଯୋଗେସ ଖେମକା, କୋଷାଧକ୍ଷ ସୁରଜ ଅଗ୍ରୱାଲ,ବିବେକ ଅଗ୍ରୱାଲ,ୟଶବନ୍ତ ଜୈନ,ପଙ୍କଜ ଖେମକା,ପବନରାଜ ଖେମକା, ଆଶିଷ ଗୋୟଲ,ଗୋପାଲ ମିତ୍ତଲ, ଅକ୍ଷୟ ଅଗ୍ରୱାଲ ପ୍ରମୁଖ ପରିଚାଳନା କରିଥିଲେ।

## ଚାଲାଣ ବେଳେ ଉଦ୍ଧାର ୪୨ ଗୋରୁ


ପୋଲିସଦ୍ୱାରା ଗିରଫ ଗୋଚାଲାଣକାରୀ ଅଭିଯୁକ୍ତ।

**ଟିଟିଲାଗଡ଼, ୨।୧୦ (ଡି.ଏନ.ଏ)**

**୧୦ ଗିରଫ, ୫ ପିକ୍‌ଅପ୍ ଜବତ**

ବଲାଙ୍ଗୀର ଜିଲା ଟିଟିଲାଗଡ ପୋଲିସ ପେଟ୍ରୋଲିଂ ସମୟରେ ବଙ୍ଗୋମୁଣ୍ଡା-ଟିଟିଲାଗଡ ଜାତୀୟ ରାଜପଥରେ ୫ଟି ପିକଅପରୁ ୪୨ ଗୋରୁ ଉଦ୍ଧାର କରିଛି। ଥାନା ଅଧିକାରୀ ରଞ୍ଜନ ବରିହାଙ୍କ କହିବାନୁସାରେ ଏଏସଆଇ ସୁବାଶ ସାହୁ ଶୁକ୍ରବାର ରାତିରେ ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିବା ବେଳେ ସନ୍ଦେହରେ ୫ଟି ପିକଅପକୁ ଅଟକାଇ ଥିଲେ। ଉକ୍ତ ପିକଅପରେ ଗୋଡ ବନ୍ଧା ଯାଇ ୪୨ଗୋରୁଙ୍କୁ ଚାଲାଣ କରାଯାଉଥିଲା। ଏନେଇ ରାୟଗଡା ଜିଲାର ବିଭିନ୍ନ ଥାନା ଅଞ୍ଚଳର ଗୋପି ପାଲକିଆ, ରଞ୍ଜନ ପାଲକିଆ, ମହେନ୍ଦ୍ର କରକରିଆ, ରାଜେଶ କଲକିଆ, ଶବର ବାତ୍ରା, ଗୋବିନ୍ଦ ପାଲକିଆ, ଦୁଖିତ ଟାକ୍ରୀ, ହରିଶ ଚନ୍ଦ୍ର କଲକିଆ, ଲାଲା ପାଲକିଆ, ଜଳନ୍ଧର କଲକିଆଙ୍କୁ ଅଟକ ରଖି ପଚରାଉଚରା କରୁଥିଲା। ଶନିବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ବିଭିନ୍ନ ଅଞ୍ଚଳରୁ ବୁଲା ଗୋରୁଙ୍କୁ ଚୋରି କରି ରାୟଗଡା ଜିଲା ଅଞ୍ଚଳରେ ବିକ୍ରୟ ଉଦ୍ଦେଶ୍ୟରେ ନେଉଥିବା ତଦନ୍ତ ଅଧିକାରୀ ଏସଆଇ ଆଶୁତୋଷ ସାମଲ କହିଛନ୍ତି। ଜବତ ପିକଅପଗୁଡିକର ଫିଟନେସ କିମ୍ବା ବୈଧ ବୀମା ମଧ ନଥିବା ଜଣାପଡିଛି। ଉଦ୍ଧାର ଗୋରୁଙ୍କୁ ସ୍ଥାନୀୟ ଗୋଶାଳା ଜିମା ଦିଆଯାଇଛି।

## ଭାଲୁ ଆକ୍ରମଣରେ ମହିଳା ଗୁରୁତର

**ଗୋଲାମୁଣ୍ଡା,୨।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧୀନ ଚପୁରିଆ ଗ୍ରାମର ଜଣେ ମହିଳା ଭାଲୁ ଆକ୍ରମଣର ଶିକାର ହୋଇ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଯେ, ଶନିବାର ସକାଳେ ଉକ୍ତ ଗ୍ରାମର ନାଳ ନିକଟକୁ କୁନି ପଟେଲ(୩୬) ଶୌଚ ପାଇଁ ଯାଇଥିବା ବେଳେ ଭାଲୁ ହାବୁଡ଼ରେ ପଡି ଯାଇଥିଲେ। ଭାଲୁ ତାଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଥିବା ବେଳେ ସେ ସୌଭାଗ୍ୟବଶତଃ ଖସିଯାଇ ନିଜ ଗ୍ରାମ ଅଭିମୁଖେ ଦୌଡି ପଳାଇ ଆସିଥିଲେ। ସ୍ଥାନୀୟ ଚପୁରିଆ ଡାକ୍ତରଖାନାରେ କୁନିଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ପରେ ଭବାନୀପାଟଣା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁତର ଥିବା କୁନିଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ଗୋଲାମୁଣ୍ଡା ବ୍ଲକ ଅଧୀନ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡିକରେ ପ୍ରତିବର୍ଷ ବହୁ ବ୍ୟକ୍ତି ଭାଲୁ ଆକ୍ରମଣର ଶିକାର ହେଉଛନ୍ତି। ସ୍ଥାନୀୟ ଜଙ୍ଗଲ ବିଭାଗ ଅଧିକାରୀ ଏହାର ପ୍ରତିକାର ପାଇଁ ବିହିତ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। କେଗାଁ ବନବିଭାଗ ଦାୟିତ୍ୱରେ ଥିବା ଫରେଷ୍ଟର ମଧୁକର ପଟେଲଙ୍କୁ ପଚାରିବାରେ ଭାଲୁ ଆକ୍ରମଣରେ ଆହତ ବ୍ୟକ୍ତିଙ୍କୁ କ୍ଷତିପୂରଣ ଦେବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟିତ

**ଦେଓଗାଁ,୨।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ୧୨ନଂ ଜୋନ ଅନ୍ତର୍ଗତ ବିଭିନ୍ନ ଗାଁରେ ଶନିବାର କେତେକ ଉନ୍ନୟନ ପ୍ରକଳ୍ପ ଶୁଭ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇଙ୍କ ପରିଚାଳନାରେ ପ୍ରଥମେ ବଡବନ୍ଧ ପଞ୍ଚାୟତ ଅନ୍ତର୍ଗତ କରୁଆଁଝରଠାରେ ନବନିର୍ମିତ ସ୍ୱୟଂ ସହାୟକ ଗୋଷ୍ଠୀ ଗୃହର ଉଦ୍‌ଘାଟନ କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା ରୀନା ମେହେର, ସମ୍ମାନୀତ ଅତିଥି ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ଚାନ୍ଦ, ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ, ସରପଞ୍ଚ ଧ୍ରୁବଲେ ରାଉତ, ସମିତିସଭ୍ୟା ରଞ୍ଜୁ ଭୋଇ ପ୍ରମୁଖ ଯୋଗଦେଇଥିଲେ। ପରେ କରୁଆଁଝର ଦେଗଣସନ ପଡାରେ କମ୍ୟୁନିଟି ସେଣ୍ଟରର ଶିଳାନ୍ୟାସ ଓ ଲଣ୍ଡାପଥର ପଞ୍ଚାୟତ ମୁଖ୍ୟାଳୟରେ ମିଶନଶକ୍ତି କୋଠାର ଶୁଭ ଉଦଘାଟନ କରାଯାଇଥିଲା। ଧଣ୍ଡାମାଳ ପଞ୍ଚାୟତ ଅନ୍ତର୍ଗତ ଧଣ୍ଡାମାଲରେ ଖେଳପଡିଆର ଓ ଗମ୍ଭାରୀମାଲ ମିର୍ଦ୍ଧାପାଲି ମଣ୍ଡପର ଶିଳାନ୍ୟାସ କରାଯାଇଥିଲା। ସିଂହାମୁଣ୍ଡା ପଞ୍ଚାୟତ ମୁଖ୍ୟାଳୟରେ ନବନିର୍ମିତ ମିଶନଶକ୍ତି କୋଠାର ଶୁଭ ଉଦଘାଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ବିଜୁ ଯୁବଜନତାଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ଛାତ୍ର ସଭାପତି ଦୀପକ କୁମାର ବେହେରା,ସମିତି ସଭ୍ୟ ଜୁଗୁନୁ ପଧାନ,ସରପଞ୍ଚ ମାଲି ମେଶ୍ରା, ସୁଶୀଳା କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।


ସିଂହାମୁଣ୍ଡାରେ ମିଶନଶକ୍ତି କୋଠାର ଉଦ୍‌ଘାଟନ କରାଯାଉଛି।

# 'ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ'

**ବଲାଙ୍ଗୀର ଅଫିସ, ୨।୧୦**

ବଲାଙ୍ଗୀର ପତିତପାବନ ଏକାଡେମୀରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ବିଦ୍ୟାଳୟ ପରିସରରେ ପ୍ରତିଷ୍ଠା କରାଯାଇଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ଅନାବରଣ କରଥିଲେ। ପରେ ଆୟୋଜିତ ସଭାରେ ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ କହିଥିଲେ। ଅନ୍ୟତମ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ଯୋଗଦେଇ ସ୍କୁଲର ଏପରି ଶୈକ୍ଷିକ ପରିବେଶ ଅନ୍ୟ ସ୍କୁଲ ପାଇଁ ଉଦାହରଣ ହେବ ବୋଲି କହିଥିଲେ। ଉତ୍କଳ ସ୍ୱାଭିମାନ ମଞ୍ଚର ଉପଦେଷ୍ଟା ବେଲାର ସିଂହ ଭୋଇ, ଯୁଗ୍ମ ସମ୍ପାଦକ ଅର୍ଜୁନ ପରମଗୁରୁ ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭଲ ମଣିଷ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ସିନୁ ସୁନ୍ଦର ପାଢୀ ବିଦ୍ୟାଳୟର ରୂପାନ୍ତରିକରଣ ପାଇଁ ସହଯୋଗ କରିଥିବା ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ବିଦ୍ୟାଳୟର ଚଳିତବର୍ଷର ଶ୍ରେଷ୍ଠ ଛାତ୍ର ଶେଖର ସାହୁଙ୍କୁ ବିଜୟାରାଣୀ ପରିଚ୍ଛା ସ୍ମୃତି ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଏହି ପୁରସ୍କାର ପାଇଁ ତରୁଣ କୁମାର ପରିଚ୍ଛା ଓ ରାମଦତ ଭୋଇ ସହଯୋଗ କରିଥିଲେ। ବିଦ୍ୟାଳୟ ଉନ୍ନତିକରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପୁରାତନ ଛାତ୍ର ସୟଦ ଅଫତାବ ହୁସେନ, ଧନଞ୍ଜୟ କୁମାର ଦାଶ ଓ ବାପୁନି କୁମାର ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟ ଛାତ୍ର ଆରୟାନ ଶତପଥୀ, ଆଶୁତୋଷ ଘଡାଇ, ଶୁଭମ କୁମାର, ସୁଦର୍ଶନ ସେଠ, ଓମ କୁମାର ବେହେରା, କରଣ ବାଗ ଏହି ଅବସରରେ ବକ୍ତବ୍ୟ ରଖିଥିଲେ। ଅଖିଳ ଚନ୍ଦ୍ରହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ପତିତପାବନ ଏକାଡେମୀରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ**

## ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀରେ ବକ୍ତୃତା ପ୍ରତିଯୋଗିତା

**ବଲାଙ୍ଗୀର ଅଫିସ:** ବଲାଙ୍ଗୀର ଆଇନ ମହାବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୀବନ ଦର୍ଶନର ଆବଶ୍ୟକତା ରହିଛି ବୋଲି କହିଥିଲେ। ଗିରୀଶ ଚନ୍ଦ୍ର ହୋତା, ବ୍ୟାସଦେବ ନନ୍ଦ ଓ ଅଖିଳ ହୋତା ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ ବିଚାରକଭାବେ ଯୋଗଦେଇଥିଲେ। ଉଭୟ ଇଂଲିଶ ଓ ଓଡିଆ ଭାଷାରେ ବକ୍ତୃତ୍ ପ୍ରତିଯୋଗିତା କରାଯାଇଥିଲା। ଇଂଲିଶ ବକ୍ତୃତାରେ ଅମିତ କୁମାର ଦାଶ ପ୍ରଥମ, ଶାକ୍ତା ଶର୍ମା ଦ୍ୱିତୀୟ ଓ ଶୁଭଶ୍ରୀ ପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରେ ଓଡିଆ ଭାଷାରେ ନୀତିଶ ପ୍ରଧାନ ପ୍ରଥମ, ଅନୁଷ୍କା ରାଉତ ଦ୍ୱିତୀୟ ଓ ଖୁସବୁ ଦାଶ ତୃତୀୟ ସ୍ଥାନ ଗ୍ରହଣ କରିଥିଲେ।

**ସଂକ୍ଷେପରେ**

## ଅଈଁଲାଚୁଆଁ-ଆଟଗାଁ ରାସ୍ତା ଭିତ୍ତିପ୍ରସ୍ତର ସ୍ଥାପନ

**ବଲାଙ୍ଗୀର ଅଫିସ, ୨।୧୦:** ବଲାଙ୍ଗୀର ସଦର ବ୍ଲକ ବରକାନି ପଞ୍ଚାୟତ ଅନ୍ତର୍ଗତ ଅଈଁଲାଚୁଆଁ ଓ ଆଟଗାଁ ପୂର୍ତ୍ତ ବିଭାଗ ରାସ୍ତାର ଶିଳାନ୍ୟାସ କରିଛନ୍ତି ବିଧାୟକ ନରସିଂହ ମିଶ୍ର। ବିଧାୟକ ପାଣ୍ଠିରୁ ୬ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନିର୍ମାଣ ହେବ। ଗ୍ରାମବାସୀଙ୍କ ଦାବି ମୁତାବକ ଏହି ରାସ୍ତା ପାଇଁ ଆହୁରି ଅଧିକ ଅର୍ଥ ଯଦି ଦରକାର ହେବ ତାହାର ମଧ ଅଟକଳ ପ୍ରସ୍ତୁତ କରିବାକୁ ଉପସ୍ଥିତ କନିଷ୍ଠ ଯନ୍ତ୍ରୀଙ୍କୁ ବିଧାୟକ ଏହି ଅବସରରେ କହିଥିଲେ। ଗ୍ରାମବାସୀଙ୍କ ସହ ଆଲୋଚନା ବେଳେ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ଅନୁଦାନ ଓ ଗାଁରେ ଥିବା ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଭତ୍ତା ଓ ବାସଗୃହ ଯୋଗାଇଦେବା ପାଇଁ ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ଉପସ୍ଥିତ ଏବିଡିଓ ରାମଦତ୍ତ ଭୋଇଙ୍କୁ ବିଧାୟକ ମିଶ୍ର ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷା ଯଶୋବନ୍ତି ବଘାର, ଖୁଜେନପାଲି ସରପଞ୍ଚ ସତ୍ୟବାନ ସାହୁ, ବିଧାୟକଙ୍କ ଶିକ୍ଷାବିଭାଗ ପ୍ରତିନିଧି ବାମଦେବ ମିଶ୍ର, ବ୍ଲକ ପ୍ରତିନିଧି କିଶୋର କୁମାର ସିଂନିନା, ବ୍ଲକ କନିଷ୍ଠ ଯନ୍ତ୍ରୀ ଇଂ. ସାହୁ, ବ୍ଲକ ଉପଶିକ୍ଷାଧିକାରୀ କୈଳାସ କୁମାର, ଯୁବନେତା ସନ୍ତକ ବହିଦାର, ସ୍କୁଲ ଶିକ୍ଷକ ଶିକ୍ଷୟତ୍ରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବିଜୁ ସେତୁ କାମ ମନ୍ଥର

**ବିନିକା, ୨।୧୦(ଡି.ଏନ୍.ଏ.)**

ମନ୍ଥର ଗତିରେ ହୁତୁମା-ହରିପାଲି ବିଜୁସେତୁ କାମ ଚାଲିଛି। ଫଳରେ ଏହି ସେତୁ ହେଲେ ଉପକୃତ ହେବାକୁ ଥିବା ୧୩ଟି ଗାଁର ଲୋକେ ପୂର୍ବ ପରି ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରକାଶ ଯେ, ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ଗ୍ରାପ ଅଧୀନ ହୁତୁମାରୁ ହରିପାଳି ବିଜୁସେତୁ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୮-୧୯ ଆର୍ଥିକ ବର୍ଷରେ ୧୪ କୋଟି ୯ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ତା୨।୧।୧୮ରିଖରେ ତତ୍କାଳୀନ ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓ ବିନିକା ବ୍ଲକର ହୁତୁମା ଗ୍ରାମ ଗସ୍ତରେ ଆସି ସ୍ଥାନୀୟ ଗ୍ରାମବାସୀ ଏବଂ ବିଜୁ ଯୁବବାହିନୀଙ୍କ ଉପସ୍ଥିତିରେ ବିଜୁସେତୁ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଏମପି ସିଂଦେଓ ୨ବର୍ଷ ମଧ୍ୟରେ ସେତୁ ନିର୍ମାଣ କାର୍ଯ୍ୟ ଶେଷ ହେବ ଓ ୧୩ ଖଣ୍ଡ ଗ୍ରାମବାସୀଙ୍କ ବହୁ ଦିନର ସ୍ୱପ୍ନ ସାକାର ହେବ ବୋଲି ହୁତୁମା ଗ୍ରାମରେ ଅନୁଷ୍ଠିତ ସଭାରେ କହିଥିଲେ। ହୁତୁମାରୁ ହରିପାଲି ରାସ୍ତା ଜୀରାନଦୀ ଉପରେ ବିଜୁ ସେତୁ କରିବା ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସ୍ଥାନ ନିରୂପଣ ହୋଇଥିଲା। ତା୨।୧।୧୯ରିଖରେ ସେତୁ କାମ ଆରମ୍ଭ ହୋଇଥିବା ବେଳେ ତା୨୦।୧୨।୨୧ରିଖରେ ଏହା ସାରିବା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ମାତ୍ର ପରିତାପର ବିଷୟ ସେତୁ ଶେଷ ହେବା ପାଇଁ ଧାର୍ଯ୍ୟ ହୋଇଥିବା ସମୟର ୯ ମାସ ଗଡିଗଲାଣି। କିନ୍ତୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଦାୟିତ୍ୱରେ ଥିବା ପଦାଧିକାରୀ ଓ ଠିକାଦାରଙ୍କ ମନମାନୀ ଯୋଗୁ ସେତୁ କାମ ଆଗେଇ ପାରୁନାହିଁ। ସୂଚନାଯୋଗ୍ୟ ଯେ, ନିର୍ମାଣାଧୀନ ବିଜୁ ସେତୁ ସମ୍ପନ୍ନ ହେଲେ ବିନିକା ଓ ଭେଡେନ ବ୍ଲକ ଅଞ୍ଚଳର ହୁତୁମା, ବାଙ୍କିଘିର୍ଡି, ଖଲିଆପାଲି, ସାରଙ୍ଗପାଲି, ପଲସାପାଲି, ବାବୁପାଲି, କୁଦପାଲି, ଖଣ୍ଡହତା, ବାଘପାଲି, ପିପିଲିପାଲି, ଭାଙ୍ଗକୁଦ, ଖଲିଆପାଲି ଓ ମହୁଲପାଲି ଗ୍ରାମର ଜନସାଧାରଣ ଉପକୃତ ହୋଇପାରିବେ। ଏହାଛଡା ବୁର୍ଲା, ବରଗଡ, ସମ୍ବଲପୁର ଆଦି ସ୍ଥାନକୁ ଯିବାରେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡିବ ନାହିଁ। ଏ ନେଇ ହୁତୁମା ଗ୍ରାମର ପୀତବାସ ବାଘ କୁହନ୍ତି କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ୨୦୨୧ ଜାନୁୟାରୀ ମାସରେ କାମ ସରିଯିବା କଥା। କମ ଶ୍ରମିକଙ୍କୁ ନେଇ କାର୍ଯ୍ୟ ଚାଲିଛି। ରୋଗୀମାନଙ୍କୁ ବୁର୍ଲାକୁ ନେବା ପାଇଁ ହେଲେ ବୁଲିକି ଯିବାକୁ ପଡୁଥିବାରୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏଥିସହିତ ବିଜୁସେତୁକୁ ସଂଯୋଗ କରୁଥିବା ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ସେତୁ ନିର୍ମାଣ ହେଲେ ଗ୍ରାମବାସୀଙ୍କର ବହୁ ପ୍ରତୀକ୍ଷିତ ସ୍ୱପ୍ନ ପୂରଣ ହୋଇ ପାରିବ। ସେହିପରି ହୁତୁମା ଗାଁର ପୂର୍ଣ୍ଣଚନ୍ଦ୍ର ପୋଢ କୁହନ୍ତି ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ବରଗଡ, ସମ୍ବଲପୁର ଯିବା ପାଇଁ ବହୁତ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଦ୍ରୁତ ବେଗରେ ନିର୍ମାଣ କାର୍ଯ୍ୟ କରାଯାଇ ଶେଷ କରାଯାଉ।



ନିର୍ମାଣାଧୀନ ବିଜୁସେତୁ।

## ପରିବାର ଲୋକଙ୍କୁ ଭେଟିଲେ ଏଚ୍‌ଆରପିସି ଟିମ୍



ଏଚ୍‌ଆରପିସି ଟିମ୍‌ର ଅଧିକାରୀମାନେ ମୃତକଙ୍କ ଘରେ ପହଞ୍ଚିଛନ୍ତି।

**ପୋଲିସ ହେପାଜତରେ ମୃତ୍ୟୁ ଘଟଣା**

**ବରଗଡ଼ ଅଫିସ୍, ୨।୧୦**

ପୋଲିସ ହେପାଜତରେ ଥିବାବେଳେ ବରଗଡ଼ ସହର ଉପକଣ୍ଠ ତୋରା ତଳିପଡ଼ାର ଗୋବିନ୍ଦ କୁମ୍ଭାରଙ୍କ ମୃତ୍ୟୁ ଘଟଣାକୁ ନେଇ ମାନବାଧିକାର ସୁରକ୍ଷା ସେଲ୍ (ଏଚ୍‌ଆରପିସି) ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ଏଚ୍‌ଆରପିସି ଟିମ୍‌ରେ ଆସିଥିବା ଅତିରିକ୍ତ ଏସ୍‌ପି ଇତିକାନ୍ତ ମହାପାତ୍ର, ଡିଏସ୍‌ପି ବିଦ୍ୟୁତ୍ ପଣ୍ଡା ବରଗଡ଼ ଏସ୍‌ପି ରାହୁଲ ଜୈନଙ୍କୁ ଭେଟିବା ସହିତ ଟାଉନ ଥାନାକୁ ଯାଇ ତଥ୍ୟ ସଂଗ୍ରହ କରିଥିବାବେଳେ ଶନିବାର ମୃତକଙ୍କ ଘରକୁ ଯାଇଥିଲେ। ମୃତକଙ୍କ ଘର ଦେଖିବା ସହିତ ପରିବାର ଲୋକ ଏବଂ ଅନ୍ୟ କିଛି ପଡ଼ୋଶୀଙ୍କୁ ଏକ ସ୍ୱତନ୍ତ୍ର ଗାଡ଼ିରେ ବରଗଡ଼ ଅଣାଯାଇଥିଲା ଏବଂ ସେଠାରେ ରୁଦ୍ଧଦ୍ୱାର ଆଲୋଚନା କରି ଏଚ୍‌ଆରପିସି ଟିମ୍‌ରେ ଆସିଥିବା ଅଧିକାରୀମାନେ ତଥ୍ୟ ସଂଗ୍ରହ କରିଥିବା ସୂଚନା ମିଳିଛି।

## ସ୍ୱଚ୍ଛତା କାର୍ଯ୍ୟକ୍ରମ

**କୋକସରା, ୨।୧୦(ଡି.ଏନ.ଏ.):** ଭାରତ ସରକାରଙ୍କ ଯୁବ ଓ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅକ୍ଟୋବର ୧ ଗାନ୍ଧୀ ଜୟନ୍ତୀରୁ ୩୦ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହି ଅବସରରେ କୋକସରା ବ୍ଲକ ପ୍ରଶାସନ, ନେହେରୁ ଯୁବାକେନ୍ଦ୍ର ଓ ଡିଗ୍ରୀ ମହାବିଦ୍ୟାଳୟ ଏନ୍‌ସିସି ପକ୍ଷରୁ ପଲିଥିନ ମୁକ୍ତ ଓ ଆବର୍ଜନା ମୁକ୍ତ ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ କୋକସରା ସହରର ସ୍ୱାସ୍ଥ୍ୟ କେନ୍ଦ୍ର, ବସଷ୍ଟାଣ୍ଡ, ରାସ୍ତାଘାଟ, ବିଭିନ୍ନ ପଡ଼ାରେ ପଡି ରହିଥିବା ପଲିଥିନ ଗୋଟାଇ ସଫା କରାଯାଇଛି। କାର୍ଯ୍ୟକ୍ରମରେ କୋକସରା ବିଡ଼ିଓ ମନୀଷା ଦାସ, ବ୍ଲକ କର୍ମଚାରୀ, ନେହେରୁ ଯୁବାକେନ୍ଦ୍ରର ସ୍ୱେଚ୍ଛାସେବୀ ଯୁବକ ସମେତ କୋକସରା ଡିଗ୍ରୀ ମହାବିଦ୍ୟାଳୟର ଏନ୍‌ସିସି ଛାତ୍ର, ଅଧାପକ ଅଶ୍ୱିନ କୁମାର ପଟ୍ଟନାୟକ, ଅଇରୀ ନାଶନ ଚିନ୍ଦା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହାଛଡା କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡ଼. ତତ୍ୱଦର୍ଶୀ ଦାସଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ, ଷ୍ଟାଫ ନର୍ସ, ଆଶା କର୍ମୀ, ସ୍ୱାସ୍ଥ୍ୟକର୍ମୀ, ସଫେଇ କର୍ମଚାରୀ ଓ ସୁରକ୍ଷା କର୍ମଚାରୀମାନେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ନେଇ ଶପଥ ପାଠ କରିଥିଲେ।

# ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହେଲା ସ୍ୱଚ୍ଛତା ଯାତ୍ରା




ନୂଆଲୋଗୋ ଟ୍ୟାଗ୍‌କୁ ଧର୍ମଗଡ ଉପଜିଲାପାଳ ଉନ୍ମୋଚନ କରୁଛନ୍ତି।

**ଜୁନାଗଡ, ୨।୧୦(ଡି.ଏନ୍.ଏ)**

- ନୂଆ ଲୋଗୋ ସହ ସ୍ୱଚ୍ଛ ସର୍ବେକ୍ଷଣର ଟ୍ୟାଗ ଲାଇନ୍ ଉନ୍ମୋଚନ
- ମହିଳା ଏସ୍‌ଏଚ୍‌ଜିଙ୍କୁ ୮ଟି ବ୍ୟାଟେରି ଚାଳିତ ଗାଡି ପ୍ରଦାନ

କଳାହାଣ୍ଡି ଜିଲା ଜୁନାଗଡ ସହରକୁ ସ୍ୱଚ୍ଛ ସର୍ବେକ୍ଷଣରେ ରାଜ୍ୟରେ ୧ ନମ୍ବର କରିବା ପାଇଁ ଶନିବାର ଗାନ୍ଧୀ ଜୟନ୍ତୀଠାରୁ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ସ୍ୱଚ୍ଛ ସର୍ବେକ୍ଷଣ ଏକ ଜାତୀୟ ସ୍ତରୀୟ ସର୍ବେକ୍ଷଣ। ଯାହା ପ୍ରତିବର୍ଷ ସାରା ଦେଶରେ ହୋଇଥାଏ। ଏଥିରେ ସ୍ୱଚ୍ଛ ରହୁଥିବା ସହରକୁ ର୍ୟାଙ୍କ(ସ୍ଥାନ) ଦିଆଯାଏ। ଜୁନାଗଡ ବିଜ୍ଞାପିତ ଅଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶମ୍ବର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏ ନେଇ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଧର୍ମଗଡ ଉପଜିଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ଏକ ନୂଆ 'ଲୋଗୋ' ଓ ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ଟ୍ୟାଗ ଲାଇନ 'ବିକାଶ ପଥରେ ଜୁନାଗଡ ସହର ସ୍ୱଚ୍ଛତାରେ ହେବୁ ଆମେ ୧ ନମ୍ବର'ର ଉନ୍ମୋଚନ କରିଥିଲେ। ଏହି ସଭାରେ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଭିଡିଓ କନଫରେନ୍ସି ମାଧ୍ୟମରେ ଜୁନାଗଡ ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାକୁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ। ସହରର ପରିମଳ ବ୍ୟବସ୍ଥାକୁ ସୁଧାରିବା ପାଇଁ ପ୍ରତିଦିନ ସଫେଇ କାର୍ଯ୍ୟକୁ ଗୁରୁତ୍ୱ ଦିଆଯିବା ସହିତ ସ୍ୱଚ୍ଛତା ହେଲ୍ପ ଲାଇନ ନମ୍ବର(୭-୬୦୬୯-୪-୬୦୬୯) କରାଯାଇଛି। ଏହି ହେଲ୍ପଲାଇନ ଯୋଗେ ଲୋକେ ସିଧାସଳଖ ଆବର୍ଜନା ଉଠାଇବାକୁ ଓ ସହର ସଫା ପାଇଁ ଫୋନ କିମ୍ବା ମେସେଜ ମାଧ୍ୟମରେ ଜଣାଇ ପାରିବେ। ସେହିପରି ମହିଳା ଏସଏଚ୍‌ଜିମାନଙ୍କ ଦାୟିତ୍ୱରେ ୮ଟି ବ୍ୟାଟେରି ଗାଡି ଦିଆଯାଇଛି। ଏହାଦ୍ୱାରା ସେମାନେ ସହରର ବିଭିନ୍ନ ଗଳିକନ୍ଦିର ଆବର୍ଜନା ସହଜରେ ଉଠାଇ ପାରିବେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇଶ୍ୱର ପୁଝାରୀ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ମହେଶ ସାହୁ, ପୂର୍ବତନ କାଉନସିଲର ମୁକେଶ ଅଗ୍ରୱାଲ, ବ୍ୟବସାୟୀ ଲଳିତ ଅଗ୍ରୱାଲ, ଆଇନଜୀବୀ ଅଶୋକ ପାତ୍ର, ମଦନ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଶ୍ମି ରଞ୍ଜନ ନାୟକ, କନିଷ୍ଠ ଯନ୍ତ୍ରୀ ଅରୁଣ ବେହେରା, ନାରାୟଣ ମହାରଣାଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଜୁନାଗଡ ସହରକୁ ସ୍ୱଚ୍ଛ ରଖିବାକୁ ଶପଥପାଠ କରିଥିଲେ। କାର୍ଯ୍ୟକ୍ରମକୁ ଏନ୍‌ଏସି ହିସାବ ରକ୍ଷକ ହିମାଂଶୁ ଶେଖର ରଣା ପରିଚାଳନା କରିଥିଲେ।

## କାର୍ଯ୍ୟକ୍ଷମ ହେଲା ମାତୃ, ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର

**ଡୁଙ୍ଗୁରିପାଲି, ୨।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୬ ନଭେମ୍ବର ୯ରେ ଉଦଘାଟନ କରିଥିଲେ। ମାତ୍ର ଉଦ୍‌ଘାଟନର ପାଞ୍ଚବର୍ଷ ପରେ ବି ଏହା କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। ଗତ ୩୦ଅଗଷ୍ଟରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ସମିତି ଅଧ୍ୟକ୍ଷ ତଥା ମନ୍ତ୍ରୀ ନିରଞ୍ଜନ ପୂଜାରୀ ଗାନ୍ଧୀ ଜୟନ୍ତୀ ଦିନ ଏହା କାର୍ଯ୍ୟକ୍ଷମ ହେବ ବୋଲି କହିଥିଲେ। ପୂର୍ବ ନିଷ୍ପତ୍ତି ଅନୁସାରେ ଶନିବାର ପବିତ୍ର ଗାନ୍ଧୀ ଜୟନ୍ତୀରେ ୩୦ ଶଯ୍ୟା ବିଶିଷ୍ଟ ନୂତନ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ପ୍ରଥମ ଦିନରେ ୭ ଜଣ ଗର୍ଭବତୀ ଓ ୩ ଜଣ ଶିଶୁଙ୍କୁ ପୁରୁଣା ଡାକ୍ତରଖାନାରୁ ଏଠାକୁ ଅଣାଯାଇ ଚିକିତ୍ସା କରାଯାଇଛି। ଜଣେ ମହିଳା ଏକ ଶିଶୁ ଜନ୍ମ ଦେଇଛନ୍ତି। ନୂତନ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଇନଚାର୍ଜ ଡ.ପାର୍ଥବ ପ୍ରତିମ ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ଚାଲିଛି। ଡୁଙ୍ଗୁରିପାଲି ବିଡିଓ ତ୍ରିପୁର ମହାନନ୍ଦ ସକାଳେ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ ପରିଦର୍ଶନ କରିଥିଲେ। ଅପରାହ୍ନରେ ଜିଲାପାଳ ଅବୋଲି ସୁନୀଲ ନରୱଣେ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ୱାର୍ଡରେ ଥିବା ଶିଶୁ ଓ ପ୍ରସୂତି ମାନଙ୍କୁ ପରିଦର୍ଶନ କରି ଦେଖିଥିଲେ। ମନ୍ତ୍ରୀ ନିରଞ୍ଜନ ପୂଜାରି ହସ୍ପିଟାଲ ପରିଦର୍ଶନ କରି ମେଡିକାଲ ଇନଚାର୍ଜ ଡ. ପଣ୍ଡାଙ୍କୁ ସୁବିଧା ଅସୁବିଧା ପଚାରି ବୁଝିଥିଲେ।

## କଲେଜ ମୁଖ୍ୟ ପ୍ରବେଶ ଦ୍ୱାର ଉଦ୍‌ଘାଟିତ



କଲେଜର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ।

**ଅମ୍ବାଭୋନା, ୨।୧୦(ଡି.ଏନ.ଏ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଭୁକ୍ତା ସ୍ଥିତ ମହାତ୍ମା ଗାନ୍ଧୀ ଜୁନିୟର କଲେଜର ମୁଖ୍ୟଦ୍ୱାର ଶନିବାର ଉଦ୍‌ଘାଟିତ ହୋଇଛି। କଲେଜର ନିଜସ୍ୱ ପାଣ୍ଠିରେ ନିର୍ମିତ ଏହି ମୁଖ୍ୟ ପ୍ରବେଶ ଦ୍ୱାରକୁ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧ୍ୟକ୍ଷା ନୀଳ କୁମାରୀ ନାୟକ, ଉପାଧ୍ୟକ୍ଷ ଠାକୁରରାମ ପଟେଲ, ଡଃ ଚିନ୍ତାମଣି ପଟେଲ, କଲେଜ ଅଧ୍ୟକ୍ଷ ଧୃବ ଚରଣ ସା ପ୍ରମୁଖ ଉପସ୍ଥିତ ଥିଲେ। କଲେଜ ପରିସରରେ ରହିଥିବା ବାପୁଜୀଙ୍କ ପ୍ରତିମୂର୍ତ୍ତିରେ ଅତିଥିବୃନ୍ଦ ମାଲ୍ୟାର୍ପଣ କରିଥିଲେ। ପରେ ରାଜ୍ୟ ସରକାରଙ୍କ ୧୫ଲକ୍ଷ ଟଙ୍କା ଅନୁଦାନରେ ନିର୍ମିତ ହେବାକୁ ଥିବା ଅତିରିକ୍ତ ଶ୍ରେଣୀଗୃହର ଭିତ୍ତି ପ୍ରସ୍ତର ସ୍ଥାପନ ତଥା ଭୂମି ପୂଜନ କରାଯାଇଥିଲା। ଅଧ୍ୟକ୍ଷ ସା କଲେଜର ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀ ସିଂଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପର୍ଯ୍ୟାୟକ୍ରମେ ସେସବୁର ସମାଧାନ ହେବ ବୋଲି ମନ୍ତ୍ରୀ କହିଥିଲେ।

## ଭାଲୁ ଆକ୍ରମଣରେ ମହିଳା ଗୁରୁତର

**ଗୋଲାମୁଣ୍ଡା, ୨।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧୀନ ଚପୁରିଆ ଗ୍ରାମର ଜଣେ ମହିଳା ଭାଲୁ ଆକ୍ରମଣର ଶିକାର ହୋଇ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଯେ, ଶନିବାର ସକାଳେ ଉକ୍ତ ଗ୍ରାମର ନାଳ ନିକଟକୁ କୁନି ପଟେଲ(୩୬) ଶୌଚ ପାଇଁ ଯାଇଥିବା ବେଳେ ଭାଲୁ ହାବୁଡ଼ରେ ପଡି ଯାଇଥିଲେ। ଭାଲୁ ତାଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଥିବା ବେଳେ ସେ ସୌଭାଗ୍ୟବଶତଃ ଖସିଯାଇ ନିଜ ଗ୍ରାମ ଅଭିମୁଖେ ଦୌଡି ପଳାଇ ଆସିଥିଲେ। ସ୍ଥାନୀୟ ଚପୁରିଆ ଡାକ୍ତରଖାନାରେ କୁନିଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ପରେ ଭବାନୀପାଟଣା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁତର ଥିବା କୁନିଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ଗୋଲାମୁଣ୍ଡା ବ୍ଲକ ଅଧୀନ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡିକରେ ପ୍ରତିବର୍ଷ ବହୁ ବ୍ୟକ୍ତି ଭାଲୁ ଆକ୍ରମଣର ଶିକାର ହେଉଛନ୍ତି। ସ୍ଥାନୀୟ ଜଙ୍ଗଲ ବିଭାଗ ଅଧିକାରୀ ଏହାର ପ୍ରତିକାର ପାଇଁ ବିହିତ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। କେଗାଁ ବନବିଭାଗ ଦାୟିତ୍ୱରେ ଥିବା ଫରେଷ୍ଟର ମଧୁକର ପଟେଲଙ୍କୁ ପଚାରିବାରେ ଭାଲୁ ଆକ୍ରମଣରେ ଆହତ ବ୍ୟକ୍ତିଙ୍କୁ କ୍ଷତିପୂରଣ ଦେବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ଆଦର୍ଶ ଗ୍ରାମର ଉନ୍ନତି ପାଇଁ ସ୍ୱତନ୍ତ୍ର ପଲ୍ଲିସଭା

**ପଦ୍ମପୁର, ୨।୧୦(ଡି.ଏନ.ଏ.)**

ବରଗଡ଼ ଜିଲା ରାଜବୋଡାସମ୍ବର ବ୍ଲକ ଦହିଗାଁ ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣଡିହି ଗ୍ରାମରେ କନକ ଡୁମୁଲିଆଙ୍କ ସଭାପତିତ୍ୱରେ ଶନିବାର ସ୍ୱତନ୍ତ୍ର ପଲ୍ଲୀସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ରାଜବୋଡାସମ୍ବର ମଙ୍ଗଳ ଅଧିକାରୀଙ୍କ ପ୍ରତିନିଧି ବିଶ୍ୱଜିତ ମହାନ୍ଦନ ଯୋଗଦେଇ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମର ରୂପରେଖ, ଭବିଷ୍ୟତ କାର୍ଯ୍ୟ, ବିଭିନ୍ନ ପ୍ରକଳ୍ପର ସଫଳ ରୂପାୟନ ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଗ୍ରାମବାସୀ, ଭଦ୍ରବ୍ୟକ୍ତି ଏବଂ ୱାର୍ଡମେମ୍ବର ଉପସ୍ଥିତ ରହି ଗ୍ରାମକୁ ସୁସ୍ଥ, ସୁନ୍ଦର ଏବଂ ଆତ୍ମନିର୍ଭରଶୀଳ ଆଦର୍ଶ ଗ୍ରାମ ଭାବେ ଗଢିବା କରିବା ପାଇଁ ମତପ୍ରକାଶ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଚାଷ କାର୍ଯ୍ୟ, ଜଳସେଚନ, ମତ୍ସ୍ୟ ଓ ପ୍ରାଣୀସମ୍ପଦର ବିକାଶ ଦିଗରେ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଦାବି କରିଥିଲେ। ଏହି ସଭାରେ ଜିପିଓ ମୁଞ୍ଜୁ ମୁଣ୍ଡା, ସରପଞ୍ଚ ସୁକାନ୍ତ ବାଗ, ଇଓ ମଧୁସୂଦନ ପ୍ରଧାନ ଏବଂ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଆୟୁଷ ଡାକ୍ତରଙ୍କ ଆନ୍ଦୋଳନ ଆରମ୍ଭ

**ବରଗଡ଼ ଅଫିସ୍, ୨।୧୦**

ବରଗଡ଼ ଜିଲା ଆୟୁଷ ଡାକ୍ତର ସଂଘ ବିଭିନ୍ନ ଦାବି ନେଇ ଶନିବାରଠାରୁ ଆନ୍ଦୋଳନକୁ ଓହ୍ଲାଇଛି। ଡାକ୍ତରଖାନାରେ କେବଳ ବହିର୍ବିଭାଗ ସ୍ୱାସ୍ଥ୍ୟସେବାକୁ ଛାଡ଼ିଦେଲେ ଅନ୍ୟକାର୍ଯ୍ୟ କରୁ ନାହାନ୍ତି। ବାରମ୍ବାର ନିବେଦନ ସତ୍ତ୍ୱେ ସରକାର ଆୟୁଷ ଡାକ୍ତରଙ୍କୁ ଅଣଦେଖା କରାଯାଉଥିବା ପ୍ରତିବାଦରେ ଏଭଳି ଅସହଯୋଗ ଆନ୍ଦୋଳନକୁ ଓହ୍ଲାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସେମାନେ ରାଜ୍ୟରେ ଦୀର୍ଘ ୧୪ବର୍ଷ ଧରି ନିରନ୍ତର ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି। କୋଭିଡ୍ ପରୀକ୍ଷାଠାରୁ ଆରମ୍ଭ କରି ଟିକାକରଣ, କୁଷ୍ଠରୋଗ ନିରାକରଣ, ଅଣସଂକ୍ରାମକ ରୋଗ ନିରାକରଣ, କାୟାକଳ୍ପ, ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମ ଆୟୁଷ ଡାକ୍ତରମାନେ ସୁଚାରୂ ଭାବେ ସମ୍ପାଦନ କରିଛନ୍ତି। କିନ୍ତୁ ସରକାର ବର୍ତ୍ତମାନ ସୁଦ୍ଧା ସ୍ଥାୟୀ ନିଯୁକ୍ତି ପାଇଁ କୌଣସି ପଦକ୍ଷେପ ନେଉ ନ ଥିବା ସଂଘ ଅଭିଯୋଗ କରିଛି। ଫଳରେ ସେମାନେ ଏଭଳି ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ୍ୟ ହୋଇଥିବା ବରଗଡ଼ ଜିଲା ଆୟୁଷ ଡାକ୍ତର ସଂଘ ସଭାପତି ଡା. ମନୋରଞ୍ଜନ ହୋତା ସୂଚନା ଦେଇଛନ୍ତି।




ବରଗଡ଼ରେ ଆୟୁଷ ଡାକ୍ତର କେବଳ ରୋଗୀସେବା କରୁଛନ୍ତି।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା କୁମ୍ଭାରୀ

**ବରଗଡ଼ ଅଫିସ୍/ବରପାଲି, ୨।୧୦**

ବରଗଡ଼ ଜିଲା ବରପାଲି ବ୍ଲକ କୁମ୍ଭାରୀ ଶିବ ମନ୍ଦିର ପରିସରରେ ଶନିବାର ଲୋକକଳା ଗ୍ରାମ କୁମ୍ଭାରୀ ତୃତୀୟ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟିକା ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କଳା ଗ୍ରାମର ବିକାଶ ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ଅତିଥି ଭାବେ ଯୋଗଦେଇ କୁମ୍ଭାରୀକୁ ଆଦର୍ଶ ଗ୍ରାମରେ ପରିଣତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବ୍ଲକ ଅଧ୍ୟକ୍ଷ କିଶୋର ଦଫାଦାର, ସରପଞ୍ଚ ରଜନୀ କରତି, ସମିତିସଭ୍ୟା ଲୟା ପ୍ରଧାନ, ବିଡ଼ିଓ ତ୍ରିବିକ୍ରମ କୁମୁରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଟେକଚାନ୍ଦ ଦୁଆନ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହାତ୍ମାଗାନ୍ଧୀଙ୍କ ଏକାଦଶ ବ୍ରତ, ସତ୍ୟ, ଅହିଂସାର ଅମୋଘ ଅସ୍ତ୍ର, ସ୍ୱାଧୀନତା ସଂଗ୍ରାମରେ ବରଗଡ଼ ଜିଲାର ଅବଦାନ ଉପରେ ଆଲୋକପାତ କରିଥିଲେ। ସକାଳେ କୁମ୍ଭାରୀ ଗ୍ରାମର ୧୦ଟି ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ରାମଧୂନ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ବ୍ରଜେଶ୍ୱରୀ ନୃତ୍ୟ କଳା ସଂସଦର ଶବ୍ଦନୃତ୍ୟ ସହିତ ୪୦ଟି କଳାକାର ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ କଲ୍ୟାଣୀ ଦାଶ ସଭା ସଂଯୋଜନା ଏବଂ କଳା, ସଂସ୍କୃତି ସଂଘ ଉପସଭାପତି ଅମୃତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।




ଲୋକକଳା ଗ୍ରାମ କୁମ୍ଭାରୀରେ ଅନୁଷ୍ଠିତ ତୃତୀୟ ବାର୍ଷିକ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ।